# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୮/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, September 8/2023 | Page 16 ₹ 7.00 | SAMBALPUR

୪୯ଶ ଭାଗ ୨୮୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 284 ମୂଲ୍ୟ₹୭/-



DSPL-220

Government of Odisha

ODISHA NEW OPPORTUNITIES

JOIN THE JUGGERNAUT



DIPA NEW OPPORTUNITIES

## Fueling Odisha's Growth, Progress and Prosperity

Unlock your business's true potential in the vibrant state of Odisha through the District Investment Promotion Agency (DIPA). With its strategic positioning, robust problem solving, and a government committed to fostering industrial growth, invest in Odisha, partner with DIPA, and thrive in a business-friendly ecosystem that's ready to welcome you with open arms. *Join the Juggernaut.*

**Shri Naveen Patnaik**
Hon'ble Chief Minister, Odisha



**4603 Cr**
908 Projects currently facilitated
**Project Facilitation**

**17000+ Acres**
Land identified for IDCO land bank
**Land Identification**

DIPA NEW OPPORTUNITIES

**Grievances**
**475**
Grievances Resolved

**District Meetings**
**585**
District Level Meetings Facilitated

And many more...

New initiative under 5T

Established in **30 DISTRICTS** within one year

To expedite **grounding of industrial units**

**Best in Class Investor Guidance**



**World Class Onsite Investor Facilitation**



**Quick Problem Identification & Resolution**



COME, JOIN THE JUGGERNAUT

OIPR-14005/13/0018/2324

Contact Information
Industrial Promotion & Investment Corporation of Odisha Limited (IPICOL), IPICOL House, Janpath
Bhubaneswar – 751022, Odisha
E-mail us at: info@investodisha.org | Toll Free Number: 1800 345 7111

Please visit **investodisha.gov.in** for more details

Follow us on @investInOdisha /InvestOdisha

# ପ୍ରକୃତି ସୁନ୍ଦରୀ ଶିମିଳିପାଳ



ସବୁଜ ସୁନ୍ଦର ବନାନୀରେ ଆଚ୍ଛାଦିତ ପ୍ରକୃତି ସୁନ୍ଦରୀ ଶିମିଳିପାଳ। ଏହା କେବଳ ନୈସର୍ଗିକ ସୌନ୍ଦର୍ଯ୍ୟର ଗନ୍ତାଘର ନୁହେଁ ବରଂ ଅସନ୍ତୁଳିତ ପରିବେଶକୁ ସନ୍ତୁଳିତ କରେ। ଆଦିବାସୀ ପରିବାରର ଜୀବନ କଳସକୁ ପୂର୍ଣ୍ଣକରେ। ପ୍ରକୃତିର ଅପରୂପ ଶୋଭାରାଜି ବହନ କରିଥିବା ପ୍ରକୃତିରାଣୀ ଶିମିଳିପାଳ ସବୁବେଳେ ପ୍ରକୃତି ପ୍ରେମୀଙ୍କୁ ଆକର୍ଷିତ କରିଛି ତା କୋଳକୁ। ଯିଏ ଥରେ ଏହାର ସୌନ୍ଦର୍ଯ୍ୟ ପ୍ରେମରେ ପଡିଛି, ସେ ବାରମ୍ବାର ତା ଭିତରେ ନିଜକୁ ହଜାଇ ଦେବାର ଇଚ୍ଛା କରିଛି। ଦେଶର ସର୍ବବୃହତ୍ ବିଷୁବ ମଣ୍ଡଳୀୟ ଜଙ୍ଗଲ ଭାବେ ଏହା ବିଶ୍ୱ ପ୍ରସିଦ୍ଧ। ଏକାଧାରରେ ଜାତୀୟ ଉଦ୍ୟାନ,ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ହସ୍ତୀ ଅଭୟାରଣ୍ୟ ଭାବେ ପରିଚିତ ଶିମିଳିପାଳକୁ ୟୁନେସ୍କୋ ପକ୍ଷରୁ ମିଳିଛି ବିଶ୍ୱ ଐତିହ୍ୟ ମାନ୍ୟତା।

ଶିମିଳିପାଳର ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ପ୍ରତିବର୍ଷ ଦେଶ ବିଦେଶରୁ ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ପର୍ଯ୍ୟଟକଙ୍କ ପାଇଁ ବର୍ଷର ୭ମାସ ଖୋଲା ରହୁଥିବା ଅଭୟାରଣ୍ୟରେ ରାତ୍ରିଯାପନର ବ୍ୟବସ୍ଥା ରହିଛି । ପର୍ଯ୍ୟଟକଙ୍କ ରହଣି ସୁବିଧା ନିମନ୍ତେ କଟେଜର ବ୍ୟବସ୍ଥା କରାଯାଇଛି। ଶିମିଳିପାଳକୁ ପ୍ରବେଶ ପାଇଁ ରହିଛି ଦୁଇଟି ମୁଖ୍ୟ ଫାଟକ। ଜିଲାର ସଦର ମହକୁମା ବାରିପଦା ଲୁଲୁଙ୍ଗ ଗେଟ୍ ଓ ଯଶିପୁର କାଳିଆଣି ଗେଟ୍ ଦେଇ ଅଭୟାରଣ୍ୟକୁ ଯିବା ପାଇଁ ଅନୁମତି ମିଳିଥାଏ। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶରେ ପର୍ଯ୍ୟଟକଙ୍କ ନିମନ୍ତେ ରହିବାର ବ୍ୟବସ୍ଥା କରାଯାଇଛି। ଜେନାବିଲ, ଜାମୁଆଣି, କୁମାରୀ, ଗୁଡୁଗୁଡିଆ, ବରେହିପାଣି ଓ ରାମତୀର୍ଥଠାରେ ୫ଟି ନେଚର କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଏହା ସହିତ ୫ଟି ବଫର ଜୋନ୍‌ରେ ରାତ୍ରିଯାପନ କରିବା ପାଇଁ ମୋଟ ୫୯ଟି କୁଟୀର ବା କଟେଜ ନିର୍ମାଣ କରାଯାଇଛି। ଅନ୍‌ଲାଇନ ମାଧ୍ୟମରେ ବୁକିଂ କରି ପର୍ଯ୍ୟଟକମାନେ ଭିତରେ ପ୍ରବେଶ କରୁଛନ୍ତି। ଅଭୟାରଣ୍ୟର କୁମାରୀ ଓ ମୁକ୍ତାପୁରରେ ରେଷ୍ଟୁରାଣ୍ଟର ବ୍ୟବସ୍ଥା କରାଯାଇଥିବା ବେଳେ ପର୍ଯ୍ୟଟକମାନଙ୍କୁ ଆଦିବାସୀ ଖାଦ୍ୟ ପରଷାଯାଇଥାଏ। ପ୍ରତି କୁଡ଼ିଆରେ ଖାଦ୍ୟ ପାନୀୟ ବ୍ୟବସ୍ଥା ରହିଛି। ଶାଳପତ୍ର ପ୍ଲେଟ ଓ ଦନାରେ ସୁସ୍ୱାଦୁ ଖାଦ୍ୟ ପରିଷବା ସହିତ ମାଟି ପାତ୍ରରେ ଚା' ଯୋଗାଇ ଦିଆଯାଉଛି। ପର୍ଯ୍ୟଟକଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ରାତ୍ରିଯାପନ ସମୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସାଙ୍ଗକୁ ବନ୍ୟପ୍ରାଣୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି। ବନ୍ୟପ୍ରାଣୀଙ୍କ ବଂଶବୃଦ୍ଧି ତଥା ସୁରକ୍ଷା କ୍ଷେତ୍ରରେ କୋଟି କୋଟି ଟଙ୍କା ଅନୁଦାନ ଆସୁଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ଶିମିଳିପାଳ ପାଦଦେଶରେ ବସବାସ କରୁଥିବା ଜନଜାତି ଲୋକଙ୍କ ଆୟର ସିଂହଭାଗ ନିର୍ଭର କରେ ଏହି ଅଭୟାରଣ୍ୟ ଉପରେ। ଏହାକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା ବନ ବିଭାଗର କର୍ତ୍ତବ୍ୟ ବୋଲି ପ୍ରକୃତିପ୍ରେମୀମାନେ ମତ ଦେଇଛନ୍ତି।

**–ନୀଳାଦ୍ରି ବିହାରୀ ଦଣ୍ଡପାଟ, ବାରିପଦା**

# ସୌନ୍ଦର୍ଯ୍ୟର ସମ୍ଭାର ଭୀମକୁଣ୍ଡ

**ବୀର କିଶୋର ଦାଶ, ପାଟଣା**



କେନ୍ଦୁଝର ଜିଲା ଖଣିଖାଦାନରେ ଭରପୂର ଥିବା ବେଳେ ଜିଲାରେ ପ୍ରାକୃତିକ ଶୋଭାରାଜି ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବଣ ପାହାଡ଼, ଘଞ୍ଚ ଜଙ୍ଗଲ ସାଙ୍ଗକୁ ଆକାଶ ଛୁଆଁ ଜଳ ପ୍ରପାତ ପର୍ଯ୍ୟଟକଙ୍କୁ ଟାଣିଆଣେ। ସେଥି ମଧ୍ୟରୁ ପ୍ରାଚୀନ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ଅନ୍ୟତମ। କେନ୍ଦୁଝର ଜିଲା ପାଟଣା ତହସିଲ ଡୁମୁରିଆ ଘାଟବାଲି ଯୋଡ଼ି ମୌଜା ଦେଇ ବୈତରଣୀ ନଦୀ ଏଠାରେ ପ୍ରସ୍ତର ମାଳା ଦେଇ ଘର୍ଘର ନାଦରେ କଚାଡ଼ି ହୋଇ ଦୁଇ କୁଣ୍ଡ ସୃଷ୍ଟି ହୋଇ ପ୍ରବାହିତ ହୋଇଛି। ଏଠାରେ ସାନ କୁଣ୍ଡ ଓ ବଡ଼ କୁଣ୍ଡ ଭାବେ ୨ କୁଣ୍ଡ ରହିଛି। କୁଣ୍ଡ ୨ଟି ବୈତରଣୀ ନଦୀର ଗର୍ଭରେ ଉଭୟ ମୟୂରଭଞ୍ଜ ଓ କେନ୍ଦୁଝର ସୀମାନ୍ତରେ ଅବସ୍ଥିତ। ବୈତରଣୀ ଅବବାହିକାରେ ପ୍ରାଚୀନ ଯୁଗର ବିଶେଷ ଧଳା ପ୍ରସ୍ତର ଏଠାରେ ଦେଖିବାକୁ ମିଳିଥାଏ।

ଲୋକକଥା ଅନୁଯାୟୀ, ଦ୍ୱାପରଯୁଗରେ ପଞ୍ଚ ପାଣ୍ଡବ ଅଜ୍ଞାତ ବାସ ସମୟରେ ଏଠାରେ ଅବସ୍ଥାନ କରିଥିଲେ। ଭୀମ ବୈତରଣୀ ନଦୀରେ ଗାଧୋଇବାକୁ ଯାଇ ନଦୀ ଗର୍ଭରେ ଗଦା ପ୍ରହାର କରିବାରୁ କୁଣ୍ଡ ସୃଷ୍ଟି ହୋଇଛି ବୋଲି କିମ୍ବଦନ୍ତୀ ରହିଛି। ଏଠାରେ ଥିବା ବଡ଼ କୁଣ୍ଡରେ ପଡୁଥିବା ଜଳ ସ୍ରୋତ ପାତାଳଗାମୀ ହୋଇ ୧୨ କି.ମି. ଦୂର ବାଇଗୁଣ୍ଡିରେ ପ୍ରତିଭାତ ହୋଇଛି। ମକର ଅବସରରେ ଏଠାରେ ଟୁସୁ ମେଳା ହୋଇଥାଏ। ମକର ସଂକ୍ରାନ୍ତିରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଥାନ୍ତି। ପାପନାଶିନୀ ବୈତରଣୀ ଦକ୍ଷିଣା ବର୍ତ୍ତ ହୋଇଥିବାରୁ ଏଠି ବୁଡ଼ ପକାଇଲେ ପାପ ନାଶ ହୁଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ମାଘେ ପର୍ବ ଅବସରରେ ମୟୂରଭଞ୍ଜ, କେନ୍ଦୁଝର, ବିହାର ଓ ପଶ୍ଚିମବଙ୍ଗର ସାନ୍ତାଳ ସମ୍ପ୍ରଦାୟର ବ୍ୟକ୍ତିମାନେ ଏଠାରେ ପିତୃ ପୁରୁଷଙ୍କୁ ପିଣ୍ଡ ଦାନ କରିଥାନ୍ତି। ଶ୍ରଦ୍ଧାଳୁ ଭୀମକୁଣ୍ଡରେ ବୁଡ଼ ପକାଇ ବାଲୁଙ୍କେଶ୍ୱର ଶିବ ଦର୍ଶନ କରିଥାଆନ୍ତି। ଆଦିମ କାଳରୁ ଭୀମକୁଣ୍ଡ କେନ୍ଦୁଝର ଜିଲାରେ ଥିବା ବେଳେ ହଠାତ୍ ୧୯୯୯ରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଭୀମକୁଣ୍ଡକୁ ମୟୂରଭଞ୍ଜ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିଥିଲା। ଫଳରେ ଉଭୟ ଜିଲା ମଧ୍ୟରେ ବିବାଦ ଦେଖାଦେଇଥିଲା। ତେବେ କେନ୍ଦୁଝର ପାର୍ଶ୍ୱ ଭୀମକୁଣ୍ଡକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ସହ ଏହାକୁ ଇକୋ ଟୁରିଜମ କେନ୍ଦ୍ରଭାବେ ଘୋଷଣା କରିବାକୁ ଦାବି ହେଉଛି।

# ଦୀକ୍ଷାନ୍ତ କାର୍ଯ୍ୟକ୍ରମ

**ଧାମନଗର, ୭।୯ (ଦେବେନ୍ଦ୍ର ଆନ୍ଦିଆ):** ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଦୀକ୍ଷାନ୍ତ କାର୍ଯ୍ୟକ୍ରମ ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ଝଟିଆସାହିଠାରେ ଅନୁଷ୍ଠିତ ହୋଇଯାଇଛି। ସୁବାସ ଚନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ଲୁପ୍ତ ପ୍ରାୟ ଯୋଡ଼ିନାଗରା ଲୋକବାଦ୍ୟକୁ ଧାମନଗରରେ ଦୀକ୍ଷାନ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ବେଳେ ୫ଜଣ ଛାତ୍ର ସୃଷ୍ଟି କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, କଳାକାର ବାଦଲ ସିକଦାର, ଅଜୟ ସାମଲ, ଶରତ ସୁତାର, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ସାମାଜିକ କର୍ମୀ ଦାମୋଦର ମଲ୍ଲିକ, ରମେଶ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କଳାକାର କାଳନ୍ଦୀ ମଲିକ ଅତିଥିମାନଙ୍କ ପରିଚୟ ଦେଇଥିଲେ।

# ଖୁଣ୍ଟା କଲେଜର ପ୍ରତିଷ୍ଠା ଦିବସ

**ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଡୁଆଲ),୭।୯:** ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ୩୦ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ମୁଖ୍ୟବକ୍ତା ପୂର୍ବତନ ସାଂସଦ ବୀରଭଦ୍ର ସିଂ, ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ମିଶ୍ର, ଅଧ୍ୟାପିକା ହିରଣ୍ମୟୀ ଶତପଥୀ , ଅଧ୍ୟାପକ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ୨୦୨୨-୨୩ ମସିହା ସ୍ନାତକ ପରୀକ୍ଷାରେ ମହାବିଦ୍ୟାଳୟରୁ ସର୍ବାଧିକ ନମ୍ବର ରଖିଥିବା କଳା ଶିକ୍ଷା ବିଭାଗର ଛାତ୍ରୀ ପଦ୍ମାବତୀ ନାଏକ ଓ ବିଜ୍ଞାନ ବିଭାଗର ଛାତ୍ର ଶଶିଭୂଷଣ ଦାସଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ। ସାହିତ୍ୟ ବିଭାଗର ଅଧ୍ୟାପିକା ହିରଣ୍ମୟୀ ଶତପଥି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମନିର୍ଭରଶୀଳ, ଜ୍ଞାନକୌଶଳ ପ୍ରଶିକ୍ଷଣ ଶିବିର

**ରୂପସା, ୭।୯(ବାଞ୍ଛାନିଧି ଦେ):** ବାଲେଶ୍ୱର ସଦର ବ୍ଲକ ଅଧୀନ କଷିପଦା ପଞ୍ଚାୟତ ଆଗମୌଦାଠାରେ ମୀରାବାଈ ଜି.ପି.ଏଲ.ଏଫ ଆନୁକୂଲ୍ୟରେ ମହିଳା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଷାଫଳ, ସାର୍ଥା, ହଳଦୀପଦା, ଆଲୁମଦା ଓ ପଞ୍ଚୁପଡ଼ା ପଞ୍ଚାୟତର ଏମ୍‌ବିକେ ଓ ସିଆରପି ମହିଳାମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଆତ୍ମନିର୍ଭରଶୀଳ ଓ ଉନ୍ନତମାନର ଜ୍ଞାନ କୌଶଳ ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ଶିବିରକୁ ବାଲେଶ୍ୱର ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସରକାରଙ୍କର ଏହି କାର୍ଯ୍ୟକ୍ରମ ଦ୍ୱାରା ମହିଳାମାନେ କିଭଳି ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହୋଇପାରୁଛନ୍ତି ପ୍ରଧାନ ବକ୍ତବ୍ୟରେ କହିଥିଲେ। ମୀରାବାଈ ଜିପିଏଲଏଫର ସଭାନେତ୍ରୀ ପ୍ରମିଳା ମୁଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ପାଦିକା ସବିତା ରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲା ପରିଷଦ ସଦସ୍ୟ ସଞ୍ଜୟ କୁମାର ସେଠୀ, ସଦର ବ୍ଲକ ଚେୟାରମ୍ୟାନ ସୁନୀତା ବେହେରା, ବିଜୁ ଜନତା ଦଳର ସମ୍ପାଦକ ଶକ୍ତିପଦ ରାୟ, ଅନିରୁଦ୍ଧ ପ୍ରଧାନ, ବଂଶୀଧର ପଣ୍ଡା ଓ ଶରତ ବେହେରା ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

ଧରିତ୍ରୀ ର ସ୍ୱନକ୍ଷତ୍ର ଦିବସରେ ସମସ୍ତ ଭଉଣୀ, ଭାଇଙ୍କୁ ସାଦର
ଅଭିନନ୍ଦନ
ବୈଦିକ ଗୁରୁକୁଳ ଆଶ୍ରମ, ପିଣ୍ଡାବଣିଆ ଏବଂ ଆର୍ଯ୍ୟ ସେବା ସଂଘ ତରଫରୁ ଧରିତ୍ରୀ ପରିବାରକୁ ଅଶେଷ ଧନ୍ୟବାଦ ଓ ଅଜସ୍ର ଶୁଭେଚ୍ଛା।
ଆଚାର୍ଯ୍ୟ ବିଜୟ ଜୀ
ସଞ୍ଚାଳକ, ବୈଦିକ ଗୁରୁକୁଳ ଆଶ୍ରମ
ପିଣ୍ଡାବଣିଆ, ରୂପସା, ବାଲେଶ୍ୱର

ଅଭିନନ୍ଦନ
ନିର୍ଭୀକ, ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀ ସବୁବେଳେ ଚର୍ଚ୍ଚାରେ।
ସ୍ୱନକ୍ଷତ୍ର ଦିବସରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରକୁ ଅଶେଷ ଧନ୍ୟବାଦ।
ପ୍ରାଧ୍ୟାପକ ମନୋରଞ୍ଜନ ବେହେରା
ଅଧ୍ୟକ୍ଷ, ଶାନ୍ତିଲତା ମହାବିଦ୍ୟାଳୟ, ଉଇଟିକିରି, ବାଲେଶ୍ୱର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଓ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଉଛି । ଜିଲ୍ଲାରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ପ୍ରୟାସ ଜାରି ରଖିବାକୁ ଅନୁରୋଧ ।
ସୋମନାଥ ସିଂହ (ଶିକ୍ଷକ)

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତଙ୍କୁ ଅଭିନନ୍ଦନ
ରୂପସା ସାମିଲ ହସନପୁର ଗ୍ରାମପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ପଞ୍ଚାୟତବାସୀଙ୍କ ଆଶୀର୍ବାଦ ଓ ସହଯୋଗ କାମନା କରୁଛି ।
ଶ୍ରୀମତୀ ମାଳତୀ ପ୍ରଧାନ
ସରପଞ୍ଚ, ରୂପସା ସାମିଲ ହସନପୁର ଗ୍ରା.ପ., ସଦର ବ୍ଲକ, ବାଲେଶ୍ୱର

ଅଭିନନ୍ଦନ
ସତ୍ୟ, ନିର୍ଭୀକ ଖବର ପ୍ରକାଶନ କ୍ଷେତ୍ରରେ ଧରିତ୍ରୀ ର ଭୂମିକା ସର୍ବଦା ପ୍ରଶଂସନୀୟ।
ସ୍ୱନକ୍ଷତ୍ର ଦିବସରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି ।
ମିନତୀରାଣୀ ବେହେରା
ଅଧ୍ୟକ୍ଷା, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ, ଆଙ୍କୋ, ରୂପସା, ବାଲେଶ୍ୱର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଓ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ମୟୂରଭଞ୍ଜବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଦେବାଶିଷ ଦାସ (ଦୀପୁ)
ପ୍ରାକ୍ତନ କାଉନ୍‌ସିଲର

ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ସମସ୍ତଙ୍କୁ ଅଭିନନ୍ଦନ
ଲକ୍ଷ୍ମୀନାରାୟଣ ହାର୍ଡୱାର ଷ୍ଟୋର ଓ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ତରଫରୁ ସମଗ୍ର ବାଲେଶ୍ୱରବାସୀଙ୍କ ସୁଖ, ସମୃଦ୍ଧି କାମନା କରୁଛି ।
ସୁମନ୍ତ କୁମାର ଜେନା
ବିଶିଷ୍ଟ ସମାଜସେବୀ, ବସ୍ତା, ବାଲେଶ୍ୱର

ଧରିତ୍ରୀ ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ପ୍ରୀତିଭରା ଅଭିନନ୍ଦନ
ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରର ଶୁଭକାମନା କରୁଛି । ଧରିତ୍ରୀର ଭବିଷ୍ୟତ ଉଜ୍ଜ୍ୱଳ ହେଉ।
ଡ. ତପନ କୁମାର ବେହେରା
ଅଧ୍ୟକ୍ଷ, ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର

See Career Appointment on every Wednesday & Saturday

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଓ ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ବଡ଼ସାହି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।
ଲଲାଟେନ୍ଦୁ ବେହେରା
ପ୍ରାକ୍ତନ ରାଜ୍ୟ ଉପସଭାପତି
ବିଜୁ ଯୁବ ଜନତା ଦଳ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଓ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବାରିପଦା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସାନନ୍ଦ ମାର୍ଣ୍ଡି
ପ୍ରାକ୍ତନ ଉପବାଚସ୍ପତି

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୮/୨୦୨୩ | Bhubaneswar, Friday, September 8/2023




ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ମହାକାଶରେ ସେଲ୍‌ଫି ନେଲା ଆଦିତ୍ୟ-ଏଲ୍‌୧

**ପୃଥିବୀ, ଚନ୍ଦ୍ରର ଫଟୋ ପଠାଇଲା**

**ବେଙ୍ଗାଲୁରୁ,୭।୯**

ଭାରତର ପ୍ରଥମ ସୌର ପର୍ଯ୍ୟବେକ୍ଷଣ ମିଶନ ଆଦିତ୍ୟ-ଏଲ୍‌୧ ଇତିମଧ୍ୟରେ ଦୁଇଥର କକ୍ଷ ଉତ୍ଥାନ ସଫଳତାର ସହ ସମ୍ପନ୍ନ କରିଛି। ପାଖାପାଖି ୪ ମାସ ପରେ ଏହା ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚି ସୂର୍ଯ୍ୟଙ୍କ ସମ୍ପର୍କରେ ଅଧ୍ୟୟନ କରିବ। ସମ୍ପ୍ରତି ଏହା ପୃଥିବୀକୁ ପରିକ୍ରମଣ କରୁଥିବାବେଳେ ମହାକାଶରୁ ସେଲ୍‌ଫି ନେବା ସହ ପୃଥିବୀ ଓ ଚନ୍ଦ୍ରର ଫଟୋ ପଠାଇଛି। ଆଦିତ୍ୟ-ଏଲ୍‌୧ର ଏହି ପ୍ରଥମ ଫଟୋକୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଗଣମାଧ୍ୟମକୁ ଛାଡ଼ିଛି। ସେଲ୍‌ଫିରେ ମହାକାଶ ଯାନର ଦୁଇଟି ପେ୍ଲଲୋଡ୍ ଦୃଶ୍ୟ ହେଉଛି। ଗୋଟିଏ ଭିଜିବଲ୍ ଏମିଶନ ଲାଇନ ☞ପୃଷ୍ଠା-୩




**ଆଜିର ସମ୍ପାଦକୀୟ**

**ନିର୍ବାଚିତ ଅପରାଧୀ**

# ସେପ୍ଟେମ୍ବର ୨୦ରେ ନୂଆଖାଇ

- **ପଣ୍ଡିତ ମହାସଭାରେ ଲଗ୍ନ ଧାର୍ଯ୍ୟ**
- **ସମଲେଇଙ୍କୁ ଲଗ୍ନ ଅର୍ପଣ**

**ସମ୍ବଲପୁର,୭।୯(ଶୁଭାଶିଷ ପାଢ଼ୀ)**

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ସେପ୍ଟେମ୍ବର ୨୦ ତାରିଖରେ ପାଳନ ହେବ। ସମ୍ବଲପୁର ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିର ପରିସରରେ ଗୁରୁବାର ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ପଣ୍ଡିତ ମହାସଭାରେ ଏ ନେଇ ଲଗ୍ନ ଧାର୍ଯ୍ୟ ହୋଇଛି। ଧାର୍ଯ୍ୟ ଲଗ୍ନ ଅନୁସାରେ ପୂର୍ବାହ୍ନ ୧୦ଟା ୨୭ ମିନିଟରୁ ୧୦ ଘଣ୍ଟା ୪୭ ମିନିଟ ମଧ୍ୟରେ ଇଷ୍ଟଦେବୀ ମା' ସମଲେଇଙ୍କ ପାଖରେ ପ୍ରଥମେ ନବାନ୍ନ ଲାଗି ହେବ। ପରମ୍ପରା ଅନୁସାରେ ନବାନ୍ନ ଲାଗିପରେ ସଭିଏଁ ନୂଆ ଖାଇବେ। ପ୍ରତିବର୍ଷ ଭଳି ଗୁରୁବାର ନନ୍ଦୋତ୍ସବରେ ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିରରେ ସଭା ଆୟୋଜିତ ହୋଇଥିଲା। ପଣ୍ଡିତମାନେ ପ୍ରଥମେ ବିଷ୍ଣୁ ସହସ୍ରନାମ ପାଠ ☞ପୃଷ୍ଠା-୩

# 'ସନାତନ' ବିବାଦରୁ ଦୂରେଇଲା କଂଗ୍ରେସ

## ଉଦୟନିଧିଙ୍କ ପରେ ଡିଏମ୍‌କେର ଏ. ରାଜାଙ୍କ ବିବାଦୀୟ ମନ୍ତବ୍ୟ

**ସନାତନ ଧର୍ମକୁ ନେଇ ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ ଗତ ସପ୍ତାହରେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ଭାଜପା ପକ୍ଷରୁ ସମାଲୋଚନା କରାଯାଉଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଦୃଢ଼ ଜବାବ ଦିଆଯିବା ଆବଶ୍ୟକ ବୋଲି କହିଛନ୍ତି। ଏହା ପରେ ଡିଏମ୍‌କେ ନେତା ଏ. ରାଜା ସନାତନ ଧର୍ମକୁ ଏଡ୍‌ସ ଓ କୁଷ୍ଠରୋଗ ସହ ତୁଳନା କରି ସାମାଜିକ ଲାଞ୍ଛନା ବୋଲି କହିଛନ୍ତି। ରାଜାଙ୍କ ମନ୍ତବ୍ୟ ବିବାଦକୁ ବଢ଼ାଇଥିବାବେଳେ ଇଣ୍ଡିଆ ମେଣ୍ଟର ଅନ୍ୟତମ ପ୍ରମୁଖ ଦଳ କଂଗ୍ରେସ ଏଥିରୁ ନିଜକୁ ଦୂରେଇ ରଖିଛି। ଇଣ୍ଡିଆ ମେଣ୍ଟର ପ୍ରତ୍ୟେକ ଦଳଙ୍କର ସବୁ ଧର୍ମ, ସମ୍ପ୍ରଦାୟ ଓ ବିଶ୍ୱାସ ପ୍ରତି ଯଥେଷ୍ଟ ସମ୍ମାନ ରହିଥିବା କଂଗ୍ରେସ କହିଛି।**

**ନୂଆଦିଲ୍ଲୀ/ଚେନ୍ନାଇ,୭।୯**

ସନାତନ ଧର୍ମକୁ ନେଇ ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ୍ ଓ ପରେ ଏ. ରାଜାଙ୍କ



ଏ. ରାଜା

ମନ୍ତବ୍ୟ ବିବାଦ ସୃଷ୍ଟି କରିଥିବାବେଳେ ସେମାନଙ୍କ ମନ୍ତବ୍ୟ ସହ କଂଗ୍ରେସ ଏକମତ ନୁହେଁ ବୋଲି ଗୁରୁବାର ସ୍ପଷ୍ଟ କରିଦେଇଛି। କଂଗ୍ରେସ 'ସର୍ବଧର୍ମ ସମଭାବ'ରେ ବିଶ୍ୱାସ କରେ। ଇଣ୍ଡିଆ ମେଣ୍ଟର ପ୍ରତ୍ୟେକ ଦଳଙ୍କର ସବୁ ଧର୍ମ, ସମ୍ପ୍ରଦାୟ ଓ ବିଶ୍ୱାସ ପ୍ରତି ଯଥେଷ୍ଟ ସମ୍ମାନ ରହିଥିବା କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା ଗଣମାଧ୍ୟମକୁ କହିଛନ୍ତି। ସନାତନ ଧର୍ମ ଲୋକଙ୍କ ମଧ୍ୟରେ ବିଭେଦ ଓ ବିଭାଜନ ସୃଷ୍ଟି କରୁଥିବାରୁ ଏହାର ବିଲୋପ ହେବା ଆବଶ୍ୟକ ବୋଲି ଡିଏମ୍‌କେ ନେତା ତଥା ତାମିଲନାଡୁର କ୍ରୀଡ଼ା ଓ ଯୁବ କଲ୍ୟାଣ ମନ୍ତ୍ରୀ ଉଦୟନିଧି କହିଥିଲେ। ସେ ସନାତନ ଧର୍ମକୁ ଡେଙ୍ଗୁ, ମ୍ୟାଲେରିଆ ଏବଂ କରୋନା ଭୂତାଣୁ ସହ ତୁଳନା କରିଥିଲେ। ଏହାକୁ ନେଇ ରାଜନୈତିକ ବିବାଦ ଜୋର୍ ଧରିଥିବାବେଳେ ଦଳର ଅନ୍ୟତମ ନେତା ଏ. ରାଜା ନିଆଁରେ ଘିଅ ଢାଳିଛନ୍ତି। ସନାତନ ଧର୍ମ ଏଡ୍ସ ଏବଂ କୁଷ୍ଠରୋଗ ସହ ତୁଳନୀୟ, ଯାହା ସାମାଜିକ ଲାଞ୍ଛନା ସହ ଜଡ଼ିତ ବୋଲି ରାଜା କହିଛନ୍ତି। ମେଣ୍ଟ ସହଯୋଗୀ ଦଳ ଡିଏମ୍‌କେର ନେତାମାନଙ୍କ ମନ୍ତବ୍ୟ ସମ୍ପର୍କରେ ପ୍ରଶ୍ନ କରାଯିବାରୁ କଂଗ୍ରେସ ଗଣମାଧ୍ୟମ ଓ ପ୍ରଚାର ବିଭାଗ ମୁଖ୍ୟ ଖେରା କହିଛନ୍ତି, କଂଗ୍ରେସ ସବୁବେଳେ ସର୍ବଧର୍ମ ସମଭାବରେ ବିଶ୍ୱାସ କରିଆସିଛି। କୌଣସି ନିର୍ଦ୍ଦିଷ୍ଟ ଧର୍ମବିଶ୍ୱାସକୁ ଅନ୍ୟଠାରୁ ନୀଚା ଦେଖାଯାଇପାରିବ ନାହିଁ। ଭାରତର ସମ୍ବିଧାନ ☞ପୃଷ୍ଠା-୩







## ଅକ୍ଟୋବର ୪ରୁ ଦଶମ ଷାଣ୍ମାସିକ ପରୀକ୍ଷା

କଟକ,(ସୁପ୍ରିୟା ପ୍ରିୟଦର୍ଶନୀ): ଆସନ୍ତା ଅକ୍ଟୋବର ୪ରୁ ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହେବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୁଇଟି ସିଟିଂରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୧୦ଟାରୁ ୧୨ଟା ୩୦ ମିନିଟ୍ ଓ ଦ୍ୱିତୀୟ ସିଟିଂ ପରୀକ୍ଷା ଅପରାହ୍ନ ସାଢେ ୧ଟାରୁ ୪ଟା ପର୍ଯ୍ୟନ୍ତ ଚାଲିବ। ୪ ତାରିଖ ପ୍ରଥମ ସିଟିଂରେ ପ୍ରଥମ ଭାଷା ଓ ଦ୍ୱିତୀୟ ସିଟିଂରେ ଦ୍ୱିତୀୟ ଭାଷା ପରୀକ୍ଷା ହେବ। ସେହିପରି ୫ରେ ଗଣିତ ଓ ୬ରେ ବିଜ୍ଞାନ ପରୀକ୍ଷା ହେବ। ଏହି ଦୁଇଦିନ ପରୀକ୍ଷାର୍ଥୀମାନେ ଗୋଟିଏ ସିଟିଂ ପରୀକ୍ଷା ଦେବେ। ସେହିପରି ୭ ତାରିଖ ପ୍ରଥମ ସିଟିଂରେ ସାମାଜିକ ବିଜ୍ଞାନ ଓ ଦ୍ୱିତୀୟ ସିଟିଂରେ ତୃତୀୟ ଭାଷା ପରୀକ୍ଷା ହେବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଙ୍ଗା ଗଲି ଯେତିକି**
**ଫଳ ପାଇଲି ସେତିକି।**

ଯେଉଁ ଯାତ୍ରା ବା କାର୍ଯ୍ୟରେ ବ୍ୟକ୍ତିକୁ ଲାଭ ବଦଳରେ କ୍ଷତି ମିଳିଥାଏ ବା ପ୍ରଶଂସା ବଦଳରେ ନିନ୍ଦା ମିଳିଥାଏ, ସେ ଯାତ୍ରା ବା କାର୍ଯ୍ୟ ପ୍ରତି ବ୍ୟକ୍ତିର ମନ ଛାଡ଼ିଯାଇଥାଏ। ତିକ୍ତ ଅଭିଜ୍ଞତା ବ୍ୟକ୍ତିର ମନକୁ ଭାଙ୍ଗିଦେଇଥାଏ ବା ଫିକା କରିଦେଇଥାଏ। ଫଳ ନିଷ୍ଫଳ ହୋଇଯିବାର ପ୍ରକାରାନ୍ତରେ ଅଭିମାନ ପୋଷଣ କରାଯିବା ନେଇ ଏଭଳି ମନ୍ତବ୍ୟ ପ୍ରଦାନ କରାଯାଇଛି।

**ଗଙ୍ଗାଜଳ,**
**ତାହାଠାରୁ ନାହିଁ ନିରିମଳ।**

ଗଙ୍ଗା ଜଳ ଅତ୍ୟନ୍ତ ପବିତ୍ର ହୋଇଥାଏ। ଏଥିରେ ମଇଳା ପରିଦୃଷ୍ଟ ହେଲେ ମଧ୍ୟ ତା'ର ପବିତ୍ରତା ଯୋଗୁ ସେ ସ୍ୱତଃ ନିର୍ମଳ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ମୁକ୍ତା ଯୋଜନା ପ୍ରକଳ୍ପର ରକ୍ଷଣାବେକ୍ଷଣ ନିର୍ଦ୍ଦେଶ

## ପୌର ସଂସ୍ଥାକୁ ଚିଠିଲେଖିଲା ଏଚ୍ୟୁଡି ବିଭାଗ

ଭୁବନେଶ୍ୱର, ୭।୯(ସୁନିତ୍ ମିଶ୍ର)

ରାଜ୍ୟର ୧୧୫ ପୌରସଂସ୍ଥାରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା) ଯୋଜନା ଅଧୀନରେ ପ୍ରତିଷ୍ଠା ହୋଇଥିବା ୫ ହଜାରରୁ ଅଧିକ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ(ଏଚ୍ୟୁଡି) ବିଭାଗର ଅନୁଶାସନ ସଚିବ ଶାରଦା ପ୍ରସାଦ ପଣ୍ଡା ଏହି ମର୍ମରେ ସବୁ ଜିଲାପାଳ, ମହାନଗର ନିଗମ କମିଶନର ଏବଂ ପୌରସଂସ୍ଥାର କାର୍ଯ୍ୟନିର୍ବାହୀମାନଙ୍କୁ ପତ୍ର ଲେଖିଛନ୍ତି। ଯୁଗ୍ମ ସଚିବ ପଣ୍ଡା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟର ୧୧୫ ପୌରସଂସ୍ଥାର ୨୦୫୫ ୱାର୍ଡରେ ମୁକ୍ତା ଯୋଜନାରେ ୫ ହଜାରରୁ ଅଧିକ ପ୍ରକଳ୍ପ ନିର୍ମାଣ ହୋଇଛି। ଏଥିମଧ୍ୟରେ ଛୋଟ ପାର୍କ, ସର୍ବସାଧାରଣ ବ୍ୟାୟାମଶାଳା, ଶିଶୁ ଉଦ୍ୟାନ, ଖେଳପଡ଼ିଆ, ପାଦଚଲା ରାସ୍ତା, ବହୁମୁଖୀ କମ୍ୟୁନିଟି ହଲ୍ ସହିତ ୩୭ ହଜାରରୁ ଅଧିକ ବର୍ଷା ଜଳ ଅମଳ ପ୍ରକଳ୍ପ ମଧ୍ୟ ରହିଛି। ପର୍ଯ୍ୟାୟକ୍ରମେ ଏହାର ରକ୍ଷଣାବେକ୍ଷଣ ପାଇଁ ବିଭାଗ ଯୋଜନା ପ୍ରସ୍ତୁତ ହୋଇଛି। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟରେ ମିଶନ ଶକ୍ତି ଗୋଷ୍ଠୀ, ବସ୍ତି ବିକାଶ ସଙ୍ଗଠନକୁ ନିୟୋଜିତ ସହିତ ଗୋଷ୍ଠୀ ସହଭାଗିତାରେ ଏହା କରିବାକୁ ପଣ୍ଡା ସମସ୍ତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବା ସହିତ ପୌରସଂସ୍ଥା, ଜନସ୍ୱାସ୍ଥ୍ୟ, ୱାଟ୍କୋ ଯନ୍ତ୍ରୀଙ୍କ ସମେତ ମୁକ୍ତା ଟିମ୍ ଏହି ରକ୍ଷଣାବେକ୍ଷଣ କାର୍ଯ୍ୟର ତଦାରଖ କରିବେ। ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ମିଶନ ଶକ୍ତି ଓ ଅନ୍ୟ ସଂସ୍ଥାଗୁଡ଼ିକୁ ଠିକ୍ ସମୟରେ ସେମାନଙ୍କ ପାଉଣା ପ୍ରଦାନ କରାଯିବ। ପୌରସଂସ୍ଥାଗୁଡ଼ିକୁ ପଞ୍ଚଦଶ ଅର୍ଥ କମିଶନରୁ ମିଳିଥିବା ଅନୁଦାନ ଏବଂ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ କରିବାକୁ କୁହାଯାଇଛି।

# ଭିଜିଲାନ୍ସ ଜାଲରେ ଅବକାରୀ ଏଏସ୍ଆଇ

ବାଲୁଗାଁ, ୭।୯(ସଂଗ୍ରାମ ପାଇକରାୟ)/ନୟାଗଡ଼ (ଲୋକନାଥ ମିଶ୍ର)



ସୁଦୀପ୍ତ କୁମାର ଦାସ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଖୋର୍ଦ୍ଧା ଜିଲା ବାଲୁଗାଁ ଅବକାରୀ ବିଭାଗ ଏଏସ୍ଆଇ ସୁଦୀପ୍ତ କୁମାର ଦାସଙ୍କ କାର୍ଯ୍ୟାଳୟ ସମେତ ୪ଟି ସ୍ଥାନରେ ଚଢ଼ାଉ କରିଛି ଭିଜିଲାନ୍ସ। ଏହି ଚଢ଼ାଉରେ ସୁଦୀପ୍ତଙ୍କ ନୟାଗଡ଼ ସହରରେ ଥିବା ୬ଟି ପ୍ଲଟ, ନଗଦ ୧ଲକ୍ଷ ୩୫ ହଜାର ୫୨୦ଟଙ୍କା, ୩ ଶହ ଗ୍ରାମର ସୁନା ଅଳଙ୍କାର, ଗୋଟିଏ ବୋଲେରୋ, ୩ଟି ବାଇକ୍, ୨୦.୩୯ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଛି। ସେହିପରି ବ୍ୟାଙ୍କ, ପୋଷ୍ଟାଲ ଓ ଇନ୍ସୁରାନ୍ସ ୨୧ଲକ୍ଷ ୩୨ ହଜାର ୭ଶହ ଟଙ୍କା ଏବଂ ନୟାଗଡ଼ ଓଲ୍ଡଟାଉନରେ ଥିବା ଦୁଇ ମହଲା କୋଠା ଠାବ ହୋଇଛି।

ସୂଚନା ମୁତାବକ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଅନ୍ୟାନ୍ୟ ଅଭିଯୋଗ ନେଇ ଅବକାରୀ ଏଏସ୍ଆଇ ସୁଦୀପ୍ତଙ୍କ ବିରୋଧରେ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ସ୍ୱତନ୍ତ୍ର ଜଜ୍ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭୋର ୫ଟାରେ ଭିଜିଲାନ୍ସ ଟିମ୍ ପ୍ରଥମେ ସୁଦୀପ୍ତ ରହୁଥିବା ବାଲୁଗାଁସ୍ଥିତ ଭଡ଼ା ଘରେ ଚଢ଼ାଉ କରି ତାଙ୍କୁ ଅଟକ ରଖି ଛାନଭିନ୍ ଆରମ୍ଭ କରିଥିଲେ। ପରେ ବାଲୁଗାଁ ଅବକାରୀ କାର୍ଯ୍ୟାଳୟରେ ଯାଞ୍ଚ କରାଯାଇଥିଲା। ସେହିପରି ଉକ୍ତ ସମୟରେ ଭିଜିଲାନ୍ସ ବିଭାଗର ଅନ୍ୟ ଟିମ୍ ସୁଦୀପ୍ତଙ୍କ ନୟାଗଡ଼ସ୍ଥିତ ନିଜସ୍ୱ ବାସଭବନ ଏବଂ ଭଡ଼ାରେ ଦେଇଥିବା ବାସଗୃହରେ ମଧ୍ୟ ଚଢ଼ାଉ କରାଯାଇଥିଲା। ବାଲୁଗାଁରେ ଦୀର୍ଘ ସମୟ ଧରି ଛାନ୍ଭିନ୍ ପରେ ମଧ୍ୟାହ୍ନ ୧୨ଟାରେ ଭିଜିଲାନ୍ସ ଟିମ୍ ସୁଦୀପ୍ତଙ୍କୁ ଭୁବନେଶ୍ୱର ଅଭିମୁଖେ ନେଇଯାଇଥିଲେ। ଏହି ଚଢ଼ାଉରେ ୪ଜଣ ଡିଏସ୍ପି, ୬ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଲୋକଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କ ନାଁରେ ପୋଷ୍ଟର

ରାୟଗଡ଼ା,୭।୯ (ଆଶିଷ ରଞ୍ଜନ ପଣ୍ଡା)



କଲ୍ୟାଣସିଂହପୁର ପାରସାଲି ଅଞ୍ଚଳରେ ଲାଗିଥିବା ପୋଷ୍ଟର।

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ପାରସାଲି ପଞ୍ଚାୟତର ବିଭିନ୍ନ ସ୍ଥାନରେ ସାମାଜିକ କର୍ମୀ ତଥା ଲୋକଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କ ବିରୋଧରେ ଗୁରୁବାର ପୋଷ୍ଟର ଲାଗିଛି। ପ୍ରଫୁଲ୍ଲଙ୍କ ବିରୋଧରେ ୮ଟି ବିଷୟରେ ପୋଷ୍ଟରରେ ଉଲ୍ଲେଖ ରହିଛି। ସେଗୁଡ଼ିକ ହେଲା ଆଦିବାସୀଙ୍କୁ ଆଳୁଆଳ କରି କୋଟିପତି ହେବା, ନିଜ ଦେଶର ପ୍ରଗତିକୁ ବିରୋଧ କରି ଅନ୍ୟ ଦେଶରୁ ଅର୍ଥ ନେଉଥିବା, ଏନ୍ଜିଓ ନାମରେ ଅର୍ଥ ହଡ଼ପ ଓ ଅଷ୍ଟ୍ରେଲିଆ କମ୍ପାନୀ ଫାଇଦା ପାଇଁ ଆଦିବାସୀଙ୍କୁ ବ୍ୟବହାର କରୁଥିବା ଆଦି ଲେଖା ରହିଛି। ନିୟମଗିରି ଯୁବ କମିଟି ପକ୍ଷରୁ ଏହି ପୋଷ୍ଟର ଲାଗିଥିବା ଉଲ୍ଲେଖ ରହିଛି। ତେବେ ପ୍ରକୃତରେ ପୋଷ୍ଟର କିଏ ଲଗାଇଛନ୍ତି ତାହା ସ୍ପଷ୍ଟ ଜଣା ପଡ଼ିନାହିଁ।

# ପ୍ୟାକ୍ସ, ଲ୍ୟାମ୍ପ୍ସରେ ବାଧ୍ୟତାମୂଳକ ହେବ ସିସିଟିଭି କ୍ୟାମେରା

## ଧାନ କିଣାରେ ସ୍ୱଚ୍ଛତା

ଭୁବନେଶ୍ୱର,୭।୯(ଅନିଲ ଦାସ)

ଆସନ୍ତା ନଭେମ୍ବର ୧ରୁ ରାଜ୍ୟରେ ଖରିଫ ଧାନ କିଣା ଆରମ୍ଭ ହେବ। ଏହା ୨୦୨୪ ମାର୍ଚ୍ଚ ୩୧ ତାରିଖ ଯାଏ ଚାଲିବ। ଧାନ କିଣାରେ ଯେପରି ସ୍ୱଚ୍ଛତା ବଜାୟ ରହିବ ସେ ନେଇ ସରକାର ଗୁରୁତ୍ୱ ଦେଉଛନ୍ତି। ଚାଷୀଙ୍କଠାରୁ କ୍ରୟ ବେଳେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଧାନ କିଣୁଥିବା ସଂସ୍ଥାଗୁଡ଼ିକୁ ସମବାୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଧାନ କିଣା ପୂର୍ବରୁ ସିସିଟିଭି କ୍ୟାମେରା ଲଗାଇବାକୁ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟିଜ ପକ୍ଷରୁ ରାଜ୍ୟରେ ଥିବା ୨୭୦୮ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ୨୧୫ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପ୍ସ)କୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ ସମୟରେ ଧାନ କିଣାରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏଥିରେ ପାରଦର୍ଶିତା ଆଣିବାକୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସମବାୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସମବାୟ ସମିତିଗୁଡ଼ିକରେ କ୍ୟାମେରା ଲଗାଇବା ବାଧ୍ୟତାମୂଳକ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ସମସ୍ତ ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ସିସିଟିଭି କ୍ୟାମେରା ବାଧ୍ୟତାମୂଳକ ଭାବେ ଲଗାଇବାକୁ ପୁଣିଥରେ ଚିଠି ଲେଖି ଜଣାଇ ଦିଆଯାଇଛି। ଏହାକୁ ଉଲ୍ଲଂଘନ କଲେ ସମ୍ପୃକ୍ତ ପ୍ୟାକ୍ସକୁ ଧାନ କିଣିବାକୁ ଅନୁମତି ଦିଆଯିବ ନାହିଁ। କେତେକ ସମବାୟ ସମିତିରେ ସିସିଟିଭି କ୍ୟାମେରା ଲଗାଯାଇଛି। ଅନ୍ୟ ପ୍ୟାକ୍ସଗୁଡ଼ିକରେ ଏହା ଲାଗିବ ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଗାଇଡ୍ଲାଇନ ଅନୁଯାୟୀ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏ ସମବାୟ ସମିତି ଖୋଲିବା ଆବଶ୍ୟକ। ରାଜ୍ୟରେ ୬୭୯୪ ପଞ୍ଚାୟତ ରହିଛି। ମାତ୍ର ସବୁ ପଞ୍ଚାୟତରେ ସମବାୟ ସମିତି ଖୋଲିବା ନେଇ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ରାଜ୍ୟର ବିଭିନ୍ନ ଜିଲାରେ ନୂତନ ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ୨୨ ଜିଲାରେ ୫୧୪ ପ୍ୟାକ୍ସ ଏବଂ ୧୨ ଜିଲାରେ ୭୯୩ ଲ୍ୟାମ୍ପ୍ସ ଖୋଲାଯିବ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ବରଗଡ଼ ଜିଲାରେ ୭୦ଟି, କଳାହାଣ୍ଡି ୪୨, ଯାଜପୁର ୪୨, ନୂଆପଡ଼ା ୪୦, କଟକ ୩୩, ଢେଙ୍କାନାଳ ୩୩ ଏବଂ ବାଲେଶ୍ୱରରେ ୩୧ଟି ପ୍ୟାକ୍ସ ଖୋଲିବାକୁ ନିଷ୍ପତ୍ତି ହୋଇଛି। ସେହିପରି ମୟୂରଭଞ୍ଜରେ ୧୫୨ଟି ଲ୍ୟାମ୍ପ୍ସ ଖୋଲିବାକୁ ଥିବାବେଳେ କୋରାପୁଟ ୧୦୨, ସୁନ୍ଦରଗଡ଼ ୯୨, ନବରଙ୍ଗପୁର ୮୧, ରାୟଗଡ଼ା ୭୯ ଏବଂ କେନ୍ଦୁଝରରେ ୭୬ଟି ଖୋଲିବାକୁ ନିଷ୍ପତ୍ତି ହୋଇଛି।

# ବ୍ୟବସାୟୀଙ୍କଠାରୁ ୨.୪୬୫ କେଜି ସୁନା ବିସ୍କୁଟ୍ ଜବତ

## ଗିରଫ ପରେ ରିମାଣ୍ଡରେ ନେଲା ଡିଆର୍ଆଇ

ଭୁବନେଶ୍ୱର,୭।୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଜଣେ ବ୍ୟବସାୟୀଙ୍କ ପାଖରୁ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଦି ଡିରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ- 'ଡିଆର୍ଆଇ') ପକ୍ଷରୁ ୨ କେଜି ୪୬୫ ଗ୍ରାମ ସୁନା ବିସ୍କୁଟ ଜବତ ହୋଇଛି। ଡିଆର୍ଆଇ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଜବତ ସୁନାକୁ ବେଆଇନ ଭାବେ ବିଦେଶରୁ ଚାଲାଣ କରି ଅଣାଯାଇଥିଲା ବୋଲି ତଦନ୍ତ ସମୟରେ ଜଣାପଡ଼ିଥିବା ଡିଆର୍ଆଇ ପକ୍ଷରୁ ସୂଚନା ଦିଆଯାଇଛି। କଷ୍ଟମ୍ସ ଆକ୍ଟ-୧୯୬୨ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୋମବାରରୁ ମଙ୍ଗଳବାର ମଧ୍ୟରେ ଡିଆର୍ଆଇ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ଥିବାରୁ ବ୍ୟବସାୟୀଙ୍କୁ ଭୁବନେଶ୍ୱରର କେଉଁଠୁ ଗିରଫ କରାଗଲା ଓ ତାଙ୍କ ପରିଚୟ ସଂକ୍ରାନ୍ତରେ ଏଜେନ୍ସି ପକ୍ଷରୁ ଅଧିକ ସୂଚନା ଦିଆଯାଇନାହିଁ। ସମ୍ପୃକ୍ତ ବ୍ୟବସାୟୀଙ୍କୁ କୋର୍ଟଚାଲାଣ କରାଯିବା ପରେ ରିମାଣ୍ଡରେ ଅଣାଯାଇ ପଚରାଉଚରା କରାଯାଉଥିବା ସୂଚନା ଦିଆଯାଇଛି।



ଜବତ ସୁନା ବିସ୍କୁଟ୍

ତେବେ ତଦନ୍ତ ଚାଲୁରହିଥିବାରୁ ଅଭିଯୁକ୍ତଙ୍କ ପାଖରୁ ଅଧିକ ସୁନା ବିସ୍କୁଟ୍ ଜବତ ହେବାର ସମ୍ଭାବନା ରହିଛି। ଅଭିଯୁକ୍ତ ଜଣଙ୍କ ଉକ୍ତ ସୁନା ବିସ୍କୁଟକୁ କେଉଁ ଦେଶରୁ ଓ କାହା ସାହାଯ୍ୟରେ ଆଣିଲେ, ଏଠାରେ ଉକ୍ତ ସୁନାକୁ କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରିଥାନ୍ତେ, ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ଅଛି କି ଆଦି ବିଭିନ୍ନ ଦିଗକୁ ନେଇ ଡିଆର୍ଆଇ ପକ୍ଷରୁ ତଦନ୍ତ କରାଯାଉଛି।

# ଦୁର୍ଘଟଣାରୁ ବର୍ତ୍ତିଲା ମେମୁ ଟ୍ରେନ୍

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବେତନଟୀ (ଧରଣୀଧର ମହାନ୍ତି),୭।୯



ରେଳ ଧାରଣା ଉପରେ ଉପୁଡ଼ି ପଡ଼ିଥିବା ଶାଳ ଗଛ।

ମୟୂରଭଞ୍ଜ ଜିଲା ବେତନଟୀ ରେଳ ଷ୍ଟେଶନରେ ଗୁରୁବାର ରୂପସା-ବାଙ୍ଗରିପୋଷି ମେମୁ ଟ୍ରେନ୍ ଏକ ବଡ଼ ଧରଣର ବିପଦରୁ ବର୍ତ୍ତିଯାଇଛି। ଟ୍ରେନ୍‌ଟି ଅତିକ୍ରମ କରିବା ପରେ ପରେ ରେଳ ଧାରଣା ଉପରେ ଏକ ବିଶାଳକାୟ ଶାଳଗଛ ଉପୁଡ଼ି ପଡ଼ିଥିଲା। ଫଳରେ ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ ଟ୍ରେନ୍‌ଟି କୃଷ୍ଣଚନ୍ଦ୍ରପୁର ୨୫ନଂ. ଗେଟ ନିକଟରେ ଅଟକି ଯାଇଥିଲା। ଅନ୍ୟପକ୍ଷରେ ଉପୁଡ଼ି ପଡ଼ିଥିବା ଗଛ ତଳେ ଚାପି ହୋଇ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ବେତନଟୀ ଇନ୍ଦିରାନଗର ଅଞ୍ଚଳର ସୁହାଗୀ ହେମ୍ବ୍ରମ(୫୦) ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବେତନଟୀ ଓ ପରେ ବାରିପଦା ପିଆର୍ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବିଦ୍ୟୁତ୍ ସରବରାହ ବ୍ୟାହତ ଓ ରେଳ ଧାରଣାରେ ଗଛ ପଡ଼ି ରହିଥିବାରୁ ଉକ୍ତ ରୁଟ୍‌ରେ ୪ ଘଣ୍ଟା ଧରି ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିଲା।

# କୋଠା ସେଣ୍ଟ୍ରିଂ ଭୁଶୁଡ଼ି ୩ ଶ୍ରମିକଙ୍କ ମୃତ୍ୟୁ

ମାଲକାନଗିରି, ୭।୯ (ଦୁର୍ଯ୍ୟୋଧନ ପାତ୍ର)

ତେଲଙ୍ଗାନାର ହାଇଦ୍ରାବାଦରେ ନିର୍ମିତ ଏକ କୋଠା ସେଣ୍ଟ୍ରିଂ ଭୁଶୁଡ଼ି ମାଲକାନଗିରି ଜିଲାର ୩ଜଣ ବଣ୍ଡା ଶ୍ରମିକଙ୍କର ଗୁରୁବାର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସନ୍ତୁ ବଡ଼ନାୟକ, ସୋନିଆ କଲମ ଓ ସୋନିଆ ବଡ଼ନାୟକ। ଗୁରୁବାର ସକାଳେ ଏକ ୫ ମହଲା କୋଠା କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ୩ଜଣ ଶ୍ରମିକଙ୍କ ଉପରେ ସେଣ୍ଟ୍ରିଂ ଭୁଶୁଡ଼ି ପଡିଥିଲା। ଫଳରେ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ଅନ୍ୟ ୩ଜଣ ଗୁରୁତର ଅବସ୍ଥାରେ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

# ୨୨ ପୌର ପରିଷଦ, ଏନ୍ଏସିରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତ

ଭୁବନେଶ୍ୱର, ୭।୯(ସୁନିତ୍ ମିଶ୍ର)

ରାଜ୍ୟର ୨୨ ପୌର ପରିଷଦ ଓ ଏନ୍ଏସିରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ(ଏକ୍ଜିକ୍ୟୁଟିଭ ଅଫିସର)ଙ୍କୁ ନିଯୁକ୍ତି ଦିଆଯାଇଛି। ଗୁରୁବାର ଏନେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ବରିଷ୍ଠ ଓଏଏସ୍ ଅଫିସର ପ୍ରଶାନ୍ତ କୁମାର ନାୟକଙ୍କୁ ଅନୁଗୋଳ ମ୍ୟୁନିସିପାଲିଟିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜୟଶ୍ରୀ ବେଉରା ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି ହୋଇଛନ୍ତି। ସେହିପରି ସୋନା ଟୁଡୁଙ୍କୁ କଟକ ମହାନଗର ନିଗମ ଅତିରିକ୍ତ କମିଶନର, ଶ୍ରୀମତୀ ସରୋଜିନୀ ପ୍ରସନ୍ନ କୁଲୁଙ୍କୁ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିଶନର, ରମେଶ ହାଁସଦାଙ୍କୁ ବ୍ରହ୍ମପୁର ମହାନଗର ନିଗମର ଅତିରିକ୍ତ କମିଶନର, ସୁନୀଲ କୁମାର କେର୍କେଟାଙ୍କୁ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିଶନର, ହରପ୍ରସାଦ ଭୋଇଙ୍କୁ ବରଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲା ଜାମଦା ଅତିରିକ୍ତ ତହସିଲଦାର ବିକାଶ ମୁଣ୍ଡାରୀଙ୍କୁ ସୁନ୍ଦରଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ, ଅଶୋକ କୁମାର ବେହେରାଙ୍କୁ ବୌଦ୍ଧ ମ୍ୟୁନିସିପାଲିଟି, ପ୍ରମୋଦ କୁମାର ଖିଲୋ ଖରିଆର ଏନ୍ଏସି, ବିରଞ୍ଚି ଧରୁଆଙ୍କୁ ଦେବଗଡ଼ ମ୍ୟୁନିସିପାଲିଟି, ଲକ୍ଷ୍ମୀକାନ୍ତ ମଲିକ ତରଭା ଏନ୍ଏସି, ଜୟସେନ ଧରୁଆଙ୍କୁ ଧର୍ମଗଡ଼ ଏନ୍ଏସି, ଜଗନ୍ନାଥ ବେହେରା ଉଦଳା ଏନ୍ଏସି, ଦୁଃଶାସନ ସ୍ୱାଇଁ ଓଡ଼ଗାଁ ଏନଏସି, ଶ୍ୱେତପଦ୍ମା ଧଳ କୋଣାର୍କ ଏନ୍ଏସି, ଶୋଭନ କୁମାର ବେହେରାଙ୍କୁ ରେଢ଼ାଖୋଲ ଏନ୍ଏସି, ମଧୁସ୍ମିତା ସିଂହ ଯୋଡ଼ା ମ୍ୟୁନିସିପାଲିଟି, ମନୋରଞ୍ଜନ ପଣ୍ଡାଙ୍କୁ ସୋନପୁର ମ୍ୟୁନିସିପାଲିଟି, ଚିନ୍ମୟ ଆଚାର୍ଯ୍ୟଙ୍କୁ ଦୁଷ୍ଟୁରା ଏନ୍ଏସି, ନିରଞ୍ଜନ କୁମାର ଧଳଙ୍କୁ ଭବାନୀପାଟଣା ମ୍ୟୁନିସିପାଲିଟି ଓ ଗିରିଜା ଶଙ୍କର ମଲିକଙ୍କୁ କଣ୍ଟାବାଞ୍ଜି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଶରତ ଚନ୍ଦ୍ର ସାହୁଙ୍କ ବଦଳିକୁ ବାତିଲ କରାଯାଇ ତାଙ୍କୁ କଳାହାଣ୍ଡି ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ଆଶା ଅନୁଯାୟୀ ସଫଳତା ମିଳିବ। ଭାତୃବର୍ଗ ଦ୍ୱାରା ପଡୋଶୀଙ୍କ ସହ ଉପୁଜିଥିବା ସମସ୍ୟା ସମସ୍ୟା ସମାଧାନ କରିବେ। ସାମାଜିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ**
ଜଣେ ହିତୈଷୀଙ୍କ ଦ୍ୱାରା ସମସ୍ୟା ସମାଧାନର ରାସ୍ତା ଖୋଲିଯିବ। କର୍ମକ୍ଷେତ୍ରରେ ମୃଗଶିରା ନକ୍ଷତ୍ର ଅନ୍ୟ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**ମିଥୁନ**
ସମ୍ପର୍କୀୟମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର ଯୋଜନା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ର କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ପରସ୍ପର ଗୋଡ଼ଟଣାଟଣି ହେତୁ କାମ ହାସଲ କଷ୍ଟକର ହୋଇପଡିବ। ପରିବାରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଗୋଳମାଳିଆ ପରିସ୍ଥିତି ଦେଖା ଦେବ ନାହିଁ।

**କର୍କଟ**
ହାତକୁ ନେଇଥିବା କାମଗୁଡିକ ସୁରୁଖୁରୁରେ ହୋଇଯିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ଆର୍ଥିକ ଦିଗରୁ ସନ୍ତୋଷଜନକ ଫଳ ପାଇ ମନ ଖୁସି ରହିବ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଧାର କରଜ, ଭଡ଼ା ସୂତ୍ରରୁ ବକେୟା ଟଙ୍କା ଆଦି ପାଇବେ।

**ସିଂହ**
ଆଜି ପରିଜନଙ୍କ ସହିତ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କାମ ହାସଲ ସକାଶେ ହଠାତ୍ ମୋଟା ଅଙ୍କ ଅର୍ଥର ଆବଶ୍ୟକତା ପଡିପାରେ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହେବ।

**କନ୍ୟା**
ଆଶା ପୂରଣ ହେବା ସାଙ୍ଗକୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟରେ ନୂତନ କିଛି ଯୋଡିବା ସକାଶେ ଚିନ୍ତା କରିବେ। ପରିବାରରେ ପାରସ୍ପରିକ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଜମିଜମା କାରବାର, ପ୍ରେସ୍, ପବ୍ଲିକେଶନରେ ସମସ୍ୟା ସମାଧାନ ହୋଇଯିବ।

**ତୁଳା**
ସାମାଜିକ ସ୍ତରରେ ଧର୍ମକାର୍ଯ୍ୟ କରି ଏବଂ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ବନ୍ଧୁମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇବେ। ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା ଲାଗିପାରେ।

**ବିଛା**
ସବୁ କାମ ଠିକ୍ ଠିକ୍ ହେବ କିନ୍ତୁ ସୁବିଧାରେ ନୁହେଁ ବହୁତ ଝଡ଼ଝଞ୍ଜା ମଧ୍ୟ ଦେଇ ଗତି କରିବାକୁ ପଡିବ। କାମଗୁଡ଼ିକ ମନ୍ଥର ହେବ ଏବଂ ଅନ୍ୟମାନଙ୍କ ସହ ବୁଝାମଣା ଠିକ୍ ରହିବ ନାହିଁ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରି ପାରନ୍ତି। ଅବଶ୍ୟ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ**
ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ଚଳିବା ଭଲ ହେବ। କୁସଂସର୍ଗରୁ ଦୂରେଇ ରହିବା ଭଲ, ନଚେତ୍ ସମାଲୋଚିତ ହେବାକୁ ପଡିପାରେ। ନୂତନ ଗୃହ କିମ୍ବା ଜମିଜମା ବିଷୟରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ରପ୍ତାନି ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର**
ଦୀର୍ଘଦିନରୁ ଲାଗି ରହିଥିବା ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଓ କାର୍ଯ୍ୟ ଅବଶ୍ୟ ହାସଲ କରିବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ପାରିବାରିକ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ।

**କୁମ୍ଭ**
ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କେତେକ କ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ**
ସମସ୍ୟା ସୁଧୁରିଯିବା କାରଣରୁ ପାରିବାରିକ ସଦ୍ଭାବ କ୍ରମଶଃ ବୃଦ୍ଧି ପାଇବ। ଭୁଲ୍ ବୁଝାମଣାଜନିତ ବନ୍ଧୁ ସମ୍ପର୍କରେ ଅବନତି ଘଟିପାରେ। ବ୍ୟବସାୟରେ ଭାଗୁଆଳିମାନଙ୍କ ସହ ମାନମନାନ୍ତର ଦେଖା ଦେଇପାରେ। ଧାତୁ, ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ନବମୀ ଶୁକ୍ରବାର, ବୈଷ୍ଣବସମ୍ମତ ନନ୍ଦୋତ୍ସବ, ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଦିବା ଘ.୧୨।୧୦ ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୬ ଗତେ ଘ.୦୬।୧୫ ମଧ୍ୟେ, ଘ.୦୭।୧୪ ଗତେ ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୨ ଗତେ ଘ.୧୧।୪୪ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୮/୨୦୨୩ | Bhubaneswar, Friday, September 8/2023 | ପୃଷ୍ଠା-୧


# ପରିବହନ ଯାନରେ ଲାଗିବ ଟ୍ରାକିଂ ଡିଭାଇସ୍

**ଭୁବନେଶ୍ୱର,୭।୯(ଅନିଲ ଦାସ)**

## ଯାନବାହନ ସୁରକ୍ଷା ଚିନ୍ତା

**▪ ପୁରୁଣା ଗାଡ଼ିରେ ନ ଲଗାଇଲେ ପର୍‌ମିଟ୍, ଫିଟ୍‌ନେସ୍ ବାତିଲ ହେବ**

ଗାଡ଼ିଗୁଡ଼ିକ ଉପରେ ନଜର ରଖିବା ସହ ମହିଳା ଓ ଶିଶୁ ଯାତ୍ରୀମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ସମସ୍ତ ସାର୍ବଜନୀନ ପରିବହନ ସେବା ଯୋଗାଉଥିବା ଯାନବାହନଗୁଡ଼ିକରେ ଲୋକେଶନ ଟ୍ରାକିଂ ଓ ସେଫ୍ଟି ଡିଭାଇସ୍ ଲଗାଯିବ। ଏହି ଡିଭାଇସ୍ ନ ଥିଲେ ଆସନ୍ତା ଅକ୍ଟୋବର ପହିଲାରୁ କୌଣସି ନୂଆ ଗାଡ଼ି ପଞ୍ଜୀକରଣ କରାଯିବ ନାହିଁ। ସେହିପରି ୨୦୨୩ ସେପ୍ଟେମ୍ବର ୩୦ ତାରିଖ ପୂର୍ବରୁ ଯେଉଁ ଗାଡ଼ିଗୁଡ଼ିକ ପଞ୍ଜୀକରଣ ହୋଇଛି ସମ୍ପୃକ୍ତ ଗାଡ଼ିର ମାଲିକମାନେ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ନିଜ ଗାଡ଼ିରେ ଏହି ଡିଭାଇସ୍ ଲଗାଇବାକୁ ରାଜ୍ୟ ପରିବହନ କମିଶନର କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପରିବହନ ସେବା ଯୋଗାଉଥିବା ଯାନରେ ଭେହିକିଲ ଲୋକେଶନ ଟ୍ରାକିଂ ଡିଭାଇସ୍(ଭିଏଲ୍‌ଟିଡି) ଓ ପାନିକ୍ ବଟନ୍ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ଦୁଇଚକିଆ, ତିନିଚକିଆ ଓ ରିକ୍ସାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଗାଡ଼ି ଯଥା ବସ୍ , ଶିକ୍ଷାନୁଷ୍ଠାନ ବସ୍, ଆମ୍ବୁଲାନ୍ସ, ସବୁପ୍ରକାର କ୍ୟାବ୍, ଓମିନି ବସ୍, ମୋଟର କ୍ୟାବ୍, ପ୍ରାଇଭେଟ୍ ସର୍ଭିସ ଗାଡ଼ି ଓ ନ୍ୟାଶନାଲ ପର୍‌ମିଟ୍ ଥିବା ମାଲବାହୀ ଗାଡ଼ିଗୁଡ଼ିକରେ ଏହି ଡିଭାଇସ୍ ଲାଗିବ।

ଅକ୍ଟୋବର ୧ ତାରିଖ ଅବା ଏହାପରେ ଯେଉଁ ନୂଆ ଗାଡ଼ିଗୁଡ଼ିକ କ୍ରୟ ହେବ ସେଥିରେ ପଞ୍ଜୀକରଣ ସମୟରେ ଭିଏଲ୍‌ଟିଡି ଡିଭାଇସ୍ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ସେହିପରି ଯେଉଁ ଗାଡ଼ିଗୁଡ଼ିକ ଚଳିତ ମାସ ୩୦ତାରିଖ ମଧ୍ୟରେ କ୍ରୟ ହୋଇଛି ସେଗୁଡ଼ିକ ୨୦୨୩ ଡିସେମ୍ବର ୩୧ତାରିଖ ପୂର୍ବରୁ ଏହି ଡିଭାଇସ୍ ଲଗାଇବେ। ଯଦି କୌଣସି ପୁରୁଣା ଗାଡ଼ିରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଭିଏଲ୍‌ଟିଡି ଡିଭାଇସ୍ ଲାଗି ନ ଥିବ ତେବେ ସମ୍ପୃକ୍ତ ଗାଡ଼ିକୁ ଫିଟ୍‌ନେସ, ମାଲିକାନା ପରିବର୍ତ୍ତନ, ପର୍‌ମିଟ୍ ଓ ନ୍ୟାଶନାଲ ପର୍‌ମିଟ୍ ଆଦି ସୁବିଧା ମିଳିବ ନାହିଁ।

ଓଡ଼ିଶା ସରକାରଙ୍କ ପରିବହନ ବିଭାଗର ୱେବ୍‌ସାଇଟକୁ ଯାଇ କ୍ଷମତାପ୍ରାପ୍ତ ବିକ୍ରେତାଙ୍କୁ ଚୟନ କରି ଅବା ନିକଟସ୍ଥ ରେଟ୍ରୋ ଫିଟ୍‌ମେଣ୍ଟ ସେଣ୍ଟର(ଆର୍‌ଏଫ୍‌ସି)କୁ ଯାଇ ଏହି ଡିଭାଇସ୍ ଗାଡ଼ିରେ ଲଗାଇ ପାରିବେ। ଗାଡ଼ି ମାଲିକମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ଯେକୌଣସି କମ୍ପାନୀର ଭିଏଲ୍‌ଟିଡି ଡିଭାଇସ୍ ଲଗାଇ ପାରିବେ। ଶେଷ ସମୟରେ ଭିଡ଼ ହ୍ରାସ ନିମନ୍ତେ ଗାଡ଼ିମାଲିକମାନେ ଧାର୍ଯ୍ୟ ସମୟସୀମା ପୂର୍ବରୁ ଭିଏଲ୍‌ଟିଡି ଡିଭାଇସ୍ ଲଗାଇବାକୁ ପରିବହନ କମିଶନର ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ପରିବହନ ☞ପୃଷ୍ଠା-୩

# ଝିଅ ପ୍ରେମ ବିବାହ କରିବାରୁ ମା'ବାପା ଶୁଦ୍ଧି ହେଲେ

**ଆଳି,୭।୯(ବନମାଳୀ ସେନାପତି)**

ଝିଅ ବିବାହଯୋଗ୍ୟା ହେବା ପରେ ତାକୁ ଭଲ ବର ଏବଂ ଭଲ ଘର ଦେଖି ବିବାହ ଦେବାକୁ ପ୍ରତ୍ୟେକ ମା'ବାପାଙ୍କ ଇଚ୍ଛା ଥାଏ। ମାତ୍ର ଝିଅ ଯେତେବେଳେ ମା'ବାପାଙ୍କ ଇଚ୍ଛାକୁ ପ୍ରତ୍ୟାଖ୍ୟାନ କରି କୌଣସି ଯୁବକଙ୍କୁ ପ୍ରେମ କରି ଚାଲିଯାଏ, ସେତେବେଳେ ମା'ବାପା ଭାଙ୍ଗି ପଡ଼ନ୍ତି। ଏପରି କି କେହି କେହି ଝିଅର ମୁହଁ ଆଉ ଜୀବନରେ ଚାହିଁବେନି ବୋଲି ପ୍ରତିଜ୍ଞା ମଧ୍ୟ କରନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡ଼ା ଆଳି ଅଞ୍ଚଳରେ। ଜଣେ ଯୁବତୀ ନିଜ ଇଚ୍ଛାରେ ତାଙ୍କ



ଗ୍ରାମର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିବା ପରେ ମା'ବାପା ଝିଅର ଜୀବନ୍ତ ଅବସ୍ଥାରେ ଶୁଦ୍ଧି ହୋଇଛନ୍ତି। ଏପରି କି ଘର ସମ୍ମୁଖରେ ଝିଅର ଫଟୋ ରଖି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଳି ଥାନା ଅନ୍ତର୍ଗତ ନୂଆବଜାର ନିକଟ ଲକ୍ଷ୍ମୀଧର ମଳିକଙ୍କ ଝିଅ ଦୀପାଞ୍ଜଳି ସେହି ଗ୍ରାମର ଅନାମ ମଳିକଙ୍କ ପୁଅ ରାଜେନ୍ଦ୍ରଙ୍କୁ ବୁଧବାର ପ୍ରେମ ବିବାହ କରିଛନ୍ତି। ଏହି ବିବାହକୁ ପୂର୍ବରୁ ଦୀପାଞ୍ଜଳିଙ୍କ ପରିବାର ଲୋକ ବିରୋଧ କରି ଆସୁଥିଲେ ସୁଦ୍ଧା କେହି ଶୁଣି ନ ଥିଲେ। ପରିବାରର ଅନିଚ୍ଛା ସତ୍ତ୍ୱେ ଝିଅ ପ୍ରେମ ବିବାହ କରିବାରୁ ମା'ବାପା ଗୁରୁବାର ଦୀପାଞ୍ଜଳିଙ୍କ ପାଇଁ ଶୁଦ୍ଧି ହୋଇଛନ୍ତି। ଏପରି କି ଘର ସମ୍ମୁଖରେ ଦୀପାଞ୍ଜଳିଙ୍କ ☞ପୃଷ୍ଠା-୩







ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। **–ଶ୍ରୀଅରବିନ୍ଦ**



# ନିର୍ବାଚିତ ଅପରାଧୀ



ଇଆନ ବୁରୁମା

ଡୋନାଲ୍ଡ ଟ୍ରମ୍ପ୍ ଆପରାଧିକ ଅଭିଯୋଗର ସମ୍ମୁଖୀନ ହେଉଥିବାବେଳେ ଆମେରିକାର ପ୍ରଥମ ପୂର୍ବତନ ରାଷ୍ଟ୍ରପତି ଭାବେ ନିର୍ବାଚନ ଦୌଡ଼ରେ ସାମିଲ ହେବାର ସଂଶୟାତ୍ମକ ସ୍ଥିତି ସୃଷ୍ଟି ହୋଇଛି। ଅଭିଯୁକ୍ତ ହେବା, ଦୋଷୀ ସାବ୍ୟସ୍ତ ହେବା କିମ୍ବା ଜେଲରେ ରହିବାରେ ସେ ଆମେରିକା ଇତିହାସରେ ପ୍ରଥମ ରାଜନୈତିକ ପ୍ରାର୍ଥୀ ନୁହନ୍ତି। ଟମ୍ପଙ୍କ ସେକ୍ରେଟାରି ଅଫ୍ ଏନର୍ଜି ତଥା ଟେକ୍ସାସ୍‌ର ପୂର୍ବତନ ଗଭର୍ନର ରିକ୍ ପେରି ମଧ୍ୟ ଏଭଳି ସ୍ଥିତିକୁ ସାମ୍ନା କରିଛନ୍ତି। ତାଙ୍କ ବିରୋଧରେ କ୍ଷମତାର ଦୁରୁପଯୋଗ ଅଭିଯୋଗ ବିଚାରାଧୀନ ଥିଲାବେଳେ ସେ ୨୦୧୬ରେ ରିପବ୍ଲିକାନ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଲାଗି ନାମାଙ୍କନ କରିବାକୁ ଚାହିଁଥିଲେ। ଏହାବ୍ୟତୀତ ଏଗୁନି ଡେବ୍ସ ୧୯୨୦ରେ ଆଟ୍ଲାଣ୍ଟା ଫେଡେରାଲ ପେନିଟଣ୍ଟେସିଆରି ଜେଲରୁ ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରେ ସାମିଲ ହୋଇଥିଲେ। ସେ ପ୍ରଥମ ବିଶ୍ୱଯୁଦ୍ଧରେ ଆମେରିକାର ଅଂଶଗ୍ରହଣକୁ ବିରୋଧ କରି ଭାଷଣ ଦେଇ ଦଣ୍ଡିତ ହୋଇ ୧୦ ବର୍ଷ ଜେଲରେ ରହିଥିଲେ। ସେ ନିର୍ବାଚନରେ ସୋସିଆଲିଷ୍ଟ ପାର୍ଟିର ପ୍ରାର୍ଥୀ ଥିଲେ। ଡେବ୍ସ ରାଷ୍ଟ୍ରପତି ନିର୍ବାଚନରେ ହାରି ଯାଇଥିଲେ ବି ପାଖାପାଖି ୧୦ ଲକ୍ଷ ଭୋଟ ପାଇଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସୋସିଆଲିଷ୍ଟ ଭାବେ ଏତେ ସଂଖ୍ୟକ ଭୋଟ ଆଗରୁ କେହି ପାଇ ନ ଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା କେତେଜଣ ପ୍ରାର୍ଥୀ ମଧ୍ୟ ନିର୍ବାଚନରେ ଜିତିଥିଲେ। ୧୯୯୪ରେ ମାରିଅନ୍ ଏସ୍. ବ୍ୟାରି, ଜୁନିୟର ୱାଶିଂଟନ୍ ଡିସିର ୪ଥର ମେୟର ହୋଇଥିଲେ। ଏହା ପୂର୍ବରୁ ସେ ନିଶାଦ୍ରବ୍ୟ ରଖିବା ଅଭିଯୋଗରେ ୬ ମାସ ଜେଲରେ ରହିଥିଲେ।

ଗଣତାନ୍ତ୍ରିକ ଦେଶଗୁଡ଼ିକରେ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇଥିବା କିମ୍ବା ଜେଲରେ ଥିବା ପ୍ରାର୍ଥୀଙ୍କ ପାଇଁ ପ୍ରମୁଖ ସରକାରୀ ପଦବୀ ପାଇବା ଅସାଧାରଣ ହେଲେ ବି ବେଳେବେଳେ ଗଣତାନ୍ତ୍ରିକ ପ୍ରକ୍ରିୟା ଏହାକୁ ସହଯୋଗ କରିଥାଏ। ବର୍ଣ୍ଣଭେଦ ଶାସନ ଦ୍ୱାରା ୨୭ ବର୍ଷ ଜେଲଦଣ୍ଡ ଭୋଗିଥିବା ନେଲ୍‌ସନ ମଣ୍ଡେଲା ୧୯୯୪ରେ ଦକ୍ଷିଣ ଆଫ୍ରିକାର ମୁକ୍ତ ନିର୍ବାଚନରେ ଜିତିଥିଲେ। ଦୁର୍ନୀତି ଅଭିଯୋଗରେ ୧୨ ବର୍ଷ କାରାଦଣ୍ଡରେ ଦଣ୍ଡିତ ହେବା ପରେ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡି' ସିଲ୍‌ଭା ୨୦୨୨ରେ ନିର୍ବାଚନ ଜିତିଥିଲେ। ସେ ଦୋଷମୁକ୍ତ ହେବା ପୂର୍ବରୁ ୨ ବର୍ଷରୁ କମ୍ ସମୟ ଜେଲରେ ଥିଲେ। ଅନ୍ୟମାନେ ଜେଲରେ ରହି ବି ରାଜନୈତିକ ଦୃଷ୍ଟିରୁ ଉପକୃତ ହୋଇଛନ୍ତି। ଆଡ୍‌ଲଫ ହିଟ୍‌ଲର ଏହାର ଏକ ଦୃଷ୍ଟାନ୍ତ। ୧୯୨୩ରେ ମ୍ୟୁନିକ୍‌ରେ ବଳପୂର୍ବକ ଶାସନ ଦଖଲ କରିବାରେ ବିଫଳ ହେବା ପୂର୍ବରୁ, ହିଟ୍‌ଲରଙ୍କର ଆପରାଧିକ ରେକର୍ଡ ଥିଲା ଓ ସେ ବିୟରହଲ ଆନ୍ଦୋଳନକାରୀ ଥିଲେ ଏବଂ ତାଙ୍କୁ କେହି ଜାଣି ନ ଥିଲେ। ବିୟର ହଲ ଆନ୍ଦୋଳନ ପାଇଁ ତାଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। କିନ୍ତୁ ସହାନୁଭୂତିଶୀଳ ବିଚାରପତିମାନେ ରାଜନୈତିକ ଯୁକ୍ତି ଉପସ୍ଥାପନ କରିବାକୁ ତାଙ୍କୁ ଅନୁମତି ଦେବା ପରେ ସେ ଜାତୀୟ ଖବର ପାଲଟି ଯାଇଥିଲେ। ହିଟ୍‌ଲର ଲ୍ୟାଣ୍ଡ୍‌ସବର୍ଗ ଜେଲରେ ୯ ମାସ ରହିଥିଲେ ଓ ସେହି ସମୟରେ ସେ ଇହୁଦୀ ବିରୋଧୀ ଇସ୍ତାହାର ମେଇନ କାମ୍ଫ (ମୋ ସଂଘର୍ଷ) ଲେଖିଥିଲେ। ଜେଲରୁ ମୁକ୍ତ ହେବା ବେଳକୁ ସେ ପ୍ରସିଦ୍ଧ ହୋଇଯାଇଥିଲେ ଓ ଏକ ଦଶନ୍ଧି ମଧ୍ୟରେ ହିଟ୍‌ଲର ଜର୍ମାନୀର ନେତା ହୋଇଗଲେ।



ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଆବେ ସିଞ୍ଜୋଙ୍କ ଜେଜେବାପା କିଶି ନୋବୁସୁକେ ବି ଅନ୍ୟ ଏକ ଉଦାହରଣ । କିଶି ତାଙ୍କ ଦେଶର ପ୍ରତିଷ୍ଠିତ ବ୍ୟୁରୋକ୍ରାଟିକ ବ୍ୟକ୍ତିତ୍ୱ ଥିଲେ। ଟୋକିଓ ଇମ୍ପେରିଆଲ ୟୁନିଭର୍‌ସିଟି (ବର୍ତ୍ତମାନ ଟୋକିଓ ୟୁନିଭରସିଟି)ରୁ ସ୍ନାତକୋତ୍ତର କରିବା ପରେ କିଶି ଶୀଘ୍ର ସରକାରୀ ଅମଲାତନ୍ତ୍ରରେ ଉପରକୁ ଉଠିଥିଲେ। ଉଲ୍ଲେଖନୀୟ ଯେ, ତାଙ୍କୁ ଯେତେବେଳେ ତିରିଶ ବର୍ଷ, ସେତେବେଳେ ଜାପାନର ପପେଟ ଷ୍ଟେଟ୍ ମାନଚୁକୋ ଅର୍ଥନୀତିର ତଦାରଖ ଦାୟିତ୍ୱ ନେଇଥିଲେ। ଯେଉଁଠାରେ ସେ ଚାଇନାର କ୍ରୀତ ଶ୍ରମିକଙ୍କୁ ନେଇ ନିର୍ମିତ ଶିଳ୍ପ ସାମ୍ରାଜ୍ୟକୁ ନିୟନ୍ତ୍ରଣ କରିଥିଲେ। ପ୍ରଶାନ୍ତ ଯୁଦ୍ଧ ସମୟରେ କିଶି ପ୍ରତିରକ୍ଷା ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। କିଶି ୧୯୪୫ରେ ଯୁଦ୍ଧ ଅପରାଧ ପାଇଁ ଗିରଫ ହୋଇ ସାଢ଼େ ୩ ବର୍ଷ ଜେଲରେ ରହିଥିଲେ ମଧ୍ୟ ସେ କେବେ ବି ଔପଚାରିକ ଭାବେ ଦୋଷୀ ହୋଇ ନ ଥିଲେ। ଜେଲରେ ଥିବା ସମୟରେ କିଶି ତାଙ୍କ ସାଥୀ କଏଦୀମାନଙ୍କ ସହ ଜଣେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଓ ଜଣେ ଜଣାଶୁଣା ଫାସୀବାଦୀ ଜାପାନୀଙ୍କ ସହ ରାଜନୀତିକୁ ଆସିଥିଲେ। ଜାପାନୀ ଯୁଦ୍ଧ ଅପରାଧୀମାନଙ୍କର ବିଚାର କରିବା ପରିବର୍ତ୍ତେ ଚାଇନା ଓ ସୋଭିଏତ୍‌ର ବାମବାଦକୁ ବିରୋଧ କରିବାକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଆମେରିକୀୟମାନେ ସ୍ଥିର କରିବା ପରେ ଜାପାନୀ ଯୁଦ୍ଧ ଅପରାଧୀମାନେ କିଶିଙ୍କ ଭଳି ବ୍ୟକ୍ତି ସେମାନଙ୍କର ଆବଶ୍ୟକ ବୋଲି ନିଷ୍ପତ୍ତି ନେଇଥିଲେ। ମୁକ୍ତ ହେବା ପରେ ପରେ ସର୍ବୋଚ୍ଚ ପଦବୀ ରେସ୍‌ରେ କିଶି ଆମେରିକାର କମ୍ୟୁନିଷ୍ଟ ବିରୋଧୀ ଭାବନାକୁ ଜାପାନୀଙ୍କ ମଧ୍ୟରେ ଦୃଢ଼ କରିଦେଇଥିଲେ। ସେ ୧୯୫୭ ରୁ ୧୯୬୦ ପର୍ଯ୍ୟନ୍ତ ଜାପାନର ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ।

ଟ୍ରମ୍ପ୍ ଜଣେ ଏକଛତ୍ରବାଦୀ କିମ୍ବା ଯୁଦ୍ଧ ଅପରାଧୀ ନୁହନ୍ତି। ସେ ଜଣେ ଖଳ ଆତ୍ମପ୍ରଚାରକ ଭାବେ ରାଜନୈତିକ ଏବଂ ଆର୍ଥିକ ଲାଭ ପାଇଁ ନିଜର ଆଇନଗତ ଅସୁବିଧାକୁ ଉପଯୋଗ କରିବାକୁ ଚେଷ୍ଟା କରିଛନ୍ତି। ଜଣେ ଆତ୍ମଘୋଷିତ ବାହ୍ୟ ବ୍ୟକ୍ତି ଭାବରେ ସେ ନିଜର ଅଭିଯୋଗଗୁଡ଼ିକୁ ରାଜନୈତିକ ସମ୍ପତ୍ତିରେ ପରିଣତ କରିଛନ୍ତି। ଏବେ ସୁଦ୍ଧା, ଅନ୍ତତଃପକ୍ଷେ, ତାଙ୍କର ରଣନୀତି କାମ କରୁଥିବା ଜଣାପଡ଼ୁଛି। ପ୍ରତ୍ୟେକ ନୂତନ ଅଭିଯୋଗ ରିପବ୍ଲିକାନ ଭୋଟରଙ୍କ ମଧ୍ୟରେ ଟ୍ରମ୍ପଙ୍କ ଲୋକପ୍ରିୟତା ବୃଦ୍ଧି ପାଇଛି ଏବଂ ଏହା ତାଙ୍କୁ ରାଷ୍ଟ୍ରପତି ପ୍ରଚାରରେ ସାହାଯ୍ୟ କରିଛି। ତାଙ୍କର ମୋଟରଯାନ ଶୋଭାଯାତ୍ରା, ସାଧାରଣରେ ବିଚାରପତି ଓ ଓକିଲମାନଙ୍କ ବିରୋଧରେ ଦେଉଥିବା ଉତ୍ତେଜନାପୂର୍ଣ୍ଣ ଭାଷଣ ଏବଂ ପରିହାସ କରିବା ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିପାରିଛି। ବିଶେଷକରି ଜର୍ଜିଆର ଫୁଲଟନ କାଉଣ୍ଟିରେ, ଯେଉଁଠାରେ ନିର୍ବାଚନରେ ବାଧା ସୃଷ୍ଟି ପାଇଁ ତାଙ୍କ ବିଚାରର ସିଧା ପ୍ରସାରଣ ହେବ, ସେତେବେଳେ ଟ୍ରମ୍ପ୍ ନିଃସନ୍ଦେହରେ କୋର୍ଟରୁ ପ୍ରଚାର କରିବାର ସୁଯୋଗ ପାଇବେ। ଟ୍ରମ୍ପ୍ ଜିତିବେ ବୋଲି ଏସବୁ ସୂଚିତ କରୁନାହିଁ। ଉଦାହରଣ ସ୍ୱରୂପ, ୧୯୩୨ରେ ହିଟ୍‌ଲର ଫିଲ୍ଡ ମାର୍ଶାଲ ପଲ ଭନ ହିଣ୍ଡେନବର୍ଗଙ୍କଠାରୁ ନିର୍ବାଚନରେ ହାରିଥିଲେ। ଉଦାରବାଦୀ ଓ ବାମପନ୍ଥୀମାନେ ତାଙ୍କୁ ଭୋଟ ଦେଇଥିଲେ, ଯେମିତି ଜୋ ବାଇଡେନ ପାଇଛନ୍ତି। କିନ୍ତୁ ରିଚଷ୍ଟାଗରେ ନାଜି ସବୁଠୁ ବଡ଼ ପାର୍ଟିରେ ପରିଣତ ହୋଇଥିଲା ଏବଂ ରକ୍ଷଣଶୀଳ ରାଜନେତା, ଶିଳ୍ପପତି ଏବଂ ବ୍ୟବସାୟୀମାନେ ୧୯୩୩ରେ ହିଟ୍‌ଲରଙ୍କୁ ନୂତନ ଚାନ୍‌ସେଲର ଭାବେ ସମର୍ଥନ କରି ସାଂଘାତିକ ଭୁଲ୍ କରିଥିଲେ। ଜର୍ମାନୀ ଗଣତନ୍ତ୍ରକୁ ଶୀଘ୍ର ପତନ କରିଦେବା ଲକ୍ଷ୍ୟରୁ ହିଟ୍‌ଲରଙ୍କୁ ବିରତ କରିପାରିବେ ବୋଲି ସେମାନଙ୍କର ଯେଉଁ ଧାରଣା ଥିଲା, ତାହା ସମ୍ପୂର୍ଣ୍ଣ ଭୁଲ୍ ପ୍ରମାଣିତ ହେଲା।

ନିଶ୍ଚିତ ହେବାକୁ ପଡ଼ିବ ଯେ, ଆଜିର ଆମେରିକା ୱେମାର ରିପବ୍ଲିକ ବା ନାଜି ଜର୍ମାନୀ ନୁହେଁ କି ବାଇଡେନ୍ ହିଣ୍ଡେନବର୍ଗ ନୁହନ୍ତି। ବିଶେଷକରି ଟ୍ରମ୍ପଙ୍କର ଅନେକ ସଶସ୍ତ୍ର ସମର୍ଥକ ଥିବାରୁ ତାଙ୍କର ହିଂସାତ୍ମକ ବକ୍ତବ୍ୟ ଏବଂ ବିରୋଧୀମାନଙ୍କୁ ଧମକ ଅତ୍ୟନ୍ତ ଚିନ୍ତାଜନକ। କିନ୍ତୁ ୱାଲ ଷ୍ଟ୍ରିଟ୍ ଭଳି ସଶସ୍ତ୍ର ବାହିନୀର ସମର୍ଥନ ବିନା ସେ କିପରି କ୍ଷମତାକୁ ଆସିବେ ତାହା ଦେଖିବା କଷ୍ଟକର। ସହରାଞ୍ଚଳ ଆମେରିକାର ଗ୍ରାମାଞ୍ଚଳକୁ ଅଧିକ ପସନ୍ଦ କରୁଥିବା ନିର୍ବାଚନ ବ୍ୟବସ୍ଥାରେ ଏହା ସମ୍ଭବ ଯେ, ସେ ରାଷ୍ଟ୍ରପତି ପାଇଁ ଅଧିକ ଭୋଟ ପାଇବେ। ଏପରିକି ଜେଲ କୋଠରିରୁ ନିଜର ପ୍ରଚାର ଚଳାଇଲେ ମଧ୍ୟ ଏହା ହୋଇପାରିବ। ଟ୍ରମ୍ପଙ୍କ ବିଜୟ ହିଟ୍‌ଲରଙ୍କ ୧୯୩୩ର ଶାସନ ଦଖଲ ଭଳି ହେବ ନାହିଁ। କିନ୍ତୁ ଏହା ଯଥେଷ୍ଟ ଖରାପ ହେବ ଏବଂ ୧୯୫୦ ଦଶକର ଶେଷ ଭାଗରେ କିଶିଙ୍କ ଅଧୀନରେ ଥିବା ଜାପାନ ଅପେକ୍ଷା ଏହା ଅଧିକ ଖରାପ ହେବ। ଜର୍ମାନୀର ରଢ଼ିବାଦୀମାନେ ହିଟ୍‌ଲରଙ୍କୁ ବଶ କରିପାରେବେ ବୋଲି ଯେଉଁ ପଥଭ୍ରଷ୍ଟ ଧାରଣା ଥିଲା, ଏବେ ବିଜୟରୁ ଟ୍ରମ୍ପଙ୍କୁ ଅଟକାଇବା ପାଇଁ ତାଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକର ଅବଗଣନା ଠିକ୍ ସେହିଭଳି। ବହୁ ସମୟରେ ଅପରାଧର ମୂଲ୍ୟ ଦେବାକୁ ପଡ଼େ ବୋଲି ଇତିହାସ ଦର୍ଶାଇଆସିଛି।

**ନିକଟରେ ପ୍ରକାଶିତ ଦି କୋଲାବୋରେଟରସ୍‌ର ଲେଖକ**

# ଶିଶୁର ଶାରୀରିକ ବିକାଶରେ ପୌଷ୍ଟିକତା



ପ୍ର.ଜ୍ୟୋତିରଞ୍ଜନ ଚମ୍ପତିରାୟ

ସୁସ୍ଥ ଓ ନୀରୋଗ ଜୀବନଯାପନ ପାଇଁ ପୁଷ୍ଟିକର ଖାଦ୍ୟ ନିତାନ୍ତ ଆବଶ୍ୟକ। କରୋନା ମହାମାରୀ ସମୟରେ ଶିଶୁଙ୍କ ଶାରୀରିକ ବିକାଶ ଓ ରୋଗପ୍ରତିରୋଧକ ଶକ୍ତି ଓ ପିଲାଙ୍କ ଆହାର ବିଶ୍ରାମ ସହିତ ସାମଗ୍ରିକ ଭାବରେ ସମସ୍ତଙ୍କ ପାଇଁ ଏକ ବଡ଼ ସୂଚନା ପ୍ରଦାନ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ବର୍ତ୍ତମାନ ଅଧିକାଂଶ ଲୋକ କୁପୋଷଣର ଶିକାର ହେଉଥିବା ଦେଖିବାକୁ ମିଳୁଛି। କେବଳ ଜଙ୍କଫୁଡ, ତେଲଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରୁଥିବାରୁ ଧୀରେ ଧୀରେ ଶିଶୁମାନେ ପୁଷ୍ଟିକର ଖାଦ୍ୟଠାରୁ ଦୂରେଇ ଯାଉଛନ୍ତି। ଫଳରେ ମେଦବହୁଳତା, ଗ୍ୟାସ ଆଦି ରୋଗର ଶିକାର ହେଉଛନ୍ତି। ତେଣୁ ଭୋଜନରେ ପ୍ରୋଟିନଯୁକ୍ତ ଏବଂ ଉଚ୍ଚ ଫାଇବରଯୁକ୍ତ ଖାଦ୍ୟକୁ ସାମିଲ କରିବା ପାଇଁ ଜାତୀୟ ପୋଷଣ ସପ୍ତାହ ପାଳନ ଅବସରରେ ସଚେତନ କରାଯାଇଆସୁଛି। ସ୍ୱାସ୍ଥ୍ୟ ଓ ବିକାଶର ଅନ୍ୟତମ ମୂଳଦୁଆ ହେଉଛି ପୌଷ୍ଟିକତା। ରୋଗ ସଂକ୍ରମଣ ଓ ଅପପୁଷ୍ଟି ମଧ୍ୟରେ ସମ୍ପର୍କ ରହିଛି। ଉତ୍କୃଷ୍ଟ ପୌଷ୍ଟିକତାର ଅର୍ଥ ସବୁ ବୟସର ଲୋକଙ୍କ ପାଇଁ ଦୃଢ଼ ରୋଗ ପ୍ରତିରୋଧକ ବ୍ୟବସ୍ଥା, କମ୍ ରୁଗ୍ଣାବସ୍ଥା ଓ ଉତ୍ତମ ସ୍ୱାସ୍ଥ୍ୟ। ସୁସ୍ଥ ପିଲା ଭଲ ପଢ଼ନ୍ତି। ଶୈଶବ ଓ ବାଲ୍ୟାବସ୍ଥାରେ ଅଭିବୃଦ୍ଧି ଓ ବିକାଶ ତାଡ଼ନାରେ ଶକ୍ତି ଓ ଅନେକ ଜରୁରୀ ପୌଷ୍ଟିକ ଆହାରର ଆବଶ୍ୟକତା ବୃଦ୍ଧି ପାଇଥାଏ। ପାଞ୍ଚବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁର ଏକ ତୃତୀୟାଂଶ ଭାଗ ପାଇଁ ଅପପୁଷ୍ଟି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଦାୟୀ। ଜୀବନର ପ୍ରଥମ ବର୍ଷରେ ଯେଉଁ ପୌଷ୍ଟିକତା ଓ ପୋଷଣ ମିଳିଥାଏ ତାହା ଜୀବନଯାକର ସ୍ୱାସ୍ଥ୍ୟ ଓ ନିରାମୟତା ପାଇଁ ଅତି ଜରୁରୀ। ଶିଶୁ ଅବସ୍ଥାରେ ମା'ର ସ୍ତନ୍ୟପାନଠାରୁ ଅଧିକ ମୂଲ୍ୟବାନ ଉପହାର ଆଉ କିଛି ହୋଇପାରେନା। ଜନ୍ମ ହେବାର ପ୍ରଥମ ୧୨ ମାସରେ ଶିଶୁର ବୃଦ୍ଧି ଦ୍ରୁତତର ହୋଇଥାଏ। ସ୍ୱାଭାବିକ ଚର୍ବଣ ଶକ୍ତି ଓ କଥା କହିବା ଶକ୍ତିର ବିକାଶ ସୁନିଶ୍ଚିତ କରିବାକୁ ଏହା ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରାରମ୍ଭିକ କଠିନ ଖାଦ୍ୟ ରୂପେ ଶସ୍ୟ ଜାତୀୟ ଖାଦ୍ୟ ଦିଆଯାଏ ଓ ତା'ପରେ ଧୀରେ ଧୀରେ ପନିପରିବା ଓ ଫଳ ଦିଆଯାଏ। ବାଲ୍ୟାବସ୍ଥା ବୃଦ୍ଧିର ଉର୍ଜା (ଶକ୍ତି) ଆବଶ୍ୟକତାର ଦୁଇଟି ଭାଗ ରହିଛି। ବର୍ଦ୍ଧିଷ୍ଣୁ ତନ୍ତୁ ପାଇଁ କିଛି ଉର୍ଜା ଦରକାର ହେଉଥିବାବେଳେ ଆଉ କିଛି ଉର୍ଜା ପୁଷ୍ଟିକର ଓ ଚର୍ବି ରୂପେ ତନ୍ତୁରେ ସଞ୍ଚିତ ହୋଇରହେ। ଯବକ୍ଷାରଜାନ ଭାରସାମ୍ୟ, ଶରୀର ଗଠନ ତଥ୍ୟ ଶରୀର ବୃଦ୍ଧି ଓ ବିକାଶ ହେତୁ ନୂତନ ତନ୍ତୁ ସଞ୍ଚୟ ପାଇଁ ଶିଶୁ ଓ ବାଳକ କିଛି ସର୍ବନିମ୍ନ ପୁଷ୍ଟିସାର ଖାଦ୍ୟ ଦରକାର କରିଥାନ୍ତି। ପିଲାମାନଙ୍କ ପାଇଁ ଜୀବସାର ଓ ଖଣିଜ ପଦାର୍ଥର ମଧ୍ୟ ବିଶେଷ ଆବଶ୍ୟକତା ଥାଏ ; କାରଣ ବୃଦ୍ଧି ଓ ବିକାଶ ପାଇଁ ଏଗୁଡ଼ିକ ଅତି ଜରୁରୀ।

ଜନ୍ମର ପ୍ରଥମ ବର୍ଷରେ ଖାଦ୍ୟ ମାଧ୍ୟମରେ ଲୌହ ଅଂଶ ଯୋଗାଣ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା। ବର୍ଷକରୁ ସାନ ଶିଶୁଙ୍କୁ ଗାଈ, ଛେଳି କ୍ଷୀର କିମ୍ବା ସୋୟା ପାନୀୟ ପିଇବାକୁ ଦିଆଯିବା ଆଦୌ ଉଚିତ ନୁହେଁ। ଶିଶୁର ଛଅ ମାସ ବୟସ ଯାଏ ତାହାର ସମସ୍ତ ଆବଶ୍ୟକତା ମାଆ ସ୍ତନ୍ୟକ୍ଷୀର ଦ୍ୱାରା ପୂରଣ ହୋଇପାରେ। ଛଅମାସ ପରେ ଶିଶୁକୁ ଲୌହ ଓ ଖଣିଜ ପଦାର୍ଥରେ ସମୃଦ୍ଧ କଠିନ ଖାଦ୍ୟ ମା' କ୍ଷୀରର ପରିପୂରକ ଭାବେ ଦିଆଯିବା ଉଚିତ। ଜନ୍ମର ପ୍ରଥମ ମାସରେ ଶିଶୁ ଉର୍ଜାଶକ୍ତି ଆବଶ୍ୟକତା ଦୈନିକ ୩୦୦ କ୍ୟାଲୋରି ଓ ଏହା ୧୨ ମାସ ବେଳକୁ ୭୦୦ କ୍ୟାଲୋରିକୁ ବୃଦ୍ଧି ପାଏ। ପ୍ରଥମରୁ ତିନିବର୍ଷ ଭିତରେ ପିଲାର ନିଜସ୍ୱ ବ୍ୟକ୍ତିତ୍ୱ ବିକଶିତ ହୁଏ। ପିଲାର ନିୟମିତ ଖାଦ୍ୟ ଓ ଜଳଖିଆରେ ଶ୍ୱେତସାର ସମୃଦ୍ଧ ଖାଦ୍ୟ ଫଳ, ପନିପରିବା, ଦୁଗ୍ଧଜାତ ସାମଗ୍ରୀ, ମାଛ, ମାଂସ, ଅଣ୍ଡା, ମଞ୍ଜିଜାତୀୟ ଖାଦ୍ୟ, କୋଳି, ବାଦାମ ଆଦି ରହିଲେ ତାହାର ସୁଷମ ବୃଦ୍ଧି ଓ ବିକାଶରେ ସହାୟକ ହୋଇଥାଏ। ପିଲାମାନେ ପ୍ରଚୁର ମାତ୍ରାରେ ତରଳ ଜାତୀୟ ପାନୀୟ ପିଇବା ଦରକାର। ଏ ଦୃଷ୍ଟିରୁ ଜଳ ଏକ ବଢ଼ିଆ ପାନୀୟ ଓ ଏହା ତାପଜଶକ୍ତି (କ୍ୟାଲୋରି) ଶୂନ୍ୟ ତରଳ ପାନୀୟ। ମା'ମାନେ ସବୁବେଳେ ମନେରଖିବା ଉଚିତ ପିଲାମାନଙ୍କୁ ସୁଷମ ଖାଦ୍ୟ ଓ ଘରୋଇ ପ୍ରସ୍ତୁତ ଖାଦ୍ୟ ହିଁ ଦିଅନ୍ତୁ। ପାଣି ପିଇବା କ୍ଷେତ୍ରରେ ଭଲ ଭାବେ ସିଝା ହୋଇଥିବା ପାଣି ନିଶ୍ଚିତ ଭାବେ ବିଶୋଧିତ। ଅନେକ କ୍ଷେତ୍ରରେ ଦେଖାଯାଏ ଏହି ଖାଦ୍ୟ ପାନୀୟ ହିଁ ପୋଷଣର ବଡ଼ ବାଧକ ସାଜିଥାଏ। ଏହା ପିଲାଟିର ଶାରୀରିକ ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ବାଧକ ଦେଖାଯାଇଥାଏ। ସରକାରୀ ଡାକ୍ତରଖାନାରେ ପିଲାମାନଙ୍କ ମାଗଣା ଡାକ୍ତରୀ ପରାମର୍ଶ, ପୁଷ୍ଟିକତା ଖାଦ୍ୟ ଓ ସମଗ୍ର ଔଷଧପତ୍ର ପ୍ରଦାନ କରାଯାଉଛି, ଏହାର ସୁଯୋଗ ନିଅନ୍ତୁ। ପିଲାର ପୁଷ୍ଟିକତା ପାଇଁ ସୁଷମ ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
**ମୋ:୯୪୩୭୧୨୪୦୭୪**

## ଏଇ ଭାରତରେ

କଲେଜ ବନ୍ଦ ହୋଇଗଲା ପରେ ଜଣେ ଅଧ୍ୟାପିକା ନିଜସ୍ୱ ଉଦ୍ୟମରେ ଛତୁଚାଷ କରି ମାସକୁ ଦେଢ଼ ଲକ୍ଷ ଟଙ୍କା ରୋଜଗାର କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଅଧ୍ୟାପିକା ଜଣକ ହେଉଛନ୍ତି ମଧ୍ୟପ୍ରଦେଶର ନିଧି ଖାତ୍‌ରେ। ନିଧିଙ୍କ ବୟସ ୩୮। ସେ ଉଜ୍ଜୟିନୀ ବିଶ୍ୱବିଦ୍ୟାଳୟରୁ ମାଇକ୍ରୋ ବାୟୋଲୋଜିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଗ୍ୱାଲିୟର ସହରରେ ଏକ ଘରୋଇ କଲେଜରେ ୨୦୦୭ରୁ ପଢ଼ାଇବା ଆରମ୍ଭ କରିଥିଲେ। କୌଣସି କାରଣରୁ ଏହା ଧୀରେ ଧୀରେ ତାହା ବନ୍ଦ ହୋଇଗଲା। ପରେ ୨୦୧୭ରେ ସେ ପ୍ରଥମେ ୧୦ ଫୁଟ ଲମ୍ବ ଓ ୧୦ ଫୁଟ ପ୍ରସ୍ଥ ଜାଗାରେ ଛତୁଚାଷ ଆରମ୍ଭ କରିଥିଲେ। ଏହି ଚାଷରେ ୩,୦୦୦ ଟଙ୍କା ନିବେଶ କରିଥିଲେ। ପରେ ନିଧି ନାଚୁରାଲ ବାୟୋ ଇମ୍ପାକ୍ଟ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଗଠନ କରି ଚାଷକୁ ବ୍ୟାପକ କରିପାରିଛନ୍ତି। ଏବେ ସେ ବହୁ ଦାମୀ କିସମ ଛତୁ ଚାଷ କରିଛନ୍ତି ଓ ତାହାକୁ ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି। ସେ ମାସକୁ ୧,୦୦୦ କେ.ଜି. ଛତୁ ମଞ୍ଜି ମଧ୍ୟ ଉତ୍ପାଦନ କରୁଛନ୍ତି ଓ ଏହାକୁ ୧୫୦ ଜଣ କୃଷକଙ୍କୁ ବିକ୍ରି କରୁଛନ୍ତି। ଏହି ଚାଷ ସମ୍ପର୍କରେ ବି କୃଷକମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୯୮

- ୭୫ କୋଟି ଟଙ୍କାର ଜୈନ ହାୱାଲା ମାମଲାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରିଫ ମହମ୍ମଦ ଖାଁଙ୍କ ସମେତ ୩ ଜୈନ ଭାଇ ମୁକ୍ତ।
- ଗୋଆ ମୁଖ୍ୟମନ୍ତ୍ରୀ ୱିଲଫ୍ରେଡ ଡି'ସୁଜା ଓ ଅନ୍ୟ ୯ ଜଣ ବିଧାୟକଙ୍କୁ ଦଳବଦଳ ନିରୋଧ ଆଇନ ବଳରେ ବିଧାନସଭା ବାଚସ୍ପତି ତଥା ମାଜିନୋ କାର୍ଦୋଜ ଅଯୋଗ୍ୟ ଘୋଷଣା କରି ଦେଇଥିବା ରାୟ ବମ୍ବେ ହାଇକୋର୍ଟରେ ଖାରଜ।
- ପାରସ୍ପରିକ ପୁଞ୍ଜି ବିନିଯୋଗ ଲକ୍ଷ୍ୟ ନେଇ ଭାରତ ଓ ମରିସସ୍ ମଧ୍ୟରେ ଦ୍ୱିପାକ୍ଷିକ ପୁଞ୍ଜି ବିନିଯୋଗ ବିକାଶ ରାଜିନାମା ସ୍ୱାକ୍ଷରିତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | | |
| | | | | 9 | | | 5 | |
| | | 3 | | | | 2 | | 8 |
| 4 | | | 2 | | 5 | | | 1 |
| | | | | 7 | | 9 | | |
| 7 | | | | | | 6 | | 2 |
| 2 | 4 | | | | | | | 6 |
| 1 | 5 | | | | 7 | | | |
| | | | | | 6 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 8 | 2 | 3 | 9 | 1 | 5 | 7 |
| 3 | 5 | 2 | 1 | 7 | 8 | 9 | 6 | 4 |
| 1 | 9 | 7 | 4 | 6 | 5 | 8 | 3 | 2 |
| 6 | 7 | 5 | 3 | 9 | 1 | 2 | 4 | 8 |
| 8 | 3 | 4 | 6 | 2 | 7 | 5 | 1 | 9 |
| 9 | 2 | 1 | 8 | 5 | 4 | 3 | 7 | 6 |
| 2 | 8 | 3 | 7 | 1 | 6 | 4 | 9 | 5 |
| 5 | 1 | 6 | 9 | 4 | 2 | 7 | 8 | 3 |
| 7 | 4 | 9 | 5 | 8 | 3 | 6 | 2 | 1 |

ଗତକାଲିର ଉତ୍ତର

# ସ୍ୱତନ୍ତ୍ର ଅଧିବେଶନ ପ୍ରଚ୍ଛଦରେ



ଡା. ରାଜାରାମ ଷଡ଼ଙ୍ଗୀ

ସ୍ୱତନ୍ତ୍ର ସଂସଦ ଅଧିବେଶନ ହଠାତ୍ ଡାକିବାର କାରଣ କ'ଣ ? କ'ଣ ରହିଛି ସରକାରଙ୍କ ଉଦ୍ଦେଶ୍ୟ ! କୌଣସି ଏଜେଣ୍ଡା ନ ଥାଇ ସ୍ୱତନ୍ତ୍ର ଅଧିବେଶନକୁ ନେଇ ଆରମ୍ଭ ହୋଇଛି ବଡ଼ ଚର୍ଚ୍ଚା। ଫଳତଃ ଯାହା ଜଣାପଡୁଛି ଏହି ଅଧିବେଶନକୁ ନେଇ ସରକାର ଅମୃତକାଳର ମାଷ୍ଟରଷ୍ଟ୍ରୋକ ଦେଖାଇ ପୁଣି ଏକ ବାଜିମାତ ମାରିବାର କୌଶଳ ଆପଣେଇଛନ୍ତି। ସେପ୍ଟେମ୍ବର୧୮ରୁ ୨୨ଯାଏ ୫ ଦିନିଆ ଅଧିବେଶନ ଯେ ଗୋଟିଏ ୨ଟି ବିଷୟକୁ ନେଇ ହେବ ତାହା କଳ୍ପନା ବାହାରେ। ମୌସୁମୀ ଅଧିବେଶନ ଅଗଷ୍ଟ ୧୧ରେ ଶେଷ ହୋଇଥିବା ବେଳେ ହଠାତ୍ କାହିଁକି ସ୍ୱତନ୍ତ୍ର ଅଧିବେଶନର ଆବଶ୍ୟକତା ପଡ଼ିଲା ତାକୁ ନେଇ ଏବେ ଚାଲିଲାଣି ତର୍ଜମା। ଏପରି କି କେଉଁ ସବୁ ଏଜେଣ୍ଡା ଧରି ଅଧିବେଶନକୁ ସରକାର ଓହ୍ଲେଇବେ ତାହା ଅସ୍ପଷ୍ଟ ହୋଇଥିଲେ ବି ସରକାର ନିଜର ଭାବମୂର୍ତ୍ତିକୁ ଅଧିକ ନିର୍ମଳ କରିବାକୁ ଓ ବିରୋଧୀ ମେଣ୍ଟକୁ ଚକମା ଦେଖାଇ ଆଗାମୀ ନିର୍ବାଚନୀ ବୈତରଣୀ ପାରି ହେବାକୁ ବାଟ ଦେଖୁଛନ୍ତି ଏହା ସ୍ପଷ୍ଟ।

ସରକାରଙ୍କ ମୁଣ୍ଡ ଉପରେ ବୋଝ ବଢ଼ିଛି। ବୋଝ ରହିଲେ ନଇଁ ପଡ଼ିବାର ଆଶଙ୍କା ଥିବାରୁ ବର୍ତ୍ତମାନଠୁ ଅନେକ ବୋଝ ନ ଖସାଇଲେ ଆଗକୁ ବିପଦ। ଜମ୍ମୁ-କଶ୍ମୀର ସେ ଭିତରୁ ଗୋଟିଏ ବୋଝ ସରକାରଙ୍କ ପାଇଁ। ସରକାର ଧାରା ୩୭୦ ଉଠାଇଲେ ସିନା ବଲ ଝୁଲୁଛି ସୁପ୍ରିମକୋର୍ଟରେ। ଶୁଣାଣି ଚାଲିଥିବା ବେଳେ ସୁପ୍ରିମକୋର୍ଟ ରାଜ୍ୟ ମାନ୍ୟତା କେବେ ମିଳିବ ବୋଲି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିବାରୁ ସମ୍ଭବତଃ ଜମ୍ମୁ-କଶ୍ମୀର ନିର୍ବାଚନ କରାଇବାକୁ ଓ ରାଜ୍ୟ ମାନ୍ୟତା ଦେବାକୁ ସରକାର ଆଲୋଚନା କରି ଉପାୟ ଖୋଜିପାରନ୍ତି। ଏହା ଗୋଟିଏ ଦିଗକୁ ଇସାରା କରୁଥିବା ବେଳେ ବର୍ତ୍ତମାନ କିନ୍ତୁ ସରକାରଙ୍କ ଉପଲବ୍ଧି ନେଇ ଉଠିଛି ବଡ଼ ପ୍ରଶ୍ନ। ଅମୃତକାଳ ମହୋତ୍ସବ ଓ ଭାରତକୁ ବିକଶିତ ରାଷ୍ଟ୍ର ଭାବେ ବ୍ୟବହାର କରିପାରନ୍ତି। ଚନ୍ଦ୍ରୟାନ-୩ର ସଫଳତା ଭଳି ସରକାରଙ୍କ ଉପଲବ୍ଧି ପ୍ରସଙ୍ଗ ଏଜେଣ୍ଡାରେ ସ୍ଥାନ ଅଳଙ୍କୃତ କରିପାରେ। ପୁଣି ରାଜଧାନୀ ଦିଲ୍ଲୀରେ ଜି-୨୦ ଶିଖର ସମ୍ମିଳନୀ ପାଇଁ ସଫଳ ଆୟୋଜନ ସମ୍ପର୍କରେ ମଧ୍ୟ ଅଧିବେଶନର ତାତ୍ପର୍ଯ୍ୟ ରହୁଛି। ସମ୍ଭବତଃ ସରକାର ବିଭିନ୍ନ କ୍ଷେତ୍ରରେ ତାଙ୍କର ଉପଲବ୍ଧିକୁ ଏହି ସ୍ୱତନ୍ତ୍ର ଅଧିବେଶନର ପ୍ଲାଟଫର୍ମ ମାଧ୍ୟମରେ ଉପଯୋଗ ନ କରିବେ କିଏ କହିବ ? ପୁନଶ୍ଚ ଏହି ଅଧିବେଶନ ନୂଆ ସଂସଦ ଭବନରେ ବସିବ ଓ ଏଥିପାଇଁ ଶେଷ ସ୍ପର୍ଶ ସରିଥିବା ଆଲୋଚନା ହେଉଛି।

ଯଦି ନିର୍ବାଚନକୁ ଆଖି ପକାଇବା ତେବେ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା ଓ ନାଗାଲାଣ୍ଡ ଭଳି ୫ ରାଜ୍ୟରେ ବିଧାନସଭା ନିର୍ବାଚନ ପାଖେଇ ଆସୁଛି। ଏ ପରିପ୍ରେକ୍ଷୀରେ ନଭେମ୍ବର ଡିସେମ୍ବର ମାସରେ ଶୀତକାଳୀନ ଅଧିବେଶନ ବିଳମ୍ବିତ ହେବାର ଆଶଙ୍କା ଉପୁଯାଇଛି। ସେପଟେ ଓଡ଼ିଶା ଆଗୁଆ ନିର୍ବାଚନ ପାଇଁ ଗୋଟିଚାଳନା କରି ନିଜ କସରତ ୪ ମାସ ଆଗରୁ ଦେଖାଇ ଆସୁଛି। ରାଜନୈତିକ ଅଳିନ୍ଦରେ ଆଗୁଆ ନିର୍ବାଚନ, କେବଳ ଓଡ଼ିଶାରେ ମୁଣ୍ଡ ଟେକିନି ବରଂ କେନ୍ଦ୍ର ସରକାରଙ୍କ ମୁଣ୍ଡ ଉପରେ ଏହା ଏକ ବଡ଼ ବୋଝ ବୋଲି ସରକାର ଚିନ୍ତା କଲେଣି। ସେପଟେ ଫେବୃୟାରୀ



ପରେ ପିଲାଙ୍କ ପରୀକ୍ଷା, ତେଣୁ ସ୍କୁଲ ଶିକ୍ଷକ କେବଳ ସମସ୍ୟା ହୋଇ ଠିଆ ହେବେନି ସରକାର ପାଖରେ। ବରଂ ଶବ୍ଦ ପ୍ରଦୂଷଣ ବଢ଼ିବା ଓ ପରୀକ୍ଷା ବେଳକୁ ନିର୍ବାଚନ ଏଭଳି ରୋଷର ଶିକାର ବି ସରକାର ହୋଇପାରନ୍ତି। ଏ ସବୁ ଦିଗକୁ ଆଖି ଆଗରେ ରଖି ସରକାର ନିଜ ପାରିବାପଣର କୌଶଳ ଖେଳ ନ ଦେଖାଇବେ କିଏ କହିବ। ସୁଯୋଗ ଏବେ ହାତ ପାଆନ୍ତାରେ ଥିବାବେଳେ ସରକାର ନିଜର ରାଜନୈତିକ ଗୋଟିଚାଳନାରେ ଏକକ ନିର୍ବାଚନ, ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ବି ଏହି ଅଧିବେଶନରେ ଉଠାଇ ପାରନ୍ତି। 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ'କୁ ଉପଯୋଗ କରିବାକୁ ଏହି ସ୍ୱତନ୍ତ୍ର ଅଧିବେଶନର ପ୍ଲାଟଫର୍ମଠାରୁ ଆଉ ବଡ଼ ପ୍ଲାଟଫର୍ମ ମିଳିବ ଆଶା କରିବା ବୃଥା।

ସେପଟେ ଇଣ୍ଡିଆ ଘେରିଛି ଏନ୍‌ଡିଏକୁ। ଏହି ମେଣ୍ଟର ସ୍ଥିତିକୁ ସୁଦୃଢ଼ କରି ନ ଦେବାକୁ ବା ସଂଗଠିତ ହେବାକୁ ଅଧିକ କାଳ ସମୟ ନ ଦେଇ ସରକାର ତାଙ୍କ ତାଜା ସର୍ଭେକୁ ଧରି ଆଗୁଆ ବି ଭୋଟର ପାଖକୁ ନ ଯିବେ କିଏ କହିବ ? ତାଜା ସର୍ଭେ କହୁଛି ନରେନ୍ଦ୍ର ମୋଦିଙ୍କ ଏନ୍‌ଡିଏ ସରକାରର ଏବେ ଲୋକପ୍ରିୟତା ରହିଛି। ସେପଟେ ନୀତି ଆୟୋଗଙ୍କ ମତ ଉପରେ ସମ୍ମାନର ମୁକୁଟ ପିନ୍ଧାଇ ନିଜେ ପୁଣି ଥରେ ମୁକୁଟ ପିନ୍ଧିବାକୁ ପାଗ ଭିଡ଼ିବା ପାଇଁ ସରକାର ଚିନ୍ତା କିଭଳି କରିବେନି। ଲୋକ ସଭା ସହିତ ବିଧାନସଭା ପାଇଁ ଏକା ସମୟରେ ନିର୍ବାଚନ କରାଇବା ସପକ୍ଷରେ ନୀତି ଆୟୋଗ ମତ ରହିଥିବାରୁ ଫାଇଦା ନେବାକୁ ସରକାର ଭିତରେ ଭିତରେ ମନ ସ୍ଥିର କରିସାଲେଣି। ଏ ନେଇ ଚଳିତବର୍ଷ ଜାନୁୟାରୀ ମାସରେ ନୀତି ଆୟୋଗ ବିଭିନ୍ନ ରାଜନୈତିକ ଦଳଗୁଡ଼ିକୁ ଯେଉଁ ୬ ପ୍ରଶ୍ନର ଉତ୍ତର ଚାହିଁଥିଲେ ତାହା ହୁଏତ ସରକାର ନିଜର ବାହାବାଃ ନେବାକୁ ଏଭଳି ବିଲ୍ ପାଶ୍ କରାଇ ଗୋଟିଏ ଗୁଳିରେ ୨ ଶିକାର କରିବା ଭଳି ଅଧିବେଶନକୁ ପ୍ରୟୋଗଶାଳାର ପରିଚୟ ସାଉଁଟିବାକୁ ଭଲ ପ୍ରୟାସ କରିପାରନ୍ତି। କେତେକ ରାଜନୈତିକ ଦଳ ଏହାକୁ ବିରୋଧ କରୁଥିବା ବେଳେ ସମାନ ଆଚରଣ ସଂହିତା ଧାର୍ମିକ ପରମ୍ପରା ସହ ଜଡ଼ିତ ରହିଛି। ଏଥିରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଗୋଟିଏ ନିୟମ ରହୁ। ପୌଷ୍ୟ ସନ୍ତାନ ଓ ଉତ୍ତରାଧିକାରୀ ସହିତ ଜଡ଼ିତ ବ୍ୟକ୍ତିଗତ ନିୟମ ଆଦି ୟୁସିସିରେ ରହିଛି। ସେପଟେ ମହିଳା ସଶକ୍ତୀକରଣ ନେଇ ରାଜନୀତି ଜୋର ଧରିଥିବାରୁ ମହିଳା ସଂରକ୍ଷଣ ବିଲ୍ ମଧ୍ୟ ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ତେଣୁ ଏ ଦିଗରେ ମଧ୍ୟ ଏକ ବେଧେୟକ ସରକାର ଆଣିବା ସମ୍ଭାବନା ରହିଛି।

ତେବେ ଏ ସବୁ ଛାଡ଼ି ସରକାର ନିଜର ଲୋକପ୍ରିୟତାକୁ ଅକ୍ଷୁଣ୍ଣ ରଖିବା ପାଇଁ 'ସେବାପକ୍ଷ'କୁ ଅଧିକ ବ୍ୟାପକ କରିପାରନ୍ତି। ଏହି ସ୍ୱତନ୍ତ୍ର ଅଧିବେଶନ ମୋଦିଙ୍କ ଜନ୍ମଦିନର ଦିନକ ପରେ ପଡୁଥିବାରୁ 'ସେବାପକ୍ଷ'କୁ ଅନ୍ୟ ଢଙ୍ଗରେ ପାଳନ କରି ନିଜ ଲୋକପ୍ରିୟତାକୁ ଅଧିକ ପ୍ରଚାର ଓ ପ୍ରସାରମୁଖୀ କରିବାକୁ ଦି'ପାଦ ଆଗକୁ ନ ବଢ଼ିବେ କିଏ କହିବ ? ତେବେ ଯାହା ବି ହେଉ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅଧିବେଶନକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ କେବଳ ହଟଚମଟ ଦେଖାଦେଇନି ବରଂ ସରକାରଙ୍କ ମାଷ୍ଟରଷ୍ଟ୍ରୋକ ନୂଆ ଦିଶାର ସମ୍ଭାବନାକୁ ବାଟ ଦେଖାଉଥିବା ଆଶା କରାଯାଉଛି।

**ମୋ:୯୪୩୭୪ ୦୫୪୫୫**

## ପାଠକ ଶ୍ରେଷ୍ଠ ବିଚାରକ

### ଉପଭୋକ୍ତାଙ୍କୁ ନିର୍ଭୁଲ ବିଲ୍ ପ୍ରଦାନ କରାଯାଉ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ଟାଟା କମ୍ପାନୀ ସପ୍ଲାଇ କୋଡ୍‌ର ଧାରା ୧୦୯କୁ ଉଲ୍ଲଂଘନ କରି ବିଲ୍ ପ୍ରସ୍ତୁତ କରୁଥିବାର ବିଲ୍‌ରେ ତ୍ରୁଟି ପରିଲକ୍ଷିତ ହେଉଛି। ଯଦ୍ଦ୍ୱାରା ୨୪ଟି ପଞ୍ଚାୟତର ଉପଭୋକ୍ତା ପ୍ରତ୍ୟେକ ମାସରେ ମାତ୍ରାଧିକ ବିଲ୍ ବାବଦ ଟଙ୍କା ପ୍ରଦାନ କରିବାକୁ ବାଧ୍ୟ ହେଉଛନ୍ତି। ଅନେକ କ୍ଷେତ୍ରରେ ସ୍ଲାବ୍ ତାରିଖ ଗଡ଼ବଡ଼ ଯୋଗୁ ଭୁଲ୍ ବିଲ୍ ପୈଠ ପାଇଁ ଉପଭୋକ୍ତା ବିରୋଧ କରୁଛନ୍ତି। ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଚାଇନା ମିଟର ଲଗାଯାଇ ମାତ୍ରାଧିକ ବିଦ୍ୟୁତ୍ ବିଲ୍ ଆଦାୟ କରାଯାଉଛି। ବେଳେବେଳେ ଏଭଳି ଭୁଲ୍ ବିଦ୍ୟୁତ୍ ବିଲ୍‌କୁ ଉପଭୋକ୍ତାମାନେ ପଇଠ ନ କଲେ ତାଙ୍କର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଛି । କେବଳ ସେତିକି ନୁହେଁ, ତ୍ରୁଟିପୂର୍ଣ୍ଣ ବିଲ୍ ପ୍ରଦାନ କରିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଥିବା ବେଳେ ଏଥିରେ ସୁଧାର ଆଣିବା ପାଇଁ ଟାଟା କମ୍ପାନୀ ପକ୍ଷରୁ ନିର୍ଭୁଲ ବିଲ୍ ପ୍ରଦାନ କରାଯାଉନାହିଁ। ଏଭଳି ଚଢ଼ାଦରରେ ବିଦ୍ୟୁତ୍ ବିଲ୍ ଆଦାୟ କରାଯିବା କେତେଦୂର ଯଥାର୍ଥ ତାହାର ତଦନ୍ତ କରାଯିବା ଦରକାର।

**–ଦେବବ୍ରତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧରାରେ ନାଚଇ ନିଦାଘର ମରୀଚିକା
ଆକାଶେ ଉଠଇ ତୀବ୍ର ତପନ ଶିଖା
ଶୂନ୍ୟ ବିପିନ ନାହିଁ ଜନପଥ ଘାଟେ
ପଶୁ ବିହଙ୍ଗ ନ ଦିଶଇ ବିଲ ବାଟେ।
–(ଜୀବନର ସ୍ୱର୍ଣ୍ଣ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମାନବ କୈନ୍ଦ୍ରିକ ଜଗତୀକରଣ : ଜି-୨୦କୁ ଅନ୍ତିମ ସୋପାନରେ ପହଞ୍ଚାଇବା, କାହାକୁ ବାଦ୍ ଦେବା ନାହିଁ



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

'ବସୁଧୈବ କୁଟୁମ୍ବକମ୍'- ଆମ ଭାରତୀୟ ସଂସ୍କୃତିର ଏହି ଦୁଇଟି ଶବ୍ଦରେ ଏକ ଗଭୀର ଦାର୍ଶନିକ ବିଚାର ସମାହିତ ହୋଇ ରହିଛି। ଏହାର ଅର୍ଥ ହେଉଛି, 'ସାରା ବିଶ୍ୱ ଏକ ପରିବାର'। ଏହା ଏପରି ଏକ ସର୍ବବ୍ୟାପୀ ଦୃଷ୍ଟିକୋଣ, ଯାହା ଆମକୁ ଏକ ସାର୍ବଜନୀନ ପରିବାର ଭାବେ ପ୍ରଗତି ହାସଲ କରିବା ପାଇଁ ପ୍ରୋତ୍ସାହିତ କରିଥାଏ। ଏପରି ଏକ ପରିବାର ଯେଉଁଥିରେ ସୀମା, ଭାଷା ଓ ବିଚାରଧାରାର କୌଣସି ବନ୍ଧନ ରହିବ ନାହିଁ। ଭାରତର ଜି-୨୦ ଅଧ୍ୟକ୍ଷତା ସମୟରେ, ଏହି ବିଚାର ମାନବ-କୈନ୍ଦ୍ରିକ ପ୍ରଗତିର ଆହ୍ୱାନ ରୂପରେ ପ୍ରକଟ ହୋଇଛି। 'ଏକ ବିଶ୍ୱ' ରୂପରେ ଆମେ ମାନବ ଜୀବନକୁ ଉନ୍ନତ କରିବା ଲାଗି ଏକାଠି ହେଉଛୁ। ଆମେ ଗୋଟିଏ ପରିବାର ରୂପରେ ବିକାଶ ନିମନ୍ତେ ପରସ୍ପରର ସହଯୋଗୀ ହେଉଛୁ। ଆହୁରି ଏକ ସମାନ ଭବିଷ୍ୟତ ପାଇଁ ଆମେ ସହଭାଗୀ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଏକାଠି ଆଗକୁ ବଢ଼ୁଛୁ।

କରୋନା ମହାମାରୀ ପରବର୍ତ୍ତୀ ଦୁନିଆ ଏହା ପୂର୍ବର ସମୟଠାରୁ ସମ୍ପୂର୍ଣ୍ଣ ଅଲଗା। ସାମ୍ପ୍ରତିକ ସମୟରେ ଅନେକଗୁଡ଼ିଏ ପରିବର୍ତ୍ତନ ବ୍ୟତୀତ ତିନୋଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି।

ପ୍ରଥମତଃ, ବିଶ୍ୱ ଏବେ ଜିଡିପି-କେନ୍ଦ୍ରିତ ଦୃଷ୍ଟିକୋଣ ପରିବର୍ତ୍ତେ ମାନବ-କେନ୍ଦ୍ରିତ ଦୃଷ୍ଟିକୋଣ ଆଡ଼କୁ ଆଗକୁ ବଢ଼ିବାର ଆବଶ୍ୟକତା ରହିଛି ଏବଂ ଏହି ବାସ୍ତବତାକୁ ଏବେ ସମସ୍ତେ ହୃଦୟଙ୍ଗମ କଲେଣି।

ଦ୍ୱିତୀୟତଃ, ବିଶ୍ୱ ଯୋଗାଣ ଶୃଙ୍ଖଳ ବା ଗ୍ଲୋବାଲ ସପ୍ଲାଇ ଚେନ୍‌ରେ ଦୃଢ଼ତା ଓ ବିଶ୍ୱସନୀୟତାକୁ ସାରା ଦୁନିଆ ଏବେ ଗୁରୁତ୍ୱ ଦେଉଛି।

ତୃତୀୟତଃ, ବିଶ୍ୱସ୍ତରୀୟ ସଂସ୍ଥାରେ ସଂସ୍କାର ମାଧ୍ୟମରେ ବହୁପକ୍ଷବାଦକୁ ପ୍ରୋତ୍ସାହନ ଦେବାର ସାମୂହିକ ଆହ୍ୱାନ ଏବେ ସାମ୍ନାକୁ ଆସିଛି।

ଏସବୁ ପରିବର୍ତ୍ତନରେ ଆମର ଜି-୨୦ ଅଧ୍ୟକ୍ଷତା ଏକ ଉତ୍ପ୍ରେରକ ଭୂମିକା ନିର୍ବାହ କରୁଛି।

ଡିସେମ୍ବର ୨୦୨୨ରେ ଯେତେବେଳେ ଆମେ ଇଣ୍ଡୋନେସିଆଠାରୁ ଜି-୨୦ ଅଧ୍ୟକ୍ଷତା ଦାୟିତ୍ୱ ଗ୍ରହଣ କଲୁ, ସେତେବେଳେ ମୁଁ କହିଥିଲି, ମାନସିକତାରେ ପରିବର୍ତ୍ତନ ଆଣିବାରେ ଜି-୨୦ ଏକ ବାହକ ହେବା ଉଚିତ। ବିକାଶଶୀଳ ଦେଶ, ଦକ୍ଷିଣ ବିଶ୍ୱ ରାଷ୍ଟ୍ର ଏବଂ ଆଫ୍ରିକୀୟ ଦେଶଗୁଡ଼ିକର ଅବହେଳିତ ଆକାଂକ୍ଷାକୁ ମୁଖ୍ୟଧାରାକୁ ଆଣିବା ଲାଗି ଏହାର ବିଶେଷ ଆବଶ୍ୟକତା ରହିଛି।

ଏହି ଲକ୍ଷ୍ୟ ନେଇ ଭାରତ 'ଭଏସ୍ ଅଫ୍ ଗ୍ଲୋବାଲ ସାଉଥ ସମିଟ୍' ଆୟୋଜନ କରିଥିଲା ଏବଂ ଏଥିରେ ୧୨୫ଟି ଦେଶ ଭାଗ ନେଇଥିଲେ। ଏହା ଭାରତ ଅଧ୍ୟକ୍ଷତା ଅଧୀନରେ ଆୟୋଜନ କରାଯାଇଥିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ମଧ୍ୟରୁ ଗୋଟିଏ ଥିଲା। ଦକ୍ଷିଣ ବିଶ୍ୱ ରାଷ୍ଟ୍ରମାନଙ୍କଠାରୁ ସେମାନଙ୍କ ବିଚାର, ଅନୁଭୂତି ଜାଣିବା ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ଥିଲା। ଏହାବ୍ୟତୀତ ଆମ ଅଧ୍ୟକ୍ଷତା ଅଧୀନରେ କେବଳ ଆଫ୍ରିକୀୟ ଦେଶମାନଙ୍କର ବର୍ତ୍ତମାନ ସୁଦ୍ଧା ସବୁଠୁ ଭାଗୀଦାରି ଦେଖିବାକୁ ମିଳିଥିଲା। ଜି-୨୦ର ଏକ ସ୍ଥାୟୀ ସଦସ୍ୟ ରୂପରେ ଆଫ୍ରିକୀୟ ୟୁନିୟନକୁ ସାମିଲ କରିବା ଉପରେ ମଧ୍ୟ ଭାରତ ଜୋର୍ ଦେଇଛି।

ଆମ ଦୁନିଆ ପରସ୍ପର ସହ ଯୋଡ଼ିହୋଇ ରହିଛି। ଏହାର ଅର୍ଥ ହେଉଛି ବିଭିନ୍ନ କ୍ଷେତ୍ରରେ ଆମ ସମସ୍ୟାଗୁଡ଼ିକ ମଧ୍ୟ ପରସ୍ପର ସହ ଯୋଡ଼ିହୋଇ ରହିଛି। ବର୍ତ୍ତମାନ ୨୦୩୦ ଏଜେଣ୍ଡାର ମଧ୍ୟବର୍ତ୍ତୀ କାଳ ଚାଲିଛି ଏବଂ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ(ଏସ୍‌ଡିଜି) ବାଟବଣା ହେବାକୁ ନେଇ ଅନେକ ଦେଶ ଚିନ୍ତା ବ୍ୟକ୍ତ କରୁଛନ୍ତି। ଏସ୍‌ଡିଜି ଉପରେ ପ୍ରଗତିକୁ ତ୍ୱରାନ୍ୱିତ କରିବା ଲାଗି ଜି-୨୦ ୨୦୨୩ କାର୍ଯ୍ୟ ଯୋଜନା ଭବିଷ୍ୟତର ମାର୍ଗ ନିର୍ଦ୍ଧାରଣ କରିବ। ଏହାଦ୍ୱାରା ଏସ୍‌ଡିଜି ହାସଲ କରିବା ପାଇଁ ବାଟ ସଫା ହେବ।

ଭାରତ ପ୍ରାଚୀନ କାଳରୁ ପ୍ରକୃତି ସହ ସାମଞ୍ଜସ୍ୟ ରକ୍ଷା କରି ଆଗକୁ ବଢ଼ିବାର ଆଦର୍ଶକୁ ଗ୍ରହଣ କରି ଆସିଛି। ଆଧୁନିକ ଯୁଗରେ ମଧ୍ୟ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଦିଗରେ ଆମେ ନିଜର ଯୋଗଦାନ ଦେଉଛୁ।

ଦକ୍ଷିଣ ବିଶ୍ୱର ଅନେକ ଦେଶ ବିକାଶର ବିଭିନ୍ନ ପର୍ଯ୍ୟାୟରେ ରହିଛନ୍ତି ଏବଂ ଏହି ସମୟରେ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଉପରେ ଧ୍ୟାନ ରଖାଯିବା ଉଚିତ। ଜଳବାୟୁ କାର୍ଯ୍ୟାନୁଷ୍ଠାନର ଆକାଂକ୍ଷା ସହିତ ଜଳବାୟୁ ପାଣ୍ଠି ଯୋଗାଣ ଏବଂ ପ୍ରଯୁକ୍ତି ହସ୍ତାନ୍ତର ପ୍ରତି ମଧ୍ୟ ଆମକୁ ଧ୍ୟାନ ଦେବାକୁ ହେବ।

ଜଳବାୟୁ ପରିବର୍ତ୍ତନ ସମସ୍ୟାର ମୁକାବିଲା କରିବା ଲାଗି ଆମକୁ କଟକଣାଯୁକ୍ତ ଆଭିମୁଖ୍ୟ ବଦଳାଇବାକୁ ପଡ଼ିବ। ''କ'ଣ କରାଯିବା ଉଚିତ ନୁହେଁ'' ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ ''କ'ଣ କରାଯାଇ ପାରିବ'' ସେଥିପ୍ରତି ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି।

ସୁଦୃଢ଼ ଏବଂ ଦୀର୍ଘସ୍ଥାୟୀ ନୀଳ ଅର୍ଥ ବ୍ୟବସ୍ଥା ଲାଗି ଚେନ୍ନାଇ ଏଚ୍‌ଏଲ୍‌ପି ଆମ ମହାସାଗରଗୁଡ଼ିକୁ ସ୍ୱଚ୍ଛ ରଖିବା କାର୍ଯ୍ୟରେ ନିୟୋଜିତ ରହିଛି।

ଏକ ସବୁଜ ଉଦ୍ୟାନ ନବସୃଜନ କେନ୍ଦ୍ର ସହିତ ଆମ ଅଧ୍ୟକ୍ଷତାରେ ସ୍ୱଚ୍ଛ ଓ ସବୁଜ ଉଦ୍ୟାନ ସହ ଜଡ଼ିତ ଏକ ଗ୍ଲୋବାଲ ଇକୋସିଷ୍ଟମ୍ ପ୍ରସ୍ତୁତ ହେବ।

୨୦୧୫ରେ ଆମେ ଅନ୍ତର୍ଜାତୀୟ ସୌର ମେଣ୍ଟ ଶୁଭାରମ୍ଭ କରିଥିଲୁ। ଏବେ ବିଶ୍ୱ ଜୈବ ଇନ୍ଧନ ମେଣ୍ଟ ମାଧ୍ୟମରେ ଆମେ ବିଶ୍ୱକୁ ଇନ୍ଧନ ରୂପାନ୍ତରଣ ଯୋଗ୍ୟ କରିବା ଲାଗି ସହଯୋଗ ଯୋଗାଇ ଦେବୁ। ଏହାଦ୍ୱାରା ଚକ୍ରାକାର ଅର୍ଥ ବ୍ୟବସ୍ଥାର ଲାଭ ଅଧିକ ଲୋକଙ୍କ ନିକଟରେ ପହଞ୍ଚି ପାରିବ।

ଜଳବାୟୁ କାର୍ଯ୍ୟାନୁଷ୍ଠାନକୁ ସାର୍ବଜନୀନ ସ୍ୱରୂପ ଦେବା, ଏହି ଆନ୍ଦୋଳନକୁ ଗତିଶୀଳ କରିବାର ସବୁଠୁ ଭଲ ଉପାୟ। ଲୋକମାନେ ଯେପରି ନିଜ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି ଦୈନନ୍ଦିନ ଜୀବନରେ ନିଷ୍ପତ୍ତି ନେଇଥାନ୍ତି, ସେହିପରି ସେମାନେ ଏ ପୃଥିବୀର ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ଧ୍ୟାନରେ ରଖି ନିଜ ଜୀବନଶୈଳୀ ନିର୍ଦ୍ଧାରଣ କରିପାରିବେ। ଯୋଗ ଯେପରି ଭାବେ ବିଶ୍ୱସ୍ତରରେ ଏକ ଜନଆନ୍ଦୋଳନ ପାଲଟିଛି, ସେହିପରି ଆମେ ଦୀର୍ଘସ୍ଥାୟୀ ପରିବେଶ ପାଇଁ ଜୀବନଶୈଳୀ ବା 'ଲାଇଫ୍ ଷ୍ଟାଇଲ ଫର୍ ସଷ୍ଟେନେବଲ ଏନ୍‌ଭାଇରନ୍‌ମେଣ୍ଟ'(ଲାଇଫ୍)କୁ ପ୍ରୋତ୍ସାହିତ କରୁଛୁ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱରୂପ ଖାଦ୍ୟ ଓ ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ଏକ ବଡ଼ ଆହ୍ୱାନ ପାଲଟିବ। ଏହାର ମୁକାବିଲା କରିବାରେ ମିଲେଟ୍ସ ବା ଶ୍ରୀ ଅନ୍ନ ବେଶ୍ ସହାୟକ ହୋଇପାରିବ। ଶ୍ରୀ ଅନ୍ନ ଜଳବାୟୁ ଅନୁକୂଳ କୃଷିକୁ ମଧ୍ୟ ପ୍ରୋତ୍ସାହିତ କରୁଛି। ଅନ୍ତର୍ଜାତୀୟ ମିଲେଟ୍ସ ବର୍ଷ ସମୟରେ ଆମେ ଶ୍ରୀ ଅନ୍ନକୁ ବିଶ୍ୱସ୍ତରରେ ପହଞ୍ଚାଇ ପାରିଛୁ। 'ଦ ଡେକ୍କାନ ହାଇ ଲେଭଲ ପ୍ରିନ୍‌ସିପଲ୍ସ ଅନ୍ ଫୁଡ୍ ସିକ୍ୟୁରିଟିଜ୍ ଏଣ୍ଡ ନ୍ୟୁଟ୍ରିଶନ'ରୁ ମଧ୍ୟ ଏ ଦିଗରେ ବିଶେଷ ସହାୟତା ମିଳିପାରିବ।

ପ୍ରଯୁକ୍ତି ମାଧ୍ୟମରେ ପରିବର୍ତ୍ତନ ଆସିପାରିବ, କିନ୍ତୁ ଏହାକୁ ସମାବେଶୀ କରିବାର ମଧ୍ୟ ଆବଶ୍ୟକତା ରହିଛି। ଅତୀତରେ, ବୈଷୟିକ ପ୍ରଗତିର ଲାଭ ସମାଜର ସବୁ ବର୍ଗଙ୍କୁ ସମାନ ଭାବେ ମିଳୁ ନ ଥିଲା। ପ୍ରଯୁକ୍ତିର ଲାଭ ନେଇ କିଭଳି ଅସମାନତାକୁ ଦୂର କରାଯାଇପାରିବ ତାହା ବିଗତ କିଛି ବର୍ଷ ମଧ୍ୟରେ ଭାରତ ଦୁନିଆକୁ ଦର୍ଶାଇଛି।

ଉଦାହରଣ ସ୍ୱରୂପ ସାରା ଦୁନିଆରେ କୋଟି କୋଟି ଲୋକଙ୍କ ପାଖରେ ବ୍ୟାଙ୍କ ସୁବିଧା କିମ୍ବା ଡିଜିଟାଲ ପରିଚୟ ନାହିଁ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି(ଡିପିଆଇ) ମାଧ୍ୟମରେ ସେମାନଙ୍କର ଆର୍ଥିକ ଅନ୍ତର୍ଭୁକ୍ତୀକରଣ କରାଯାଇପାରିବ।

ଡିପିଆଇର ଉପଯୋଗ କରି ଆମେ ଯେଉଁ ପରିଣାମ ହାସଲ କରିଛୁ, ତାହା ସାରା ଦୁନିଆ ଦେଖୁଛି। ସମସ୍ତେ ଏହାକୁ ସ୍ୱୀକାର ମଧ୍ୟ କରୁଛନ୍ତି। ଏବେ ଜି-୨୦ ମାଧ୍ୟମରେ ଆମେ ବିକାଶଶୀଳ ଦେଶକୁ ଡିପିଆଇକୁ ଆପଣାଇବା, ପ୍ରସ୍ତୁତ କରିବା ଏବଂ ଏହାକୁ ବିସ୍ତାରିତ କରିବାରେ ସହାୟତା କରିବୁ; ଯାହାଫଳରେ ସେମାନେ ସମାବେଶୀ ବିକାଶର ଶକ୍ତି ହାସଲ କରିପାରିବେ।

ଭାରତ ସବୁଠୁ ଦ୍ରୁତ ଗତିରେ ବଡ଼ ଅର୍ଥ ବ୍ୟବସ୍ଥା ହୋଇଯିବା କୌଣସି ଆକସ୍ମିକ ଘଟଣା ନୁହେଁ। ଆମର ସରଳ, ବ୍ୟାବହାରିକ ଏବଂ ଦୀର୍ଘସ୍ଥାୟୀ ଉପାୟ ଦୁର୍ବଳ ଓ ବଞ୍ଚିତ ଲୋକମାନଙ୍କୁ ଆମ ବିକାଶ ଯାତ୍ରାର ନେତୃତ୍ୱ ନେବା ଲାଗି ସଶକ୍ତ କରିଛି। ମହାକାଶଠାରୁ ଆରମ୍ଭ କରି କ୍ରୀଡ଼ା, ଅର୍ଥ ବ୍ୟବସ୍ଥାଠାରୁ ଆରମ୍ଭ କରି ଉଦ୍ୟମିତା ପର୍ଯ୍ୟନ୍ତ ଭାରତୀୟ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢୁଛନ୍ତି। ଭାରତ ଆଜି ମହିଳାମାନଙ୍କ ବିକାଶଠାରୁ ଆଗକୁ ବଢ଼ି ମହିଳାଙ୍କ ନେତୃତ୍ୱରେ ବିକାଶର ମନ୍ତ୍ରରେ ଆଗକୁ ବଢୁଛି। ଆମ ଜି-୨୦ ଅଧ୍ୟକ୍ଷତା ଲିଙ୍ଗଗତ ଡିଜିଟାଲ ବ୍ୟବଧାନକୁ ଦୂର କରିବା, ଶ୍ରମଶକ୍ତିରେ ଭାଗୀଦାରିର ବ୍ୟବଧାନକୁ କମ୍ କରିବା ଏବଂ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ମହିଳାଙ୍କ ଏକ ବଡ଼ ଭୂମିକାକୁ ସକ୍ଷମ କରିବା ଦିଗରେ କାର୍ଯ୍ୟ କରୁଛି।

ଭାରତ ପାଇଁ ଜି-୨୦ ଅଧ୍ୟକ୍ଷତା କେବଳ ଏକ ଉଚ୍ଚସ୍ତରୀୟ କୂଟନୀତିକ ପ୍ରୟାସ ନୁହେଁ, ଗଣତନ୍ତ୍ରର ଜନନୀ ଓ ବିବିଧତାର ଆଦର୍ଶ ରୂପରେ ଆମେ ଏହି ଅଭିଜ୍ଞତାର ଦ୍ୱାରକୁ ଦୁନିଆ ପାଇଁ ଖୋଲି ଦେଇଛୁ।

କୌଣସି କାମକୁ ବଡ଼ ଆକାରରେ କରିବାର କଥା ଉଠିଲେ ଖୁବ୍ ସହଜରେ ଭାରତର ନାମ ଆଗକୁ ଆସିଥାଏ। ଜି-୨୦ ଅଧ୍ୟକ୍ଷତା ଏହାର କୌଣସି ବ୍ୟତିକ୍ରମ ନୁହେଁ। ଏହା ଭାରତରେ ଏକ ଜନ ଆନ୍ଦୋଳନ ପାଲଟିଛି।

ଆମର ଜି-୨୦ ଅଧ୍ୟକ୍ଷତା ସମୟରେ ଆମେ ଭାରତର ୬୦ଟି ସହରରେ ୨୦୦ରୁ ଅଧିକ ବୈଠକ ଆୟୋଜନ କରିସାରିଛୁ। ଏହି ସମୟରେ ଆମେ ୧୨୫ ଦେଶର ପାଖାପାଖି ୧,୦୦,୦୦୦ ପ୍ରତିନିଧିଙ୍କୁ ଆତିଥେୟ ପ୍ରଦାନ କରିସାରିଛୁ। ଅନ୍ୟ କୌଣସି ଦେଶର ଅଧ୍ୟକ୍ଷତା ସମୟରେ ଏତେ ବିଶାଳ ଓ ବିବିଧ ଭୌଗୋଳିକ ବିସ୍ତାରକୁ ଏପରି ଭାବେ ସାମିଲ କରାଯାଇନାହିଁ।

ଭାରତର ଜନସଂଖ୍ୟା, ଗଣତନ୍ତ୍ର, ବିବିଧତା ଓ ବିକାଶ ବିଷୟରେ ଅନ୍ୟ କାହାଠାରୁ ଶୁଣିବା ଗୋଟିଏ କଥା ଏବଂ ଏହାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବା ଭିନ୍ନ କଥା। ମୋର ବିଶ୍ୱାସ ରହିଛି ଯେ ଆମର ଜି-୨୦ ପ୍ରତିନିଧିମାନେ ନିଜେ ଏହାକୁ ଅନୁଭବ କରିବେ।

ଆମ ଜି-୨୦ ଅଧ୍ୟକ୍ଷତା ବିଭାଜନକୁ ଦୂର କରିବା, ବାଧା ଦୂରେଇ ଦେବା ଏବଂ ସହଯୋଗକୁ ଗଭୀର କରିବା ଲାଗି ପ୍ରୟାସ କରିଥାଏ। ଆମ ଭାବନା ଏପରି ଏକ ଦୁନିଆ ନିର୍ମାଣ କରିଛି, ଯେଉଁଠି ଏକତା ପ୍ରତ୍ୟେକ ମତଭେଦଠାରୁ ଉପରେ ରହିଛି, ଯେଉଁଠି ସହଭାଗୀ ଲକ୍ଷ୍ୟ ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ସମାପ୍ତ କରିଦେଇଛି।

ଜି-୨୦ ଅଧ୍ୟକ୍ଷ ଭାବେ ଆମେ ବିଶ୍ୱ ମଞ୍ଚକୁ ଆହୁରି ବ୍ୟାପକ କରିବାକୁ ସଂକଳ୍ପ ନେଇଥିଲୁ, ଯେଉଁଥିରେ ସମସ୍ତଙ୍କ ସ୍ୱର ଶୁଣାଯିବ ଏବଂ ପ୍ରତ୍ୟେକ ଦେଶ ଯେପରି ନିଜର ଯୋଗଦାନ ଦେଇପାରିବେ ତାହା ସୁନିଶ୍ଚିତ କରାଯାଇଛି। ଆମେ କାମ ଓ ସ୍ପଷ୍ଟ ପରିଣାମ ସହିତ ନିଜ ସଂକଳ୍ପ ପୂରଣ କରିପାରିଛୁ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।

## ପ୍ରଶିକ୍ଷଣ କେନ୍ଦ୍ରରେ ରୋଷେଇ କରୁଛନ୍ତି ହୋମଗାର୍ଡ

**ଲୋଇସିଂହା,୭ା୯(ସୁଶାନ୍ତ ବାରିକ):** ସମ୍ବଲପୁର ଜିଲା ବୁର୍ଲାରେ ରହିଛି ଓଡିଶା ଆରକ୍ଷୀ ପ୍ରାଥମିକ ପ୍ରଶିକ୍ଷଣ ଅନୁଷ୍ଠାନ। ଏଠାରେ ବିଗତ ୫ ମାସ ହେଲା ବଲାଙ୍ଗୀର ଜିଲାର ବିଭିନ୍ନ ଥାନାର ୫ଜଣ ହୋମଗାର୍ଡ ରୋଷେୟା ଭାବେ ନିୟୋଜିତ ରହିଛନ୍ତି। ସେଠାରେ ସ୍ୱତନ୍ତ୍ର ରୋଷେୟା ଥିଲେ ସୁଦ୍ଧା ହୋମଗାର୍ଡଙ୍କୁ ନିୟୋଜିତ କରିବାକୁ ନେଇ ସେମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ନୋ ୱାର୍କ ନୋ ପେରେ କାମ କରିଛନ୍ତି ହୋମଗାର୍ଡ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଯାଇଥିବାରୁ ଛଟେଇ ଭୟରେ ପ୍ରତିବାଦ କରିବାରୁ ସହାସ ଜୁଟାଇ ପାରୁନାହାନ୍ତି। ଏସମ୍ପର୍କରେ ବଲାଙ୍ଗୀର ପୋଲିସ ଆରଆଇ ପ୍ରଦୀପ୍ତ ଦେବତାଙ୍କ ପ୍ରତିକ୍ରିୟା ନେବା ପାଇଁ ମୋବାଇଲ ନଂ ୯୦୪୦୨୭୩୬୩୫ଯୋଗାଯୋଗ କରାଯାଇଥିଲା। ଫୋନ ରିଙ୍ଗ ହେଉଥିଲେ ବି ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

## କାଏରୋ ପ୍ରଦର୍ଶନୀରେ ଅଶ୍ୱିନୀ-ଅବନୀଙ୍କ କେରିକେଚର୍

**ବଲାଙ୍ଗୀର, ୭ା୯**
**(ବୀରେନ୍ଦ୍ର କୁମାର ଝାଙ୍କର)**

ସମ୍ପ୍ରତି ଇଜିପ୍ଟର ରାଜଧାନୀ କାଏରୋଠାରେ ଇଣ୍ଡିଆନ୍ କଲଚରାଲ୍ ସେଣ୍ଟର ଆନୁକୂଲ୍ୟରେ ଫେୟୋମ୍‌ସ୍ଥିତ କେରିକେଚର୍ ମ୍ୟୁଜିୟମ ଏବଂ (ଫେକୋ) ଇଜିପ୍ଟ କାର୍ଟୁନ୍ ସହାୟତାରେ ମହାତ୍ମା ଗାନ୍ଧୀ ସମ୍ପର୍କିତ ଓ ସ୍ପିରିଟ୍ ଅଫ୍ ଗାନ୍ଧୀ ଶୀର୍ଷକ ଏକ ଆନ୍ତର୍ଜାତିକ କେରିକେଚର୍ ପ୍ରଦର୍ଶନୀ ଆରମ୍ଭ ହୋଇଛି। ପ୍ରଦର୍ଶନୀରେ ଓଡ଼ିଶାର ବହୁ ପରିଚିତ କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଦ୍ୱାରା ଅଙ୍କିତ ଗାନ୍ଧିଜୀଙ୍କର ଏକ କେରିକେଚର ପ୍ରଦର୍ଶିତ ହୋଇଛି। ଏହି ଚିତ୍ରଟିରେ ଅତି ସରଳ ଭାବରେ ଅହିଂସାର ପ୍ରତୀକ କପୋତ ମାଧ୍ୟମରେ ମହାତ୍ମାଙ୍କ ପରିକଳ୍ପନା କରାଯାଇଛି। କାଏରୋଠାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଅଜିତ ଗୁପ୍ତେ ଓ ଫେୟୋମ୍ ଆର୍ଟ ସେଣ୍ଟର ପ୍ରତିଷ୍ଠାତା ତଥା ପ୍ରସିଦ୍ଧ ଚିତ୍ରକର ଡ. ମୋହାମେଦ ଅବ୍ଲାଙ୍କ ଦ୍ୱାରା ଯୁଗ୍ମ ଭାବେ ଉଦ୍‌ଘାଟିତ ପ୍ରଦର୍ଶନୀରେ ଇଜିପ୍ଟ ତଥା ବିଶ୍ୱର ବିଭିନ୍ନ ଦେଶର ୪୫ ଜଣ ବ୍ୟଙ୍ଗଚିତ୍ର ଶିଳ୍ପୀଙ୍କ କେରିକେଚର ସ୍ଥାନିତ ହୋଇଛି। ଏଥିସହ କାଏରୋଠାରେ ଅବସ୍ଥାପିତ ସ୍ଲୋଭାକ୍‌ର ରାଷ୍ଟ୍ରଦୂତ ଲେଙ୍କା ମିହାଲିକୋଭା ଓ ବୈଦେଶିକ ବିଭାଗ ଗୁଡ଼ିକର ଉପରିସ୍ଥ କର୍ମଚାରୀଗଣଙ୍କ ଉପସ୍ଥିତି, କାର୍ଟୁନିଷ୍ଟ ଫଅଜି ମୋର୍ସିଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବକୁ ଆହୁରି ଋଦ୍ଧିମନ୍ତ କରିଥିଲା। ଏ ସମ୍ପର୍କରେ ଆୟୋଜିତ ଏକ ବିଶେଷ ସଭାରେ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଏବଂ ବର୍ତ୍ତମାନର ପରିପ୍ରେକ୍ଷୀରେ ଏହାର ଉପଯୋଗିତା ଉପରେ ଆଲୋଚନା ହୋଇଥିଲା। ଏଥିସହ ବ୍ୟଙ୍ଗଚିତ୍ର ଶିଳ୍ପୀଙ୍କ ତୂଳୀରେ ଏହାର ନିଚ୍ଛକ ପ୍ରତିଫଳନକୁ ଭୂୟସୀ ପ୍ରଶଂସା କରାଯାଇଥିଲା ଏବଂ ଏକ ପ୍ରଦର୍ଶନୀ ପୁସ୍ତିକାର ଶୁଭ ଉନ୍ମୋଚନ ସମ୍ପନ୍ନ ହୋଇଥିଲା।




ସ୍ପିରିଟ୍ ଅଫ୍ ଗାନ୍ଧୀ, କାଏରୋ-ପ୍ରଦର୍ଶନୀରେ ଅଶ୍ୱିନୀ-ଅବନୀଙ୍କ କେରିକେଚର୍।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ଦେଓଗାଁ, ୭ା୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ନ ଏକ ମୂଲ୍ୟବର୍ଦ୍ଧିତ ପୌଷ୍ଟିକ ଅଥବା ଭ୍ରାନ୍ତି ଆହାର ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଅମ୍ବରୀଶ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ମମତା ମହାଲିକ, ସମ୍ମାନୀତ ଅତିଥିଭାବେ ଏବିଇଓ ଅଜିତ କୁମାର ମିଶ୍ର ଯୋଗଦେଇ ବିଜ୍ଞାନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ବ୍ଲକର ୨୮ଟି ହାଇସ୍କୁଲର ଛାତ୍ରୀଛାତ୍ର ଯୋଗଦେଇ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ବରିଷ୍ଠ ବିଭାଗରେ ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟର ଗୁଞ୍ଜନ ମେହେର ପ୍ରଥମ, ଧଣ୍ଡାମାଲ ହାଇସ୍କୁଲର ଅଙ୍କିତା ମିଶ୍ର ଦ୍ୱିତୀୟ ଓ ବନ୍ଧପଡା ହାଇସ୍କୁଲର ବୈଷ୍ଣବୀ ସିଂ ନିନା ଓ ଅର୍ଜ୍ଜୁନପୁର ହାଇସ୍କୁଲର ଅଙ୍କିତ କୁମାର ବାଗ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜୁନିୟରରେ ଉପରଝର ହାଇସ୍କୁଲର ପ୍ରତ୍ୟୁଷ ବେହେରା ପ୍ରଥମ, ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟର ଅଭିଷେକ ସାହୁ ଦ୍ୱିତୀୟ, ସାଧାରଣଜ୍ଞାନରେ ଧଣ୍ଡାମାଲ ହାଇସ୍କୁଲର ଅଙ୍କିତା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବନ୍ଧପଡାର ବୈଷ୍ଣବୀ ସିଂ ନିନା ଦ୍ୱିତୀୟ ଓ ଆଦର୍ଶ ବିଦ୍ୟାଳୟର ଶ୍ଲୋକ ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## 'ଶ୍ରମିକ, ପାଚିକାଙ୍କୁ ସର୍ବନିମ୍ନ ମଜୁରି ଦିଅ'

**ବଲାଙ୍ଗୀର, ୭ା୯**
**(ବୀରେନ୍ଦ୍ର କୁମାର ଝାଙ୍କର)**

ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିଅନ୍ କଂଗ୍ରେସ, ଓଡିଶା ନିର୍ମାଣ ଶ୍ରମିକ ସଂଘ (ଏଆଇଟିୟୁସି), ପଶ୍ଚିମାଞ୍ଚଳ ଏମ୍‌ଡିଏମ୍ ପାଚିକା କର୍ମଚାରୀ ଫେଡେରେସନ୍ ପକ୍ଷରୁ ଗୁରୁବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୧୨ ଦଫା ଦାବିପତ୍ର ନେଇ ଏକ ରାଲିରେ ଶତାଧିକ ପାଚିକା, ନିର୍ମାଣ ଶ୍ରମିକ ଜିଲାପାଳ କାର୍ଯ୍ୟାଳୟ ଆସିଥିଲେ। ଏଥିରେ ଯୋଗଦେଇ ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଏବଂ ସରକାରୀ ଉଦାସୀନତା ଉପରେ ବର୍ଷିଥିଲେ। ଶ୍ରମିକ ଏବଂ ପାଚିକା ମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ କରିବାରେ ସରକାରୀ ବିଫଳତା ସମ୍ପର୍କରେ ସମାଲୋଚନା କରିଥିଲେ। ପ୍ରତ୍ୟେକ ପାଚିକା ଏବଂ ଶ୍ରମିକଙ୍କୁ ୧୨ ମାସ ଧରି ମାସିକ ୧୮ ହଜାର ଟଙ୍କା ସର୍ବନିମ୍ନ ମଜୁରି ପ୍ରଦାନ କରିବାକୁ ଦାବି କରିଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଏକ ମାସ ଭିତରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ କରାଯିବା, ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦଲାଲମାନଙ୍କୁ ଚିହ୍ନଟ କରାଯାଇ ଆଇନ ଅନୁଯାୟୀ ଦଣ୍ଡିତ କରାଯିବା, କୃଷକଙ୍କୁ ୬୦ ବର୍ଷ ପରେ ୫ ହଜାର ପେନ୍‌ସନ ପ୍ରଦାନ କରାଯିବାକୁ ଦାବି କରାଯାଇଛି। ପାଚିକା ସଂଘ ସଭାପତି ପାଣ୍ଡବ ଭୋଇଙ୍କ ନେତୃତ୍ୱରେ ପାଚିକା ସଂଘ ସମ୍ପାଦିକା ମାଧବୀ କଲତା, ଉପସଭାପତି ଅର୍ଜ୍ଜୁନ ଖର୍ସେଲଙ୍କ ସହ ଶତାଧିକ ପାଚିକା ଏବଂ ନିର୍ମାଣ ଶ୍ରମିକ ଆଜିର ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ପାଚିକମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

**ବଲାଙ୍ଗୀର, ୭ା୯ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ସଦର ବ୍ଲକ ଜୋନ ନମ୍ବର ୨୩ର ବିଭିନ୍ନ ଗାଁରେ ଗୁରୁବାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ। ସଦେଇପାଲି ପଞ୍ଚାୟତର ଗନ୍ଧରେଲ, ବୈଦିପାଲି ପଞ୍ଚାୟତର ବରଗାଁ, ବିଡିଘାଟ, ଟିକଲବାହାଲ ପଞ୍ଚାୟତର ଫଟକରା ଶିବତଲା ପଞ୍ଚାୟତର କୁନ୍ଦପାଣି, ସାହାଜବାହାଲ ପଞ୍ଚାୟତର କୁନ୍ଦପଥର, ସାହାଜବାହାଲ, ଭୁତିଆରବାହାଲ ପଞ୍ଚାୟତ କୁଠୁର୍ଲା, କୁଡାସିଂହା ପଞ୍ଚାୟତର ସିରିଶ, ଶିକାଛିଡା ପଞ୍ଚାୟତ ଖର୍ଲିକାନି, ବରକାନି ପଞ୍ଚାୟତ ନାରାୟଣପୁର ଓ ମାଧିଆପାଲିଠାରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଯୋଜନାରେ ସାମାଜିକ ତଥା ଧାର୍ମିକ ଅନୁଷ୍ଠାନର ଉନ୍ନତିକରଣ ପାଇଁ ଅନୁଦାନ ଅନୁମୋଦିତ ପ୍ରକଳ୍ପ ପାଇଁ ସେ ଶିଳାନ୍ୟାସ କରିଥିଲେ। ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ଜିଲା ପରିଷଦ ସଭ୍ୟା ସଙ୍ଗୀତା ସୁନା, କୈଳାସ ଚନ୍ଦ୍ର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ ଉପସ୍ଥିତ ଥିଲେ।

## କୃଷି ବିଭାଗ ଚଢାଉ, କାର୍ଯ୍ୟାନୁଷ୍ଠାନ ନାହିଁ

**ଲୋଇସିଂହା,୭ା୯(ସୁଶାନ୍ତ ବାରିକ)**

### ବିନା ଲାଇସେନ୍ସରେ ସାର ଦୋକାନ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୁର୍ଜିଭଟା ଛକରେ ଏକ ସାର ଓ କୀଟନାଶକ ଦୋକାନ ବିନା ଲାଇସେନ୍ସରେ ଚାଲିଛି। ଏହିଭଳି ଅଭିଯୋଗ ପରେ ମଙ୍ଗଳବାର ଭାରପ୍ରାପ୍ତ କୃଷି ଅଧିକାରୀ ସୁଜାତା ଛତ୍ରିଆ ଓ ସହକାରୀ କୃଷି ଅଧିକାରୀ ରୋହନ ସାହୁ ସେହି ଦୋକାନ ଉପରେ ଚଢାଉ କରିଥିଲେ। ଏହାପରେ ସମ୍ପୃକ୍ତ ଦୋକାନୀଙ୍କୁ କୃଷି ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିଲେ ଦୋକାନରେ ଥିବା ସାମଗ୍ରୀ ଜବତ ସହ ଦୋକାନୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୃଷି ଅଧିକାରୀ ଛତ୍ରିଆ କହିଛନ୍ତି।

ସୂଚନା ଅନୁସାରେ ଉକ୍ତ ଛକରେ ବିଗତ ୩ ବର୍ଷ ହେଲା ମୁନା ସାହୁଙ୍କ ସାର ଓ କୀଟନାଶକ ଦୋକାନ ରହିଛି। ବିନା ଲାଇସେନ୍ସରେ ଏହା ଚାଲିଥିବା ଅଭିଯୋଗ ହୋଇ ଆସୁଛି। ଗତବର୍ଷ ମଧ୍ୟ ସ୍ଥାନୀୟ କୃଷିବିଭାଗ ପକ୍ଷରୁ ଉକ୍ତ ଦୋକାନରେ ଚଢାଉ କରାଯାଇଥିଲା। ହେଲେ ସେତେବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ରଫଦଫା ହୋଇଯାଇଥିଲା। ଏହି ପରିସ୍ଥିତିରେ ସେଠାରେ ବିକ୍ରିହେଉଥିବା ସାର ଓ କୀଟନାଶକର ମାନ ଓ ଗୁଣବତ୍ତାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷେ କୃଷି ବିଭାଗ ଚଢାଉ କରିଥିଲେ ସୁଦ୍ଧା ଦୋକାନକୁ ସିଲ୍ କରି ନ ଥିଲେ। ଫଳସ୍ୱରୂପ ବ୍ୟବସାୟୀ ଜଣକ ଦୋକାନ ଏବଂ ଗୋଦାମରେ ଷ୍ଟକ ସାରକୁ ଅନ୍ୟତ୍ର ପାର କରି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ କୃଷି ଅଧିକାରୀ ଛତ୍ରିଆ କହିଛନ୍ତି ଗତ କିଛିମାସ ହେଲା ମୁଁ ଦାୟିତ୍ୱରେ ରହିଛି। ଗତବର୍ଷ କଥା କହି ପାରିବି ନାହିଁ। ଯଦି ଏପରି ହୋଇଛି ନିଶ୍ଚିତଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପ୍ରଥମ ପୃଷ୍ଠାରୁ...

### ଝିଅ ପ୍ରେମ ବିବାହ...

ଫଟୋ ଏବଂ ଶ୍ରଦ୍ଧାଞ୍ଜଳି ପୋଷ୍ଟର ଲଗାଇଛନ୍ତି। ଗୋଟିଏ ପଟେ ଦୀପାଞ୍ଜଳିଙ୍କ ଶାଶୁଘରେ ବିବାହର ଚତୁର୍ଥୀ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ତାଙ୍କ ବାପଘର ଲୋକମାନେ ପଣ୍ଡିତ ଡକାଇ ବିଧିବିଧାନ ଅନୁସାରେ ଝିଅ ଜୀବିତ ଥାଇ ଶୁଦ୍ଧି ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀପାଞ୍ଜଳିଙ୍କ ଶାଶୁଘର ଓ ବାପଘରର ଦୂରତ୍ୱ ମାତ୍ର ଶହେ ମିଟର ହୋଇଥିବାରୁ ଏହା ଅଧିକ ଚର୍ଚ୍ଚାର ପରିସରକୁ ଆସିଛି। ଏ ନେଇ ରାଜେନ୍ଦ୍ରଙ୍କ ବାପା ଅନାମଙ୍କୁ ପଚାରିବାରେ ସରକାରୀ ଆଇନକାନୁନ ଓ ବିଧିବିଧାନ ଅନୁସାରେ ସେ ତାଙ୍କ ପୁଅର ବାହାଘର କରିଛନ୍ତି। ଉଭୟେ ପୁଅ ଏବଂ ବୋହୂ ସାବାଳକ। କିନ୍ତୁ ସେମାନେ ମୋ ବୋହୂର ଜୀବନ୍ତ ଶୁଦ୍ଧି ହେବା ସହ ଆଜି ନୂଆବଜାରରେ ତା'ର ଶ୍ରଦ୍ଧାଞ୍ଜଳି ବ୍ୟାନର ଲଗାଇଛନ୍ତି, ଯାହାକି ଅତ୍ୟନ୍ତ ନିନ୍ଦନୀୟ। ଅପରପକ୍ଷରେ ଦୀପାଞ୍ଜଳିଙ୍କ ଦାଦା ବାବୁରାମ କୁହନ୍ତି, ସେମାନେ ଦୀର୍ଘଦିନ ହେବ ଏହି ପ୍ରେମ ସମ୍ପର୍କରେ ଜାଣିବା ପରେ ବିରୋଧ କରୁଥିଲେ। ଝିଅ ତାଙ୍କ କଥା ନ ମାନି ଘର ଛାଡ଼ି ପଳାଇ ପ୍ରେମ ବିବାହ କରିଥିବାରୁ ଏଭଳି ଏକ ଚରମ ନିଷ୍ପତ୍ତି ନିଆଯାଇଛି।

### ପରିବହନ ଯାନରେ ...

ମନ୍ତ୍ରଣାଳୟର ଗାଇଡ୍‌ଲାଇନ୍ ଅନୁସାରେ ସମସ୍ତ ସାର୍ବଜନୀନ ପରିବହନ ସେବା ଯୋଗାଉଥିବା ଗାଡ଼ିରେ ଏହି ଡିଭାଇସ୍ ଲଗାଇବା ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ରାଜ୍ୟ ସରକାର ଏହି ଅବଧିକୁ ବାରମ୍ବାର ବୃଦ୍ଧି କରି ଆସୁଥିଲେ।

### ସେପ୍ଟେମ୍ବର ୨୦ରେ ...

କରିଥିଲେ। ପରେ ପଣ୍ଡିତ ମହାସଭାର ପଣ୍ଡିତମାନେ ନକ୍ଷତ୍ର ଗଣନା କରି ଲଗ୍ନ ଧାର୍ଯ୍ୟ କରିଥିଲେ। ବ୍ରହ୍ମପୁରା ଠାକୁରଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତମାନେ ଧାର୍ଯ୍ୟ ଲଗ୍ନକୁ ସର୍ବସାଧାରଣରେ ପାଠ କରିଥିଲେ। ପରେ ମନ୍ଦିର ପୂଜକ ଓ ଟ୍ରଷ୍ଟବୋର୍ଡ ସଭ୍ୟମାନେ ସମଲେଇ ମନ୍ଦିର ଯାଇ ଲଗ୍ନ ଅର୍ପଣ କରିଥିଲେ। ପଣ୍ଡିତ ମହାସଭାରେ ସଭାପତି ରବିନାରାୟଣ ପଣ୍ଡା, ପଣ୍ଡିତ ଜିତେନ୍ଦ୍ର ନନ୍ଦ, ପଣ୍ଡିତ ରାକେଶ ମିଶ୍ର, ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର କରଶର୍ମା, ପଣ୍ଡିତ ଲକ୍ଷ୍ମଣ ବେହେରା, ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ଗୋପୀନାଥ ପଣ୍ଡାଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ପଣ୍ଡିତମାନେ ଯୋଗଦେଇଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସରୋଜ ଦଳପତ ଓ ସଭ୍ୟ ଶୁଭେନ୍ଦୁ ମିଶ୍ର, ସଞ୍ଜୟ କୁମାର ମିଶ୍ର, ଅମରନାଥ ସୂପକାର, ସୀତାକାନ୍ତ ପାଣିଗ୍ରାହୀ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥସାରଥି ମିଶ୍ର, ଶୁଭେନ୍ଦ୍ର ପଣ୍ଡା ସଭା ଆୟୋଜନ କରିଥିଲେ।

### ମହାକାଶରେ ସେଲ୍‌ଫି ...

କୋରୋନାଗ୍ରାଫ୍ (ଭିଇଏଲ୍‌ସି), ଯାହା ସୂର୍ଯ୍ୟ ପୃଷ୍ଠର ଫଟୋ ଉଠାଇବା ସହ ସ୍ପେକ୍ଟ୍ରୋସ୍କୋପି ଅଧ୍ୟୟନ କରିବ। ଅନ୍ୟଟି ହେଲା ସୋଲାର ଅଲଟ୍ରାଭାଓଲେଟ୍ ଇମେଜିଂ ଟେଲିସ୍କୋପ୍ (ଏସ୍‌ୟୁଆଇଟି), ଯାହା ଫଟୋସ୍ପିୟର ଏବଂ କ୍ରୋମୋସ୍ପିୟରର ଅନୁଧ୍ୟାନ କରିବ। ଏହା ବ୍ୟତୀତ ମହାକାଶରୁ ପୃଥିବୀ ଏବଂ ଚନ୍ଦ୍ର କିପରି ଦୃଶ୍ୟ ହେଉଛି, ତାହାର ଫଟୋ ଆଦିତ୍ୟ-ଏଲ୍‌୧ ଇସ୍ରୋକୁ ପଠାଇଛି। ସେପ୍ଟେମ୍ବର ୨ରେ ପିଏସ୍‌ଏଲ୍‌ଭି ସହାୟତାରେ ଆଦିତ୍ୟ-ଏଲ୍‌୧କୁ ମହାକାଶକୁ ଛଡ଼ାଯାଇଥିଲା। ଏହା ଲଞ୍ଚ ହେବାଠାରୁ ୧୬ ଦିନ ପୃଥିବୀ ଚାରିପଟେ ଘୁରିବା ସହ ଏକାଧିକ କକ୍ଷ ଉତ୍ଥାନ ପରେ ସୂର୍ଯ୍ୟ ଅଭିମୁଖେ ଯାତ୍ରା କରିବ। ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ପହଞ୍ଚିବା ପରେ ଏହା ଲାଗ୍ରାଙ୍ଗ ପଏଣ୍ଟ-୧ରେ ରହି ସୂର୍ଯ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବ।

### 'ସନାତନ' ବିବାଦରୁ ...

ଏହାକୁ ଅନୁମତି ଦେଇନାହିଁ। ଭାରତୀୟ ଜାତୀୟ କଂଗ୍ରେସ ଏଭଳି ମନ୍ତବ୍ୟରେ ବିଶ୍ୱାସ କରେନାହିଁ ବୋଲି ଖେରା ସ୍ପଷ୍ଟ କରିଦେଇଛନ୍ତି। ତେବେ ଡିଏମ୍‌କେ ନେତାଙ୍କ ମନ୍ତବ୍ୟକୁ କଂଗ୍ରେସ ନିନ୍ଦା କରୁନାହିଁ କାହିଁକି ବୋଲି ପ୍ରଶ୍ନ ହେବାରୁ ଖେରା କହିଥିଲେ, ଆମେ ଏଭଳି ମନ୍ତବ୍ୟ ସହ ଏକମତ ନୋହୁଁ। ସହଯୋଗୀ ଦଳ ଡିଏମ୍‌କେ ସହ ଏହି ପ୍ରସଙ୍ଗ ଉଠାଇବାର ଆବଶ୍ୟକତା ନାହିଁ। କାରଣ ଆମେ ଜାଣୁ ମେଣ୍ଟର ସବୁ ଦଳ ପ୍ରତ୍ୟେକ ଧର୍ମକୁ ସମ୍ମାନ ଦିଅନ୍ତି।

ଅନ୍ୟ ପକ୍ଷରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ଗୁରୁବାର ନିଜ ପୁଅ ଉଦୟନିଧିଙ୍କ ସମର୍ଥନ କରିଛନ୍ତି। ସେ କହିଛନ୍ତି, ଉଦୟନିଧି କେବଳ ସନାତନ ଧର୍ମରେ ଥିବା ଅମାନବୀୟ ନୀତି ସମ୍ପର୍କରେ କହିଥିଲେ, ଯାହା ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରିଛି। କୌଣସି ଧର୍ମ କିମ୍ବା ଧର୍ମୀୟ ବିଶ୍ୱାସକୁ ଅପମାନିତ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ଷ୍ଟାଲିନ୍ କହିଛନ୍ତି। ଜାତିଭିତ୍ତିକ ଭେଦଭାବର ପ୍ରଚାର କରୁଥିବା ଏବଂ ଆଧ୍ୟାତ୍ମିକ ମଞ୍ଚରେ ମହିଳାମାନଙ୍କୁ ଅପମାନିତ କରୁଥିବା କିଛି ଲୋକଙ୍କୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି। ଦମନମୂଳକ ସିଦ୍ଧାନ୍ତ ବିରୋଧରେ ଉଦୟନିଧିଙ୍କ ଅଭିମୁଖ୍ୟକୁ ଭାଜପା ସପକ୍ଷବାଦୀ ଶକ୍ତି ସହ୍ୟ କରିପାରୁ ନାହାନ୍ତି। ସେଥିପାଇଁ ସେମାନେ ଉଦୟନିଧିଙ୍କ ମନ୍ତବ୍ୟ ସମ୍ପର୍କରେ ବିଭ୍ରାନ୍ତିକର ପ୍ରଚାର ଚଳାଇଥିବା ଷ୍ଟାଲିନ୍ କହିଛନ୍ତି।

### ସରପଞ୍ଚ ସଂଘ ପକ୍ଷରୁ ନୂତନ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ନୂତନ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କୁ ଖଡିଆଳ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ସରପଞ୍ଚ ସଂଘ କୋଷାଧକ୍ଷ ତୁକାରାମ ହିଆଲ, ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା, ସାମାଜିକକ କର୍ମୀ କ୍ଷୀରୋଦ ବେହେରା, ବିକ୍ରମ ତାଣ୍ଡି, ମନୋଜ ବେହେରା, ଈଶ୍ୱର ଜାଲ, ଦିବ୍ୟ ବେହେରାଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଅପରାଧ ନିୟନ୍ତ୍ରଣ ଉପରେ ଥାନାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର, ଜେଲଗଲେ ଅଭିଯୁକ୍ତ

ଲୋଇସିଂହା,୭।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଯୋଗୀସର୍ଡାର ଜଣେ ବିବାହିତ ମହିଳା ବଳାତ୍କାର ଶିକାର ହୋଇଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ପୀଡିତାଙ୍କ ଅଭିଯୋଗ ଆଧାରରେ ଗ୍ରାମର ଦୀପ କୁମାର



ପଧାନ(୨୬)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହଜାତକୁ ପଠାଇ ଦେଇଛି। ଏନେଇ ଦଫା ୩୭୬ରେ ଏକ ମାମଲା ରୁଜୁ ହୋଇଥିବା ଏସ୍ଆଇ ଅଭିନାଶ ନାୟକ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, କିଛିଦିନ ତଳେ ଅଭିଯୁକ୍ତ ଦୀପକ ସମ୍ପୃକ୍ତ ମହିଳାଙ୍କ ସହ ଥିବା ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ସମାଜିକ ଗଣମାଧ୍ୟରେ ଭାଇରାଲ କରିଥିଲେ। ଏହା ପ୍ରଘଟ ହେବା ପରେ ଗ୍ରାମବାସୀ ଏବଂ ମହିଳାଙ୍କ ପରିବାର ଲୋକେ ଏହା ଜାଣିବାକୁ ପାଇଥିଲେ । ଏହାପରେ ସମ୍ପୃକ୍ତ ମହିଳା ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ଦୀପକ ତାଙ୍କୁ ବିଭିନ୍ନ ସମୟରେ ଡରାଇ ଧମକାଇ ବାରମ୍ବାର ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଇଥିଲେ। ଏହା ପରେ ପୋଲିସ ଅଭିଯୁକ୍ତ ଦୀପକଙ୍କୁ ଗରିଫ କରିଥିଲା। ବୁଧବାର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡିତା ଓ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା କରାଯାଇଥିଲା ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ନାୟକ କହିଛନ୍ତି।

### ମୁରିବାହାଲରେ ଜନ୍ମାଷ୍ଟମୀ, ନନ୍ଦୋତ୍ସବ

ମୁରିବାହାଲ, ୭।୯(ଶ୍ରୀବତ୍ସ ବେହେରା )

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେବିଭିନ୍ନ ଅନୁଷ୍ଠାନ ତରଫରୁ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି । ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରୀତିଯୋଗୀ ଅନୁଷ୍ଠିତ କରାଯାଇଥିଲା। ଏଥିରେ ଅଙ୍କିଶା ଧାରୁଆ ପ୍ରଥମ, ଅଧିରା ବାଗ ଦ୍ୱିତୀୟ, ଆଦର୍ଶ ମେହେର ତୃତୀୟ ସ୍ଥାନ ହାସଲ କରିଥିଲେ। ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ସୁମନାନନ୍ଦ ଖମାରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପକ ଘନଶ୍ୟାମ ଖମାରି ମୁଖ୍ୟଅତିଥି, ବିଶିଷ୍ଟ ସାମାଜିକ କର୍ମୀ ଗିରିଧାରୀ ବାଗ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ବିଚାରକ ଭାବେ ସମ୍ପାଦକ ଭରତ ଦାସ, ସହସମ୍ପାଦକ ଗଙ୍ଗାଧର ହେର୍ଣ୍ଣା, ଉପସଭାପତି ରାଜୀବ କୁଅଁର ଯୋଗଦେଇଥିଲେ । ସେହିପରି ମୁରିବାହାଲ ରାଧାକୃଷ୍ଣ ଓ ଶିବ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ତରୁଣ ପୋଡ଼ ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ପୋଡ଼ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

### ଅଧ୍ୟାପିକା ନିଯୁକ୍ତିରେ ଅନିୟମିତତା, ଉପଜିଲାପାଳଙ୍କୁ ଫେରାଦ

ଟିଟିଲାଗଡ଼,୭।୯(ଶରତ ମିଶ୍ର)

ଟିଟିଲାଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେଯୁକ୍ତ୩ପାଇଁ ଚୁକ୍ତିଭିତ୍ତିକ ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗୁରୁବର ଜଣେ ପ୍ରାର୍ଥୀନୀ ସୁଫରା ବାନୋ ଉପଜିଲାପାଳ ଦୟାମୟ ପାଢ଼ିଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହ ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଡାକଯୋଗେ ଫେରାଦ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ମହାବିଦ୍ୟାଳୟର ୧୧ଟି ବିଭିନ୍ନ ବିଭାଗରେ ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହାକୁ ନେଇ ଗତ ଜୁଲାଇ ୮ତାରିଖରେ ଆବେଦନକାରୀଙ୍କ କାଗଜପତ୍ର ଯାଞ୍ଚ ସହମୌଖିକ ପରୀକ୍ଷା ହୋଇଥିଲା। ତେବେ ଫଳ ପ୍ରକାଶନ ପରେ ହିନ୍ଦୀ ଅଧ୍ୟାପିକା ପଦ ପାଇଁ ଆବେଦନ କରିଥିବା ଟିଟିଲାଗଡ଼ ସହରର ସୁଫୁରା ବାନୋ ତାଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ପିଜି ପରୀକ୍ଷାରେ ସେ ୮୪.୬ ପ୍ରତିଶତ ମାର୍କ ରଖିଥିବା ବେଳେ ତାଙ୍କ ବଦଳରେ କମ୍‌ମାର୍କ ରଖିଥିବା ପ୍ରାର୍ଥୀନୀଙ୍କୁ ନିଯୁକ୍ତି ମିଳିଛି। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରିବେ ବୋଲି ଉପଜିଲାପାଳ ପାଢ଼ି କହିଛନ୍ତି।



ଉପଜିଲାପାଳ ଅଫିସ ସମ୍ମୁଖରେ ଛାତ୍ରୀଛାତ୍ରମାନେ।

# ମୃତ ଛାତ୍ରୀଙ୍କ ପରିବାରକୁ ୨୦ଲକ୍ଷ ଦିଅ

ପାଟଣାଗଡ଼, ୭।୯(ପ୍ରହଲାଦ ପାଢ଼ି)

- ମିନିଟ୍ରକ ଧକ୍କାରେ ଛାତ୍ରୀଙ୍କ ମୃତ୍ୟୁର ୭ଦିନ ପରେ ବି ମିଳିନି ସହାୟତା
- ଉପଜିଲାପାଳ ଅଫିସ ଘେରିଲେ ଜବାହରଲାଲ କଲେଜ ଛାତ୍ରୀଛାତ୍ର
- ଉପଜିଲାପାଳଙ୍କୁ ଦେଲେ ୫ଦଫା ଦାବିପତ୍ର

ବଲାଙ୍ଗୀର ଜିଲା ପାଟଣାଗଡ଼ ଜବାହରଲାଲ କଲେଜର ଯୁକ୍ତ ୩ଛାତ୍ରୀ ସ୍ମିତା ଶୁଭଦର୍ଶନୀ ପଧାନଙ୍କ ଗତ ୨ତାରିଖ ମିନିଟ୍ରକ ଧକ୍କାରେ ମୃତ୍ୟୁ ଘଟିଥିଲା। ମୃତାଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ବାବଦକୁ ୨୦ଲକ୍ଷ ଟଙ୍କା ପ୍ରଦାନ ସମେତ ୫ଦଫା ଦାବିରେ ଗୁରୁବାର କଲେଜ ଛାତ୍ରୀଛାତ୍ରମାନେ ଉପଜିଲାପାଳ ଅଫିସ ଘେରାଉ କରିଥିଲେ। କ୍ଷତିପୂରଣ ସହ ପାଟଣାଗଡ ଉପଖଣ୍ଡରେ ଥିବା ସମସ୍ତ କଲେଜର ୨କିମି ମଧ୍ୟରେ ଥିବା ସବୁ ଦେଶୀ ବିଦେଶୀ ମଦଭାଟି ଉଠାଇବା, ଦୁର୍ଘଟଣା ଘଟାଇଥିବା ମିନିଟ୍ରକ ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ସ୍କୁଲ, କଲେଜ ସମୟରେ ଭାରିଯାନ ଚଳାଚଳ ବନ୍ଦ କରିବା, ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଯୋଗାଇ ଦେବା, ସବୁ ସ୍କୁଲ କଲେଜ ସାମ୍ନାରେ ସ୍ପିଡବ୍ରେକର ହମ୍ପସ ସହ ଜଣେ ପୋଲିସ କର୍ମଚାରୀ ନିଯୁକ୍ତି ଦେବାକୁ ସେମାନେ ଦାବି କରିଥିଲେ। ଦୁର୍ଘଟଣାର ୭ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଗୁରୁବାର ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା କରିଛନ୍ତି। ସେମାନେ ପ୍ରଥମେ କଲେଜ ଗେଟରେ ତାଲା ପକାଇ ସେଠାରୁ ଏକ ଶୋଭାଯାତ୍ରାରେ ଉପଜିଲାପାଳ କାର୍ଯ୍ୟାଳୟକୁ ଯାଇଥିଲେ। ଉପଜିଲାପାଳ ଡ. ବିଜୟାନନ୍ଦ ସେଠୀ ଧାରଣାସ୍ଥଳକୁ ଆସି ଛାତ୍ରୀଛାତ୍ରଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ଗ୍ରହଣ ପରେ ସବୁଦିଗ ଉପରେ ଆଲୋଚନା ସହ ସମାଧାନ କରାଯିବ ବୋଲି ଉପଜିଲାପାଳ ଡ. ସେଠ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ସ୍ମିତା ପ୍ରଜ୍ଞା ମହାନ୍ତି, ରୁଚିକା ନାଏକ, ପ୍ରତାମ ମେହେର, ଚିନ୍ତା ଖର୍ସେଲ, ଅଭସ୍ମା ଭୋଇ, ନିଶା ଭୋଇ ଋତୁରାଜ ନନ୍ଦ, ଆକାଂକ୍ଷା ସାହୁଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବଣିକ ସଂଘ ଉପଜିଲାପାଳଙ୍କୁ ଫେରାଦ

ଟିଟିଲାଗଡ଼, ୭।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ମୁଖ୍ୟରାସ୍ତା ସଂକୀର୍ଣ୍ଣ ହୋଇପଡିଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ଆଗକୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପର୍ବ ଥିବାରୁ ଏହି ସମସ୍ୟା ଜଟିଳ ହେବା ଆଶଙ୍କା ରହିଛି। ତେଣୁ ଏହାର ନିୟନ୍ତ୍ରଣ ପାଇଁ ସିନ୍ଧେକେଲା ବଣିକ ସଂଘ ଗୁରୁବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେପ୍ଟେମ୍ବର ୧୦ ତାରିଖରୁ ନୂଆଁଖାଇ ୨୦ତାରିଖ ପର୍ଯ୍ୟନ୍ତ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ଆଦେଶ ଦେବାକୁ ଉପଜିଲାପାଳ ଦୟାମୟ ପାଢ଼ିଙ୍କୁ ସଂଘ ଭେଟି ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ସୁବାଷ ଜୈନ, ସମ୍ପାଦକ ସନ୍ତୋଷ ଜୈନ, ସହ ସମ୍ପାଦକ ଅନିଲ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ବିଗତ ବର୍ଷ ମାନଙ୍କରେ ନୂଆଁଖାଇ ସମୟରେ ଟିଟିଲାଗଡ, କଣ୍ଟାବାଞ୍ଜି, କଳାହାଣ୍ଡି ଓ ନୂଆପଡା ଜିଲା ଆଡୁ ଆସୁଥିବା ଭାରିଯାନ ପାଇଁ ସିନ୍ଧେକେଲା ରାଧାକୃଷ୍ଣ ମନ୍ଦିର ନିକଟରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ଜାମ ହୋଇଯାଏ। ଦୁଇରୁ ତିନିଘଣ୍ଟା ଧରି ଲୋକେ ହଇରାଣ ହରକତ ହୋଇଥାନ୍ତି। ଏହାକୁ ଆଖିଆଗରେ ରଖି ଚଳିତ ବର୍ଷ ନୂଆଁଖାଇ ପୂର୍ବରୁ ବଣିକ ସଂଘ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଉପଜିଲାପାଳଙ୍କୁ ଫେରାଦ ହୋଇଥିଲା।


ବଣିକ ସଂଘ କର୍ମକର୍ତ୍ତା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ସିନ୍ଧେକେଲାରେ ଟ୍ରାଫିକ ସମସ୍ୟା**

### ତାମିଲନାଡୁ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଦାବିପତ୍ର

ମୁରିବାହାଲ,୭।୯
(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବଜରଙ୍ଗ ଦଳ ତରଫରୁ ତାମିଲନାଡୁର ଜଣେ ମନ୍ତ୍ରୀ ହିନ୍ଦୁମାନଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟକୁ ନିନ୍ଦା କରାଯାଇଛି। ଗୁରୁବାର ବଜରଙ୍ଗ ଦଳ କର୍ମକର୍ତ୍ତା ମୁରିବାହାଲ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରାରେ ତହସିଲଦାର କାର୍ଯ୍ୟାଳୟ ନିକଟକୁ ଯାଇଥିଲେ। ସୁଧାଂଶୁ ଶେଖର ପୋଡ଼ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଶ୍ୱହିନ୍ଦୁ ପରିଷଦ ସକ୍ରିୟ ସଦସ୍ୟ ନାରାୟଣ ସାହୁ ଯୋଗଦେଇ ଗତ ୨ତାରିଖ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ପୁଅ ତଥା ରାଜ୍ୟ ମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଏକ ସାଧାରଣ ସଭାରେ ସନାତନ ଧର୍ମକୁ ଡେଙ୍ଗୁ ଓ ମ୍ୟାଲେରିଆ ସହିତ ତୁଳନା କରି ଗୌରବଶାଳୀ ଉତ୍କଳ ହିନ୍ଦୁ ପରମ୍ପରାକୁ ଅପମାନିତ କରିଛନ୍ତି ବୋଲି କହିଛନ୍ତି। ଏହା କୋଟି କୋଟି ସନାତନ ହିନ୍ଦୁମାନଙ୍କ ପ୍ରତି ଅସ୍ଥା ଓ ସଂସ୍କୃତି ପ୍ରତି କୁଠାରଘାତ। ଏଣୁ ଉକ୍ତ ମନ୍ତ୍ରୀଙ୍କୁ କଠୋର ଦଣ୍ଡ ଦିଆଯାଉ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କ ଅନୁପସ୍ଥିତରେ ମୁଖ୍ୟ କିରାଣି ଭରତ ଭୋଇଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର ମଧୁସୂଦନ ନାଗ, ନେପାଳ ସାହୁ, ବ୍ଲକ ସହପ୍ରମୁଖ ଦିବ୍ୟସୁନ୍ଦର ସାହୁ, ଜିଲ୍ଲା ସଂଯୋଜକ ପଦ୍ମଲୋଚନ ସାହୁ, ବାବୁଲି ରାଉତ, କାରଣ ଜାଲ, ଜନକ ଦାସ, ଉଦିତ କଟା, ତୁଳସୀରାମ ସାହୁ, ଶିବା ରାଉ ପ୍ରମୁଖ ଉପସ୍ଥିତ ଥିଲେ।

## ୧୧ ସମିତିକୁ ସ୍ୱାବଲମ୍ବୀ ପାଇଁ ପ୍ରମାଣପତ୍ର ବଣ୍ଟନ

ଦେଓଗାଁ, ୭।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ରତନପୁରରେ ଗୁରୁବାର ବନ ବିଭାଗ ପକ୍ଷରୁ ନବନିର୍ମିତ ଜଙ୍ଗଲ ସୁରକ୍ଷା ସମିତି ଗୃହର ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟଅତିଥିଭାବେ ଜିଲା ବନଖଣ୍ଡ ଅଧିକାରୀ ନୀତିଶ କୁମାର ଯୋଗଦେଇ ନବନିର୍ମିତ କୋଠାର ଉଦ୍‌ଘାଟନ କରିଥିଲେ। ବନାଞ୍ଚଳ ଅଧିକାରୀ ଆଲୋକ କୁମାର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ବନଖଣ୍ଡ ଅଧିକାରୀ କୁମାର ଆଖପାଖ ଜଙ୍ଗଲକୁ ସୁରକ୍ଷା ପ୍ରଦାନ କରିବା ଜନସାଧାରଣଙ୍କ ନୈତିକ ଦାୟିତ୍ୱ ବୋଲି କହିଥିଲେ। ପରିବେଶ ସୁରକ୍ଷା ପାଇଁ ସମସ୍ତେ ଗଛ ଲଗାଇବା ଦିଗରେ ଯତ୍ନବାନ ହେବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ, ଦେଓଗାଁ ରେଞ୍ଜର ଯୁଧିଷ୍ଠିର ଜାଲ ଯୋଗଦେଇ ସ୍ୱାବଲମ୍ୱତା ପାଇଁ ସରକାର ଯୋଗାଇ ଦେଉଥିବା ସୁବିଧା ସୁଯୋଗର ସଦ୍‌ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସଭାକୁ ରଜନୀକାନ୍ତ ମହାନ୍ତି ପରିଚାଳନ କରିଥିଲେ। ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ସଂଯୋଜନାରେ ୧୧ଟି ଜଙ୍ଗଲ ସୁରକ୍ଷା ସମିତିକୁ ପ୍ରମାଣପତ୍ର ସହ ବିରିବଟା ଯନ୍ତ୍ର, ପେପର ପ୍ଲେଟ ତିଆରି ଯନ୍ତ୍ର, ଧୂପକାଠି ନିର୍ମାଣ ଯନ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୧ଟି ବନ ସୁରକ୍ଷା ସମିତି କର୍ମକର୍ତ୍ତା, ରତନପୁର ଗାଁର ଏସ୍‌ଏଚ୍‌ଜି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏନ୍‌ଜିଓର ଟିମ ଲିଡର ଦାନିଏଲ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।


ରତନପୁର ବନ ସୁରକ୍ଷା ସମିତି ସଭାପତିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଜଙ୍ଗଲ ସୁରକ୍ଷା ସମିତି ଗୃହ ଉଦ୍‌ଘାଟନ**

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ୧୦ଦଫା ଦାବିପତ୍ର

ଭବାନୀପାଟଣା,୭।୯(ଉତ୍ତମ କୁମାର ଦାଶ)

**କୃଷି ଯନ୍ତ୍ରପାତି, ଧାନ କିଣାରେ ଦୁର୍ନୀତିର ସିବିଆଇ ତଦନ୍ତ ଦାବି**

କୃଷି ଯନ୍ତ୍ରପାତି ଓ ଧାନ କିଣାରେ ବ୍ୟାପକ ଦୁର୍ନୀତିର ସିବିଆଇ ତଦନ୍ତ ଦାବି କରି ଗୁରୁବାର କଳାହାଣ୍ଡି ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ୧୦ ଦଫା ଦାବି ନେଇ ଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ସାର କଳାବଜାରୀ ଓ ଅଭାବୀ ଚଢାଦର ବିକ୍ରି ରୋକିବା ଓ ଏହାର ସୁବ୍ୟବସ୍ଥା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା,ଖରିଫ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ ଅଗଷ୍ଟ ୧୫ ପରିବର୍ତ୍ତେ ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ପ୍ରର୍ଯ୍ୟନ୍ତ ବୃଦ୍ଧି କରିବା,ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଜିଲାରେ ଏବେ ମରୁଡି ପରିସ୍ଥିତି ଉପୁଜିଛି ତେଣୁ ଏହାର ପ୍ରତିକାର କରି ଚାଷୀଙ୍କୁ ଫସଲ ବୀମା ରାଶି ଯୋଗାଇବା ସହିତ ରବି ଚାଷ ପାଇଁ ଚାଷୀଙ୍କ ସହଯୋଗ କରିବା,କୃଷି କାର୍ଯ୍ୟରେ ବ୍ୟବହୃତ ବିଦ୍ୟୁତ ଦେୟମୁକ୍ତ କରିବା ଓ ଇନ୍ଦ୍ରାବତୀ କେନାଲ ମାଧ୍ୟମରେ ତଳମୁଣ୍ଡର ଚାଷୀଙ୍କୁ ପାଣି ଦେବାର ବ୍ୟବସ୍ଥା କରିବା ଆଦି ଦାବି କରାଯାଇଛି। ଜିଲା କୃଷକ ମୋର୍ଚ୍ଚା ସଭାପତି କେଶରୀ ଦୁର୍ଗାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ଜିଲା ସଭାପତି ଭବେନ୍ଦ୍ର ପଣ୍ଡା,ରାଜ୍ୟ ସମ୍ପାଦକ ମନୋଜ କୁମାର ସାହୁ,ଶରତ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପାରମ୍ପରିକ କଳାକୁ ଲୋକାଭିମୁଖୀ କରିବାକୁ ଗୁରୁତ୍ୱ

ଦେଓଗାଁ, ୭।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**୩ ଜିଲା ବରିଷ୍ଠ କଳାକାର ସଂଘ ପ୍ରତିନିଧିଙ୍କ ବୈଠକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଚନ୍ଦ୍ରପୁର ଶ୍ରୀସତ୍ୟସାଇ ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ କଳାହାଣ୍ଡି ଜିଲାର କଳାକାର ସଂଘ କର୍ମକର୍ତ୍ତାଙ୍କୁ ନେଇ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଚନ୍ଦ୍ରପୁର ଶ୍ରୀରାମଜୀ କଳା ପରିଷଦ ସମ୍ପାଦକ ରମାକାନ୍ତ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାକୁ ବରିଷ୍ଠ କଳାକାର ଶରତ କୁମାର ପୁଟେଲ ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ଶତ୍ରୁଘନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାର ଦେଉଥିବା କଳାକାର ଭତ୍ତା ପାଇବାରୁ ବଞ୍ଚିତ କଳାକାରମାନେ ଆଗକୁ କିଭଳି ଭାବେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ସେ ଦିଗରେ ଉଦ୍ୟମ କରିବାକୁ କୁହାଯାଇଥିଲା। ଆଗାମୀ ଦିନରେ ପାରମ୍ପରିକ କଳାକୁ ଲୋକାଭିମୁଖୀ କରିବା ଦିଗରେ ସମସ୍ତେ ପ୍ରୟାସ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। କଳାକାର ଅଂଶୁମାନ ଠାକୁର, ଡୁଲେଶ୍ୱର କଲତା, ଅନୀଲ ଦାଶ, ରାମେଶ୍ୱର ଦଣ୍ଡସନା, ବିଭୀଷଣ ମାଝି, ସଞ୍ଜୀବ କୁମାର ବାରିକ, ସୁନୀଲ ଭୋଇ, ରିକି ପଧାନ, ଶ୍ରୀରାମ ମହାକୁର, କୃଷ୍ଣ କୁମାର ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୁରଥ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ କଳାକାରମାନେ।

## ନୂଆଖାଇକେ ନେତା ଶୂନ୍ୟ ହେବା ପଶ୍ଚିମ୍ ଓଡ଼ିଶା

ବଲାଙ୍ଗୀର,୭।୯(ବୀରେନ୍ଦ୍ର କୁମାର ଝାଙ୍କର)

**ବିଧାନସଭା ଅଧିବେଶନ ନିଷ୍ପତ୍ତିକୁ ସମାଲୋଚନା**

ଆଗାମୀ ବିଧାନସଭା ଅଧିବେଶନ ୨୧ତାରିଖରୁ ଆରମ୍ଭ ହେବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଅଧିବେଶନରେ ଯୋଗଦେବାକୁ ୨୦ ତାରିଖରୁ ପଶ୍ଚିମ ଓଡ଼ିଶାର ଜନପ୍ରତିନିଧିଙ୍କୁ ଭୁବନେଶ୍ୱର ଯିବାକୁ ପଡିବ। ୨୦ ତାରିଖ ହେଉଛି ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ। ବିଧାନସଭା ଅଧିବେଶନରେ ଯୋଗଦେବାକୁ ନେତାମାନେ ଭୁବନେଶ୍ୱର ଗଲେ ନୂଆଁଖାଇ ପର୍ବ ନେତାଶୂନ୍ୟ ହେବା ସ୍ପଷ୍ଟ। ଓଡ଼ିଶା ସରକାରର ମୁଖିଆମାନେ ନୂଆଁଖାଇ କଣା ଏ ପର୍ଯ୍ୟନ୍ତ ବୋଧେ ଜାଣିନାହାନ୍ତି। ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇକୁ ବିଭ୍ରାଟ କରିବା ପାଇଁ ଜାଣିଶୁଣି ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି କୋଶଲୀ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ କୁହାଯାଇଛି। ଅନେକ ସ୍ଥାନରେ ନୂଆଁଖାଇ ଦିନ ଉପରବେଳା ଲୋକେ ଏହି ପର୍ବ ପାଳନ କରିଥାନ୍ତି। ରାତି ପର୍ଯ୍ୟନ୍ତ ଜୁହାରଭେଟ୍ ଓ ଜାକ୍‌ଜମକ ମାହୋଲ ଲାଗିରହିଥାଏ। ତେବେ ଓଡ଼ିଶା ସରକାର ପଶ୍ଚିମ ଓଡ଼ିଶାର ବିଧାୟକ ଏବଂ ବିଶେଷକରି ସାଧାରଣ ଜନତାର ଭାବାବେଗକୁ ସମ୍ମାନ ନ ଜଣାଇ ୨୧ ତାରିଖରୁ ବାଚସ୍ପତି ନିର୍ବାଚନ ଏବଂ ବିଧାନସଭା ଅଧିବେଶନ ନିଷ୍ପତ୍ତି ପ୍ରଚଣ୍ଡ କୁଠାରାଘାତ ବୋଲି ଏକାଡେମୀ ପକ୍ଷରୁ ଅଭିଯୋଗ କରାଯାଇଛି। ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଯଥାଶୀଘ୍ର ସରକାରଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ ନକଲେ ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ଏବଂ ଶେଷରେ ଲୋକେ ନୂଆଁଖାଇ ବୟକଟ କରିବେ ବୋଲି କୋଶଲ ସାହିତ୍ୟ ସଂସ୍କୃତି ଏକାଡେମୀ ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ରୁଗୁଡ଼ିପଡ଼ା ଦୁର୍ଗାପୂଜା ପାଇଁ ମୃତ୍ତିକା ଅନୁକୂଳ


ଦୁର୍ଗାପୂଜା ପାଇଁ ମୃତ୍ତିକା ଅନୁକୂଳ କରାଯାଇଛି।

ବଲାଙ୍ଗୀର,୭।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରୁଗୁଡିପଡା ଶାରଦୀୟ ଦୁର୍ଗାପୂଜା ପାଇଁ ମୃତ୍ତିକା ଅନୁକୂଳ କରାଯାଇଛି। ମୂର୍ତ୍ତି ନିର୍ମାଣ ପାଇଁ ରୀତିନୀତି ଅନୁସାରେ ଗୁରୁବାର ମୃତ୍ତିକା ସଂଗ୍ରହ କରାଯାଇଛି। ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଏହି ପବିତ୍ର ମାଟିକୁ ପୂଜାର୍ଚ୍ଚନା କରାଯାଇ ପ୍ରତିମା ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଚଳିତ ବର୍ଷ କର୍ତ୍ତା ଭାବେ ସଞ୍ଜୟ ପୂଜାରୀ ଓ ପତ୍ନୀ ଜ୍ୟୋତ୍ସ୍ନା ପୂଜାରୀ ଦାୟିତ୍ୱ ତୁଲାଇଛନ୍ତି । ଏହି ଉପଲକ୍ଷେ ଗୁରୁବାର ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ବିଲ୍ୱବୃକ୍ଷ ଠାରେ ପୂଜାର୍ଚ୍ଚନା କରିଥିଲେ । ମୃତ୍ତିକା ସଂଗ୍ରହ ପରଠୁ ପ୍ରତିମା ନିର୍ମାଣ କାମ ଆରମ୍ଭ ହେବ। ପୂଜକଭାବେ ନିରଞ୍ଜନ ମହାପାତ୍ର, ସନ୍ତୋଷ ପଣ୍ଡା, ନାରାୟଣ ପଣ୍ଡା, ବିଶେଶ୍ୱର ପୂଜାରୀ, ହିମାଂଶୁ ପାଢୀ, ମହେନ୍ଦ୍ର ପାଣ୍ଡିଆ, ଭାଗିରଥି ମହାକୁର, ଲକ୍ଷ୍ମୀ ମହାରଣା, ଡମ୍ବରୁ ପଶାୟତ, ସ୍ୱସ୍ତିକ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସଭାପତି ଚେତନାନନ୍ଦ ପଣ୍ଡା, ପ୍ରଦୀପ ପଟ୍ଟନାୟକ, କୋଷାଧକ୍ଷ ଦେବାଶିଷ ମହାକୁର, ଶ୍ରୀକାନ୍ତ ରାଉତ, ପଞ୍ଚଜନ୍ୟ ପଣ୍ଡା, ଅଭିଷେକ ଚନ୍ଦନ, ଆନନ୍ଦ ସାହୁ, ଠଗୋ ନନ୍ଦ ଉପସ୍ଥିତ ଥିଲେ ।

## ଜିଲା କଂଗ୍ରେସ ପାଳିଲା ଭାରତ ଯୋଡ଼ୋ ଯାତ୍ରାର ପ୍ରଥମବର୍ଷ ପୂର୍ତ୍ତି


ଜିଲା କଂଗ୍ରେସ କମିଟି ପକ୍ଷରୁ ଭାରତ ଯୋଡୋ ଯାତ୍ରା ସମ୍ପର୍କରେ ସୂଚନା ଦିଆଯାଉଛି।

ବଲାଙ୍ଗୀର,୭।୯(ବୀରେନ୍ଦ୍ର କୁମାର ଝାଙ୍କର)

ଭାରତ ଯୋଡୋ ଯାତ୍ରାର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ଥାନୀୟ କଂଗ୍ରେସ ଭବନଠାରେ ବଲାଙ୍ଗୀର ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ସଭା ଆୟୋଜନ କରାଯାଇଥିଲା। ଗାନ୍ଧୀନଗରପଡାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ପଦଯାତ୍ରା ସମୟରେ ଭାରତ ଯୋଡୋ ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବା ସହ ଦେଶର ସାମ୍ପ୍ରତିକ ସ୍ଥିତି ଏବଂ ସରକାରଙ୍କ ଜନମାରଣନୀତି ଉପରେ ସମାଲୋଚନା କରାଯାଇଥିଲା। ଦେଶରେ ବଢି ଚାଲିଥିବା ସାମ୍ପ୍ରଦାୟିକତାବାଦ, ବେରୋଜଗାରୀ, ଧାର୍ମିକ ଉନ୍ମାଦନା, ମୁଦ୍ରାସ୍ଫୀତି ତଥା କେନ୍ଦ୍ରର ମନମୁଖୀ ଶାସନ ବିରୋଧରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡୋ ଯାତ୍ରା ଆରମ୍ଭ କରାଯାଇଥିଲା । ଏହାର ସଫଳତା ସରକାରଙ୍କ ଦୋଷ ଦୁର୍ବଳତାକୁ ସାମ୍ନାକୁ ଆଣିଛି ବୋଲି ଗୁରୁବାର ସ୍ଥାନୀୟ କଂଗ୍ରେସ ନେତାମାନେ ମତପ୍ରକାଶ କରିଥିଲେ। ଏହି ସଭାରେ ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ମହିଳା କଂଗ୍ରେସ ସଭାନେତ୍ରୀ ମିଲନୀ ସାହୁ, ଜିଲା କଂଗ୍ରେସ କମିଟି କୋଷାଧକ୍ଷ ଜୁଲୁ ପଟ୍ଟନାୟକ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜିଲା କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଅଜୟ ବାଲି ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷଙ୍କ ପରଲୋକ



ବରଗଡ଼,୭।୯(ପ୍ରେମାନନ୍ଦ ଖମାରୀ)

ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ମହେନ୍ଦ୍ର ବଡେଇଙ୍କ ଗୁରୁବାର ପରଲୋକ ହୋଇଛି। ସେ ଭୁବନେଶ୍ୱରରେ ଥିବାବେଳେ ଗତ କିଛିଦିନ ହେଲା ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଟାଲ ଗ୍ରାମର ସ୍ୱର୍ଗତ ବଡେଇ ଜଣେ ପ୍ରଶାସନିକ ଅଧିକାରୀ ଥିଲେ। ଗତ ପଦ୍ମପୁର ଉପ ନିର୍ବାଚନ ସମୟରେ ସେ ସ୍ୱେଚ୍ଛାକୃତ ଅବସର ନେଇ ପ୍ରତ୍ୟକ୍ଷ ରାଜନୀତିରେ ଯୋଗ ଦେଇଥିଲେ। ସେ ବିଜେଡିର ଜଣେ ଆଗଧାଡିର ନେତା ଭାବେ ସକ୍ରିୟ ରାଜନୀତିରେ ରହିଥିଲେ। ସେ ତାଙ୍କ ଜୀବନକାଳରେ ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ବିଭିନ୍ନ ସମାଜସେବା କାମରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପଦ୍ମପୁର ଉପଖଣ୍ଡ ସମେତ ବରଗଡ଼ ଜିଲାରେ ଗଭୀର ଶୋକପ୍ରକାଶ ପାଇଛି।

### ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା



ବରଗଡ଼,୭।୯(ପ୍ରେମାନନ୍ଦ ଖମାରୀ): ବରଗଡ଼ ସହର ଉପକଣ୍ଠ ଟୁକୁର୍ଲାସ୍ଥିତ ବିଜ୍ଞାନ କେନ୍ଦ୍ରରେ ଗୁରୁବାର ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଜିଲାର ୧୦ଟି ବ୍ଲକର ୯୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନେ ୧୦ ବିଜ୍ଞାନଭିତ୍ତିକ ନାଟକ ହୋଇଥିଲା। ଏଥିରେ ଦହିତା ଗଙ୍ଗାଧର ମେହେର ଉଚ୍ଚବିଦ୍ୟାଳୟ ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦ ସେଟ, ସଦାନନ୍ଦ ଜାଲ, ପ୍ରିୟବ୍ରତ ସାହୁ, ବୈଲୋଚନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ବ୍ୟବସାୟୀ ପ୍ରକାଶ ଜିନ୍ଦଲଙ୍କ ପରଲୋକ



ପାଇକମାଲ,୭।୯(ବଡ ଶତପଥୀ): ବରଗଡ ଜିଲା ପାଇକମାଲର ବିଶିଷ୍ଟ ବ୍ୟବସାୟୀ ପ୍ରକାଶ ଜିନ୍ଦଲଙ୍କ ଗୁରୁବାର ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୫୨ ବର୍ଷ ବୟସ ହୋଇଥିଲା। ସେ କିଡ୍‌ନୀ ଏବଂ ଲିଭର ଜନିତ ରୋଗରେ ଆକ୍ରାନ୍ତ ହୋଇ କିଛି ମାସ ହେଲା ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ସନ୍ତୋଷିନୀ ଦେବୀ, ଚାରି ଝିଅ ଚାନ୍ଦିନୀ, ରୋଶନୀ, ମାସୁମ, ନୟନା, ଭାଇ ଅଶୋକ, ଅନିଲ, ପୁତୁରା ଅମନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାନ ଭାଇ ଅନିଲ ଜିନ୍ଦଲ ମୁଖାଗ୍ନି ଦେଇଥିଲେ। ଶବଦାହ ସମୟରେ ପାଇକମାଲ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଅନୁମତି ନାହିଁ, ପୋଲିସ ଦେଉଛି ସୁରକ୍ଷା

ବରଗଡ଼/ଭେଡ଼େନ,୭।୯
(ପ୍ରେମାନନ୍ଦ ଖମାରୀ/ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଖୁଣ୍ଟୁଲିପାଲିରେ ଅପେରା(ଯାତ୍ରାପାର୍ଟି) ପୋଷ୍ଟର ଚିରା ଏବଂ ପରବର୍ତ୍ତୀ ଘଟଣାକ୍ରମକୁ ନେଇ ଏବେ ମଧ୍ୟ ଚାପା ଉତ୍ତେଜନା ଲାଗି ରହିଛି । ପୋଷ୍ଟର ଚିରା ଘଟଣାରେ ଗିରଫ ହୋଇ କୋଶଳ ସେନାର ୨ କର୍ମୀ ଏବେ ବରଗଡ଼ ସବଜେଲ୍‌ରେ ଅଛନ୍ତି। ଅନ୍ୟପଟେ ମିଥ୍ୟା ଅଭିଯୋଗରେ ପୋଲିସ ସଙ୍ଗୀନ ଦଫା ଲଗାଇ ସେମାନଙ୍କୁ ଗିରଫ କରିଥିବା ଏବଂ କୋଶଳ ସଂଗ୍ରାମୀଙ୍କୁ ମରଣାନ୍ତକ ଆକ୍ରମଣ ହେବା ସତ୍ତ୍ୱେ ପୋଲିସ ମାମଲା ରୁଜୁ ନ କରିବା ପ୍ରତିବାଦରେ କୋଶଳ ସେନା ଆହ୍ୱାନରେ ବରଗଡ଼ ଏସପି ଅଫିସ ଆଗରେ ବିଭିନ୍ନ ସଙ୍ଗଠନକୁ ନେଇ ଧାରଣା ଦିଆଯାଇଥିଲା। ଏହାସତ୍ତ୍ୱେ ଖୁଣ୍ଟୁଲିପାଲି ସରକାରୀ ଜମି ଉପରେ ଟେଣ୍ଟ ପକାଇ ଗତ ୫ତାରିଖ ରାତିରେ ଅପେରା ପରିବେଷଣ ଏବଂ ସେଥିପ୍ରତି ପୋଲିସ, ପ୍ରଶାସନ ନିରବ ଦର୍ଶକ ସାଜିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।



ବରଗଡ଼ ଉପଜିଲାପାଳଙ୍କୁ ଫେରାଦ ହୋଇଥିବା କୋଶଳ ସେନା କର୍ମୀ ।

କେବଳ ସେତିକି ନୁହେଁ, ଅପେରା ପ୍ରଦର୍ଶନ ପାଇ ଅନୁମତି ଦିଆଯାଇନାହିଁ ବୋଲି ପ୍ରଶାସନିକ ଅଧିକାରୀମାନେ କହୁଥିବା ବେଳେ ରାତିରେ ଅପେରାସ୍ଥଳରେ ବ୍ୟାପକ ପୋଲିସ ସୁରକ୍ଷାକୁ ନେଇ ଅପେରା ବିରୋଧରେ କୁହୁଳୁଥିବା ଅସନ୍ତୋଷ ଆଉ ଏକ ଆନ୍ଦୋଳନ ପାଇଁ ମୁଣ୍ଡ ଟେକିଛି। ଏହି କ୍ରମରେ ଗୁରୁବାର କୋଶଳ ସେନାର ବିରବଲ ମହାକୁଡ଼ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲାପାଳ ଲଲାଟ କୁମାର ଲୁହାଙ୍କୁ ଭେଟି ସେ ନେଇ ଦୃଷ୍ଟି ଆକର୍ଷଣ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି। ସେହିପରି ବରଗଡ଼ ଜିଲା ଓକିଲ ସଂଘ, ବରଗଡ଼ ସାମ୍ବାଦିକ ସଂଘ ସମେତ ବିଭିନ୍ନ ସଙ୍ଗଠନକୁ ଭେଟି ପୋଲିସ, ପ୍ରଶାସନର ଜ୍ଞାତସାରରେ ଜିଲାରେ ହେଉଥିବା ଅପେରା ପରିବେଷଣ ବନ୍ଦ ପାଇଁ ସହଯୋଗ କରିବାକୁ କୋଶଳ ସେନା ଅନୁରୋଧ କରିଛି। ତେବେ ଏ ସମ୍ପର୍କରେ ଭେଡ଼େନ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କୁ ପଚାରିବାରୁ ଅପେରା ପରିବେଷଣ ଅନୁମତି ସମ୍ପର୍କିତ କୌଣସି ଚିଠି ସେ

### ଖୋଲାଖୋଲି ଅପେରା ପ୍ରଦର୍ଶନ, ତେଜିଲା ଅସନ୍ତୋଷ

ଦେଇ ନ ଥିବା କିମ୍ବା ତାଙ୍କୁ ଚିଠି ମିଳି ନ ଥିବା କହିଛନ୍ତି। ସେହିପରି ଭେଡ଼େନ ଥାନା ଆଇଆଇସି ପ୍ରେମଜିତ୍ ଦାଶ କହିଛନ୍ତି, ଅପେରା ପରିବେଷଣ ପାଇଁ କିଛି ତାଙ୍କ ପାଖରେ କିଛି ଅର୍ଡର ନାହିଁ । କିନ୍ତୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସେଠାରେ ପୋଲିସ ମୁତୟନ ରହିଥିବା ସେ କହିଛନ୍ତି ।

ଅପରପକ୍ଷେ କୋଶଳ ସେନା ସମେତ ଜିଲାର ବିଭିନ୍ନ ସଙ୍ଗଠନର ବିରୋଧ ସତ୍ତ୍ୱେ ପୋଲିସ ଉପସ୍ଥିତିରେ ଜିଲାରେ ଅପେରା ପରିବେଷଣ ହେବା ଜିଲା ପୋଲିସ, ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଅପେରା ଯୋଗୁ ଘୁଡୁଘୁଡୁ ପଟି ଜୁଆଖେଳ, ଚୋରି, ଡକାୟତି ଭଳି ଅପରାଧ ବୃଦ୍ଧି ପାଇବା ଏବଂ ସେତେବେଳେ ଚାଷୀ ଆତ୍ମହତ୍ୟା ଘଟଣା ଘଟିବାରୁ ଗତ ୨୦୦୫ରୁ ବରଗଡ଼ ଜିଲାରେ ଅପେରା ପରିବେଷଣ ନେଇ ଜିଲା ପ୍ରଶାସନ କଟକଣା ଲାଗୁ କରିଥିଲା। ସେହିବର୍ଷଠୁ ଜିଲାରେ ଅପେରା ବନ୍ଦ ରହିଥିବାବେଳେ ବିଭିନ୍ନ ସମୟରେ ଜିଲାର କାଁ ଭାଁ କେଉଁଠି ଅପେରା ପରିବେଷଣ ହେବା ଜଣାପଡ଼ିବା ପରେ ସଚେତନ ନାଗରିକମାନେ ତାକୁ ବିରୋଧ କରିଆସୁଛନ୍ତି। ଏପରିକି ଜିଲା ଓକିଲ ସଂଘ ମଧ୍ୟ ଜିଲାରେ ଅପେରା ପରିବେଷଣ ପାଇଁ ଅନୁମତି ନ ଦେବାକୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସିଛି। ସେହିପରି ରାତି ୧୦ଟା ପରେ ଅପେରା ପରିବେଷଣ ନ କରିବା ତଥା ଏହାକୁ ଅବମାନନା କଲେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ରାୟରେ ହାଇକୋର୍ଟ ଆଦେଶ ଦେଇଛନ୍ତି। ତେବେ ହାଇକୋର୍ଟଙ୍କ ଏଭଳି ରାୟ ତଥା ଖୁଣ୍ଟୁଲିପାଲିରେ ଅପେରା ପରିବେଷଣ ନ ହେଉଣୁ ତାକୁ ନେଇ ତୁମୁଳକାଣ୍ଡ ଘଟିଥିବା ସତ୍ତ୍ୱେ ସେଠାରେ ଖୋଲାଖୋଲି ଅପେରା ହେବା ଏବେ ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ରାଜନୈତିକ ଚାପରେ ପୋଲିସ, ପ୍ରଶାସନ ନିଜେ ଆଇନ ଭାଙ୍ଗୁଛନ୍ତି ଏବଂ ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ ବୋଲି କୋଶଳ ସେନାର ମହାକୁଡ଼ ଚେତାବନୀ ଦେଇଛନ୍ତି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ପାଇକମାଲ,୭।୯(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ଫ୍ରେଜରପୁରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୨ଦିନ ଧରି ସ୍କୁଲର ପ୍ରିନ୍ସିପାଲ ଦୀପ୍ତିମୟୀ ମାହାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେଛୋଦାଦର ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ଉଭୟ ସିନିୟର ଓ ଜୁନିୟର ଗ୍ରୁପରେ ବିତର୍କ, ପ୍ରବନ୍ଧ, ବର୍ଣ୍ଣନା, କବିତା ପାଠ, ଏକକ ଗୀତ, ଚିତ୍ରାଙ୍କନ, ପେଣ୍ଟିଂ, କୁଇଜ, ଏକକ ନୃତ୍ୟ (ଲୋକକଳା ଓ ଶାସ୍ତ୍ରୀୟ), ଗୋଷ୍ଠୀ ନୃତ୍ୟ (ଲୋକକଳା ଏବଂ ଶାସ୍ତ୍ରୀୟ) ଆଦି ପ୍ରତିଯୋଗିତା କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗୀତାରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ମୁସ୍କାନ ତ୍ରିପାଠୀ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ଅନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଶ୍ରେଷ୍ଠ ବିବେଚିତ ଅଂଶ ଗ୍ରହଣକାରୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସମାରୋହକୁ ଶିକ୍ଷକ ତରୁଣ କୁମାର ଦାସ, ଅବିନାଶ ମହାନନ୍ଦ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ମୃତିମୟୀ ପାଣ୍ଡେ ଏବଂ ଅନିତା ମାଝୀ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ



ରାଧାକୃଷ୍ଣ ବେଶଧାରୀ ଛାତ୍ରୀଛାତ୍ରଙ୍କୁ ଗ୍ରାମବାସୀ ସ୍ୱାଗତ କରୁଛନ୍ତି।

ସରଣ୍ଡା,୭।୯(ଯୁଧିଷ୍ଠିର ମହାପାତ୍ର)

ଅତାବିରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଯଯାତି କେଶରୀ ମିଶ୍ରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶ ହୋଇ ଗ୍ରାମ ପରିକ୍ରମା କରିଥିଲେ। ରାଧାକୃଷ୍ଣ ବେଶରେ ସୁସଜ୍ଜିତ ଛାତ୍ରୀଛାତ୍ରମାନେ କଟାପାଲି ଦୁର୍ଗା ମନ୍ଦିରରୁ ବାହାରି କଟାପାଲି ଓ ସରଣ୍ଡା ଗ୍ରାମ ପରିକ୍ରମା କରିଥିଲେ। ଶିବ ଶକ୍ତି କ୍ଲବ ପରିସରରେ ଗ୍ରାମବାସୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ଗୁରୁମା ଗୁରୁଜୀ ଓ କର୍ମଚାରୀ ସହଯୋଗ କରିଥିଲେ ।

### ପୋଷାକ ବଣ୍ଟନ, ଚାରାରୋପଣ କାର୍ଯ୍ୟକ୍ରମ

ବରଗଡ଼,୭।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ପୋଷାକ ବଣ୍ଟନ ଏବଂ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନାରେ ପୋଷାକ ବଣ୍ଟନ କରାଯାଇଥିଲା। ସେହିପରି ଅତିଥି, ପୁରାତନ ଛାତ୍ରୀଛାତ୍ର, ବିଦ୍ୟାଳୟର ଶିକ୍ଷକ ଚାରାରୋପଣ କରିଥିଲେ। ଲବ୍ଧ ଜ୍ଞାନ ସାମାଜିକ ଜୀବନରେ ପ୍ରୟୋଗ କରି ପ୍ରଥମେ ଜନ୍ମମାଟିର ବିକାଶ କରିବାକୁ ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରଥିଲେ।

### ବିଜ୍ଞାନ କେନ୍ଦ୍ରରେ ଔଷଧୀୟ ଉଦ୍ୟାନ ଉଦ୍‌ଘାଟିତ



ଔଷଧୀୟ ଉଦ୍ୟାନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଏବଂ ଅନ୍ୟମାନେ।

ବରଗଡ଼, ୭।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜ୍ଞାନ କେନ୍ଦ୍ର ପରିସରରେ ଗୁରୁବାର (ହର୍ବାଲ ଓ ସ୍ପାଇସି) ଉଦ୍ୟାନ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍ୟାନରେ ଅନେକ ପ୍ରକାର ଔଷଧୀୟ ଗୁଣଯୁକ୍ତ ଗୁଳ୍ମ ଓ ମସଲା ଜାତୀୟ ଉଦ୍ଭିଦ ବୃକ୍ଷ ସ୍ଥାନ ପାଇଛି। ପ୍ରତ୍ୟହ ଏହି କେନ୍ଦ୍ର ପରିଦର୍ଶନରେ ଶତାଧିକ ପର୍ଯ୍ୟଟକ ଆସୁଥିବାରୁ ଏହି ଉଦ୍ୟାନ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସହିତ ଦରକାରୀ ବୃକ୍ଷ, ଗୁଳ୍ମ ଓ ଉଦ୍ଭିଦ ବିଷୟରେ ଅଧିକ ଜ୍ଞାନ ଆହରଣ କରିପାରିବେ ବୋଲି ବିଜ୍ଞାନ କେନ୍ଦ୍ର ତରଫରୁ ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜିଲା ବିଜ୍ଞାନ ସଂଯୋଜକ ଧୀରୋଜ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ଡ. ମନୋଜ କୁମାର ସାହୁ, ବିଜ୍ଞାନ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଗୋପୀନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଉତ୍କଳୀୟ ଜନଜୀବନର କଥା କୁହେ ଗଙ୍ଗାଧର ସାହିତ୍ୟ

ଅତାବିରା/ସରଣ୍ଡା, ୭।୯
(ହୃଷୀକେଶ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ବା ମହାବିଦ୍ୟାଳୟରେ ଗୁରୁବାର ଗଙ୍ଗାଧର ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ପ୍ରମୋଦ କୁମାର ଭୋଇ ସଭାପତିତ୍ୱ କରିଥିଲେ। କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ବ୍ରଜମୋହନ ପଣ୍ଡାଙ୍କ ପୁତ୍ର ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରଧାପକ କାଳିଦାସ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଲରମ୍ବା କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡ. ଶାନ୍ତିଲତା ବାରିକ, ପ୍ରାଧାପିକା ଜୟାକୁମାରୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ। ଗଙ୍ଗାଧର ଥିଲେ ପ୍ରକୃତିର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଉପାସକ। ତାଙ୍କ ସାହିତ୍ୟରେ ବିନ୍ଦୁ ମଧରେ ସିନ୍ଧୁର ପରିକଳ୍ପନା ଅତି ମନୋରମ। ତାଙ୍କ ଭାଷାରେ ଅଛି ପଲ୍ଲୀପ୍ରାଣତା। ପ୍ରକୃତିକୁ ଜୀବନ୍ତ ରୂପେ ଗଢି ତୋଳିବାରେ ସେ ସିଦ୍ଧହସ୍ତ ବୋଲି ଆଲୋଚକମାନେ ମତ ଦେଇଥିଲେ। ଅଧାପକ ଡ. ରଞ୍ଜିତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପିକା ସଂଘମିତ୍ରା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧାପକ ଅଶୋକ ମହାନ୍ତି, ଡ. ଦିଗମ୍ବର ଚାନ୍ଦ, ଅଧାପକ ବୃଜରାଜ ମେହେର, ଅଧାପିକା ଯଶୋବନ୍ତୀ ସା, ପ୍ରମୋଦ ସେଟଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଦୁର୍ଗାପୂଜା କମିଟି ଗଠିତ

ମୁରିବାହାଲ, ୭।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଗୁରୁବାର ନୂତନ କମିଟି ଗଠିତ ହୋଇଛି । ୫୨ବର୍ଷରେ ପଦାର୍ପଣ କରିଥିବା ଦୁର୍ଗାପୂଜା ପାଇଁ ଦୁର୍ଗା ମଣ୍ଡପ ନିକଟରେ ବରିଷ୍ଠ ସଦସ୍ୟ ପୋରନ୍ଦର ତରିଆଙ୍କ ସଭାପତିତ୍ୱରେ ଏକ ସର୍ବସାଧାରଣ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ଅଜିତ ତରିଆ, ଉପସଭାପତି ଅବିନାଶ ଭୋଇ, ସମ୍ପାଦକ ପ୍ରଶାନ୍ତ ମହାର, ସହସମ୍ପାଦକ ଲାଲିତ କୁମାର ବଘାର ଓ କୋଷାଧକ୍ଷଭାବେ ସଞ୍ଜୟ ବାଗଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟାଭାବେ ହଜାରୁ ପୁଟେଲ, ଯୁଧିଷ୍ଠିର ବଘାର, ଯଦୁପତି ଅଗସ୍ତି, ମକୁନ୍ଦ ପଧାନ, ଜିତେନ୍ଦ୍ରିୟ ଭୋଇ, ସେମନ୍ତ ବାଗ, ଅଗସ୍ତି ବଘାରଙ୍କୁ ସାମିଲ କରାଯାଇଛି।

### ଭୂମିହୀନଙ୍କୁ ଘରବାଡ଼ି ପଟ୍ଟା ପ୍ରଦାନ



ବରଗଡ଼ ବିଧାୟକ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି ।

ବରଗଡ଼,୭।୯(ପ୍ରେମାନନ୍ଦ ଖମାରୀ)

ରାଜ୍ୟ ସରକାରଙ୍କ ବସୁନ୍ଧରା ଯୋଜନାରେ ଗୁରୁବାର ବରଗଡ଼ ବ୍ଲକ କୁରୁଆଁ ପଞ୍ଚାୟତରେ ଭୂମିହୀନଙ୍କୁ ଘରବାଡ଼ି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉକ୍ତ ପଞ୍ଚାୟତର ୪୭ଭୂମିହୀନ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ତହସିଲଦାର ପ୍ରଶାନ୍ତ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ନଳିନୀ ପାଣ୍ଡେ, ଉପାଧ୍ୟକ୍ଷ ଉମେଶ ପଣ୍ଡା, ସରପଞ୍ଚ ପୁଷ୍ପାଞ୍ଜଳି କଲତା, ରାଜସ୍ୱ ନିରୀକ୍ଷକ ଆଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ୟାମାକାଳୀ ମନ୍ଦିରରେ ଜନ୍ମାଷ୍ଟମୀ

ବରଗଡ଼,୭।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଶ୍ରୀ ଶ୍ରୀ ମାଁ ଶ୍ୟାମାକାଳୀ ମନ୍ଦିରରେ ବୁଧବାର ଜନ୍ମାଷ୍ଟମୀ ମହୋତ୍ସବ ପାଳିତ ହୋଇଛି । ସନ୍ଧ୍ୟା ଆରତୀ ପରେ ଜନ୍ମାଷ୍ଟମୀ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବରଗଡ଼ ତଥା ଆଖପାଖ ଗ୍ରାମର ସହସ୍ରାଧିକ ଭକ୍ତ ପୂଜାକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଅର୍ଦ୍ଧରାତ୍ରରେ କୃଷ୍ଣ ଜନ୍ମ ହେବା ପରେ ବସୁଦେବ କୃଷ୍ଣଙ୍କୁ ନେଇ ଗୋପପୁର ଯିବାର ଅଭିନୟ ଏବଂ ଉଗ୍ରସେନଙ୍କ ପଥରୋଧ ଦୃଶ୍ୟାଭିନୟ ଚିତ୍ତାକର୍ଷକ ହୋଇଥିଲା। ବ୍ରତଧାରୀ ମହିଳାମାନେ ନିଷ୍ଠାର ସହ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ସମସ୍ତ ଭକ୍ତଙ୍କୁ ମନ୍ଦିର ପରିଚାଳନା ତରଫରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ପୂଜାରେ ପଣ୍ଡିତ ନରସିଂହ ଶତପଥୀ ଓ ପଣ୍ଡିତ ନରେଶ ମିଶ୍ର ସହଯୋଗ କରିଥିଲେ। କର୍ତ୍ତା ଭାବେ ସସ୍ତ୍ରୀକ ପ୍ରେମାନନ୍ଦ ସେଠ୍ ଓ ଉଗ୍ରସେନ କାନ୍ତା ପ୍ରସାଦ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଜନ୍ମାଷ୍ଟମୀ ମହୋତ୍ସବରେ ମାହେଶ୍ୱରୀ ପଡ଼ା ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରିଥିଲେ।



ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁର ଗମନର ଦୃଶ୍ୟାଭିନୟ।

## ଜନ୍ମାଷ୍ଟମୀ, ନନ୍ଦୋତ୍ସବ ଉଦ୍‌ଯାପିତ

ବରପାଲି,୭।୯(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ଯାଦବ ସମାଜ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନରେ ସମାଜ ପକ୍ଷରୁ ଏକ ବିରାଟ କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଭଗବାନ କୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ୟ ଦିନରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ, ଶ୍ରୀକୃଷ୍ଣଙ୍କ ଦୋଳି ଖେଳ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଏମ୍‌ପି ସୁରେଶ ପୂଜାରୀ, ବିଜେଡି ଜିଲା ସଭାପତି ପ୍ରଭାସ ସିଂ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସୁରେଶ୍ୱର ଶତପଥୀ ଯୋଗ ଦେଇଥିଲେ। ଏହି ଅବସରରେ ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ସାମାଜିକ କର୍ମୀ ହର୍ଷ ବେହେରା, କବି ଅନ୍ତର୍ଯାମୀ



ଶ୍ରୀକୃଷ୍ଣଙ୍କୁ ବିମାନରେ ବସାଇ ନଗର ପରିକ୍ରମା କରାଯାଉଛି।

ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଯାଦବ ସମାଜର ବନ୍ଧୁ ମିଳନ ହୋଇଥିଲା। ରସାନନ୍ଦ ଥପା ଓ ପବିତ୍ର ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମନୋରଞ୍ଜନ ଷାଣ୍ଢ, ଶତ୍ରୁଘ୍ନ ବରୱା, ବୃନ୍ଦାବନ ଦୀପ ପ୍ରମୁଖ ଯୋଗଦେଇ ଯାଦବ ସମାଜର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ନନ୍ଦରାଜା ଗୋମାତା ପୂଜା କରିବା ସହ ନଗର ପରିକ୍ରମା କରିଥିଲେ। ଦେବକୀ ଓ ବସୁଦେବ ସଂଯୁକ୍ତା ଓ ଧୀରେନ ଭୋଇ ଏବଂ ରକ୍ମଣୀ ଓ କୁଞ୍ଜବିହାରୀ ରାଉତ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବ୍ଲକ ସଭାପତି ମନଫୁଲ ଭୋଇ, ସମ୍ପାଦକ ଗୋବିନ୍ଦ ଯୁଆଡି, କୋଷାଧକ୍ଷ ଅକ୍ଷୟ ଭୋଇ, ଖଡ଼ିଆ ବରୱା, ନଗର ସଭାପତି ଆନନ୍ଦ କାଣ୍ଡ, ପବିତ୍ର ବାଗ, ପ୍ରତାପ ଦୀପ, ଗଣେଶ୍ୱର ଭୋଇ, ଭାଗବତ କାଣ୍ଡ, ସୁରେନ ପୋଡ, ବିପିନ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସାପକାମୁଡ଼ାରେ ନାବାଳକ ମୃତ

**ରାଉରକେଲା,୭।୯(ଦିନେଶ ମିଶ୍ର):** ରଘୁନାଥପାଲି ଥାନା ଅନ୍ତର୍ଗତ ଲାନସର ଅଞ୍ଚଳରେ ସାପ କାମୁଡାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଆଶିଷ ମୁଣ୍ଡା(୧୨)। ବୁଧବାର ରାତିରେ ଆଶିଷ ଘରେ ଖାଇସାରି ଶୋଇଥିଲେ। ଏହି ସମୟରେ ତାଙ୍କ ବାମଗୋଡକୁ ଏକ ବିଷଧର ସାପ କାମୁଡି ଦେଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ନାବାଳକଙ୍କୁ ନେଇ ଆରଜିଏଚରେ ଚିକିତ୍ସାଲାଗି ଭର୍ତ୍ତି କରିଥିଲେ। ଗୁରୁବାର ସକାଳ ସାଢେ ୭ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରେନ୍ ଧକ୍କାରେ ଜଣେ ମୃତ

ରାଉରକେଲା,୭।୯(ସଙ୍ଗୀତା ଜେନା) କଳୁଙ୍ଗା ରେଳ ଧାରଣା ନିକଟରେ ଗୁରୁବାର ପୂର୍ବାହ୍ନରେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିନି। ତାଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ରାଉରକେଲା ଜିଆର୍‌ପି ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗରେ ରଖିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୬୩/୨୩) ରୁଜୁ କରାଯାଇଛି।

### ମହିଳାଙ୍କୁ ଗାଳିଗୁଲଜ, ଜଣେ ଗିରଫ

ରାଉରକେଲା,୭।୯(ସଙ୍ଗୀତା ଜେନା) ଛେଣ୍ଡ ଥାନା ଅନ୍ତର୍ଗତ ଏସ୍‌୨ଏମ୍‌୨ରେ ଜଣେ ବ୍ୟକ୍ତି ତାଙ୍କ ପଡୋଶୀ ଜଣେ ମହିଳାଙ୍କୁ ଗାଳିଗୁଲଜ ଓ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ତାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଛେଣ୍ଡ ନିବାସୀ ଅଞ୍ଜନ ଦାସ(୫୭)। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୫/୨୩) ରୁଜୁ କରି ଗୁରୁବାର ଅଞ୍ଜନଙ୍କୁ କୋର୍ଟଚାଲାଣ କରିଛି।

### ବିଦ୍ୟୁତ୍ ମିଟର ଚୋରି

ରାଉରକେଲା,୭।୯(ସଙ୍ଗୀତା ଜେନା) ଛେଣ୍ଡ ଚିନ୍ମୟ ସ୍କୁଲ ନିକଟରେ ଅମିତ ମିସ୍ତ୍ରୀଙ୍କ ଫାଷ୍ଟଫୁଡ୍ ଦୋକାନରୁ କେହି ଦୁର୍ବୃତ୍ତ ବିଦ୍ୟୁତ୍ ମିଟର ଚୋରି କରି ନେଇଛନ୍ତି। ଏ ନେଇ ଗୁରୁବାର ଅମିତ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୧୨୪/୨୩) ରୁଜୁକରିତଦନ୍ତ କରୁଛି।

### ବ୍ରାହ୍ମଣୀରେ କୁମ୍ଭୀର ଗୁଜବ

ରାଉରକେଲା,୭।୯(ସଙ୍ଗୀତା ଜେନା): ଗୋଟିଏ ନଦୀରେ କୁମ୍ଭୀର ଥିବା ଭିଡ଼ିଓ ସୋଶିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏହା ସୁନ୍ଦରଗଡ଼ରେ ପ୍ରବାହିତ ବ୍ରାହ୍ମଣୀ ନଦୀର ବୋଲି ଦାବି କରାଯାଉଛି। ଏ ନେଇ ଗୁରୁବାର ସନ୍ଧ୍ୟାରେ ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ ଏହି ଗୁଜବକୁ ଖଣ୍ଡନ କରିଛନ୍ତି। ଏପରି ଭିଡ଼ିଓ ସୁନ୍ଦରଗଡ଼ରେ ହୋଇ ନ ଥିବା ସେ କହିଛନ୍ତି। ଏଭଳି ବିଭ୍ରାନ୍ତିକର ଖବର ପ୍ରସାରଣ ନ କରିବା ପାଇଁ ସେ ସୂଚନା ଦେଇଛନ୍ତି।

### ମହିଳା ସଶକ୍ତୀକରଣ ପାଇଁ ବହୁମୁଖୀ ଭେଣ୍ଡିଂ ଜୋନ୍

**ରାଉରକେଲା,୭।୯(ସଙ୍ଗୀତା ଜେନା):** ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ପରିବର୍ତ୍ତନର ଉତ୍ସ ଭାବେ ଗଢ଼ି ତୋଳିବା ପାଇଁ ନିଜ ପ୍ରତିବଦ୍ଧତାକୁ ଦୋହରାଇ ଆରଏସ୍‌ପି ସିଏସ୍‌ଆର ପଦକ୍ଷେପର ଏକ ଅଂଶ ଭାବେ ଇସ୍ପାତ ନଗର କେନ୍ଦ୍ର ସ୍ଥଳ ତଥା ରିଂରୋଡ୍ କଡ ସେକ୍ଟର-୪ ସ୍ଥିତ ସି ବ୍ଲକରେ ଏକ ଭେଣ୍ଡିଂ ଜୋନ୍ ବିକାଶ କରୁଛି। ଯାହା କେବଳ ପାରିପାର୍ଶ୍ୱିକ ଗ୍ରାମ ଗୁଡ଼ିକର ଉଦ୍ୟୋଗୀ ମହିଳା ମାନଙ୍କପାଇଁ ଉଦ୍ଦିଷ୍ଟ। ପ୍ରାୟ ୫୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଭେଣ୍ଡିଂ ଜୋନ୍‌ରେ ସମୁଦାୟ ୫୯ଟି ଦୋକାନ ପାଇଁ ସ୍ଥାନ ରହିବ। ଏଥିରେ ଗ୍ରାମୀଣ ମହିଳାଙ୍କୁ ବିନା ମୂଲ୍ୟରେ ଦୋକାନ ବଣ୍ଟନ କରାଯିବ। ସେଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିଜ ଉତ୍ପାଦ ବିକ୍ରି ଓ ପ୍ରଦର୍ଶନ କରିପାରିବେ। ଏହି ପରିପ୍ରେକ୍ଷୀରେ ଗତ ୪ ତାରିଖରେ ସିଏସ୍‌ଆର ବିଭାଗ ଦ୍ୱାରା ଆଇପିଡ଼ି ବିଲ୍ଡିଂଠାରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ ପି.କେ. ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ୨୦ଟି ଏସ୍‌ଏଚ୍‌ଜିର ୮୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ର ଏହି ଯୋଜନା ଉପରେ ସୂଚନା ଦେଇଥିଲେ। ଆଲୋଚନା ସମୟରେ ଏସ୍‌ଏଚ୍‌ଜି ସଦସ୍ୟମାନେ ଭେଣ୍ଡିଂ ଜୋନ୍ ପ୍ରତି ଆଗ୍ରହ ଦେଖାଇଥିଲେ। ସିଏସ୍‌ଆର ବିଭାଗର ଏଜିଏମ୍ ଟି.ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

# ଶହେ ମିଟରକୁ ୪ଶହ ଟଙ୍କା ଭଡ଼ା

ରାଉରକେଲା,୭।୯(ଦିନେଶ ମିଶ୍ର)


ଆର୍‌ଜିଏଚ୍ ପରିସରରେ ଥିବା ଅଟୋ ଷ୍ଟାଣ୍ଡ।

ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ସହରର ଏକ ପ୍ରମୁଖ ଡାକ୍ତରଖାନା। ରାତି ପାହିଲେ ଏଠାକୁ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ତେବେ ଜରୁରୀକାଳୀନ ପରିସ୍ଥିତିରେ କୌଣସି ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଗଲେ ସେଠାରେ ଥିବା କିଛି ଅଟୋ ଚାଳକ ଏହାର ଫାଇଦା ନେଇ ଅଧିକ ଭଡ଼ା ଦାବି କରୁଛନ୍ତି।

ପ୍ରକାଶ ଯେ, ଆର୍‌ଜିଏଚ୍ ପରିସରରେ ଅଟୋ ଚାଳକମାନେ ନିଜ ଅଟୋ ପାର୍କିଂ କରି ବସିଥାନ୍ତି। କୌଣସି ରୋଗୀ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ହେଲେ କିଛି ଅଟୋ ଚାଳକ ଉକ୍ତ ରୋଗୀଙ୍କୁ ତାଙ୍କ ଅଟୋରେ ଯିବା ପାଇଁ ବାଧ୍ୟ କରିଥାନ୍ତି। ସେମାନେ ଜଣେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ନେବା ପାଇଁ ମନଇଚ୍ଛା ଭଡ଼ା ମଧ୍ୟ ନେଉଛନ୍ତି। ଫଳରେ ଦୂରଦୁରାନ୍ତରୁ ଆସୁଥିବା ରୋଗୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଆରଜିଏଚ୍‌ରୁ ଯଦି କୌଣସି ରୋଗୀଙ୍କୁ ସହର ଭିତରେ ଥିବା ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଏ ତେବେ ଏହି ଅଟୋ ଚାଳକ ମନଇଚ୍ଛା ଭଡ଼ା ନିଅନ୍ତି। ଆର୍‌ଜିଏଚ୍‌ର ପ୍ରାୟ ଦୁଇ କିଲୋମିଟର ଭିତରେ କିଛି ଘରୋଇ ଡାକ୍ତରଖାନା ରହିଛି। ସେଠାକୁ ଯିବା ପାଇଁ ଅଟୋ ଚାଳକ ୫ଶହରୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ନେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସେଠାରେ ଅଟୋ ଭଡ଼ା ବାବଦ କୌଣସି ମୂଲ୍ୟସୂଚୀ ଫଳକ ଲଗାଯାଇନାହିଁ। ଫଳରେ ଜରୁରୀକାଳୀନ ପରିସ୍ଥିତିରେ ଏହି ଅଟୋ ଚାଳକଙ୍କ ଶୋଷଣର ଶିକାର ହେବାକୁ ପଡୁଛି। ଏ ନେଇ ଆରଜିଏଚ୍‌ରେ ଚିକିତ୍ସାଧୀନ ଜଣେ ରୋଗୀଙ୍କ ସମ୍ପର୍କୀୟ ସୋନୁ ସାହୁ ଅଭିଯୋଗ କରିଛନ୍ତି, ଗତ ଅଗଷ୍ଟ ୧୪ ତାରିଖରେ ତାଙ୍କ ବାପା ଦୟାଲ ସାହୁ ଆରଜିଏଚ୍‌ର ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଥିଲେ।

**ଆରଜିଏଚ୍ ପରିସରରେ ରୋଗୀଙ୍କୁ ଶୋଷଣ**

ଆରଜିଏଚ୍‌ରେ ଏକ୍ସରେ ମେସିନ ଖରାପ ଥିବାରୁ ସୋନୁ ଏକ୍ସରେ ପାଇଁ ତାଙ୍କ ବାପାଙ୍କୁ ଏକ ଅଟୋରେ ଆରଜିଏଚ୍ ପରିସର ବାହାରକୁ ନେଇଥିଲେ। ସମ୍ପୃକ୍ତ ଅଟୋ ଚାଳକ ମାତ୍ର ୫୦ ମିଟର ଦୂରକୁ ଯିବା ପାଇଁ ତାଙ୍କଠାରୁ ୪ଶହ ଟଙ୍କା ଭଡ଼ା ନେଇଥିବା ସୋନୁ କହିଛନ୍ତି। ଏ ସମ୍ପର୍କରେ ଆର୍‌ଜିଏଚ୍ ଅଟୋ ଆସୋସିଏଶନ ସଭାପତି ନିଳାଚଳ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଆର୍‌ଜିଏଚ୍ ପରିସରରେ ଥିବା ଅଟୋ ଷ୍ଟାଣ୍ଡରେ ଏଭଳି ଭଡ଼ା ଆଦାୟକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଯଦି କୌଣସି ରୋଗୀ ଏଭଳି ଶୋଷଣର ଶିକାର ହେଉଛନ୍ତି ତେବେ ଆମକୁ ଜଣାନ୍ତୁ। ସମସ୍ତଙ୍କ ଅବଗତି ପାଇଁ ଷ୍ଟାଣ୍ଡ ଭିତରେ ଆଗାମୀ ୧୦ ଦିନ ମଧ୍ୟରେ ଏକ ରେଟ୍ ଚାର୍ଟ ଲଗାଇବା ବ୍ୟବସ୍ଥା କରାଯିବ ବୋଲି ମିଶ୍ର କହିଥିଲେ।

# ସୁବର୍ଣ୍ଣରେଖାର ପାଣ୍ଡୁଲିପି ଉନ୍ମୋଚନ


ନାଟକର ପାଣ୍ଡୁଲିପି ଉନ୍ମୋଚନ କରାଯାଉଛି।

ରାଉରକେଲା,୭।୯(ଦିନେଶ ମିଶ୍ର)

ସୁବର୍ଣ୍ଣରେଖା ଓ ଫକୀରମୋହନ ସାହିତ୍ୟ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ସଦସ୍ୟ ଓ ସଦସ୍ୟା ସର୍ବପଲ୍ଲୀ ରାଧାକିଷ୍ଣନ ଓ ଫକୀର ମୋହନଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଭାପତି ଦାସ ଗୁରୁ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ଅନୀଲ କୁମାର ଦାଶ, ରାମନାରାୟଣ ଦାଶ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଆକ୍ୟୁପ୍ରେସର ଚିକିତ୍ସିକା କନକଲତା ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଆଗାମୀ ବାର୍ଷିକ ଉତ୍ସବରେ ପରିବେଷିତ ହେବାକୁ ଥିବା ନାଟକ 'ଶେଷ ଠିକଣା'ର ପାଣ୍ଡୁଲିପି ପୂଜନ ଓ ଉନ୍ମୋଚନ ହୋଇଥିଲା। ନାଟକର ରଚୟିତା ମହେନ୍ଦ୍ର ମହାଳିକ ଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନାରେ ଗୁରୁ ଗୌରାଙ୍ଗ ମଲ୍ଲିକ ରହିଛନ୍ତି। ଉପସଭାପତି ବନବିହାରୀ ରଣା, ଅଜିତ ମହାପାତ୍ର, ପରମେଶ୍ୱର ମହାରଣା, କମଳାକାନ୍ତ ପ୍ରଧାନ, ରାଜୀବ ପାତ୍ର, ବାଲୁ କିଶୋର ପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ହରିପଦ ମହାନ୍ତି, ବନଜା ଦାସ, ରଶ୍ମିରେଖା ବାରିକ, ରାଧାକୃଷ୍ଣ ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।



ରାଉରକେଲାରେ ଭାଜପା ନେତା କଳସଯାତ୍ରାରେ ବାହାରିଛନ୍ତି।

# ମାଟି ସଂଗ୍ରହ କଳସଯାତ୍ରା

ରାଉରକେଲା,୭।୯(ସଙ୍ଗୀତା ଜେନା)

ସାରା ଦେଶରେ ଦେଶପ୍ରେମ ଜାଗ୍ରତ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରତି ଘର, ଗାଁ, ସହର, ଶହୀଦ ପୀଠ, ଶକ୍ତିପୀଠ, ଧର୍ମପୀଠରେ ମାଟି ସଂଗ୍ରହ କରି ଦିଲ୍ଲୀ ପଠାଯିବ। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଉରକେଲା ନିର୍ବାଚନମଣ୍ଡଳୀର ନିହାର ରାୟଙ୍କ ଆହ୍ୱାନ କ୍ରମେ ମିଡ୍ ଟାଉନ୍ ମଣ୍ଡଳରେ ଏମ୍‌ପି ଜୁଏଲ ଓରାମ ଏକ କଳସ ଯାତ୍ରାରେ ବିଭିନ୍ନ ଲୋକଙ୍କ ଘର ଓ ପୀଠରୁ ମାଟି, ଚାଉଳ ସଂଗ୍ରହ କରି କଳସରେ ଭରିଥିଲେ। ଓରାମ ବିଶ୍ରା ଛକ ସ୍ଥିତ ହନୁମାନ ମନ୍ଦିରରୁ କଳସ ଯାତ୍ରା ଆରମ୍ଭ କରିଥିଲେ। ଭାଜପା ମଣ୍ଡଳ ମହିଳା ସଭାନେତ୍ରୀ ପ୍ରସାଦିନୀ ମଲ୍ଲିକ କଳସକୁ ମୁଣ୍ଡରେ ଧରି ଘର ଘର ପରିକ୍ରମା କରିଥିଲେ। ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ପୂର୍ଣ୍ଣିମା କେର୍କେଟା, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ପୂର୍ବତନ ନଗରପାଳ କାଳିନ୍ଦୀ ବଡ଼ଜେନା, ମଳୟ ମହାପାତ୍ର, ଅଙ୍କୁଶ ବର୍ମା ରାଜୁ ସିଂ, ତାପସ ପରିଡ଼ା, ଭଗବାନ ରାଉତଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# କ୍ରଶରରୁ ଚୋରି, ୩ ଗିରଫ

ରାଉରକେଲା,୭।୯(ସଙ୍ଗୀତା ଜେନା)

ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଜଳଦା ସ୍ଥିତ ସତ୍ୟସାଇ କ୍ରଶରରୁ କପର କେବୁଲ ୧୨୦ ମିଟର, ୱେଲଡିଂ ତାର ୧୦୦ ମିଟର ଚୋରି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଗୁରୁବାର ଜଳଦା ଫାଣ୍ଡି ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେଓଗାଁ ଖାଦାନ ବସ୍ତିର ସାନୁ ସାଗର(୨୦), ଲୋହାର ବସ୍ତିର ଦୀପକ ସିଂ(୨୦), ଦେଓଗାଁ ମାର୍କେଟର ଅଭିମନ୍ୟୁ ସାହୁ(୫୩)। ପୋଲିସ ଏକ ମାମଲା (ନଂ.୨୯୧/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ସିସିଟିଭି ଲାଗିଲା, ସୁବିଧା ମିଳିଲାନି

ରାଉରକେଲା, ୭।୯(ସଙ୍ଗୀତା ଜେନା)


କୋଏଲନଗର ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ଲାଗିଥିବା ଏକ ସିସିଟିଭି। (ଫଟୋ: ବିବେକ)

ରାଉରକେଲା ପୋଲିସ ଜିଲାର ପ୍ରତ୍ୟେକ ଛକ ଓ ଜନଗହଳିପୂର୍ଣ୍ଣ ରାସ୍ତାମାନଙ୍କରେ (ସର୍ଭିଲାନ୍ସ ସିଷ୍ଟମ) ସିସିଟିଭି ଲଗାଇବା ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ସହରରେ ଟ୍ରାଫିକ ସୁପରିଚାଳନା, ଲାଲବତୀ ନିୟମ ପାଳନ ନ କରିବା, ଏମର୍ଜେନ୍ସି କଲ ବକ୍ସ ଓ ସହରବାସୀଙ୍କ ମୋବାଇଲ ଆପ୍ ନିୟନ୍ତ୍ରଣ, ଜନଗହଳି ନିୟନ୍ତ୍ରଣ କରାଯିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ ଇନଷ୍ଟଲ୍ କରି ତୁରନ୍ତ ଚାଲୁ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି କ୍ରମରେ ଇସ୍ପାତ ସହରର କୋଏଲନଗର, ବାସନ୍ତୀ କଲୋନୀ, ଛେଣ୍ଡ, ସିଭିଲଟାଉନଶିପ୍ ସମେତ ୧୧୦ଟି ସ୍ଥାନରେ ୪୫୦ଟି ସିସିଟିଭି ଇନଷ୍ଟଲ୍ ମଧ କରାଗଲା। ୨୦୨୨ ଅଗଷ୍ଟ ୧୪ରେ ଏହାର ପରୀକ୍ଷଣ କରାଯାଇଥିଲା। ଏହା ମଧ୍ୟରେ ଏକ ବର୍ଷ ବିତିଯାଇଥିଲେ

**ରାଉରକେଲା ପୋଲିସ ଜିଲା**

ମଧ୍ୟ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ସହରରେ ଅପରାଧୀମାନଙ୍କ ଗତିବିଧି ବୃଦ୍ଧି ପାଇବା ଆଶଙ୍କା ରହିଛି। ସହରରେ ବେପରୁଆ ବାଇକ୍ ଚାଳନା, ଚୋରି, ଛିନ୍‌ତାଇ, ଗଣ୍ଡଗୋଳ ଆଦି ବୃଦ୍ଧି ପାଉଛି। କୋଏଲ ନଗରରେ ଆଇସିଆଇସିଆଇ ବ୍ୟାଙ୍କ ଛକ (ଯେଉଁଠାରେ ସିସିଟିଭି ପୋଷ୍ଟ ଅଛି) ନିକଟରେ ବେପରୁଆ ବାଇକ୍ ଚାଳନା ଯୋଗୁ ଏକ ସପ୍ତାହ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସିସିଟିଭି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲେ ଏପରି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି କୋଏଲନଗରର ଜଣେ ବରିଷ୍ଠ ନାଗରିକ ଗୋପାଳ ଦାସ କହିଛନ୍ତି। କୋଏଲନଗରର ଅନ୍ୟ ଜଣେ ବୟୋଜ୍ୟେଷ୍ଠ ସୀତାକାନ୍ତ ସ୍ୱାଇଁ କହିଛନ୍ତି, ବରିଷ୍ଠ ନାଗରିକ ବିଶେଷ କରି ମହିଳାମାନେ ଫୁଲ ତୋଳିବା ଓ ମର୍ନିଂ ୱାକ୍ ସମୟରେ ଛିନ୍‌ତାଇର ଶିକାର ହେଉଛନ୍ତି। ଅନେକ କ୍ଷେତ୍ରରେ ଥାନାରେ ମାମଲା ରୁଜୁ ହେଉଥିବା ବେଳେ ପ୍ରମାଣ ଅଭାବରୁ ଲୋକମାନେ ଥାନାରେ ଏତଲା କରୁନାହାନ୍ତି। ଶୀଘ୍ର ସିସିଟିଭି କାର୍ଯ୍ୟକାରୀ ହେଲେ ସମସ୍ତେ ଉପକୃତ ହେବେ ବୋଲି ସ୍ୱାଇଁ କହିଛନ୍ତି। ତେବେ ରାଉରକେଲା ପୋଲିସ ଜିଲାରେ ସମସ୍ତ ପ୍ରସ୍ତାବିତ ଅଞ୍ଚଳରେ ସିସିଟିଭି ଲାଗିବା ପ୍ରକ୍ରିୟା ଶେଷ ହୋଇଛି ବୋଲି ସ୍ମାର୍ଟ ସିଟି ଲିମିଟେଡ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଆର୍‌ଏମ୍‌ସି ଉପାୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଲେ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ଇନଷ୍ଟଲ ଶେଷ ହୋଇଛି। କମାଣ୍ଡ କଣ୍ଟ୍ରୋଲ ରୁମ୍ ନିର୍ମାଣ ପ୍ରକ୍ରିୟା ଜାରି ରହିଛି। ଏହା ଶେଷ ହେବା ପରେ ବ୍ୟବସ୍ଥା ଲାଗୁ କରାଯାଇପାରେ ବୋଲି ଭୋଇ କହିଥିଲେ।

# କରାଟେ ବ୍ଲାକ୍‌ବେଲ୍ଟ ପରୀକ୍ଷାରେ ସଫଳ


କୋଚ୍‌ଙ୍କ ସହ କୃତୀ ପ୍ରତିଯୋଗୀ।

ରାଉରକେଲା,୭।୯(ଦିନେଶ ମିଶ୍ର)

ଉତ୍କଳ କରାଟେ ସ୍କୁଲର ସର୍ବଭାରତୀୟ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଓ ବ୍ଲାକବେଲ୍ଟ ପରୀକ୍ଷାରେ ରାଉରକେଲାରୁ ସମ୍ଭବ ପଣ୍ଡା ଓ ସୁହାନି ମିଶ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜ୍ୟରେ ଥିବା ଉତ୍କଳ କରାଟେ ସ୍କୁଲର ବିଭିନ୍ନ ଶାଖାରୁ ଅଂଶଗ୍ରହଣ କରିଥିବା କରାଟେକାମାନଙ୍କ ମଧ୍ୟରେ ୪୫ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ସୁକୋକାଇ ସିତୋରିୟୁ ଶୈଳୀ କରାଟେର ସର୍ବଭାରତୀୟ ମୁଖ୍ୟ ପ୍ରଶିକ୍ଷକ ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ ପରୀକ୍ଷା ପରିଚାଳନା କରିଥିଲେ। ବାସନ୍ତୀ କଲୋନୀ ଡିଏଭି ପବ୍ଲିକ ସ୍କୁଲରେ ଉକ୍ତ କରାଟେକାଙ୍କ ସଫଳତା ପାଇଁ ରାଜ୍ୟ କରାଟେ ଆସୋସିଏଶନ ସଭାପତି ହରିପ୍ରସାଦ ପଟ୍ଟନାୟକ, ରାଉରକେଲା କରାଟେ ଆସୋସିଏଶନ ସଭାପତି ସାରଦା ପ୍ରସାଦ ନାୟକ କୃତୀ କରାଟେଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଡ. ଅଂଶୁମାନ ନାୟକଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୭।୯(ସଙ୍ଗୀତା ଜେନା)

ପଶ୍ଚିମ ଓଡ଼ିଶା ବିକାଶ ସେନା ପକ୍ଷରୁ ଗୁରୁବାର ଅନୁଷ୍ଠାନର ସଭାପତି ତଥା ମଧୁମେହ ବିଶେଷଜ୍ଞ ଡ. ଅଂଶୁମାନ ନାୟକଙ୍କ ମଧୁମେହ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ନାୟକ ଷ୍ଟାର୍ଟଅପ୍ ଲିଡର ଅଣ୍ଡର ୪୦ ତାଲିକାରେ ସ୍ଥାନ ପାଇ ପଶ୍ଚିମ ଓଡ଼ିଶା ପ୍ରତି ଗୌରବ ଆଣିଛନ୍ତି। ଏହି ଅବସରରେ ଅନୁଷ୍ଠାନର ଅଧକ୍ଷ ପ୍ରଫୁଲ ଲାକ୍ରା, ଆବାହକ ଇଂ. ଚକ୍ରାନ୍ତ ଜେନା, କେନ୍ଦ୍ରୀୟ ମାନବାଧିକାର ସୁରକ୍ଷା ସଙ୍ଗଠନର ରାଜ୍ୟ ସଭାନେତ୍ରୀ ଲଳିତା ପ୍ରେମଶିଳା ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ନାୟକ ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାର ଗାଁମାନଙ୍କରେ ମାଗଣା ମଧୁମେହ ସ୍ୱାସ୍ଥ୍ୟ ଶିବିର କରି ସେବା କରିବେ ବୋଲି କହିଛନ୍ତି।


ମଧୁମେହ ବିଶେଷଜ୍ଞଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ନିର୍ମଳ ବାୟୁ ପାଇଁ ଜନସହଭାଗିତା ଜରୁରୀ

ରାଉରକେଲା, ୭।୯(ଦିନେଶ ମିଶ୍ର)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ରାଉରକେଲା ଆଞ୍ଚଳିକ ଶାଖା ପକ୍ଷରୁ 'ନୀଳ ଆକାଶ ପାଇଁ ନିର୍ମଳ ବାୟୁ ସମ୍ପର୍କିତ ଅନ୍ତର୍ଜାତୀୟ ଦିବସ' ଆର୍‌ଏସପିର ସିପିଟିଆଇ ଅଡିଟୋରିୟମଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସିର ଆୟୁକ୍ତ ଡ଼ ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆର୍‌ଏସ୍‌ପିର ଇଡି (ୱାର୍କ୍ସ) ଏସ୍. ଆର. ସୂର୍ଯ୍ୟବଂଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏନ୍‌ଆଇଟିର ମାଇନିଂ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ଏଚ. ବି. ସାହୁ , ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ଡେପୁଟି ଡାଇରେକ୍ଟର ଇଂ. ବିଭୁ ପ୍ରସାଦ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସନ୍ତୁଳିତ ପରିବେଶ ପାଇଁ ଆମ ଜୀବନ ଶୈଳୀ ଓ ଅଭ୍ୟାସର ପରିବର୍ତ୍ତନ ଆବଶ୍ୟକ। ସେଥିପାଇଁ ପ୍ରତ୍ୟେକ ନିଜ ନିଜ ସ୍ତରରେ ଉଦ୍ୟମ ଜାରି ରଖିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ନିର୍ମଳ

**ନିର୍ମଳ ବାୟୁ ଅନ୍ତର୍ଜାତୀୟ ଦିବସ ପାଳିତ**

ବାୟୁ ପାଇଁ ଜନ ସହାଭାଗିତା ଜରୁରୀ ବୋଲି ଅତିଥିମାନେ କହିଥିଲେ। ବିଶେଷ କରି ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରିବା ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ। ଏସ୍‌ପିସିବିର ରାଉରକେଲା ଆଞ୍ଚଳିକ ଅଧିକାରୀ ଅନୁପ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରି ପ୍ରଦୂଷଣ ନିରାକରଣ ପାଇଁ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ଆପାତକାଳୀନ ସ୍ଥିତି ପ୍ରତି କଳକାରଖାନା ଓ ଖଣି କର୍ତ୍ତୃପକ୍ଷ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ରାଉରକେଲାର ବାୟୁ ପ୍ରଦୂଷଣର ମାତ୍ରାକୁ ହ୍ରାସ ସହ ପ୍ଲାଷ୍ଟିକ ପଲିଥିନ ବ୍ୟବହାର ନ କରିବା ଦିଗରେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଷୟିକ ପର୍ଯ୍ୟାୟରେ ପ୍ରଫେସର ଏଚ. ବି. ସାହୁ ବାୟୁ ପ୍ରଦୂଷଣ ଓ କାରଖାନାମାନଙ୍କରେ ବ୍ୟବହୃତ ଯନ୍ତ୍ରାଂଶ ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ସେହିପରି ଇଂ. ବିଭୁ ପ୍ରସାଦ କାରଖାନା ସୁରକ୍ଷା ଓ ପ୍ରଦୂଷଣ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଏସ୍‌ପିସିବିର ଡେପୁଟି ଏନଭାଇରନମେଣ୍ଟାଲ ଇଞ୍ଜିନିୟର ବିଜୟ କୁମାର ଭୋଇ ସଂଯୋଜନା କରିଥିଲେ। ବିଭାଗୀୟ ଉପ ପରିବେଶ ଯନ୍ତ୍ରୀ ଇଂ. ଚନ୍ଦ୍ରଶେଖର ଚୌହାନ ଓ ଇଂ. ରଜତ ସେଠି, ସହକାରୀ ପରିବେଶ ଯନ୍ତ୍ରୀ ଇଂ. ସୌମ୍ୟ ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତତବ୍ୟତୀତ ପୂର୍ବରୁ ରୋଡ ଶୋ, ରାଲି ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଶିଳ୍ପ, ଖଣି, ଓ ସରକାରୀ ବିଭାଗ ପ୍ରତିନିଧିମାନେ ଯୋଗ ଦେଇଥିଲେ। ବିଭାଗୀୟ ସହକାରୀ ପରିବେଶ ଯନ୍ତ୍ରୀ ପ୍ରିତମ କୁମାର ପତି ଓ ପ୍ରଜ୍ଞାଜ୍ୟୋତି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ ଓଏସ୍‌ଡି ବିଭୂତି ଭୂଷଣ ମହନ୍ତ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

**କୁଚିଣ୍ଡା,୭।୯(ବିରଞ୍ଚି ଦର୍ଦ୍ଧା):** କୁଚିଣ୍ଡା ଥାନା ତେଲିତିଲେଇମାଲ ପଞ୍ଚାୟତ ଅର୍ଜୁନଡିହି ଗ୍ରାମର ଯାସମାନୀ ବିଲୁଙ୍ଗ ନାମ୍ନୀ ୧୬ ବର୍ଷର ନାବାଳିକା ଗୁରୁବାର ସକାଳେ ନିକଟସ୍ଥ ନାଳକୁ ଶୌଚ ହେବାକୁ ଯାଇ କୌଣସି କାରଣରୁ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ମା'ବାପା ଛେଉଣ୍ଡ ଯାସମାନୀ ବଡବାପାଙ୍କ ପାଖରେ ରହୁଥିଲେ। ହଠାତ୍ ତାଙ୍କର ଏଭଳି ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ଯୁବକଙ୍କୁ ହତ୍ୟା, ୨ ଅଟକ

**ସମ୍ବଲପୁର,୭।୯(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ବରେଇପାଲି ଥାନା ମୁଙ୍ଗାପଡ଼ାରେ ଏମ୍‌ଡି ସାଜିର (୩୫)ଙ୍କୁ ଦିନ ଦିପ୍ରହରରେ ହତ୍ୟା କରାଯାଇଛି। ଟାଉନ ଥାନା ମାୟାବଗିଚାର ସାଜିର କୌଣସି କାମରେ ମୁଙ୍ଗାପଡ଼ା ଯାଇଥିଲେ। ସେଠାରେ କେତେଜଣ ଯୁବକ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ସେମାନଙ୍କ ମଧ୍ୟରୁ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସଦର ଏସ୍‌ଡିପିଓ ପ୍ରଦୀପ ସାହୁ କହିଛନ୍ତି, ହତ୍ୟାକାଣ୍ଡରେ ଏକାଧିକ ଯୁବକଙ୍କ ସଂପୃକ୍ତି ଥିବା ସନ୍ଦେହ କରି ତଦନ୍ତ କରାଯାଉଛି। ୨ ଜଣଙ୍କୁ ଅଟକ ରଖାଯାଇଛି। ଟଙ୍କା ନେଣଦେଣକୁ ନେଇ ହତ୍ୟା କରିଥିବା ଜଣାପଡିଛି।

### ସନାତନ ଧର୍ମ ବିରୋଧରେ ବିବାଦୀୟ ମନ୍ତବ୍ୟକୁ ନିନ୍ଦା

**ରେଙ୍ଗାଲି,୭।୯(ଦେବବ୍ରତ ପଣ୍ଡା):** ସନାତନ ଧର୍ମ ବିରୋଧରେ ତାମିଲନାଡୁର ମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କ ବିବାଦୀୟ ମନ୍ତବ୍ୟକୁ ସମ୍ବଲପୁର ଜିଲା ରେଙ୍ଗାଲି ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ନିନ୍ଦା କରାଯାଇଛି। ଏହାସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାର ବେରିସିୟସ ଡୁଙ୍ଗଡୁଙ୍ଗଙ୍କୁ ଦାବିପତ୍ର ଦିଆଯାଇଛି। ଏପରି ଅସାମ୍ବିଧାନିକ ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏଥିରେ ଦର୍ଶାଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ରେଙ୍ଗାଲି ପ୍ରଖଣ୍ଡ ସଭାପତି ଶୁଶିଲ ବାରିକ, ସମ୍ପାଦକ ଲକ୍ଷ୍ମଣ ଖମାରି, ଉପସଭାପତି ବିଶ୍ୱନାଥ ଅଗ୍ରୱାଲ, ଜିଲା କୋଷାଧ୍ୟକ୍ଷ ଚମ୍ପେଶ୍ୱର ଅଗ୍ରୱାଲ, ରେଙ୍ଗାଲି ପ୍ରଖଣ୍ଡ ସହସମ୍ପାଦକ ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ରାଧାକୃଷ୍ଣ ବେଶ ପ୍ରତିଯୋଗିତା

**ନାକଟିଦେଉଳ,୭।୯(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ପ୍ରାରମ୍ଭ ଓ ଶିଶୁ ବୋଧ ଶ୍ରେଣୀର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପରେ ଶିଶୁମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଅଧ୍ୟାପକ ଡ଼. ପ୍ରଶାନ୍ତ କୁମାର ଦାଶ, ବନୀତା ଦାଶ, ଶିକ୍ଷୟିତ୍ରୀ ରମ୍ଭା ସ୍ୱାଇଁ, ଅଶ୍ୱିନୀ କୁମାର ସାହୁଶରତ ଚନ୍ଦ୍ର ନାଏକ ଅତିଥି ଭାବେ ଯୋଗଦେଇଥିଲେ।

# ଅଭିଯୋଗକାରୀ ପ୍ଲାନିଂ ଅଫିସର ଅଭିଯୁକ୍ତ

**ଏସ୍‌ଡିଏରେ ଜାଲିଆତି ଅନୁମତି**

**ଗିରଫ ପରେ କୋର୍ଟ ଚାଲାଣ**

ସମ୍ବଲପୁର,୭।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ) ଅଫିସରେ ଚାଲିଥିବା ଜାଲିଆତି ନେଇ ପ୍ଲାନିଂ ଅଫିସର ବନ୍ଦିତା ମହାପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଗତମାସ ୨୨ତାରିଖରେ ୨ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଖୋଦ୍ ଅଭିଯୋଗକାରୀ ଏବେ ଅଭିଯୁକ୍ତ ହୋଇଯାଇଛନ୍ତି। ଅଇଁଠାପାଲି ଥାନାରେ ପୋଲିସ ଏକ ମାମଲା (ନଂ.୩୬୯/୨୩) ରୁଜୁ କରି ଅଭିଯୁକ୍ତ ବନ୍ଦିତାଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ଅସ୍ଥାୟୀ କର୍ମଚାରୀ ମାନସ ଚଇନିଙ୍କୁ ମଧ୍ୟ ଗିରଫ କରାଯାଇଥିବା ଅତିରିକ୍ତ ଏସ୍‌ପି ଅଲବୁନସ କେରକେଟା କହିଛନ୍ତି।

କେରକେଟା ଆହୁରି କହିଥିଲେ, ଅଇଁଠାପାଲି ଥାନା ଅଞ୍ଚଳର ଦେବରାଜ ସାହୁ ଅଭିଯୋଗ କରିଥିଲେ ଯେ, ଅଇଁଠପାଲିରେ ତାଙ୍କ ଘର ନିର୍ମାଣ ପାଇଁ ଅନୁମତି କରାଇବାକୁ ଆବେଦନ କରିଥିଲେ। ପ୍ଲାନିଂ ଅଫିସର ମହାପାତ୍ରଙ୍କୁ ଭେଟିବା ପରେ ସେ ଟଙ୍କା ଦେବାକୁ କହିଥିଲେ। ତଦନୁଯାୟୀ ଗତ ଏପ୍ରିଲ ମାସରେ ୨ ଲକ୍ଷ ୬୦ ହଜାର ଟଙ୍କା ଅଭିଯୁକ୍ତ ମାନସ ଓ ଏସ୍‌ଡିଏର ସହକାରୀ କିରାଣି ବୁର୍ଲାର ଲକ୍ଷ୍ମୀ ନାରାୟଣ ସାମଲଙ୍କୁ ଦେଇଥିଲେ। ଏହି ଅଧାରରେ ପୋଲିସ ଗିରଫ କରିଛି ବୋଲି କହିଥିଲେ।

ଅନ୍ୟପକ୍ଷେ ପୋଲିସ ବନ୍ଦିତାଙ୍କୁ ଗିରଫ କରି ମାମଲାକୁ ଚାପିଦେବାକୁ ଉଦ୍ୟମ କରୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅଭିଯୋଗକାରୀ ବନ୍ଦିତାଙ୍କୁ ଅଭିଯୁକ୍ତ କରି ଏସ୍‌ଡିଏର କେତେଜଣ ପୂର୍ବତନ ଅଧିକାରୀ ଓ କର୍ମଚାରୀ ବର୍ତ୍ତିଯିବା ପାଇଁ ଉଦ୍ୟମ କରୁଥିବାରୁ ଏହାର ତଦନ୍ତ ଦାବି ହେଉଛି। ସୂଚନାଯୋଗ୍ୟ ଗତ ୨୨ତାରିଖରେ ଜାଲିଆତି କରି ଘର



ଏସ୍‌ଡିଏ ପ୍ଲାନିଂ ଅଫିସର ବନ୍ଦିତା ମହାପାତ୍ର

ନିର୍ମାଣ ଅନୁମତି ଦେବା ନେଇ ପ୍ଲାନିଂ ଅଫିସର ମହାପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ମୁଖ୍ୟ ଅଭିଯୁକ୍ତ ଏସ୍‌ଡିଏର ସହକାରୀ କିରାଣି ସାମଲ, ଝାଡୁଆପଡ଼ାର ସୁଧାଂଶୁ କିଶୋର ପତି, ଅଇଁଠାପାଲି ଥାନା କାଇଁସିର ଅଜୟ କୁମାର ବେହେରା, ଚାରମାଳ ଥାନା ବଡମାଲ ଗ୍ରାମର ବିକାଶ ଜଗତ, ଧନୁପାଲି ଥାନା କୁଲୁତକାନୀର ଏସ୍‌ଡିଏର ମନ୍ଦିର ପୂଜକ ଦାମୋଦର ତ୍ରିପାଠୀଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ଆକାଉଣ୍ଟରୁ ୩କୋଟି ୩୧ ଲକ୍ଷ ୯୬ ହଜାର ୨୨୭ ଟଙ୍କା ସହ ୨ଟି କାର୍, ଗୋଟିଏ ମୋଟରସାଇକେଲ, କମ୍ପ୍ୟୁଟର, ଦସ୍ତାବିଜ ଜବତ କରିଥିଲା। ଅଭିଯୁକ୍ତ ସାମଲ ଗିରଫ ହେବାର ୩ମାସ ପୂର୍ବରୁ ଏସ୍‌ଡିଏ ଛାଡି ଆର୍‌ଡିସି ଅଫିସରେ ଅସ୍ଥାୟୀ ଭାବେ ଚାକିରି କରୁଥିଲେ। ତାଙ୍କର ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ସହିତ ଭଲ ସମ୍ପର୍କ ରହିଥିଲା। ତେଣୁ ଚାକିରି ଯିବା ପରେ ଆର୍‌ଡିସି ଅଫିସରେ ଚାକିରି ମିଳିଯାଇଥିଲା, ଯାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ଗଙ୍ଗାଧର ସାହିତ୍ୟରେ ପ୍ରକୃତି, ସଂସ୍କୃତିର ସମନ୍ୱୟ



ଉତ୍ସବରେ ଅତିଥି ଓ ବକ୍ତାମାନେ।

**ବିକାଶ କ୍ୟାମ୍ପସରେ ସ୍ୱଭାବ କବିଙ୍କ ଜୟନ୍ତୀ**

**ସମ୍ବଲପୁର,୭।୯(ବି.ଶଙ୍କର):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଗୁରୁବାର ସମ୍ବଲପୁର ଶାସନସ୍ଥିତ ବିକାଶ କ୍ୟାମ୍ପସରେ ପାଳିତ ହୋଇଯାଇଛି। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ଅଧ୍ୟକ୍ଷତା କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଥିଲେ, ଗଙ୍ଗାଧରଙ୍କ ସାହିତ୍ୟ ଭାରତୀୟ ସଂସ୍କୃତିକୁ ମହାନ ଭାବେ ଗଢ଼ିତୋଳିଛି। ତାଙ୍କ ସାହିତ୍ୟରେ ପ୍ରକୃତି ଓ ସଂସ୍କୃତିର ଏକ ଚମତ୍କାର ସମନ୍ୱୟ ଦେଖିବାକୁ ମିଳିଥାଏ ବୋଲି ସେ କହିଥିଲେ। ବିକାଶ ଶିକ୍ଷାନୁଷ୍ଠାନ ସମୂହ ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଯୋଗଦେଇ ଗଙ୍ଗାଧର ସାହିତ୍ୟରେ ପ୍ରକୃତି ଜଡ଼ ନୁହେଁ, ଜୀବନ୍ତ ବୋଲି କହିଥିଲେ। ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଗଙ୍ଗାଧରଙ୍କ ସାହିତ୍ୟ କେବଳ ଓଡ଼ିଶାରେ ନୁହେଁ ସାରା ବିଶ୍ୱରେ କିପରି ଲୋକପ୍ରିୟତା ଅର୍ଜନ କରିପାରିଛି ତାହା ବର୍ଣ୍ଣନା କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ଆୟୁଷୀ ହୋତା ସ୍ୱାଗତ ଭାଷଣ ଓ ଉପାଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳପ୍ରପାତରେ ଯୁବକ ନିଖୋଜ

କୁଚିଣ୍ଡା,୭।୯(ବିରଞ୍ଚି ଦର୍ଦ୍ଧା)

କୁଚିଣ୍ଡା ବ୍ଲକ ମହୁଲପାଲି ଥାନା ଅଧୀନ ଗୁଦ୍‌ଗୁଦା ଜଳପ୍ରପାତରେ ଗୁରୁବାର ଗାଧୋଇବା ବେଳେ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲା ସାଇନଗର ଗ୍ରାମର କୋଲିଭିରା ହନୁମାନ(୨୫)।

ସୂଚନା ଅନୁସାରେ କୋଲିଭିରା ସମ୍ବଲପୁର ଜିଲା ଭୂଷଣ ଷ୍ଟିଲ କାରଖାନାରେ କାମ କରନ୍ତି। ତାଙ୍କସହ ଆନ୍ଧ୍ରପ୍ରଦେଶର ଅନ୍ୟ ୧୦ ଜଣ ସାଙ୍ଗ ହୋଇ ଗୁରୁବାର ଦୁଇଟି ଗାଡିରେ ଗୁଦ୍‌ଗୁଦା ବୁଲିବାକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ସେମାନେ ଗାଧୋଉଥିବା ସମୟରେ କୋଲିଭିରା ଗଣ୍ଡରେ ବୁଡିଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରି ନ ପାଇବାରୁ ବଡବାହାଲ ଗୁଦ୍‌ଗୁଦା କମିଟିକୁ ଖବର ଦେଇଥିଲେ। କମିଟି କର୍ମକର୍ତ୍ତା ଏ ନେଇ କୁସୁମୀ ଫାଣ୍ଡିକୁ ଜଣାଇଥିଲେ। ପୋଲିସ କୁଚିଣ୍ଡା ଅଗ୍ନିଶମ ବିଭାଗ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ଦୀର୍ଘ ୫ଘଣ୍ଟା ସର୍ଚ୍ଚ ଅପରେଶନ ପରେ ମଧ୍ୟ ନିଖୋଜ ଯୁବକଙ୍କ ପତ୍ତା ମିଳିପାରି ନ ଥିଲା। ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଚଳିତବର୍ଷ ଏହି ଜଳପ୍ରପାତରେ ଜଣେ ବୁଡି ନିଖୋଜ ହୋଇଥିବାବେଳେ ଦୁଇଦିନ ପରେ ତାଙ୍କ ମୃତଦେହ ପାଣିରେ ଉଦ୍ଧାର ହୋଇଥିଲା।



ଜଳପ୍ରପାତରେ ସର୍ଚ୍ଚ ଅପରେଶନ ଓ ଇନ୍‌ସେଟ୍‌ରେ ନିଖୋଜ ଯୁବକ।

## ପିଏଚ୍‌ଡି ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ଭାଜପା ପ୍ରତିନିଧି

**ସମ୍ବଲପୁର,୭।୯(ଶୁଭାଶିଷ ପାଢ଼ୀ):** ସମ୍ବଲପୁରର ସହରର ଜନସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାକୁ ନେଇ ଭାଜପା ପ୍ରତିନିଧି ଦଳ ଗୁରୁବାର ନିର୍ବାହୀ ଯନ୍ତ୍ରୀ ତଥା ୱାଟ୍‌କୋର ମହାପ୍ରବନ୍ଧକ ବ୍ରହ୍ମେଶ୍ୱର ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ କ୍ରମେ ୨୦୧୪ରେ ସମ୍ବଲପୁରରେ ଜଣ୍ଡିସ ରୋଗ ବ୍ୟାପିଥିବା ସମୟରେ ରାଜ୍ୟ ସରକାର ପ୍ରାୟ ୨୧୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ହେଲେ ମଧ୍ୟ ବସ୍ତିକୁ ପାଇପ୍ ବିଛା ହୋଇନାହିଁ କି ଜଳ ଯୋଗାଣ ହୋଇପାରିନାହିଁ। ବାଲିବନ୍ଧାସ୍ଥିତ ପୁରାତନ ପମ୍ପହାଉସକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଉ ନାହିଁ। ଏହାକୁ ବନ୍ଦ କରାଯିବା ସହ ରିଙ୍ଗ ରୋଡ୍‌କୁ ବାଧକ ସାଜୁଥିବା ଅଂଶ ଉଚ୍ଛେଦ କରାଯାଉ। ସହରରେ ବିଭିନ୍ନ ସମୟରେ ପାଇପ୍ ଫାଟିବା, ଗୋଳିଆ ପାଣି ଆସିବା ସମସ୍ୟା ଦେଖାଦେଉଛି। ଏହାର ସମାଧାନ କରିବାକୁ ଦାବି କରିଥିଲେ। ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ଆରତିଲତା ବରାଡ଼, ଭାଜପା ଯୁବମୋର୍ଚ୍ଚାର ପୂର୍ବତନ ଉପସଭାପତି ଦେଓକିରଣ ପଟ୍ଟନାୟକ, ଡା. ପ୍ରଭାସ ଦେବତା, ପୂର୍ବତନ ଜିଲା ଓବିସି ମୋର୍ଚ୍ଚା ସଭାପତି ସରୋଜ ସାହୁ ସାମିଲ ଥିଲେ।

# ଜିଲାସ୍ତରୀୟ ସଂସ୍କୃତ ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ବକ୍ତାମାନେ।

**ସମ୍ବଲପୁର,୭।୯(ବି.ଶଙ୍କର):** ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ସମ୍ବଲପୁର ଶାଖା ପକ୍ଷରୁ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଭାପତି ଶୁଶୀଳ କୁମାର ମହାକୁଳ ସଭାପତିତ୍ୱ କରିଥିଲେ। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ସମ୍ପାଦକ ଦେବରାଜ ରଥ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ସୀତାରାମ ବୈଦିକ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର ସହାଚାର୍ଯ୍ୟ ଡ. ବୁଦ୍ଧେଶ୍ୱର ଷଡ଼ଙ୍ଗୀ ମୁଖ୍ୟବକ୍ତା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା, ଓଷ୍ଟାର ସମ୍ବଲପୁର ଜିଲା ସମ୍ପାଦକ ହରି ନାରାୟଣ ପଣ୍ଡା, ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଂସ୍କୃତ ସଙ୍ଗୀତ, ଶ୍ରୀମଦ୍ ଭଗବତ ଗୀତା କଣ୍ଠପାଠ, ସଂସ୍କୃତ ଭାଷଣ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଭାଗୀରଥି ସାହୁ, କିଶୋର ଚନ୍ଦ୍ର ପାଣିଗ୍ରାହୀ, ପ୍ରଫୁଲ୍ଲ ପାତ୍ର, ଦର୍ଶନୀ ଷଣ୍ଢ, ବଳରାମ ପ୍ରଧାନ, ଜଗଦାନନ୍ଦ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତ ଶିକ୍ଷୟିତ୍ରୀ ନାରାୟଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବୁଦ୍ଧିଜୀବୀ ସମାବେଶ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସମ୍ବଲପୁର,୭।୯(ବି.ଶଙ୍କର)

ସ୍ୱଦେଶୀ ଜାଗରଣ ମଞ୍ଚ ପଶ୍ଚିମ ପ୍ରାନ୍ତ ପକ୍ଷରୁ ସ୍ୱାବଲମ୍ବୀ ଭାରତ ଅଭିଯାନ କ୍ରମରେ ଗୁରୁବାର ବୃଦ୍ଧିଜୀବୀ ସମାବେଶ ସମ୍ବଲପୁର କୁଞ୍ଜେଲପଡ଼ା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ରାଷ୍ଟ୍ରୀୟ ପ୍ରମୁଖ ତଥା ସ୍ୱଦେଶୀ ଜାଗରଣ ମଞ୍ଚର ଅଖିଳ ଭାରତୀୟ ସହ ସଂଗଠକ ସତୀଶ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ, ପ୍ରାକୃତିକ ସମ୍ପଦ ଓ ମାନବ ସମ୍ବଲରେ ପରିପୂର୍ଣ୍ଣ ଦେଶ ହେଉଛି ଭାରତ। ବିଦେଶୀମାନେ ଲୁଣ୍ଠନ କଲା ପରେ ମଧ୍ୟ ଭାରତ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ରହିଛି। ମଞ୍ଚର ପ୍ରାନ୍ତ ପ୍ରଚାର ପ୍ରମୁଖ ଦିଲୀପ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଡ. ଅର୍କକୁମାର ଦାସମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ସହ ସଂଯୋଜିକା ସଂଯୁକ୍ତା ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ଡା. ରାଜକୁମାର ବଡ଼ପଣ୍ଡା ଅତିଥିଙ୍କୁ ସ୍ୱାଗତ, ପ୍ରାନ୍ତ ସଂଯୋଜକ ପ୍ରଭାସ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଓ ମଞ୍ଚର ଜିଲା ସଂଯୋଜକ ଡା. ପ୍ରଭାସ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ବିକାଶଶୀଳ ଭାରତକୁ ବିକଶିତ ଦିଗରେ ଗଢିତୋଳିବା ପାଇଁ ସମଗ୍ର ଦେଶରେ ସ୍ୱଦେଶୀ ଜାଗରଣ ମଞ୍ଚ କାର୍ଯ୍ୟକ୍ରମ କରୁଛି। ଦେଶବାସୀଙ୍କୁ ଜାଗ୍ରତ କରିବା ହେଉଛି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସଭାରେ ମତପ୍ରକାଶ ପାଇଥିଲା।

## କଂଗ୍ରେସର ଭାରତ ଯୋଡୋ ଯାତ୍ରା ବର୍ଷପୂର୍ତ୍ତି

**ସମ୍ବଲପୁର,୭।୯(ବି.ଶଙ୍କର):** ଜିଲା କଂଗ୍ରେସ ପକ୍ଷରୁ ଭାରତ ଯୋଡ ଯାତ୍ରର ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ନେତା ଓ କର୍ମୀମାନେ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ କୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ ଯୋଗଦେଇ ରାହୁଲ ଗାନ୍ଧୀଙ୍କ ପଦଯାତ୍ରା ବିଷୟରେ ଆଲୋଚନା କରିଥିଲେ। ପିସିସି ସାଧାରଣ ସମ୍ପାଦକ ତଥା ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ବିଧୁଭୂଷଣ ତ୍ରିପାଠୀ ଭାରତ ଯୋଡ ଯାତ୍ରାର ସଫଳତାକୁ ନେଇ ବକ୍ତବ୍ୟ ରଖିଥିଲେ। ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ପିସିସି ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଅମିତ ଗୁରୁ, ସଭ୍ୟ ସୁବାସ ବିଶ୍ୱାଳ, ନିରଞ୍ଜନ ତ୍ରିପାଠୀ, ସୁତପା ମିତ୍ର ପ୍ରମୁଖ ସାମିଲ ଥିଲେ।

# ସ୍କୁଲ ନିର୍ମାଣରେ ଅନିୟମିତତା ଅଭିଯୋଗର ସମାଧାନ



ବିଡ଼ିଓଙ୍କ ସହ ପରିଚାଳନା କମିଟି ଓ ଗ୍ରାମବାସୀ ଆଲୋଚନା କରୁଛନ୍ତି।

**ଜମନକିରା,୭।୯(ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ବ୍ଲକ ଟିକିବା ପଞ୍ଚାୟତରେ ୫-ଟି ଅଧୀନରେ ଚାଲିଥିବା ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ଗୁରୁବାର ଜମନକିରା ବିଡ଼ିଓ ପ୍ରସନ୍ନ ପଟେଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋ ସ୍କୁଲ ଅଭିଯାନ ଓ ପରିଚାଳନା କମିଟି କର୍ମକର୍ତ୍ତା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଡ଼ିଓ ପଟେଲ ଓ ସହକାରୀ ଯନ୍ତ୍ରୀ ସାଲିନୀ ସିଂ ଅଭିଯୋଗର ତର୍ଜମା କରି ସମସ୍ୟାର ସମାଧାନ କରିଛନ୍ତି। ମୋ ସ୍କୁଲ କମିଟି ପ୍ରତ୍ୟେକ କାର୍ଯ୍ୟ ତଦାରଖ କରିବେ, ଯଦି କୌଣସି ତ୍ରୁଟି ନଜରକୁ ଆସେ ତେବେ କମିଟି କର୍ମକର୍ତ୍ତା ତୁରନ୍ତ ସେମାନଙ୍କୁ ଜଣାଇବା ପାଇଁ ଅନୁରୋଧ କରିଛନ୍ତି। ଏହାସହିତ କେଉଁ ଦିନ କ'ଣ କାମ ହେଉଛି, କେତେ କାମ ଅଗ୍ରସର ହେଲା ସମସ୍ତ ରିପୋର୍ଟ ହ୍ୱାଟ୍ସଆପ୍ ଗ୍ରୁପରେ ଜଣାଇବାକୁ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ସୁନାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଇ ଆଲୋଚନା ବେଳେ କନିଷ୍ଠ ଯନ୍ତ୍ରୀ ଅଜିତ ବେହେରା, ସରପଞ୍ଚ ମମତା ଭେଙ୍ଗରା, ସମିତିସଭ୍ୟ ସ୍ନିଗ୍ଧା ପଟେଲ, ସ୍କୁଲ ପରିଚାଳନା କମିଟି ସଭାପତି ସରୋଜ ଝାଙ୍କର, ବ୍ଲକ ଭାଜପା ମଣ୍ଡଳ ସଭାପତି ଅମୋଘ ପାଣିଗ୍ରାହୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଆଦିତ୍ୟ ଆଲୁମିନିୟମର ଜାତୀୟ ପୋଷଣ ସପ୍ତାହ

ସମ୍ବଲପୁର,୭।୯(ବି.ଶଙ୍କର)




ଘିଚାମୁରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ

ରେଙ୍ଗାଲି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ଆଦିତ୍ୟ ଆଲୁମିନିୟମ ମିଳିତ ଆନୁକୂଲ୍ୟରେ ଜାତୀୟ ପୋଷଣ ସପ୍ତାହ ଗୁରୁବାର ଘିଚାମୁରା ଗ୍ରାମ ପଞ୍ଚାୟତ ପରିସରରେ ପାଳିତ ହୋଇଯାଇଛି। ଘିଚାମୁରା ସରପଞ୍ଚ ରାଜୀବ କିଷାନ ମୁଖ୍ୟଅତିଥି, ଆଦିତ୍ୟ ଆଲୁମିନିୟମ ମୁଖ୍ୟ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଶ୍ୱେତା ଉପାଧ୍ୟାୟ, ଉପପ୍ରବନ୍ଧକ ମନୋରଞ୍ଜନ ବେହେରା, ବୋମଲୋଇ, ଘିଚାମୁରା ଓ ଜଙ୍ଗଲା ସୁପରଭାଇଜର ଅନିତା ସାହାଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁପୋଷଣ ଦୂରୀଭୂତ କରିବା, ସୁସ୍ଥ ପରିବେଶ ଗଠନ, ସୁସ୍ଥ ଜୀବନ ଶୈଳୀକୁ ବଜାୟ ରଖିବା ପାଇଁ ଉତ୍ତମ ଓ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରଣାଳୀ ଗ୍ରହଣ କରିବାକୁ ସଭାରେ ଆଲୋଚନା ହୋଇଥିଲା। ଗ୍ରାମବାସୀ ପୁଷ୍ଟିଯୁକ୍ତ ପନିପରିବା କିପରି ଚାଷ କରି ଲାଭାନ୍ୱିତ ହୋଇପାରିବେ ସେନେଇ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସପ୍ତାହରେ ଘିଚାମୁରା, ଗୌରଡିହ, ବୁଦ୍ଧୁଲା, ଢ଼ରୋପାଣି ଅଞ୍ଚଳର ୯୭ ଜଣ ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ କିଶୋରୀ ବାଳିକା ଯୋଗଦେଇଥିଲେ। ଏହି ଅଞ୍ଚଳର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀଙ୍କ ଦ୍ୱାରା ପୃଷ୍ଟିଯୁକ୍ତ ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଏକ କୁଇଜ୍ ପ୍ରତିଯୋଗିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପାଚିକା ନିଯୁକ୍ତି ଦାବିରେ ଆଶାୟୀଙ୍କ ଧାରଣା

ନାକଟିଦେଉଳ,୭।୯(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ କେଲୋବେର୍ଣ୍ଣା ପ୍ରାଥମିକ ବିଦ୍ୟାଳୟରେ ପାଚିକା ଭାବେ ନିଯୁକ୍ତି ଦାବିକରି ଜଣେ ଆଶାୟୀ ମହିଳା ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି।

ସୂଚନା ଅନୁସାରେ ଏହି ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ପାଚିକା ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିପାଇଁ ଗ୍ରାମର ୨ଜଣ ମହିଳା ଆବେଦନ କରିଥିଲେ। ହେଲେ ଅନିୟମିତତା କରାଯାଇଥିବା ନେଇ ଗ୍ରାମର କବିତା ବେହେରା ନାମ୍ନୀ ବିଧବା ମହିଳା ଅଭିଯୋଗ କରିଥିଲେ। ଏହାସହ ଗତ ସପ୍ତାହରେ ସେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କୁ ନିଯୁକ୍ତି ଦିଆ ନ ଗଲେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ନାକଟିଦେଉଳ ପୋଲିସ ପହଞ୍ଚି ତାଙ୍କୁ ବୁଝାଶୁଝା କରି ଘରକୁ ପଠାଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଏହି ପଦବୀରେ କାହାରିକୁ ନିଯୁକ୍ତି ଦିଆ ଯାଇ ନ ଥିବା ବେଳେ କବିତା ଗୁରୁବାର କେତେଜଣ ଗ୍ରାମବାସୀଙ୍କୁ ସାଙ୍ଗରେ ନେଇ ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେ ଫାଟକରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ଖବର ପାଇ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଧାରଣାରତ କବିତା ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ମଙ୍ଗଳବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅଧିକାରୀ ଏଠାକୁ ଆସିବେ ଏବଂ ବିଦ୍ୟାଳୟ କମିଟି ଉପସ୍ଥିତିରେ ଏହି ପଦବୀ ପାଇଁ ନୂତନ ଭାବେ ଚୟନ କରାଯିବ ବୋଲି ପ୍ରକାଶ କରିବା ପରେ କବିତା ଧାରଣାରୁ ଉଠିଥିଲେ।



ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି କବିତା।

## ଉଦ୍ଧାର ଅଜଗର ବୁଢ଼ିଆ ଜଙ୍ଗଲରେ ଛଡ଼ାଗଲା



ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବିରିଘାଟ ଗ୍ରାମର ସୁନ୍ଦର ନଦୀ କୂଳରୁ ଗୁରୁବାର ବିରାଟ ଅଜଗର ସାପ ଉଦ୍ଧାର ହୋଇଛି। ନଦୀ କୂଳରେ ଦୀର୍ଘ ସମୟ ଧରି ଅଜଗର ସାପ ପଡି ରହିଥିଲା। ଗ୍ରାମର କିଛି ବ୍ୟକ୍ତି ଦେଖି ଗ୍ରାମ୍ୟ ଜଙ୍ଗଲ କମିଟି ସଭାପତି ଲାଲ ଖାନ ତାକୁ ଧରି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଆସି ଅଜଗରକୁ ଉଦ୍ଧାର କରି ବୁଢ଼ିଆ ଜଙ୍ଗଲରେ ଛାଡିଥିବା ବିଭଗ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ନକଲି ବେଦେଶୀ ମଦ କାରଖାନାରେ ଅବକାରୀ ଚଢ଼ାଉ, ଜଣେ ଗିରଫ



କେସିଙ୍ଗା,୭।୯(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ପଲସାପଡା ଗ୍ରାମରେ ବିଦେଶୀ ମଦ କାରଖାନାରେ କେସିଙ୍ଗା ଅବକାରୀ ବିଭାଗ ଗୁରୁବାର ଚଢ଼ାଉ କରିଥିବା ଜଣାପଡିଛି। ସେଠାରୁ ମଦ ବୋତଲରେ ବ୍ୟବହୃତ ଲେବୁଲ, ଷ୍ଟିକର, ଖାଲି ବୋତଲ, ସ୍ପିରିଟ, ଠିପି, ଇତ୍ୟାଦି ଜବତ କରାଯାଇଛି। ଅବକାରୀ ବିଭାଗ ପ୍ରକାଶ ନାଏକଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଚଢ଼ାଉରେ ଅବକାରୀ ବିଭାଗ ଏସ.ପି.ରଞ୍ଜନ କୁମାର ନାୟକ, ଇନ୍ସପେକ୍ଟର ସୁଶାନ୍ତ ପ୍ରଧାନ, ବିଶ୍ୱଜିତ ଆରୁଖଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ଥିଲେ।

# ୧୧ ସୁଦ୍ଧା ଦାବି ପୂରଣ କର

ନୂଆପଡ଼ା,୭।୯(ମକାରୁ ବେମାଲ)



ଦାବିପତ୍ର ଦେବାକୁ ଆସିଥିବା ନ୍ୟାଶନାଲ ଫ୍ରଣ୍ଟ ଇଣ୍ଡିଆନ ଟ୍ରେଡ୍ ୟୁନିୟନ ସଦସ୍ୟବୃନ୍ଦ।

■ଦାବି ପୂରଣ ନ ହେଲେ ୧୨ରୁ ଅନିର୍ଦ୍ଦିଷ୍ଟକାଳ ଧାରଣ
■ଜିଲାପାଳଙ୍କୁ ୧୫ ଦଫା ସମ୍ବଳିତ ଦାବିପତ୍ର

ନୂଆପଡା ଜିଲାରେ ଅନେକ ଘଟଣା ଘଟି ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନ ନେବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହାକୁ ନେଇ ଗୁରୁବାର ନିକଟରେ ଘଟିଥିବା ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ନ୍ୟାଶନାଲ ଫ୍ରଣ୍ଟ ଇଣ୍ଡିଆନ ଟ୍ରେଡ୍ ୟୁନିୟନ ନୂଆପଡା ପକ୍ଷରୁ ଜିଲାପାଳ ହେମକାନ୍ତ ସାଏଙ୍କୁ ୧୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୧୧ ତାରିଖ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୧୨ରୁ ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିବୁ ବୋଲି ୟୁନିୟନ ଚେତାବନୀ ଦେଇଛି। ନିକଟରେ ଘଟିଥିବା ସିନାପାଲି ବ୍ଲକ ଏକ ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ଛାତ୍ରୀ ଅପହରଣରେ ଦାୟିତ୍ୱହୀନ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ବୁଢାପଡା ବିଦ୍ୟାଳୟ ନାବାଳକ ଛାତ୍ରଙ୍କ ମୃତ୍ୟୁରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଏବଂ ପୀଡିତାଙ୍କ ପରିବାରକୁ କ୍ଷତି ପୂରଣ ଓ ଦାୟିତ୍ୱହୀନ କର୍ମଚାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, କୁରୁମପୁରି ପଞ୍ଚାୟତ ଦିଆମୁଣ୍ଡା ଗାଁର ୧୫ ପରିବାରର ୯୫ଜଣ ସଦସ୍ୟଙ୍କୁ ପୁନର୍ବାସ କାରାଯାଉ, ଖଡିଆଳ ବ୍ଲକ ବାଦି ଗାଁର ଧ୍ରୁବ ଚରଣ ମାଝି ଟିପିଡବ୍ଲୁଡିଏଲ ବିଦ୍ୟୁତ କମ୍ପାନୀରେ ଲାଇମେନ ଭାବେ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁ ହୋଇଥିଲେ ହେଁ ତାଙ୍କୁ ଏଯାଏଁ ସହାୟାତା ରାଶି ପ୍ରଦାନ କରାଯାଇନାହିଁ। ଜିଲାର ୫ଟି ବ୍ଲକରେ ରାଶନ ସାମଗ୍ରୀ ବଣ୍ଟନରେ ହେରଫେର ଅଭିଯୋଗ ହୋଇଥିଲେ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ନୂଆପଡା ବିଜ୍ଞାପିତ ପରିଷଦ ତେଲିପଡା ପୋଖରୀ ହୁଡା କଡରେ ଗରିବ ଶ୍ରେଣୀର ଲୋକଙ୍କୁ ଉଚ୍ଛେଦ କରିବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ ଥଇଥାନ କରାଯାଇନାହିଁ। ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ନିର୍ମାଣ ହୋଇ କାମ ଶେଷ ହୋଇଗଲା। କିନ୍ତୁ ବୁଡି ଗାଁ ସନବାହାଲିରେ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ହୋଇ ପାରିଲାନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବୋଡେନ ବ୍ଲକ ସୁନାପୁର ପଞ୍ଚାୟତ କେଶରାଜପୁର ଗାଁରେ କାମ ହୋଇ ଟଙ୍କା ଉଠାଣ ହୋଇଥିଲା। ସଦର ବ୍ଲକ ପରକୋଡ ପଞ୍ଚାୟତ ସେମେରିୟା ଗାଁରେ ମଧ୍ୟ କାମ ନ ହୋଇ ଟଙ୍କା ଉଠାଣ କରି ଆତ୍ମସାତ କରାଯାଇଛି। ସେହିଭଳି କୋମନା ବ୍ଲକ ପଲସିପାଣି ପଞ୍ଚାୟତରେ କାମ କରି ବର୍ତ୍ତମାନ ସୁଦ୍ଧା ପାଉଣା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏସବୁର ବିଧିବଦ୍ଧ ତଦନ୍ତ କରି ବିହିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ୧୧ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୨ରୁ ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିବୁ ବୋଲି ନ୍ୟାଶନାଲ ଫ୍ରଣ୍ଟ ଇଣ୍ଡିଆନ ଟ୍ରେଡ ୟୁନିୟନ ସଭାପତି ଭକ୍ତବନ୍ଧୁ ଧରୁଆ କହିଛନ୍ତି।

## ଉଲ୍ଲେଖନୀୟ ଅବଦାନ ପାଇଁ ନୃତତ୍ତ୍ୱବିତ୍ ଡ.ନିବେଦିତା ନାଥ ସମ୍ମାନିତ



ନୃତତ୍ତ୍ୱବିତ୍ ଡ.ନିବେଦିତା ନାଥଙ୍କୁ କେନ୍ଦ୍ର ମନ୍ତ୍ରୀ ସମ୍ମାନିତ କରୁଛନ୍ତି।

ଭବାନୀପାଟଣା,୭।୯
(ଉତ୍ତମ କୁମାର ଦାଶ)

ଭୁବନେଶ୍ୱର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ (କିସ୍-ଡିମ୍ଡ୍) ବିଶ୍ୱବିଦ୍ୟାଳୟଠାରେ ବିଶ୍ୱ ନୃତତ୍ତ୍ୱ ବିଜ୍ଞାନ କଂଗ୍ରେସ-୨୦୨୩ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ଟି ଦେଶର ନୃତତ୍ତ୍ୱବିତ୍‌ମାନେ ଯୋଗ ଦେଇଥିଲେ। ଭାରତର ସମସ୍ତ ବିଶ୍ୱବିଦ୍ୟାଳୟ ଗବେଷକମାନେ ଯୋଗଦେଇଥିଲେ। ଏହି ଅବସରରେ ୟୁନାଇଟେଡ୍ ଇଣ୍ଡିଆନ୍ ଆନ୍ଥ୍ରୋପୋଲୋଜିକାଲ ଫୋରମ୍ (ୟୁଆଇଏଫ୍) ଆସୋସିଏଟ ପ୍ରଫେସର ଡ.ନିବେଦିତା ନାଥଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଅର୍ଜ୍ଜୁନ ମୁଣ୍ଡା ଓ ସମ୍ମାନିତ ଅତିଥି ଭାବେ ଏମପି ଡ. ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, ଦିଲ୍ଲୀ ବିଶ୍ୱ ବିଦ୍ୟାଳୟ ପୂର୍ବତନ କୁଳପତି ପି.ସି ଜୋଷୀ ପ୍ରମୁଖ ଯୋଗଦେଇ ଯୁବ ନୃତତ୍ତ୍ୱବିତ୍ ପ୍ରଫେସରଭ ଡ.ନିବେଦିତା ନାଥଙ୍କୁ ସମ୍ମାନିତ କରିଥିଲେ। ପ୍ରଫେସର ଡ.ନାଥ ବର୍ତ୍ତମାନ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ପିଜି କାଉନସିଲ ଅଧକ୍ଷା ଭାବେ କାର୍ଯ୍ୟରତ ଅଛନ୍ତି।

## ଜନ୍ମାଷ୍ଟମୀ, ନନ୍ଦୋତ୍ସବ ପାଳିତ

ନୂଆପଡ଼ା,୭।୯(ମକାରୁ ବେମାଲ)

ନୂଆପଡ଼ା ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ୨ଦିନ ଧରି ପାଳିତ ହୋଇଥିବା ବେଳେ ଗୁରୁବାର ନନ୍ଦୋତ୍ସବରେ ଜିଲାର ସହସ୍ରାଧିକ ଯାଦବ ପୁରୁଷ ଓ ମହିଳାମାନେ ସହର ପରିକ୍ରମା କରିଥିଲେ। ଶ୍ରୀକୃଷ୍ଣ ପ୍ରେମରେ ବାଜାଗଜା, ବାଣ ରୋଶଣୀ, ଘଣ୍ଟା ବଦ୍ୟରେ ସହର ଏକପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନୂଆପଡା ଏନଏସି ଯାଦବ ସମାଜ ପକ୍ଷରୁ କଲ୍ୟାଣ ମଣ୍ଡପ ପଡିଆରେ ଆୟୋଜିତ ପ୍ରଥମ ପର୍ଯ୍ୟାୟରେ ବୁଧବାର ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳିତ ହୋଇଥିଲା। ବିଳମ୍ବିତ ରାତ୍ରିରେ ଶ୍ରୀକୃଷ୍ଣଙ୍କ ଜନ୍ମହେବା ପରେ ଯାଦବ ପରିବାରଙ୍କ ସହ ସହରର ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନେ ଏକତ୍ରିତ ହୋଇ ପ୍ରସାଦ ସେବନ କରିଥିଲେ। ଗୁରୁବାର ପୂର୍ବାହ୍ନରେ ପୂଜା ମଣ୍ଡପ ନିକଟରେ ନନ୍ଦୋତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଯାଦବ ସମ୍ପ୍ରଦାୟର ଶିଶୁ, ଯୁବତୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହକୁ ଗିରିଧାରୀ ସଲମା, ଖେଳ ଶିକ୍ଷକ ମହବାବ ଆଡଜୁଆଡ, ତରୁଲତା ନାଗ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଯାଦବ ସମାଜ ପକ୍ଷରୁ ଆୟୋଜକ କମିଟି ସଭାପତି ମହେଶ ନିଆଲ, ଉତ୍କଳ ଯାଦବ ମହାସଭା ମହାସଚିବ ଲମ୍ବୋଦର ନିଆଲ, ପୂର୍ବତନ ଜିଲା ସଭାପତି ହରେରାମ କଠୋର, ଏବଂ ସଭାପତି ଭରତଲାଲ ରାଉତ ନିଆଲଙ୍କ ସମେତ ଉପସଭାପତି ଘନଶ୍ୟାମ ଭୋଇ, ସଂପାଦକ ରିଙ୍କୁ ବର୍ଗତି, କୋଷାଧ୍ୟକ୍ଷ ଶୁକ୍ଳ ଚରଣ ବାଗ, ମୋହନ ବାଗ, ପ୍ରଦୀପ ରାଉତ,ଅମୀୟ ଦାସ, ଗିରିଧାରୀ ସଲମା, ରାହୁଲ ଯାଦବ, ଡୋଳାମଣୀ ଠେଲା ପ୍ରମୁଖ ସହଯୋଗ କରିଥିଲେ।



ଶୋଭାଯାତ୍ରାରେ ଯାଦବମାନେ।

## ଦୁର୍ଘଟଣରେ ଆହତ ଯୁବକଙ୍କ ମୃତ୍ୟୁ

ଖଡ଼ିଆଳ,୭।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ୩୫୩ ନମ୍ବର ଜାତୀୟ ରାଜପଥ ବଡ଼ମହେଶ୍ୱର ଗ୍ରାମଠାରେ ଗତ ୫ ତାରିଖ ସକାଳେ ଏକ ସଡ଼କ ଦୁର୍ଘଟଣାରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତଙ୍କ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଖଡ଼ିଆଳ ବ୍ଲକ ବରପଦର ଗ୍ରାମର ବୀରକିଶୋର ରାଉତ। ସୂଚନା ଅନୁସାରେ ଗତ ୫ ତାରିଖ ଭୋର ସମୟରେ ବଡ଼ମହେଶର ଗ୍ରାମର ଢ଼ାବା ନିକଟରେ ବୁଲେଟ ଓ ଟ୍ରକ ମଧ୍ୟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବରପଦର ଗ୍ରାମର ଗୋବିନ୍ଦ ରାଉତ(୨୫) ଓ ମାରୁତି ବେହେରା(୨୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ବିରକିଶୋର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଖଡ଼ିଆଳ ହସ୍ପିଟାଲ, ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଶେଷରେ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାଉତ ରାୟପୁରଠାରେ ଚିକିତ୍ସିତ ହେଉଥିଲେ ବୋଲି ଖଡ଼ିଆଳ ପୋଲିସ ସୂତ୍ରରୁ ପ୍ରକାଶ।

## ରାଜେନ୍ଦ୍ର ନାଏକ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ମନୋନୀତ



କୋକସରା,୭।୯
(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)

ଓଡିଶା ପ୍ରଦେଶ କଂଗ୍ରେସ ଅନୁମୋଦନକ୍ରମେ କଳାହାଣ୍ଡି ଜିଲା କଂଗ୍ରେସ କମିଟି ପକ୍ଷରୁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ଏହି କ୍ରମରେ କୋକସରା ବ୍ଲକର କଂଗ୍ରେସର ଜଣେ ଲଢୁଆ ଯୁବନେତା ରାଜେନ୍ଦ୍ର ନାଏକ (ଭାଲୁଭାଇ)ଙ୍କୁ ଜିଲା ସମ୍ପାଦକ ଭାବେ ମନୋନୀତ କରାଯାଇଛି। ରାଜେନ୍ଦ୍ର ପୂର୍ବରୁ କୋକସରା ବ୍ଲକ କଂଗ୍ରେସ କମିଟି ସଭାପତି ଓ ଅନ୍ୟାନ୍ୟ ପଦପଦବୀରେ ରହି ଦଳକୁ ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବାରେ ପ୍ରମୁଖ ନେତୃତ୍ୱ ନେଇଛନ୍ତି। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଜିଲା ସାଧାରଣ ସମ୍ପାଦକ ଦାୟିତ୍ୱ ଦେଇଛନ୍ତି। ସାଧାରଣ ସମ୍ପାଦକ ଦାୟିତ୍ୱ ଦେଇଥିବାରୁ କଂଗ୍ରେସ ରାଜ୍ୟ ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ଭକ୍ତ ଚରଣ ଦାସ, ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ସାଧାରଣ ସମ୍ପାଦକ ଭାବେ ଚୟନ ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି।

## ସେମିଫାଇନାଲରେ ଘୁଚାପାଲି, ଜାମଖୁଟା

ନୂଆପଡ଼ା,୭।୯(ମକାରୁ ବେମାଲ)

**୧୫ତମ ଇଣ୍ଡିପେଣ୍ଡେନ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ରାଜୀବ ଗାନ୍ଧି ମିନିଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ପକ୍ଷରୁ ୧୫ତମ ଆନ୍ତଃଜିଲା ଇଣ୍ଡିପେଣ୍ଡେନ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ନୂଆପଡା ଜିଲା ସମେତ ବରଗଡ ଓ ବଲାଙ୍ଗୀର ଜିଲାର ୮ଟି ଦଳ ଭାଗ ନେଇଛନ୍ତି। ଆସନ୍ତା ୧୦ରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଫୁଟବଲ ଆସୋସିଏଶନ ସଭାପତି ଦୁଃଖଭଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟଅତିଥି, ସମାଜିକ କର୍ମୀ ମାଧବ ପ୍ରସାଦ ସାହୁ, ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡାପ୍ରେମୀ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବୋଡେନ ଓ ଘୁଚାପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଅମିମାଂଶିତ ହେବାରୁ ଟାଇବ୍ରେକର ସାହାଯ୍ୟରେ ଘୁଚାପାଲି ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ ଜାମଖୁଟା ଓ କୁଳିଆବନ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଜାମଖୁଟା ଦଳ ୪-୨ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ତାପସ ପତି, ସୌରଭ ଭୂଷଣ ପଣ୍ଡା ଓ ଅମୂଲ୍ୟ ନାରିକ ଖେଳ ପରିଚାଳନା କରିଥିବା ବେଳେ ପରଶ ରାମ ଅହିର ଧାରାବିବରଣି ପ୍ରଦାନ କରିଥିଲେ। ଅନୁଷ୍ଠାନ ଉପସଭାପତି ଅଜୟ ଅହିର, ସମ୍ପାଦକ ଦୟାଲାଲ ଅହିର, ଭୋଜରାମ ଅହିର, ଅକ୍ଷୟ ଗବହିର, ରୂପଧର ତାଣ୍ଡି, ଅଜୟ ଗହିର, କୁମୁଦ ବନଛୋର, ବିନୋଦ ବନଛୋର, ଦୀପକ ଦଣ୍ଡସେନା, ନିର୍ମଳ ଗହିର ପ୍ରମୁଖ ଯୋଗ କରିଥିଲେ।

## ଜନ୍ମାଷ୍ଟମୀ ପାଳିତ

ଖଡ଼ିଆଳ,୭।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଗ୍ରାମରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପରିଚାଳନା କମିଟି ପକ୍ଷରୁ ୧୯୭୮ରୁ ପାଳିତ ହୋଇ ଆସୁଥିବା ଜନ୍ମାଷ୍ଟମୀ ଶେଷ ହୋଇଛି। ଜନ୍ମାଷ୍ଟମୀରେ ଶତାଧିକ ମହିଳା ଓ ପୁରୁଷ ଭକ୍ତଙ୍କ ଗହଣରେ ପାଳିତ ହୋଇଛି। ଏଥିରେ ପୂଜା କର୍ତ୍ତା ଭାବେ ବାଞ୍ଛାନିଧି ରାଉତରାୟ ଓ ଲବଙ୍ଗଲତା ରାଉତରାୟ ଥିବାବେଳେ ପୂଜକ ଭାବେ ପଣ୍ଡିତ ତାରାପ୍ରସାଦ ଆଚାର୍ଯ୍ୟ ପରିଚାଳନ କରିଥିଲେ। ଗୁରୁବାର ନନ୍ଦ ଉତ୍ସବ ସହିତ ଫଗୁ ଖେଳ ପରେ ଭଣ୍ଡାରା ଖୋଲି ପ୍ରସାଦ ଗ୍ରହଣ କରିଥିଲେ। ରାତ୍ରରେ ପୁରାଣ ପାଠ ସହିତ ଶ୍ରୀ କୃଷ୍ଣ ଜନ୍ମ ହୋଇଥିଲା। କମିଟି ସଭାପତି ସୁଶାନ୍ତ ବିଶି, ସମ୍ପାଦକ ବାଞ୍ଛାନିଧି ରାଉତରାୟ, କୋଷାଧ୍ୟକ୍ଷ ତ୍ରିଲକ୍ଷ ଦର୍ଜି, ଆବାହକ ନିତାଇ ବିଶି, ତରାଣୀସେନ ବିଶି, ତରୁଜ ରାମ ବାଗ ଥିବାବେଳେ ସଦସ୍ୟ ମହେନ୍ଦ୍ର ଦଣ୍ଡସେନା, ଦୁଃଶାସନ, ଅରୁଣ ଗହୀର, ବିନୋଦ, ନିଲଞ୍ଚଳ, କୃପାସିନ୍ଧୁ, ଜନ୍ମେଶ୍ୱର, ତୁଳସୀ ପ୍ରମୁଖ ସହଯୋଗ କରିଥିଲେ।

## ପୌରାଞ୍ଚଳସ୍ତରୀୟ ଶ୍ରୀକୃଷ୍ଣ ଜନ୍ମୋତ୍ସବ, ନନ୍ଦୋତ୍ସବ ପାଳନ



ଭବାନୀପାଟଣାରେ ଆୟୋଜିତ ଶୋଭାଯାତ୍ରା।

ଭବାନୀପାଟଣା,୭।୯
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଯାଦବ ସମାଜ ପକ୍ଷରୁ ଗୁରୁବାର ପୌରାଞ୍ଚଳସ୍ତରୀୟ ଶ୍ରୀକୃଷ୍ଣ ଜନ୍ମୋତ୍ସବ ଓ ନନ୍ଦଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ପୌରାଞ୍ଚଳର ଦେୱାନସାହେବ ପଡା, ନୀତେଇଗୌର ମନ୍ଦିର ପ୍ରାଙ୍ଗଣରେ ସହରର ବିଭିନ୍ନ ଯାଦବ ଗୋଷ୍ଠି ଏକତ୍ରିତ ହୋଇ ଶ୍ରୀକୃଷ୍ଣ ଜନ୍ମୋତ୍ସବ ଓ ନନ୍ଦଉତ୍ସବ ପାଳନ ସହିତ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରଯାଇଥିଲା। ଶୋଭାଯାତ୍ରା ସମୟରେ 'ଜୟ ଯାଦବ, ଜୟ ମାଧବ' ଯାଦବ ଏକତା ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହୋଇଥିଲା। ନୀତେଇଗୌରୀ ମନ୍ଦିରଠାରେ ପାରମ୍ପାରିକ ରୀତିନୀତରେ ଜନ୍ମାଷ୍ଟମୀର ଧୂପ ଓ ପ୍ରସାଦ ଲାଗି ଧୁମଧାମରେ ଶ୍ରୀକୃଷ୍ଣ ଜନ୍ମ ପାଳନ କରାଯାଇଥିଲା। ସହରର ବିଭିନ୍ନ ପଡ଼ାରୁ ଆସିଥିବା ଯାଦବ ଗୋଷ୍ଠି ଓ ଆଜିପର୍ଯ୍ୟନ୍ତ ଯାଦବ କୁଳ ରକ୍ଷା କରି ଆସିଥିବା ବୟଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧନା କରାଯଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରପାଳିକା ପୌରାଧକ୍ଷା ସଂଯୁକ୍ତା ବେହେରା, ବରିଷ୍ଠ ଉପଦେଷ୍ଟା ଓ ସଭାପତି ନିତାଇଗୌର ମନ୍ଦିର କମିଟି ନଳିନୀ ରାଉତ, ସମ୍ପାଦକ ଭକ୍ତଚରଣ ଦାସ,ବରିଷ୍ଠ ଉପଦେଷ୍ଟା ଭାରତ ଭୂଷଣ ଚଲାନ, ଅବସରପ୍ରାପ୍ତ ତହସିଲଦାର ରବିନ୍ଦ୍ର ରାଉତ, ସହର ଯାଦବ ସମିତି ସଭାପତି ରବୀନ୍ଦ୍ର ଲାଲ ଯାଦବ, ସମ୍ପାଦକ ସତ୍ୟ ନାରାୟଣ ବିଶି, ସ୍ଥାନୀୟ କାଉନସିଲର ମହେନ୍ଦ୍ର ରାଉତ, ପୀତବାସ ବେହେରା, ରସିକଲାଲ ପୁଞ୍ଜି, ଅର୍ଜ୍ଜୁନ ଧଙ୍ଗଡାମାଝି, ଚୂଡ଼ାମଣି ନାଏକ, ଧବଳେଶ୍ୱର ବାଗ, ପ୍ରମୋଦ ବାଗ, ନରେନ୍ଦ୍ର ଗହୀର, ବିଶାଳ ଗହୀର, ଜିତରାମ ବାଗ, ଭୁପେନ୍ଦ୍ର ଗହୀର, ହରି ବିଶି, ସୁବ୍ରତ ଗୋପାଳ, ରଜନୀକାନ୍ତ ଚଲାନ, ରୋହିଣୀ ଚଲାନ ପ୍ରମୁଖ ଯୋଗଦେଇଥିଲେ।

## ଛୁରାମାଡ଼ ଘଟଣାରେ ୩ କୋର୍ଟ ଚାଲାଣ

କେସିଙ୍ଗା,୭।୯(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ରେଲୱେ ଷ୍ଟେଶନ ନିକଟରେ ବୁଧବାର ରାତିରେ ୩ଜଣ ଯୁବକ ବଗାଡ଼ ଗ୍ରାମର କେଶବ ନାୟକଙ୍କୁ ଛୁରା ମାଡ଼ କରିଥିଲେ। ଏ ନେଇ ଥାନାରେ କେଶବଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଛୁରାମାଡ଼ କରିଥିବା ୩ଜଣ କେସିଙ୍ଗା ଏନ୍‌ଏସି ୱାର୍ଡ ନମ୍ବର ୧୨ର ଅଜୟ ମାଝି, ଜୟ ସୁନା ଓ ଜଗା ସୁନାଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରି ଗୁରୁବାର କୋର୍ଟ ଚାଲାଣ କରିଥିବା କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ସୂଚନା ଦେଇଛନ୍ତି। ସାମାନ୍ୟ ବଚସାରୁ କାରଣ ଏଭଳି ଏକ ଘଟଣା ଘଟିଛି ନା ଆଉ କ'ଣ କାରଣ ରହିଛି ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। ବୁଧବାର ରାତିରେ କେଶବଙ୍କୁ ୩ଜଣ ଯୁବକ ଛୁରାମାଡ଼ କରିଥିଲେ। ତାଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଖବର ମିଳିଛି। ଏ ନେଇ କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ଗୁରୁବାର ପଅରାହ୍ନ ୩ଟାରେ କୋର୍ଟ ଚାଲାଣ କରାଯାଇଛି ବୋଲି ପ୍ରକାଶ କରିଥିଲେ।

## ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା,୭।୯(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ଡୁମୁରା ମଣ୍ଡିଠାରେ ଗୁରୁବାର ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ଶ୍ରୀଧର ପଣ୍ଡା, ଜିଲା ଶ୍ରମ କମିଶନର, ଜିଲା ଶ୍ରମ ଅଫିସର ବିରଞ୍ଚି ପଣ୍ଡା, ଶିଶିର ପଟ୍ଟନାୟକ, ବୃନ୍ଦାବହାଲ ସରପଞ୍ଚ, ଖାଲିକାନି ସରପଞ୍ଚ ପ୍ରତିନିଧି, ଚପରିଆ ସରପଞ୍ଚ ପ୍ରତିନିଧି ଉପସ୍ଥିତ ରହି ସବୁ ଶ୍ରମିକମାନଙ୍କୁ କିଭଳି ନିଜ ନାମ ପଞ୍ଜୀକରଣ କରି ସରକାରୀ ସୁବିଧା ପାଇ ପାରିବେ ସେ ବିଷୟରେ ଆଲୋକପାତ କରାଯାଇଥିଲା। ଉକ୍ତ ସଭାରେ ଗୋଲାମୁଣ୍ଡା ପଞ୍ଚାୟତ ସମିତିର ସମସ୍ତ ଗ୍ରାମପଞ୍ଚାୟତ ଶ୍ରମିକ ଯୋଗଦାନ କରିଥିଲୋ। ଏହି ଅବସରରେ ଶ୍ରମିକ ସାର୍ଟିଫିକେଟ ବଣ୍ଟନ କରାଯାଇଥିବା ବେଳେ ୧୧୬ଜଣ ଶ୍ରମିକଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।

## ୧୨ ଦଫା ଦାବି ନେଇ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

ଭବାନୀପାଟଣା,୭।୯(ଉତ୍ତମ କୁମାର ଦାଶ)

**୧୭ରେ ଆନ୍ଦୋଳନକୁ ଓହ୍ଲାଇବ ନର୍ସିଂ ସଂଘ**

୧୨ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବ ନର୍ସିଂ ସଂଘ। ଦାବି ପୂରଣ ନ ହେଲେ ଇଞ୍ଜେକ୍ସନ ବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି ସଂଘ। ଆସନ୍ତା ୧୭ରେ ରୋଗୀ ସେବାରେ କୌଣସି ବ୍ୟାଘାତ ନ କରି ଭୁବନେଶ୍ୱରର ପିଏମଜିଠାରେ ଆନ୍ଦୋଳନ କରିବ। ଏଥିରେ ରାଜ୍ୟର ସମସ୍ତ ଜିଲାସ୍ତରୀୟ ହସ୍ପିଟାଲ, ମେଡିକାଲ କଲେଜ ହସ୍ପିଟାଲ, ସୁପର ସ୍ପେଶିଆଲଟି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଭିନ୍ନ ସ୍ୱାସ୍ଥ୍ୟ ସଂସ୍ଥାରେ କାର୍ଯ୍ୟ କରୁଥିବା ୧୨ହଜାର ନର୍ସିଂ ଅଫିସର ଆନ୍ଦୋଳନକୁ ଓହ୍ଲାଇବେ। ଏହାପୂର୍ବରୁ ଗୁରୁବାରଠାରୁ ସେମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। କଳାହାଣ୍ଡି ଜିଲା ନର୍ସିଂ ସଂଘ ପକ୍ଷରୁ ଏ ନେଇ ଜିଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯିବା ସହ ଭବାନୀପାଟଣା ମେଡ଼ିକାଲ ଆଗରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ପ୍ରତିବାଦ ସଭାରେ ସଂଘ ଜିଲା ସଭାନେତ୍ରୀ ସନ୍ଧ୍ୟାରାଣୀ ରଥ, ଉପସଭାପତି ତ୍ରିବିକ୍ରମ ପ୍ରଧାନ, ସମ୍ପାଦକ ବସନ୍ତ କୁମାର, ଯୁଗ୍ମ ସମ୍ପାଦକ ଅମିତ କୁମାର ମେହେର, କୋଷାଧକ୍ଷ କ୍ଷୀର ସିନ୍ଧୁ ରଣା, ସଂଘ ଉପଦେଷ୍ଟା ବସନ୍ତ ମଞ୍ଜରୀ ଦାଶ ପ୍ରମୁଖ ସାମିଲ ଥିଲେ। ଦୀର୍ଘ ଦିନର ଦାବିକୁ ନେଇ ସରକାର କର୍ଣ୍ଣପାତ କରୁ ନ ଥିବା ନର୍ସିଂ ଅଫିସରମାନେ ଅଭିଯୋଗ କରିଛନ୍ତି। ସରକାରଙ୍କ ଏଭଳି ବୈମାତୃକ ନୀତି ପାଇଁ ଓଡିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୧୭ରେ ଆନ୍ଦୋଳନ କରିବେ। ଯଦି ତଥାପି ସରକାର ଦାବିଗୁଡିକକୁ ନ ମାନନ୍ତି ତେବେ ଆଗାମୀ ଦିନରେ ସାରା ରାଜ୍ୟରେ ଇଞ୍ଜେକ୍ସନ ବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ଭବାନୀପାଟଣାରେ ନର୍ସିଂ ସଂଘର କଳାବ୍ୟାଜ୍ ପିନ୍ଧି ପ୍ରତିବାଦ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-TLHR-335, ତା.01.09.2023ରିଖ

କାର୍ଯ୍ୟର ନାମ: 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ(₹): 48,85,826.25, EMD(₹): 97,700/-।

ବିଡ୍ ଆରମ୍ଭ ହେବା ତାରିଖ: ତା.11.09.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.09.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ୍
PR-554/O/23-24

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**

**QUOTATION CALL NOTICE (Addendum)**

**No.1538/ CM Dated 05.09.2023**

Ref.: This Office Quotation Call Notice 1495/CM Dated 26.08.2023 published inthe daily newspaper the 'Dharitri' dated 28.08.2023.
1. The words "Supply and Installation of video surveillance, supply of Library Books, Office Furniture and Students' Furniture" have been added. 2. The list of materials uploaded in the college website www.cmvedu.in may be read a fresh. 3. The date may be read 14.09.2023 instead of 07.09.2023. 4. All other things remain unaltered.

Sd./- Principal, Chikiti Mahavidyalaya, Chikiti, Ganjam

**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର**
ଦୁର୍ଗାପାଲି, ସମ୍ବଲପୁର ୭୬୮୦୦୬, ଫୋନ୍: ୭୪୦୧୦୯୮
ଇମେଲ୍- Secretarysdasbp@gmail.com

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, Durgapali Site and Services Schemeରେ ଲିଜ୍ ପ୍ଲଟ୍ ନମ୍ବର MIG-37ଟିକୁ ସ୍ୱର୍ଗତ ପ୍ରକାଶ ଚନ୍ଦ୍ର ସିଂ, ପିତା- ଆଓ୍ୱାଦେଶ ପ୍ରସାଦ ସିଂ, ସା.- ଶକ୍ତିନଗର, ହୀରାକୁଦ, ଜିଲ୍ଲା- ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ପ୍ରକାଶ ଚନ୍ଦ୍ର ସିଂଙ୍କର ମୃତ୍ୟୁ ହୋଇଯାଇଥିବାରୁ ତାଙ୍କର ଝିଅ ଡାକ୍ତର ପ୍ରିୟଙ୍କା ସିଂ ଉକ୍ତ ପ୍ଲଟ୍‌ଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି।

ଉକ୍ତ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ, ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ସଚିବ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

## ସଂକ୍ଷେପରେ

### ଖଡଙ୍ଗ ନଦୀ ପୋଲରୁ ଖସି ଯୁବକ ନିଖୋଜ



ବାଲିଗୁଡା/ଘଣ୍ଟାପଡା,୭।୯(ସଞ୍ଜୟ କୁମାର ପାଣିଗ୍ରାହୀ/ପ୍ରଭାତ କୁମାର ସାହୁ)

କନ୍ଧମାଳ ଜିଲା ସୀମାନ୍ତ ବାଲିଗୁଡା ବ୍ଲକ ଲଣ୍ଡାଗାଁ ପଞ୍ଚାୟତ ମୁଠାବାଲି ନିକଟ ଖଡଙ୍ଗ ନଦୀ ପୋଲରୁ ଖସି ଜଣେ ଯୁବକ ପାଣିରେ ଭାସିଯାଇ ନିଖୋଜ ଅଛନ୍ତି। ସେ ହେଲେ କର୍ଣ୍ଣିବେଡ଼ା ଗ୍ରାମର ଚୈତନ୍ୟ ନାୟକ ଓରଫ ହଜୁ (୪୮)। ଚୈତନ୍ୟ ବୁଧବାର ଜନ୍ମାଷ୍ଟମୀରେ ଶ୍ୱଶୁର ଘର ମୁଠାବାଲି ଗ୍ରାମକୁ ବୁଲିବାକୁ ଆସିଥିଲେ। ଗୁରୁବାର ସେ ଗାଁକୁ ଫେରୁଥିଲେ। ବୌଦ୍ଧ ଓ କନ୍ଧମାଳ ଜିଲା ସୀମାନ୍ତ ଖଡ଼ଙ୍ଗ ନଦୀ ପୋଲ ଉପର ଦେଇ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ନଦୀକୁ ଖସିପଡ଼ି ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ନିକଟସ୍ଥ ବୌଦ୍ଧ ଜିଲାର କଣ୍ଟାମାଳ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କଣ୍ଟାମାଳ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ଅପରାହ୍ନ ସୁଦ୍ଧା ନିଖୋଜ ଚୈତନ୍ୟଙ୍କୁ ଠାବ କରି ପାରି ନ ଥିଲା।

### ଚୋରି ଅଭିଯୋଗରେ ୪ ଗିରଫ

ବିନ୍ଦିକା,୭।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରର ନୁଆଁପଡା ଠାରେ ଥିବା ଚରଣ ମେହେରଙ୍କ କିରାନା ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିନିକା ସହରର ଅଜାମିଲ ଭୋଇ, ଆକାଶ ଭୋଇ, ସୁଧୀର ନାଏକ ଓ ରଞ୍ଜିତ ସ୍ୱାଇଁ । ପୋଲିସ ସୂଚନା ଅନୁସାରେ, ଗତ ୪ ତାରିଖ ରାତିରେ ଚରଣ ମେହେରଙ୍କ କିରାନା ଗୋଦାମରୁ ଅଭିଯୁକ୍ତମାନେ ପ୍ରାୟ ୩୦ ପେଟି ତେଲ, ଚାଉଳ ବସ୍ତା ଆଦି ଚୋରି କରି ନେଇଥିଲେ । ଯାହାର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ । ସେମାନେ ଉକ୍ତ ଚୋରି ସାମଗ୍ରୀକୁ ଚଣ୍ଡୀପଡାଠାରେ ଥିବା ଏକ କିରାନା ଦୋକାନରେ ବିକ୍ରି କରିଥିଲେ। ତେବେ ସାମଗ୍ରୀ ଚୋରି ନେଇ ମେହେର ବିନିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଗୁରୁବାର ଚୋରି ସାମଗ୍ରୀ କିଣିଥିବା ରଞ୍ଜିତ ସ୍ୱାଇଁଙ୍କ ଦୋକାନରେ ପୋଲିସ ଚଢ଼ାଉ କରି ଉକ୍ତ ସାମଗ୍ରୀକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ସୋନପୁର ଜେଲ ହାଜତକୁ ପଠାଯାଇଛି।

### ଅଣଧାନ ଚାଷ ପ୍ରତି ଆକୃଷ୍ଟ ପାଇଁ ଗଡ଼ିଲା ସଚେତନତା ରଥ



ସୋନପୁର,୭।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଅଣଧାନ ଚାଷ ପ୍ରତି ଚାଷୀଙ୍କୁ ଆକୃଷ୍ଟ କରିବା ପାଇଁ ଗୁରୁବାର ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲାର ତରଭା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅଧୀନରେ ଅଣଧାନ ଚାଷ ପାଇଁ ଚାଷୀଙ୍କ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଜିଲାପାଳ ବିମଳେନ୍ଦୁ ରାୟ ଓ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଦୁଇଟି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର ଏବଂ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଯୋଜନା ବର୍ତ୍ତମାନ ଓଡ଼ିଶାର ୨୨ ଗୋଟି ଜିଲାରେ କାର୍ଯ୍ୟକାରୀ ହେଉଛି । ଖରିଫ ଋତୁରେ ଅଣଧାନ ଫସଲ ଚାଷ ପ୍ରତି ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ତଥା ବଜାର ଚାହିଦା ମୁତାବକ ଅଣଧାନ ଫସଲ ଚାଷ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏହି ସଚେତନତା ରଥ ଚାଷୀ ମାନଙ୍କ ମଧ୍ୟରେ ଅଣଧାନ ଫସଲ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ଚାଷ ସମ୍ବନ୍ଧୀୟ ବୈଷୟିକ ସୂଚନା ପ୍ରଦାନ କରିବ ବୋଲି ଜଣାପଡ଼ିଛି।

# ମହିଳାଙ୍କ ନ୍ୟୁଡ୍ ଭିଡିଓ ଭାଇରାଲ କରି ଛତିଶଗଡ଼ ଯୁବକ ଗିରଫ

- ବ୍ଲାକମେଲ କରି ଟଙ୍କା ମାଗୁଥିଲେ
- ପୀଡିତା ଓ ତାଙ୍କ ସ୍ୱାମୀଙ୍କ ନିକଟରୁ ନେଇଥିଲେ ୩.୭୮ ଲକ୍ଷ

ସୋନପୁର,୭।୯(ମୃତ୍ୟୁଞ୍ଜୟ ଶତପଥୀ)

ବିବାହିତା ମହିଳାଙ୍କ ନ୍ୟୁଡ୍ ଭିଡିଓ ଭାଇରାଲ କରିଥିବା ଛତିଶଗଡର ଯୁବକ ଯୋଗିନ୍ଦର ସୋନିଙ୍କୁ ସୋନପୁର ପୋଲିସ ଗିରଫ କରିଛି। ଅଭିଯୁକ୍ତ ସୋନିଙ୍କ ଘର ମହାସମୁନ୍ଦ ଜିଲା ବାଗବରା ଗ୍ରାମରେ। ବୁଧବାର ବିଳମ୍ବିତ ରାତିରେ ସୋନପୁର ଆଇଆଇସି ପଦ୍ମାସିନୀ ମେହେରଙ୍କ ନେତୃତ୍ୱରେ ପୋଲିସ ଟିମ୍ ବଲାଙ୍ଗୀର ଜିଲା ଟିଟିଲାଗଡରୁ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସୋନିଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଗୁରୁବାର ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ସୋନିଙ୍କର ସମ୍ପୃକ୍ତ ମହିଳାଙ୍କ ସହିତ ପ୍ରଥମେ ଏକ ମନ୍ଦିରରେ ପରିଚୟ ହୋଇଥିଲା। ପରେ ଫେସବୁକ୍‌ରେ ଉଭୟ ବନ୍ଧୁତା ସ୍ଥାପନ କରିଥିଲେ। କିଛି ଦିନ ପରେ ସୋନି ମହିଳାଙ୍କ ନ୍ୟୁଡ୍ ଭିଡିଓ ପ୍ରସ୍ତୁତ କରି ବ୍ଲାକମେଲିଂ କରିବା ଆରମ୍ଭ କରିଥିଲେ। ଗତ ଡିସେମ୍ବର ମାସଠାରୁ ସେ ମହିଳାଙ୍କୁ ଫୋନ୍‌ରେ ଧମକ ଦେଇ ଟଙ୍କା ମାଗୁଥିଲେ। ଟଙ୍କା ନ ଦେଲେ ନ୍ୟୁଡ୍ ଫଟୋ ଓ ଭିଡିଓ



ଏସ୍‌ପି ଅମରେଶ କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ଭାଇରାଲ କରିଦେବ ବୋଲି ଧମକ ଦେଉଥିଲେ। ମହିଳା ଜଣକ ନିଜ ଫୋନ ପେରୁ ପ୍ରଥମେ ୩ ଥରରେ ୭୮ ହଜାର ୧୦୦ ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ। ଅଭିଯୁକ୍ତଙ୍କ ଲୋଭ ବଢିଥିଲା, ସେ ପୁଣି ଟଙ୍କା ମାଗିବା ସହ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ମହିଳା ଏହାର ପ୍ରତିବାଦ କରିବାରୁ ସୋନି ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏ ସମ୍ପର୍କରେ ମହିଳା ନିଜ ବ୍ୟବସାୟୀ ସ୍ୱାମୀଙ୍କୁ ଜଣାଇଥିଲେ। ତେବେ ଅଭିଯୁକ୍ତ ଜଣକ ଫଟୋ ଓ ଭିଡିଓ ଭାଇରାଲ ନ କରିବା ପାଇଁ ମହିଳାଙ୍କ ସ୍ୱାମୀଙ୍କୁ ରାଜସ୍ଥାନ ଡାକି ତାଙ୍କ ଠାରୁ ୨ ଲକ୍ଷ ଟଙ୍କା ନେଇଥିଲେ। କିଛି ଦିନ ପରେ ମହିଳାଙ୍କ ଶ୍ୱଶୁର ଘର ବ୍ରହ୍ମପୁରକୁ ଯାଇ ପୁଣି ୧ ଲକ୍ଷ ଆଣିଥିଲେ। ଅଭିଯୁକ୍ତ ସୋନି ମହିଳା ଓ ତାଙ୍କ ସ୍ୱାମୀଙ୍କ ନିକଟରୁ ମୋଟ ୩ ଲକ୍ଷ ୭୮ ହଜାର ୧୦୦ଟଙ୍କା ନେଇ ଯାଇଥିଲେ। ଲୋକଲଜ୍ଜା ଭୟରେ ପୀଡିତା ଓ ପରିବାରବର୍ଗ ଏ ନେଇ କାହାକୁ ଜଣାଇ ନ ଥିଲେ। ତେବେ ଦିନକୁ ଦିନ ଅଭିଯୁକ୍ତ ସୋନିଙ୍କ ନିର୍ଯ୍ୟାତନା ବଢି ଚାଲିଥିଲା। ଏପରି କି ମହିଳାଙ୍କ ପରିଚିତ ଲୋକଙ୍କୁ ନ୍ୟୁଡ୍ ଭିଡିଓ ଓ ଫଟୋ ପଠାଇ ଅଭିଯୁକ୍ତ ଟଙ୍କା ମାଗୁଥିଲେ। ପୀଡିତାଙ୍କ ପରିବାର ଲୋକ ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏସ୍‌ପିଙ୍କ ପରାମର୍ଶକ୍ରମେ ବୁଧବାର ସନ୍ଧ୍ୟାରେ ପୀଡିତା ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ନଂ ୨୦୨/୨୩ ରେ ସୋନପୁର ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ଏଭଳି ସାଇବର ଅପରାଧ ରେ ଲୋକେ ଭୟ ନ କରି ପୋଲିସ ନିକଟରେ ଅଭିଯୋଗ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ଏହି ସମ୍ମିଳନୀରେ ମାମଲାର ତଦନ୍ତକାରୀ ଅଧିକାରୀ ତଥା ସୋନପୁର ଆଇଆଇସି ପଦ୍ମାସିନୀ ମେହେର ଉପସ୍ଥିତ ଥିଲେ।

# ସୋନପୁର ଗଡ଼ଜାତ ପାଇଁ ନୂଆଁଖାଇ ଲଗ୍ନ ଧାର୍ଯ୍ୟ



ମୁକ୍ତି ମଣ୍ଡପରେ ଉପସ୍ଥିତ ଜ୍ୟୋତିର୍ବିଦ୍, ପଣ୍ଡିତ ଓ ସାମାଜିକ କର୍ମୀ।

ସୋନପୁର,୭।୯(ମୃତ୍ୟୁଞ୍ଜୟ ଶତପଥୀ)

ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ପାଇଁ ଗୁରୁବାର ସୋନପୁର ବଡ ଜଗନ୍ନାଥ ମନ୍ଦିର ମୁକ୍ତି ମଣ୍ଡପରେ ପଣ୍ଡିତ ମହାସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ଆହୂତ ଏହି ବୈଠକରେ ଜ୍ୟୋତିର୍ବିଦ୍ ଓ ପଣ୍ଡିତମାନେ ଉପସ୍ଥିତ ରହି ସୋନପୁର ଗଡଜାତ ଅଞ୍ଚଳବାସୀଙ୍କ ନବାନ୍ନ ସକାଶେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଗଣନା କରି ଲଗ୍ନ ସ୍ଥିର କରିଥିଲେ। ଆସନ୍ତା ୨୦ ତାରିଖ ବୁଧବାର ଭାଦ୍ରବ ଶୁକ୍ଳ ଋଷି ପଞ୍ଚମୀ ତିଥି ପୂର୍ବାହ୍ନ ୧୦ଟା ୩୬ମିନିଟ୍‌ରୁ ୧୦ଟା ୫୦ମିନିଟ୍ ମଧ୍ୟେ ଅମୃତ ବେଳାରେ ନବାନ୍ନ ଲଗ୍ନ ଧାର୍ଯ୍ୟ ହୋଇଛି। ପ୍ରଥମେ ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହେବ। ସେହିପରି ସହରର ଅଷ୍ଟ ବିଷ୍ଣୁ, ଅଷ୍ଟ ଶମ୍ଭୁ ଓ ଅଷ୍ଟ ଚଣ୍ଡୀଙ୍କ ନିକଟରେ ଏହି ଶୁଭ ସମୟରେ ନବାନ୍ନ ସମର୍ପଣ କରାଯିବ। ପରେ ପ୍ରାକ୍ତନ ସୋନପୁର ଗଡଜାତ ତଥା ବର୍ତ୍ତମାନର ସୁବର୍ଣ୍ଣପୁର ଜିଲା ଓ ବୌଦ୍ଧ ଜିଲା ପାଞ୍ଚରା ଅଞ୍ଚଳର ଅଧିବାସୀ ନବାନ୍ନ ଭକ୍ଷଣ କରିବେ। ନୂଆଁଖାଇ ଦିନ ସକାଳ ୮ଟା ୩୦ରୁ ୯ଟା ୩୦ ମଧ୍ୟରେ ସୋନପୁରର ମା'ସମଲେଶ୍ୱରୀ ମନ୍ଦିରରୁ ଅଷ୍ଟ ଚଣ୍ଡୀଙ୍କ ପାଇଁ ନବାନ୍ନ ଭୋଗର ଏକ ପାହୁର ଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଅଷ୍ଟଚଣ୍ଡୀ, ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁଙ୍କ ନିକଟରେ ନବାନ୍ନ ଭୋଗ ଲାଗିବା ପରେ ନିଜର ଇଷ୍ଟଦେବୀ ଓ ଜନସାଧାରଣ ନବାନ୍ନ ଭକ୍ଷଣ କରିବେ। ରାଜାରାଜୁଡା ଅମଳରୁ ସୋନପୁର ଗଡଜାତ ଅଞ୍ଚଳରେ ଏହି ପରମ୍ପରା ରହି ଆସିଛି। ଜ୍ୟୋର୍ତିବିଦ୍ ପଣ୍ଡିତ ରାଜେନ୍ଦ୍ର କୁମାର ମହାପାତ୍ର, ରାମଗୋପାଳ ପୂଜାହାରୀ, ମହେଶ କୁମାର ପୂଜାହାରୀ, ପୌରାଧକ୍ଷା ତାମସି ତାମସ୍ୱିତା ନାୟକ, ଷଷ୍ଠୀ କୁମାର ବଡମାଳୀ, ଶ୍ରୀବତ୍ସ ମଲ୍ଲିକ, ପ୍ରାକ୍ତନ ପୌରାଧକ୍ଷ ପ୍ରକାଶ କୁମାର ସାହୁ ଓ କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ।

# ପାତାଳୀ ଶ୍ରୀକ୍ଷେତ୍ରରେ ନବାନ୍ନ ଲଗ୍ନ ନିର୍ଦ୍ଧାରଣ



ପାତାଳୀ ଶ୍ରୀକ୍ଷେତ୍ରରେ ନବାନ୍ନ ଭକ୍ଷଣ ପାଇଁ ଲଗ୍ନ ଧାର୍ଯ୍ୟ କରାଯାଉଛି ।

ସୋନପୁର/ଉଲୁଣ୍ଡା/ଅମରପାଲି, ୭।୯(ମୃତ୍ୟୁଞ୍ଜୟ ଶତପଥୀ/ ଉରୁକ୍ରମ ପାଣ୍ଡିଆ/ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପାତାଳୀ ଶ୍ରୀକ୍ଷେତ୍ର ଠାରେ ଗୁରୁବାର ନନ୍ଦ ଉତ୍ସବ ପାଳନ ଅବସରରେ ଶ୍ରୀ ପାତାଳୀ ଶ୍ରୀକ୍ଷେତ୍ର ଟ୍ରଷ୍ଟ କୋଟସମଲେଇ ଓ ଜିଲାର ବରିଷ୍ଠ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ପାତାଳୀ ମଣ୍ଡପଠାରେ ନବାନ୍ନ ଲଗ୍ନ ଧାର୍ଯ୍ୟ ହୋଇଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ଆଜ୍ଞାମାଳ ପ୍ରାପ୍ତ କରି ଆସନ୍ତା ନୂଆଖାଇ (ନବାନ୍ନ) ସକାଶେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ (ଋଷି ପଞ୍ଚମୀ), ବୁଧବାର ତା୨୦।୦୯।୨୦୨୩ ଦିବା ଘ.୮ ଟା ୧୩ମି ଗତେ ୮ଟା ୨୭ ମିନିଟ ମଧ୍ୟେ ପ୍ରଶସ୍ତ ତୁଳା ଲଗ୍ନେ ଧନୁ ନବାଂଶେ ସପ୍ତମ କେନ୍ଦ୍ରରେ ବୃହସ୍ପତି ଓ ଦଶମ କେନ୍ଦ୍ରରେ ଶୁକ୍ର ଅବସ୍ଥାନ ସମୟରେ ସମସ୍ତ ଦେବାଦେବୀ ମନ୍ଦିର ଓ ଗୃହ ଦେବଦେବୀଙ୍କ ଠାରେ ନବାନ୍ନ ଭୋଗ ଅର୍ପଣ କରାଯିବା ସହ ନବାନ୍ନ ଭକ୍ଷଣ କରାଯିବ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ଜ୍ୟୋର୍ତିବିଦ୍ୟା ବାଚସ୍ପତି ମେଡେନ କୁମାର ବିଶି, ଗୁଣ ସାଗର ପଣ୍ଡା, ମନୋରଞ୍ଜନ ପାଢ଼ୀ, ଯୋଗେନ୍ଦ୍ର ହୋତା, ଗୌରଚରଣ ନନ୍ଦ, ସନ୍ତୋଷ କୁମାର ପୁରୋହିତ ଓ ରାମକୃଷ୍ଣ ପଣ୍ଡା, ଉପେନ୍ଦ୍ର ଚାନ୍ଦ, ଦେବାର୍ଚ୍ଚନ ଦାଶ, ମୁରଲୀଧର ପୁଝାହାରି, ଭଗାନ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ପାଢ଼ୀ, ଶରତ କୁମାର ଚାନ୍ଦ, ପୂଜକ ଗୁଣାକାର ପଣ୍ଡା, ଅଭିଷେକ ଦେହୁରୀ , ଟିକୁନ କୁମାର ଦାଶ , ଜଗନ୍ନାଥ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପାତାଳୀ ଶ୍ରୀକ୍ଷେତ୍ରର ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଉପସ୍ଥିତ ପଣ୍ଡିତ ମଣ୍ଡଳୀ ଓ ଜନ ସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ।

### କୃଷ୍ଣମୋହନପୁର ବିଦ୍ୟାଳୟରେ ବୃକ୍ଷରୋପଣ

ବୌଦ୍ଧ,୭।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାଧାନଗର ପଞ୍ଚାୟତର କୃଷ୍ଣମୋହନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡିଆ ପରିସରରେ ଗୁରୁବାର ଦିନ ଗ୍ରାମବାସୀ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଭାଗିତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ହରଭଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା, ରାଧାନଗର ସରପଞ୍ଚ ଗଣେଶ ବେହେରା, ଏସିଏଫ ଆଶିଷ କୁମାର କହଁର, ଏବିଇଓ ଜଗତ ମଲିକ, ସ୍ୱରାଜ କହଁର, ଫରେଷ୍ଟର ସ୍ୱାଧୀନ ସାମଲ, ପ୍ରଧାନ ଶିକ୍ଷକ ମହେଶ ସେଠୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଅତିଥିମାନେ ବୃକ୍ଷରୋପଣର ଉପକାରିତା ନେଇ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥି, ଛାତ୍ରୀଛାତ୍ର, ଗ୍ରାମବାସୀ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବନବିଭାଗ କର୍ମଚାରୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଥିଲେ।

### ବୌଦ୍ଧରେ ଆମଗାଁ କଂଗ୍ରେସର ପ୍ରଚାର ପତ୍ର ଉନ୍ମୋଚନ

ବୌଦ୍ଧ,୭।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଭାରତ ଯୋଡ ଯାତ୍ରାର ଏକ ବର୍ଷ ପୂର୍ତ୍ତି ଉତ୍ସବ ଗୁରୁବାର ଦିନ ଜିଲା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଗତ ୩ ତାରିଖରେ ବୌଦ୍ଧ ଠାରେ କଂଗ୍ରେସ ଦଳ ପକ୍ଷରୁ ଅନୁଷ୍ଠିତ ଜନଜାଗରଣ ସଭାରେ ଉଦ୍‌ଘାଟିତ ହୋଇଥିବା ଆମଗାଁ କଂଗ୍ରେସ କମିଟିର ଲୋଗର ଏକ ପ୍ରଚାର ପତ୍ର ଦଳର ବରିଷ୍ଠ ନେତା ନାରାୟଣ ପ୍ରସାଦ ପରିଜା ଓ ସୁଧୀର କର୍ଣ୍ଣଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବୌଦ୍ଧ ଜିଲାରେ ଆମଗାଁ କଂଗ୍ରେସ ଲୋଗ ପ୍ରଥମେ ଉଦ୍‌ଘାଟିତ ହୋଇଥିଲା ଓ ପରେ ରାଜ୍ୟରେ ଅନ୍ୟ ଜିଲାରେ ଉଦ୍‌ଘାଟିତ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାସହ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରାର ଭିଡିଓ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସଭାପତି ନବ କୁମାର ମିଶ୍ର, ଶାନ୍ତନୁ ମହାପାତ୍ର, ରାଏ ସଞ୍ଜୀବ କୁମାର ଦେଓ, ପଙ୍କଜ କର୍ଣ୍ଣ, ସମରେନ୍ଦ୍ର ମହାକୁଳ, ବେଣୁଧର ମେହେର, ଜୟନ୍ତ ପାଣିଗ୍ରାହୀ, ଶିବ ବେହେରା, ପ୍ରମିଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମା' ଭୈରବୀଙ୍କ ପୀଠରେ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ



ବ୍ରାହ୍ମଣ ସମାଜର କର୍ମକର୍ତ୍ତା ବସି ଲଗ୍ନ ଧାର୍ଯ୍ୟ କରୁଛନ୍ତି ।

ବୌଦ୍ଧ,୩।୯(ଅଜିତ କୁମାର ବାରିକ)

ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ପାଇଁ ପରମ୍ପରା ଅନୁସାରେ ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ନବାନ୍ନ ଲଗ୍ନ ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୦ ତାରିଖ ବୁଧବାର ଦିନ ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ସକାଳ ୮ ଟା ୦୩ ମିନିଟ ରୁ ୮ଟା ୧୭ ମିନିଟ ମଧ୍ୟେ ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କଠାରେ ନବାନ୍ନ ଭୋଗ ଲାଗିବ। ପଣ୍ଡିତମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ଲଗ୍ନ ଧାର୍ଯ୍ୟ ସଂପର୍କିତ ମତାମତ ନିଆଯିବା ପରେ ସର୍ବସମ୍ମତି କ୍ରମେ ଲଗ୍ନ ଧାର୍ଯ୍ୟ କରାଯାଇଥିବା ନେଇ ପଣ୍ଡିତ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଥିଲେ। ମା' ଭୈରବୀଙ୍କ ପୀଠରେ ପ୍ରଥମେ ନବାନ୍ନ ଲାଗି ହେବା ପରେ ଅନ୍ୟ ଦେବାଦେବୀଙ୍କ ଠାରେ ନବାନ୍ନ ଅର୍ପଣ ହେବ। ତାପରେ ଲୋକେ ନିଜ ନିଜ ଇଷ୍ଟ ଦେବାଦେବୀଙ୍କ ଠାରେ ନବାନ୍ନ ଅର୍ପଣ କରି ନିଜେ ନବାନ୍ନ ଗ୍ରହଣ କରିବେ ବୋଲି ମୁଖ୍ୟ ପୂଜକ ଗୌରୀ ଶଙ୍କର ବଡମାଳୀ ପ୍ରକାଶ କରିଛନ୍ତି। ପରମ୍ପରା ଅନୁଯାୟୀ, ମା' ଭୈରବୀଙ୍କ ନିକଟରେ ନବାନ୍ନ ଲାଗି କରାଯିବା ପରେ ମା' ଭୈରବୀଙ୍କ ପୀଠରେ ଭକ୍ତମାନଙ୍କୁ ନବାନ୍ନ ଭୋଗ ବିତରଣ କରାଯିବ ଲଗ୍ନ ଧାର୍ଯ୍ୟ ସମୟରେ ବ୍ରାହ୍ମଣ ସମାଜର ସଭାପତି ଗୁରୁପ୍ରସାଦ ଦାସ, ସଂପାଦକ ଦେବାଶିଷ ପୁରୋହିତ, ପଣ୍ଡିତ ପ୍ରଦ୍ୟୁମ୍ନ କୁମାର ମିଶ୍ର, ସିଦ୍ଧେଶ୍ୱର ଯୋଶୀ , ପୂଜକ ହରିହର ବଡମାଳି, ତରଣୀ ବଡମାଳି, ବିଜୟ ମିଶ୍ର, ଶମ୍ଭୁ ପ୍ରସାଦ ମହାକୁଳ, ସଂପଦ ଅଗ୍ରୱାଲା, ସଞ୍ଜୟ ଶଙ୍କର ପୁରୋହିତ, ଅମର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାସ୍ତା ପ୍ରଶସ୍ତୀକରଣ ପାଇଁ ଜବରଦଖଲ ଉଚ୍ଛେଦ

ବିନିକା ୭।୯( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଗୁରୁବାର ପୂର୍ତ୍ତ ବିଭାଗ ଅଧୀନରେ ଥିବା ମୁଖ୍ୟରାସ୍ତାର ପ୍ରଶସ୍ତିକରଣ ପାଇଁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ପୂର୍ବରୁ ଜବରଦଖଲ ଉଚ୍ଛେଦ କରାଯିବା ପାଇଁ ଡ଼ାକବାଜି ଯନ୍ତ୍ର ଦ୍ୱାରା ଏନଏସି ପ୍ରଶାସନ ତରଫରୁ ଅବଗତ କରାଯାଇଥିଲା । ଫଳରେ ଅଧିକାଂଶ ଘର ମାଲିକ ନିଜ ଖର୍ଚ୍ଚରେ ନିଜର ଘର ଭାଙ୍ଗି ଦେଇଥିଲେ । ଗତ ୧୫ ଦିନ ପୂର୍ବରୁ ରାସ୍ତା ଉପରକୁ ମାଡି ଆସିଥିବା ଦୋକାନ ବଜାର, ଘରର ସୀମା ଚିହ୍ନଟ କରାଯାଇଥିଲା । ପୁଣି ଗତ ୪ତାରିଖରେ ଆଉ ଥରେ ପ୍ରଶାସନ ତରଫରୁ ସୀମା ଚହ୍ନଟ କରାଯାଇଥିଲା। କେତେକ ସ୍ଥାନରେ ସୀମା ଚିହ୍ନଟ ପୂର୍ବ ଚିହ୍ନଟ ଅନୁଯାୟୀ କମ ବେଶୀ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ




ରାସ୍ତା କଡରୁ ଉଚ୍ଛେଦ କରାଯାଉଛି ।

ମିଳିଥିଲା । ଉଚ୍ଛେଦ ସମୟରେ ପୂର୍ତ୍ତବିଭାଗ, ବିଦ୍ୟୁତ୍, ପିଏଚଡି ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ । ଉଚ୍ଛେଦ ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୋଟାଏ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ସୂଚନା ଦେଇଛନ୍ତି । ତହସିଲଦାର ତଥା ମାଜିଷ୍ଟ୍ରେଟ ମୁକ୍ତେଶର ପାଣିଗ୍ରାହୀ, ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ବରିହା, ଏକଜ୍‌କ୍ୟୁଟିଭି ଅଫିସର ସତ୍ୟନାରାୟଣ ପଧାନଙ୍କ ସମେତ ଏନଏସି କର୍ମଚାରୀ ଶ୍ରୀଧର ମହାନନ୍ଦ, ଧ୍ରୁବଚରଣ ହାତୀ, ପୃଥୀରାଜ ପଧାନ, ରୋହିତ ବାଘ, ସରୋଜ ବାଘ, ରାଜାବାବୁ ପଧାନ, ପ୍ରକାଶ ବାଘ ପ୍ରମୁଖ ଉଚ୍ଛେଦ କାର୍ଯ୍ୟରେ ସହଯୋଗ କରିଥିଲେ ।

# ମହାନଦୀରେ ଛଡ଼ାଗଲା ଉନ୍ନତ ମାଛ ଯାଆଁଳ

- ମତ୍ସ୍ୟ ସମ୍ପଦର ସୁରକ୍ଷା, ବଂଶ ବୃଦ୍ଧି ପାଇଁ ପ୍ରୟାସ
- ଉପକୃତ ହେବେ ମତ୍ସ୍ୟଜୀବୀ

ଅମରପାଲି,୭।୯(ପୀତାମ୍ବର ସାହୁ)

ମହାନଦୀରେ ମତ୍ସ୍ୟସମ୍ପଦର ସୁରକ୍ଷା ଓ ବଂଶବୃଦ୍ଧି ପାଇଁ ନିଆଯାଇଛି ପଦକ୍ଷେପ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଖମ୍ଭେଶ୍ୱରୀପାଲିସ୍ଥିତ ମହାନଦୀ ଘାଟରେ ଓ ବାଗବର ପଞ୍ଚାୟତର ବୁରୋଘାଟ ଗ୍ରାମର ମହାନଦୀ ଘାଟରେ ଗୁରୁବାର ଉନ୍ନତମାନର ମାଛ ଯାଆଁଳ ଛଡାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଓଡ଼ିଶା ସରକାର ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ମହାନଦୀରେ ଯାଆଁଳ ଛଡ଼ାଯାଇଛି। ଏହାଦ୍ୱାରା ମହାନଦୀ କୂଳରେ ବାସ କରୁଥିବା ମତ୍ସ୍ୟଜୀବୀମାନେ ଉପକୃତ ହେବେ। ହାଇଦ୍ରାବାଦସ୍ଥିତ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡର ସହଯୋଗରେ ମାଛ ଜାଆଁଳ ଛଡ଼ାଯାଇଛି। ଖମ୍ଭେଶ୍ୱରୀପାଲି ଠାରେ ମାଛ ଛଡାଗଲା ବେଳେ ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ତହସିଲଦାର ବିବିଧ ଗଡ଼ନାୟକ, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ବୀରମହାରାଜପୁର ସହକାରୀ ମତ୍ସ୍ୟ ଅଧିକାରୀ ବିଭୂତି ପଧାନ, ଆମ୍ବା ଅଧକ୍ଷ ବିବସ୍ୱତି ପଣ୍ଡା, ୱାର୍ଡ ସଭ୍ୟା ଧରିତ୍ରୀ ବାଘ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହିତ ମହାନଦୀରେ ବ୍ଲାଷ୍ଟିଂ କରି ମାଛ ନ ଧରିବା ସହ ବିଷାକ୍ତ ପଦାର୍ଥ ପକାଇ ମାଛ ନ ମାରିବାକୁ ପରାମର୍ଶ ଦେଇଥିଲେ। ମହାନଦୀରେ ମାଛ ଛାଡ଼ିଲା ବେଳେ ଅଞ୍ଚଳର ଶତାଧିକ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ।




ମହାନଦୀର ଖମ୍ଭେଶ୍ୱରୀପାଲି ଘାଟରେ ମାଛ ଯାଆଁଳା ଛଡ଼ାଯାଉଛି

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-TLHR-335, ତା.01.09.2023ରିଖ

କାର୍ଯ୍ୟର ନାମ: 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ(₹): 48,85,826.25, EMD(₹): 97,700/- ।

ବିଡ୍ ଆରମ୍ଭ ହେବା ତାରିଖ: ତା.11.09.2023 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.09.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ଼

PR-554/O/23-24

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**

**QUOTATION CALL NOTICE (Addendum)**

**No.1538/ CM Dated 05.09.2023**

Ref.: This Office Quotation Call Notice 1495/CM Dated 26.08.2023 published inthe daily newspaper the 'Dharitri' dated 28.08.2023.
1. The words "Supply and Installation of video surveillance, supply of Library Books, Office Furniture and Students' Furniture" have been added. 2. The list of materials uploaded in the college website www.cmvedu.in may be read a fresh. 3. The date may be read 14.09.2023 instead of 07.09.2023. 4. All other things remain unaltered.

Sd./- Principal, Chikiti Mahavidyalaya, Chikiti, Ganjam

**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର**

ଦୁର୍ଗାପାଳି, ସମ୍ବଲପୁର ୭୬୮୦୦୬, ଫୋନ୍: ୭୪୦୧୦୯୮
ଇମେଲ୍- Secretarysdasbp@gmail.com

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, Durgapali Site and Services Schemeରେ ଲିଜ୍ ପ୍ଲଟ୍ ନମ୍ବର MIG-37ଟିକୁ ସ୍ୱର୍ଗତ ପ୍ରକାଶ ଚନ୍ଦ୍ର ସିଂ, ପିତା- ଆଓ୍ୱାଦେଶ ପ୍ରସାଦ ସିଂ, ସା.- ଶକ୍ତିନଗର, ହୀରାକୁଦ, ଜିଲ୍ଲା- ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ପ୍ରକାଶ ଚନ୍ଦ୍ର ସିଂଙ୍କର ମୃତ୍ୟୁ ହୋଇଯାଇଥିବାରୁ ତାଙ୍କର ଝିଅ ଡାକ୍ତର ପ୍ରିୟଙ୍କା ସିଂ ଉକ୍ତ ପ୍ଲଟ୍‌ଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି।

ଉକ୍ତ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ସଚିବ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

## ୨ ଟନ୍ ସ୍କ୍ରାପ୍ ଜବତ, ଜଣେ ଗିରଫ

ରାଉରକେଲା(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବିଶ୍ରା ଛକରୁ ଗୁରୁବାର ଅପରାହ୍ନରେ ଏକ ପିକ୍‌ଅପ୍ ଭ୍ୟାନରୁ ୨ ଟନ ସ୍କ୍ରାପ୍ ଜବତ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାସନ୍ତୀ କଲୋନୀର ସନ୍ତୋଷ ସାହୁ(୩୯)। ସନ୍ତୋଷ ପିକ୍‌ଅପ୍ ଭ୍ୟାନ (ନଂ-ଓଡ଼ି୧୪ଏ/୪୩୮୫)ରେ ଏହି ସ୍କ୍ରାପ୍ ନେଇ ଯାଉଥିବା ବେଳେ ପାଟ୍ରୋଲିଂ ଟିମ୍ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଉକ୍ତ ଭ୍ୟାନରୁ ସ୍କ୍ରାପ୍ ବାହାରିଥିଲା। ପୋଲିସ ଏ ନେଇ ଏକ ମାମଲା (ନଂ-୩୧୪/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ପ୍ରସ୍ତାବିତ ମେଡିକାଲ କଲେଜ ଜାଗାକୁ ଘରୋଇ କାରଖାନାକୁ ହସ୍ତାନ୍ତର

**ପ୍ରତିବାଦରେ ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ**

କୁଆଁରମୁଣ୍ଡା,୭।୯(ମହେନ୍ଦ୍ର କୁମାର ସାହୁ)


କୁଆଁରମୁଣ୍ଡା ଡାଏରୀ ଫାର୍ମରେ ପ୍ରସ୍ତାବିତ ମେଡିକାଲ କଲେଜ ଜମିକୁ ପୋଲିସ ସହାୟତାରେ ଅଧିଗ୍ରହଣ କରାଯାଉଛି।

କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମରେ ପ୍ରସ୍ତାବିତ ମେଡିକାଲ କଲେଜର ୨ଶହ ୧୦ ଏକର ଜାଗାରୁ ୨୦ ଏକର ୯୦ ଡିସିମିଲ ଜାଗାକୁ କଲୁଙ୍ଗାସ୍ଥିତ ମହାବୀର ଫେରୋ ଆଲଏଜ ନାମକ ଏକ ଘରୋଇ ଶିଳ୍ପ ସଂସ୍ଥା ଗୁରୁବାର ଜୋର ଜବରଦସ୍ତି ନିଜ ଦଖଲକୁ ନେଇଛି। କୁଆଁରମୁଣ୍ଡା ନାଗରିକକମିଟିପକ୍ଷରୁ ଶତାଧିକ ଲୋକଙ୍କ ବିରୋଧ ସତ୍ତ୍ୱେ ଜିଲା ପ୍ରଶାସନ ୪ ପ୍ଲାଟୁନ ପୋଲିସ ଫୋର୍ସ ସହାୟତାରେ ଗୁରୁବାର ସକାଳ ୫ଟାରୁ ଅପରାହ୍ନ ପର୍ଯ୍ୟନ୍ତ ଉକ୍ତ ଶିଳ୍ପସଂସ୍ଥା ଜମି ଅଧିଗ୍ରହଣ କରିବା ସହ ସେଠାରେ ସିମେଣ୍ଟ ବାଡ଼ ଦେଉଛି। ମୁତୟନ ହୋଇଥିବା ପୋଲିସ ଉକ୍ତ ଜମିକୁ କୌଣସି ସ୍ଥାନୀୟ ଲୋକଙ୍କୁ ପ୍ରବେଶ କରାଇ ନ ଦେବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥର ଜମୁନାନାଳି ଛକ ଅବରୋଧ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସକାଳ ୯ଟାରୁ ଅପରାହ୍ନ ପ୍ରାୟ ୪ଟା ପର୍ଯ୍ୟନ୍ତ ରାଜପଥ ଅବରୋଧ କରାଯିବାରୁ ଯାତ୍ରୀବାହୀ ଯାନଠାରୁ ଆରମ୍ଭ କରି ଭାରିଯାନଗୁଡ଼ିକର ଯାତାୟାତ ବନ୍ଦ ହୋଇଯାଇଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଆନ୍ଦୋଳନକାରୀଙ୍କ ପ୍ରଶ୍ନର କୌଣସି ଉତ୍ତର ଦେଇପାରି ନ ଥିଲେ। ଏପରିକି ମହାବୀର ଫେରୋ ଆଏଲଜକୁ ଜମି ଅଧିଗ୍ରହଣ ପାଇଁ ହାଇକୋର୍ଟ ପକ୍ଷରୁ ଦିଆଯାଇଥିବା ଅର୍ଡରରେ ଡାଏରୀ ଫାର୍ମ ଜମିର ଖାତା ନମ୍ବର ଓ ପ୍ଲଟ ନମ୍ବର ଲେଖା ନାହିଁ। ତାହାକୁ ନେଇ ଆନ୍ଦୋଳନକାରୀ ଉପସ୍ଥିତ ଥିବା ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀଙ୍କୁ ପ୍ରଶ୍ନ କରିଥିବା ବେଳେ ସେମାନେ ଏହାର କୌଣସି ଯଥୋଚିତ ଉତ୍ତର ଦେଇପାରି ନ ଥିଲେ। ହାଇକୋର୍ଟ ଅର୍ଡର ଠିକ୍ ନ ଥିବା ଦର୍ଶାଇ ଆନ୍ଦୋଳନକାରୀ ମହାବୀର ଫେରୋ ଆଲଏଜର ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ବେଆଇନ ବୋଲି ଅଭିଯୋଗ କରିଥିଲେ। ଶେଷରେ ପୋଲିସ ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କ ନେତୃତ୍ୱ ନେଉଥିବା ଲାଲୁ ସିଂଦେଓ, ରାଜେଶ କେର୍କେଟା, ମନୋଜ ଶତପଥିଙ୍କୁ ଘଟଣାସ୍ଥଳରୁ ଗିରଫ କରିଛି। ଏହି ବେଆଇନ ଗିରଫ ପ୍ରତିବାଦରେ ଆଗାମୀ ଦିନରେ ପୁନର୍ବାର ଏକ ବିରାଟ ଜନଆନ୍ଦୋଳନ ସୃଷ୍ଟି ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ



ନୂଆଗାଁ,୭।୯(ବିଜୟ ତ୍ରିପାଠୀ): ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ପତ୍ରପାଲି ନିକଟସ୍ଥ ଚିକିଟିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ସୋରଡ଼ା ଜଗନ୍ନାଥ ମନ୍ଦିରକୁ ଆସି ପାରମ୍ପରିକ ଭାବେ ଏହି ଉତ୍ସବକୁ ପାଳନ କରିଥିଲେ। କୁନି କୁନି ଛାତ୍ରୀଛାତ୍ରମାନେ କୃଷ୍ଣ ବେଶରେ ସଜେଇ ହୋଇ ଆଧାତ୍ମିକ ପରିବେଶ ମଧ୍ୟରେ ଗ୍ରାମ ପରିକ୍ରମା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ୍ୱର ମହାତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଗୁରୁମା ମମତା ପଣ୍ଡା, ଶକୁନ୍ତଳା, ସୀମା ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ। ଏହି ଅବସରରେ ଗ୍ରାମର ଶତାଧିକ ମହିଳା, ପୁରୁଷ ଏହି ଉତ୍ସବରେ ସାମିଲ ହୋଇଥିଲେ। ପରେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ରାତିରେ ସୋରଡ଼ାରେ ମଧ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଥିଲା।

### ନାଳରେ ପଡ଼ି ଜଣେ ମୃତ

ଲହୁଣୀପଡ଼ା,୭।୯(ଦାଶରଥି ପଣ୍ଡା): ନାଳରେ ବୁଡି ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟୁଗାଁ ଗ୍ରାମର ଜଣେ ଯୁବକଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ଗୋପାଲ ସିଂ (୪୨)। ପୋଲିସ ବଣେଇଁ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୋପାଳ ବୁଧବାର ନିକଟସ୍ଥ କରାପାଣି ନାଳକୁ ମାଛ ମାରିବାକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଗୁରୁବାର ପୂର୍ବାହ୍ନରେ ଗ୍ରାମର ଲୋକେ ନାଳକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ।

## ପାଣି ଟ୍ୟାଙ୍କର ରଡ୍ ପଶିଯିବାରୁ ଯୁବକ ମୃତ

ବେଦବ୍ୟାସ,୭।୯(ଆଲୋକ ସ୍ୱାଇଁ)

ରାଉରକେଲା ବେଦବ୍ୟାସ ଚିଁଆଇ ଛକ ନିକଟରେ ଟ୍ରାକ୍ଟର ପାଣି ଟ୍ୟାଙ୍କର ରଡ୍ ଛାତିରେ ପଶିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟିମ୍ବର କଲୋନୀର ସନ୍ତୋଷ ଶର୍ମା(୨୩)। ଅନ୍ୟ ଜଣେ ଯୁବକ ଭିକି ଯାଦବ ଆହତ ହୋଇଛନ୍ତି। ଗୁରୁବାର ସକାଳେ କିଛି ଯୁବକ ଜଣେ ମହିଳାଙ୍କ ମୃତଦେହ ଦାହ କରିବାକୁ ଯାଉଥିଲେ। ଏହି ସମୟରେ ସନ୍ତୋଷ ଓ ଭିକି ବାଇକ୍‌ରେ ଯାଉଥିଲେ। ଚିଁଆଇ ଛକରେ ଏକ ଟ୍ରାକ୍ଟର ପାଣି ଟ୍ୟାଙ୍କର ଯାଉଥିବା ବେଳେ ଟ୍ରାକ୍ଟରରୁ ପାଣି ଟ୍ୟାଙ୍କର ଅଲଗା ହୋଇଥିଲା ଏବଂ ପଛରେ ବାଇକ୍‌ରେ ଥିବା ସନ୍ତୋଷଙ୍କ ଛାତିରେ ଲୁହା ପାଇପ ପଶିଯାଇଥିଲା। ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ଜେପି ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରାକ୍ଟର ଡ୍ରାଇଭର ଫେରାର ଅଛନ୍ତି। ପୋଲିସ ଟ୍ରାକ୍ଟରକୁ ଜବତ କରି ତଦନ୍ତ କରୁଛି। ପୋଲିସ ଏକ ମାମଲା (ନଂ-୧୭୫।୨୩) ରୁଜୁ କରିଛି।

# ପୁଷ୍ଟିକର ଖାଦ୍ୟ ଯୁବ ମାନସିକତାକୁ ସୁଦୃଢ଼ କରିବ

**ଜାତୀୟ ପୁଷ୍ଟି ସପ୍ତାହ**

## ସରକାରୀ ମହିଳା କଲେଜ


ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ସୁନ୍ଦରଗଡ,୭।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହିଳା କଲେଜରେ ଗୃହ ବିଜ୍ଞାନ ବିଭାଗ ତରଫରୁ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ଡ.କୁମୁଦିନୀ ରାଉତରାୟ ସଭାପତିତ୍ୱ କରି ଯୁବପଢ଼ୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପୁଷ୍ଟିକର ଖାଦ୍ୟ ଯୁବ ମାନସିକତାକୁ ସୁଦୃଢ କରିବ ଓ ସେମାନେ ଦେଶର ଉନ୍ନତି ପାଇଁ ନିଜକୁ ଠିକଭାବେ ନିୟୋଜିତ କରିପାରିବେ ବୋଲି ସେ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଡ.ଅଦ୍ୱିତୀ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁଷ୍ଟିକର ଖାଦ୍ୟ ସହ ନିୟମିତ ବ୍ୟାୟାମର ଆବଶ୍ୟକତା କେତେ ଜରୁରୀ ସେ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ। ସଭାରେ ସହ ପ୍ରଧାପିକା ଡ.ଇନ୍ଦିରା ଗଡନାୟକ ଝିଅଙ୍କ ପୁଷ୍ଟି ସାଧନ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ଚାରୁଲତା ନାୟକ ଚଳିତ ବର୍ଷର ଥିମ୍ ସମସ୍ତଙ୍କ ପାଇଁ ସହଜ ଲଭ୍ୟ ଖାଦ୍ୟ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୃହ ବିଜ୍ଞାନ ବିଭାଗର ଅଧାପିକା ମୋନାଲିସା ଧଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧାପିକା ଅଧାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଅଧାପିକା ସସ୍ମିତା ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ କଲେଜ

ସୁନ୍ଦରଗଡ,୭।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ କଲେଜରେ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁ ଅଧକ୍ଷତାକରି ଜାତୀୟ ପୋଷଣ ସପ୍ତାହ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଡ. ବିକ୍ରାନ୍ତ କୁମାର କିଣ୍ଡୋ ଯୋଗଦେଇ ମହିଳା ସ୍ୱାସ୍ଥ୍ୟ ପାଇଁ ପୋଷଣର ଆବଶ୍ୟକତା ସମ୍ପର୍କରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ବିଶେଷଜ୍ଞ ଭାବେ ସୁନ୍ଦରଗଡ ସରକାରୀ ଡାକ୍ତରଖାନାର ପୋଷଣବିତ୍ ଡ.ସ୍ୱାତୀ ପଟେଲ ଯୋଗଦେଇ ମହିଳାଙ୍କ ଖାଦ୍ୟରେ ପୋଷଣଯୁକ୍ତ ଖାଦ୍ୟର କେତେ ଆବଶ୍ୟକ ସେ ସମ୍ପର୍କରେ ବୁଝାଇଥିଲେ। ବରିଷ୍ଠ ଅଧାପକ ଆଲୋକ କୁମାର ନାଏକ ବକ୍ତବ୍ୟ ରଖିଥିଲେ। ଅଧାପିକା ଡ.ଅନୀମା ତିର୍କୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅଧାପିକା ଆଞ୍ଜେଲିନ୍ କିଣ୍ଡୋ ଧନ୍ୟବାଦ ଦେଇଥିଲେ। ମହିଳା ବିକାଶ କେନ୍ଦ୍ରର ସଭ୍ୟା ପ୍ରଜ୍ଞା ପାରମିତା ଦାସ, ସେକସନ ଅଫିସର ପ୍ରଦୀପ ବହିଦାରଙ୍କ ସମେତ ଅଧାପିକା ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟାମାନେ।

# ହାତୀ ଉପଦ୍ରବ କ୍ଷତିପୂରଣ ଦାବିରେ ଡିଏଫ୍‌ଓଙ୍କୁ ଫେରାଦ



ସୁନ୍ଦରଗଡ,୭।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରେ ହାତୀପଲ ଧାନ ଫସଲ ନଷ୍ଟ କରିବା ସହ ଘର କାନ୍ଥ ଭାଙ୍ଗି ଧାନ ଚାଉଳ ଆଦି ଖାଉଛନ୍ତି। ଏନେଇ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହ ଏବଂ ସଦର ବ୍ଲକ କ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ ଗୁରୁବାର ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମୀରାସେଙ୍କ ସହ ସାକ୍ଷାତ କରି ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ବିଶେଷ କରି ସଦର ବ୍ଲକ ଅନ୍ତର୍ଗତ କିର୍ଜ୍ଞିମା ପଞ୍ଚାୟତର କିର୍ଜ୍ଞିମା, ଅମସଡେଗି, ବିରଯାବେର୍ଣ୍ଣା, ମହୁଲଜୋର୍, ଘଣ୍ଟିବୁଡ, ଦେଉଳି ପଞ୍ଚାୟତର ରେଙ୍ଗାଲବୁଡ, ଭାଲୁଗାଡ, କୁଣ୍ଡୁକେଲା ପଞ୍ଚାୟତର କୁଣ୍ଡୁକେଲା, ଠାଠେଇଟାଙ୍ଗର, ପ୍ରଧାନଡିହି, ମସ୍ନିକାନି ପଞ୍ଚାୟତର ବାମନଡିଆଡିହି ଗ୍ରାମ ଗୁଡିକରେ ହାତୀ ଉପଦ୍ରବରେ ଅନେକ ଘର, ଚାଷ ଜମି କ୍ଷୟକ୍ଷତି ହୋଇଛି ବୋଲି ଅବଗତ କରିଥିଲେ। ଖୁବ ଶୀଘ୍ର କ୍ଷତିପୂରଣ ପ୍ରଦାନ ସହ ଏହି ପଞ୍ଚାୟତ ଗୁଡିକର ରାସ୍ତାରେ ଲାଇଟ ଲଗାଇବାକୁ ସେମାନେ ଦାବି କରିଥିଲେ।

## ୩ ଘର ଭାଙ୍ଗିଲେ, ଚାଷ ନଷ୍ଟ କଲେ

ବଡ଼ଗାଁ, ୭।୯(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳକୁ ଝାଡ଼ଖଣ୍ଡ ରାଜ୍ୟ ଜଙ୍ଗଲରୁ ଦେଢ଼ ମାସ ପୂର୍ବେ ଆସିଥିବା ୨୨ ଟିକିଆ ହାତୀପଲ କିଛି ଦିନ ହେଲା ମହାବୀର ପର୍ବତରେ ଥିଲେ। ସେଠାରୁ ୨ ଦିନ ପୂର୍ବେ ଏହି ହାତୀପଲ ମୁକୁନ୍ଦପୁର ଗାଁ ନିକଟ ଜଙ୍ଗଲକୁ ଆସିଛନ୍ତି। ବୁଧବାର ରାତିରେ ଏହି ହାତୀପଲ ମଟାମରା ଗ୍ରାମର ତ୍ରିନାଥ ସାଙ୍କ ଧାନ ବିଲରେ ପଶି ପ୍ରାୟ ଅଧା ଏକର ଜମିର ଚାଷ ନଷ୍ଟ କରି ଦେଇଛନ୍ତି। ଲୋକେ ଘଉଡ଼ାଇବାରୁ ହାତୀପଲ ଝଣ୍ଟେଲବୁଡ ମାଲପଡାର ୩ଜଣଙ୍କ ଘର ଭାଙ୍ଗି ଚାଉଳ ଖାଇଦେଇଛନ୍ତି।

## ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ

କୁତ୍ରା, ୭।୯(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଝାରବେଡାସ୍ଥିତ ଡାଲମିଆ କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷର କଳା , ବାଣିଜ୍ୟ ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଏକ ପ୍ରବେଶ ଉତ୍ସବ ତଥା ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ଡ. ହିରନ ଲୁଗୁନ ସ୍ୱାଗତ ଭାଷଣ ଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମକୁ ବାଣିଜ୍ୟ ବିଭାଗର ମୁଖ୍ୟ ରଞ୍ଜିତ କୁମାର ପରିଜା, ଦର୍ଶନ ବିଭାଗ ମୁଖ୍ୟ ଜିତେନ୍ଦ୍ର କୁମାର ପଟେଲ ଓ ଗଣିତ ବିଭାଗର ମୁଖ୍ୟ ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ସମସ୍ତ ଅଧାପିକା ଅଧାପକ ସମେତ ଛାତ୍ରୀଛାତ୍ର ଯୋଗଦେଇଥିଲେ।


ସ୍ୱାଗତ ସମାରୋହରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସୁରକ୍ଷା କର୍ମୀଙ୍କ ମୃତ୍ୟୁରେ ପରିବାର ଲୋକଙ୍କ ଧାରଣା



ରାଜଗାଙ୍ଗପୁର,୭।୯ (ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଜାମପାଲିଠାରେ ଥିବା ଓସିଲ ଆଇରନ୍ ଆଣ୍ଡ ଷ୍ଟିଲ କାରଖାନାରେ କାର୍ଯ୍ୟରତ ଜଣେ ସୁରକ୍ଷାକର୍ମୀଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ବିନୋଦ କୁମାର ସିଂହ(୩୩)। ମୃତ କର୍ମୀଙ୍କ କ୍ଷତିପୂରଣ ଦାବିରେ ପରିବାର ଲୋକେ ଗୁରୁବାର କାରଖାନା ସମ୍ମୁଖରେ ଧାରଣାରେ ବସିଥିଲେ। ଏଥିସହ କାରଖାନା ପରିସରକୁ ଯାଇ କର୍ତ୍ତୃପକ୍ଷ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ପରିବାର ଲୋକଙ୍କ ସହ ଗ୍ରାମବାସୀ, କିଛି ନେତୃ ବୃନ୍ଦ ଓ ପୋଲିସ ପ୍ରଶାସନ ରହିଥିଲେ। ତାଙ୍କ ଅନ୍ତେଷ୍ଟିକ୍ରିୟା ଓ ଅନ୍ୟ ଖର୍ଚ୍ଚ ପାଇଁ ପରିବାର ଲୋକଙ୍କୁ କମ୍ପାନୀ ୭୦ ହଜାର ଟଙ୍କା ପ୍ରଦାନ କରିଛି। ଏଥିସହ ଠିକା ସଂସ୍ଥା ମୃତକଙ୍କ ସମସ୍ତ କାଗଜ ପତ୍ର କାର୍ଯ୍ୟରେ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ଏନେଇ ସୂଚନା ଦେଇଛନ୍ତି ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ। ସୂଚନାଯୋଗ୍ୟ, କାରଖାନା ପରିସରରେ କାର୍ଯ୍ୟରତ ବିନୋଦ ହଠାତ୍ ପଡ଼ିଯାଇଥିଲେ। ତୁରନ୍ତ ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଶଙ୍କରା,୭।୯( ହୃଦାନନ୍ଦ ବାରିକ) ତଲସରା ଥାନା ଅନ୍ତର୍ଗତ ରେଙ୍ଗାଲି ଗ୍ରାମରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଜବତ ହୋଇଛି। ମୃତା ଯୁବତୀ ଜଣକ ହେଲେ ସ୍ନେହା କୁଜୁର। ତଲସରା ପୋଲିସ ମୃତଦେହ ଜବତ କରିଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ପୂର୍ବାହ୍ନରେ ସ୍ନେହାଙ୍କ ମା' ବାପା କେହି ନ ଥିବା ବେଳେ ବେକରେ ଚୁନି ଲୁଗାଇ ଫ୍ୟାନରେ ଝୁଲିପଡ଼ିଥିଲେ। ପରିବାର ଲୋକ ଦେଖି ତୁରନ୍ତ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରେମ ବ୍ୟାପାରକୁ ନେଇ ଯୁବତୀ ଜଣଙ୍କ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-TLHR-335, ତା.01.09.2023ରିଖ

କାର୍ଯ୍ୟର ନାମ: 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ(₹):48,85,826.25, EMD(₹):97,700/-।

ବିଡ୍ ଆରମ୍ଭ ହେବା ତାରିଖ: ତା.11.09.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.09.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ୍
PR-554/O/23-24

## ବରିଷ୍ଠ ଶିକ୍ଷକଙ୍କ ଅକାଳ ବିୟୋଗ

ନୂଆଗାଁ,୭।୯(ବିଜୟ ତ୍ରିପାଠୀ): ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକର ଜଣେ ବରିଷ୍ଠ ଶିକ୍ଷକ ଲାଲଦେଓ ବୈଠାଙ୍କ(୫୨) ବର୍ଷ ବୟସରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ସେ ବାଗଡେଗା ସ୍କୁଲରେ ପ୍ରଧାନ ଶିକ୍ଷକଭାବେ କାମ କରୁଥିଲେ। କିଛିମାସ ପୂର୍ବରୁ ତାଙ୍କ ଯକୃତ ଓ କିଡନୀରେ ସମସ୍ୟା ଦେଖାଦେଇଥିଲା। ଗତକିଛିଦିନ ହେବ ସେ ଗୁରୁତର ହେବାରୁ ତାଙ୍କୁ ରାଉକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ବରିଷ୍ଠଶିକ୍ଷକ ଦିଲୀପ ସାହୁ, ଅଶୋକ ସିଂ, ମଙ୍ଗଲ କେର୍କେଟା, ରଞ୍ଜିତ ଏକ୍କା, ଗଣେଶ ମିଶ୍ର, ଦିଲୀପ ମାଲୱାଙ୍କ ସମେତ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀ ଶୋକ ପ୍ରକାଶ କରିଛନ୍ତି।

# ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ୫ମ ଦିବସ

ସୁନ୍ଦରଗଡ,୭।୯(ଜୟ ନାରାୟଣ ମେଣ୍ଡୁଲି)



ଜିଲା କ୍ରୀଡା ସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ ଓଡିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମରେ ଚାଲିଥିବା ୨ୟ ଜିଲା ମହିଳା ଫୁଟ୍‌ବଲ ଚମ୍ପିୟାନସିପର ଗୁରୁବାର ଥିଲା ୫ମ ଦିବସ। ପୌରାଧକ୍ଷା ତନୟା ମିଶ୍ର, ଉପାଧକ୍ଷ ଲଲାଟେନ୍ଦୁ ପରିଡା ଅତିଥିଭାବେ ଯୋଗଦେଇ ଖେଳକୁ ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚରେ ସୁନ୍ଦରଗଡ ଟାଉନ ହାଇସ୍କୁଲ ୬-୦ଗୋଲରେ ତେଲେନଡିହି ହାଇସ୍କୁଲଠାରୁ ବିଜୟୀ ହୋଇଛି। ୨ୟ ମ୍ୟାଚରେ ସୁନ୍ଦରଗଡ ଷ୍ଟାର କ୍ଲବ ଓ ରାଜଗାଙ୍ଗପୁର ସେଣ୍ଟ ମେରୀ ଗାର୍ଲସ ହାଇସ୍କୁଲ ମଧ୍ୟରେ ଖେଳ ଗୋଲ ଶୂନ୍ୟ ହେବାରୁ ଡ୍ର ରହିଛି। ୩ୟ ମ୍ୟାଚରେ କୁଆଁରମୁଣ୍ଡା ୟଙ୍ଗ ଆସୋସିଏଶନ ତୁତାଲଗା ହାଇସ୍କୁଲ ଠାରୁ ୧-୦ ଗୋଲରେ ବିଜୟୀ ହୋଇଛି। ଶେଷ ମ୍ୟାଚରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳ ୬-୦ଗୋଲରେ ସବ୍‌ଡେଗା ହାଇସ୍କୁଲଠାରୁ ବିଜୟୀ ହୋଇଛି। ଉତ୍ତମ ଖେଳ ପ୍ରଦର୍ଶନ କରିଥିବାରୁ ଜସମନୀ ସାମାଡ, ଅଞ୍ଜଳୀ ଟିଗା, ହେମା ଖାଖା ଓ ଦୀପ୍ତିରାଣୀ କୁଜୁରଙ୍କୁ ଫାଓ ତରଫରୁ ଫଟ୍‌ବଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ରେଫରୀ ବାଲମତୀ ଓରାମ, ସନମ୍ ହାସଦା, ନମିତା ଏକ୍କା, ବିକି କିଷାନ, ବିବେକ ନାଏକ, ସୁଶାନ୍ତ କିଷାନ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଉପସଭାପତି ମେରୀଜନ ବାଗେ, ଅଶ୍ୱିନୀ ଭୋଳ, ସହସମ୍ପାଦକ ଜୟଦେବ ପାତ୍ର, ନିତ୍ୟ କୁମାର ବଳ, ରୋମାଞ୍ଚ ଭୈଷାଲ, ସୁରଜ ଭୈଷାଲ, କାର୍ତ୍ତିକ ରକ୍ସା, ପ୍ରସାଦ ପଟେଲ, ଶ୍ୟାମ ନନ୍ଦନ ସହାୟ, ଶିଶିର ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଚମ୍ପିୟାନସିପ ଆୟୋଜିତ ହୋଇଥିଲା। ଶୁକ୍ରବାର ଲିଗ୍ ପର୍ଯ୍ୟାୟର ଶେଷ ୪ଟି ମ୍ୟାଚ ଅନୁଷ୍ଠିତ ହେବ।

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**
**QUOTATION CALL NOTICE (Addendum)**
**No.1538/ CM Dated 05.09.2023**
Ref.: This Office Quotation Call Notice 1495/CM Dated 26.08.2023 published inthe daily newspaper the 'Dharitri' dated 28.08.2023.
1. The words "Supply and Installation of video surveillance, supply of Library Books, Office Furniture and Students' Furniture" have been added. 2. The list of materials uploaded in the college website www.cmvedu.in may be read a fresh. 3. The date may be read 14.09.2023 instead of 07.09.2023. 4. All other things remain unaltered.
Sd./- Principal, Chikiti Mahavidyalaya, Chikiti, Ganjam

**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର**
ଦୁର୍ଗାପାଲି, ସମ୍ବଲପୁର ୭୬୮୦୦୬, ଫୋନ୍: ୭୪୦୧୦୯୮
ଇମେଲ୍- Secretarysdasbp@gmail.com
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, Durgapali Site and Services Schemeରେ ଲିଜ୍ ପ୍ଲଟ୍ ନମ୍ବର MIG-37ଟିକୁ ସ୍ୱର୍ଗତ ପ୍ରକାଶ ଚନ୍ଦ୍ର ସିଂ, ପିତା- ଆୱାଦେଶ ପ୍ରସାଦ ସିଂ, ସା.- ଶକ୍ତିନଗର, ହୀରାକୁଦ, ଜିଲ୍ଲା- ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ପ୍ରକାଶ ଚନ୍ଦ୍ର ସିଂଙ୍କର ମୃତ୍ୟୁ ହୋଇଯାଇଥିବାରୁ ତାଙ୍କର ଝିଅ ଡାକ୍ତର ପ୍ରିୟଙ୍କା ସିଂ ଉକ୍ତ ପ୍ଲଟ୍‌ଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି।
ଉକ୍ତ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
ସ୍ୱା./- ସଚିବ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ଗୋଟିଏ ପରିବାରର ୪ ଆହତ

ଦେବଗଡ଼,୭।୯(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଫୁଲପଥରଖୋଲ ଗ୍ରାମରେ ଗୁରୁବାର ଚାଷ ଜମିରେ ଘାସ ବାଛୁଥିବା ସମୟରେ ମହୁମାଛି ଆକ୍ରମଣରେ ଜଣେ ମହିଳା ଓ ଶିଶୁଙ୍କ ସମେତ ଗୋଟିଏ ପରିବାରର ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସେହି ଗ୍ରାମର ନିର୍ମଳ ସେଠୀ,ସଞ୍ଜୟ ସେଠୀ, ଗେଲେଇ ସେଠୀ, କନ୍ୟା ଦୀପା ସେଠୀ। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ରାତି(୯ଟା) ସେମାନେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନିର୍ମଳ,ସଞ୍ଜୟ,ଗେଲେଇ ଘାସ ବାଛିବାକୁ ଯାଇଥିଲେ। ଏଥିସହ ୪ ବର୍ଷର ଶିଶୁ କନ୍ୟା ଦୀପା ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କୁ ମଧ୍ୟ ସାଙ୍ଗରେ ନେଇଥିଲେ। ଘାସ ବାଛିବା ସମୟରେ ନିକଟସ୍ଥ ଏକ ଗଛରୁ ବହୁ ସଂଖ୍ୟକ ମହୁମାଛି ଆସି ୪ ଜଣଙ୍କୁ ଆକ୍ରମଣ କରିଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦେବଗଡ଼,୭।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ମହିମା ହେମ୍ବ୍ରମଙ୍କୁ ମୋ ସ୍କୁଲ୍ ଅଭିଯାନର ସଭାପତି ବର୍ଷା ବୈଶାଲୀ ସ୍ମିତା ଶାଳିନୀ ନାଏକ ସାକ୍ଷାତ କରି ପୁଷ୍ପଗୁଚ୍ଛ ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିସହ ବିଦ୍ୟାଳୟର ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ଆଲୋଚନା କରିଥିବା ଜଣାପଡିଛି।

### ଖଡଙ୍ଗ ନଦୀ ପୋଲରୁ ଖସି ଯୁବକ ନିଖୋଜ

ବାଲିଗୁଡା/ଘଣ୍ଟାପଡା,୭।୯(ସଞ୍ଜୟ କୁମାର ପାଣିଗ୍ରାହୀ/ପ୍ରଭାତ କୁମାର ସାହୁ)

କନ୍ଧମାଳ ଜିଲା ସୀମାନ୍ତ ବାଲିଗୁଡା ବ୍ଲକ ଲଣ୍ଡାଗାଁ ପଞ୍ଚାୟତ ମୁଠାବାଲି ନିକଟ ଖଡଙ୍ଗ ନଦୀ ପୋଲରୁ ଖସି ଜଣେ ଯୁବକ ପାଣିରେ ଭାସିଯାଇ ନିଖୋଜ ଅଛନ୍ତି। ସେ ହେଲେ କର୍ଣ୍ଣବେଡ଼ା ଗ୍ରାମର ଚୈତନ୍ୟ ନାୟକ ଓରଫ ହକୁ (୪୮)। ଚୈତନ୍ୟ ବୁଧବାର ଜନ୍ମାଷ୍ଟମୀରେ ଶ୍ୱଶୁର ଘର ମୁଠାବାଲି ଗ୍ରାମକୁ ବୁଲିବାକୁ ଆସିଥିଲେ। ଗୁରୁବାର ସେ ଗାଁକୁ ଫେରୁଥିଲେ। ବୌଦ୍ଧ ଓ କନ୍ଧମାଳ ଜିଲା ସୀମାନ୍ତ ଖଡ଼ଙ୍ଗ ନଦୀ ପୋଲ ଉପର ଦେଇ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ନଦୀକୁ ଖସିପଡ଼ି ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ନିକଟସ୍ଥ ବୌଦ୍ଧ ଜିଲାର କଣ୍ଟାମାଳ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କଣ୍ଟାମାଳ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଅପରାହ୍ନ ସୁଦ୍ଧା ନିଖୋଜ ଚୈତନ୍ୟଙ୍କୁ ଠାବ କରି ପାରି ନ ଥିଲା।

### ଚୋରି ଅଭିଯୋଗରେ ୪ ଗିରଫ

ବିନ୍ଦିକା,୭।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନ୍ଦିକା ସହରର ନୁଆଁପଡା ଠାରେ ଥିବା ଚରଣ ମେହେରଙ୍କ କିରାନା ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିନ୍ଦିକା ସହରର ଅଜାମିଲ ଭୋଇ, ଆକାଶ ଭୋଇ, ସୁଧୀର ନାଏକ ଓ ରଞ୍ଜିତ ସ୍ୱାଇଁ । ପୋଲିସ ସୂଚନା ଅନୁସାରେ, ଗତ ୪ ତାରିଖ ରାତିରେ ଚରଣ ମେହେରଙ୍କ କିରାନା ଗୋଦାମରୁ ଅଭିଯୁକ୍ତମାନେ ପ୍ରାୟ ୩୦ ପେଟି ତେଲ, ଚାଉଳ ବସ୍ତା ଆଦି ଚୋରି କରି ନେଇଥିଲେ । ଯାହାର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ । ସେମାନେ ଉକ୍ତ ଚୋରି ସାମଗ୍ରୀକୁ ଚଣ୍ଡୀପଡାଠାରେ ଥିବା ଏକ କିରାନା ଦୋକାନରେ ବିକ୍ରି କରିଥିଲେ। ତେବେ ସାମଗ୍ରୀ ଚୋରି ନେଇ ମେହେର ବିନ୍ଦିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଗୁରୁବାର ଚୋରି ସାମଗ୍ରୀ କିଣିଥିବା ରଞ୍ଜିତ ସ୍ୱାଇଁଙ୍କ ଦୋକାନରେ ପୋଲିସ ଚଢ଼ାଉ କରି ଉକ୍ତ ସାମଗ୍ରୀକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ସୋନପୁର ଜେଲ ହାଜତକୁ ପଠାଯାଇଛି।

# ମହିଳାଙ୍କ ନ୍ୟୁଡ୍ ଭିଡିଓ ଭାଇରାଲ କରି ଛତିଶଗଡ଼ ଯୁବକ ଗିରଫ

■ବ୍ଲାକମେଲ କରି ଟଙ୍କା ମାଗୁଥିଲେ

■ପୀଡିତା ଓ ତାଙ୍କ ସ୍ୱାମୀଙ୍କ ନିକଟରୁ ନେଇଥିଲେ ୩.୭୮ ଲକ୍ଷ

ସୋନପୁର,୭।୯(ମୃତ୍ୟୁଞ୍ଜୟ ଶତପଥୀ)

ବିବାହିତା ମହିଳାଙ୍କ ନ୍ୟୁଡ୍ ଭିଡିଓ ଭାଇରାଲ କରିଥିବା ଛତିଶଗଡର ଯୁବକ ଯୋଗିନ୍ଦର ସୋନିଙ୍କୁ ସୋନପୁର ପୋଲିସ ଗିରଫ କରିଛି। ଅଭିଯୁକ୍ତ ସୋନିଙ୍କ ଘର ମହାସମୁନ୍ଦ ଜିଲା ବାଗବରା ଗ୍ରାମରେ। ବୁଧବାର ବିଳମ୍ବିତ ରାତିରେ ସୋନପୁର ଆଇଆଇସି ପଦ୍ମାସିନୀ ମେହେରଙ୍କ ନେତୃତ୍ୱରେ ପୋଲିସ ଟିମ୍ ବଲାଙ୍ଗୀର ଜିଲା ଟିଟିଲାଗଡରୁ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସୋନିଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଗୁରୁବାର ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ସୋନିଙ୍କର ସମ୍ପୃକ୍ତ ମହିଳାଙ୍କ ସହିତ ପ୍ରଥମେ ଏକ ମନ୍ଦିରରେ ପରିଚୟ ହୋଇଥିଲା। ପରେ ଫେସବୁକ୍‌ରେ ଉଭୟ ବନ୍ଧୁତା ସ୍ଥାପନ କରିଥିଲେ। କିଛି ଦିନ ପରେ ସୋନି ମହିଳାଙ୍କ ନ୍ୟୁଡ୍ ଭିଡିଓ ପ୍ରସ୍ତୁତ କରି ବ୍ଲାକମେଲିଂ କରିବା ଆରମ୍ଭ କରିଥିଲେ। ଗତ ଡିସେମ୍ବର ମାସଠାରୁ ସେ ମହିଳାଙ୍କୁ ଫୋନ୍‌ରେ ଧମକ ଦେଇ ଟଙ୍କା ମାଗୁଥିଲେ। ଟଙ୍କା ନ ଦେଲେ ନ୍ୟୁଡ୍ ଫଟୋ ଓ ଭିଡିଓ ଭାଇରାଲ କରିଦେବ ବୋଲି ଧମକ ଦେଉଥିଲେ। ମହିଳା ଜଣକ ନିଜ ଫୋନ ପେରୁ ପ୍ରଥମେ ୩ ଥରରେ ୭୮ ହଜାର ୧୦୦ ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ। ଅଭିଯୁକ୍ତଙ୍କ ଲୋଭ ବଢିଥିଲା, ସେ ପୁଣି ଟଙ୍କା ମାଗିବା ସହ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ମହିଳା ଏହାର ପ୍ରତିବାଦ କରିବାରୁ ସୋନି ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏ ସମ୍ପର୍କରେ ମହିଳା ନିଜ ବ୍ୟବସାୟୀ ସ୍ୱାମୀଙ୍କୁ ଜଣାଇଥିଲେ। ତେବେ ଅଭିଯୁକ୍ତ ଜଣକ ଫଟୋ ଓ ଭିଡିଓ ଭାଇରାଲ ନ କରିବା ପାଇଁ ମହିଳାଙ୍କ ସ୍ୱାମୀଙ୍କୁ ରାଜସ୍ଥାନ ଡାକି ତାଙ୍କ ଠାରୁ ୨ ଲକ୍ଷ ଟଙ୍କା ନେଇଥିଲେ। କିଛି ଦିନ ପରେ ମହିଳାଙ୍କ ଶ୍ୱଶୁର ଘର ବ୍ରହ୍ମପୁରକୁ ଯାଇ ପୁଣି ୧ ଲକ୍ଷ ଆଣିଥିଲେ। ଅଭିଯୁକ୍ତ ସୋନି ମହିଳା ଓ ତାଙ୍କ ସ୍ୱାମୀଙ୍କ ନିକଟରୁ ମୋଟ ୩ ଲକ୍ଷ ୭୮ ହଜାର ୧୦୦ଟଙ୍କା ନେଇ ଯାଇଥିଲେ। ଲୋକଲଜ୍ଜା ଭୟରେ ପୀଡିତା ଓ ପରିବାରବର୍ଗ ଏ ନେଇ କାହାକୁ ଜଣାଇ ନ ଥିଲେ। ତେବେ ଦିନକୁ ଦିନ ଅଭିଯୁକ୍ତ ସୋନିଙ୍କ ନିର୍ଯାତନା ବଢି ଚାଲିଥିଲା। ଏପରି କି ମହିଳାଙ୍କ ପରିଚିତ ଲୋକଙ୍କୁ ନ୍ୟୁଡ୍ ଭିଡିଓ ଓ ଫଟୋ ପଠାଇ ଅଭିଯୁକ୍ତ ଟଙ୍କା ମାଗୁଥିଲେ। ପୀଡିତାଙ୍କ ପରିବାର ଲୋକ ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏସ୍‌ପିଙ୍କ ପରାମର୍ଶକ୍ରମେ ବୁଧବାର ସନ୍ଧ୍ୟାରେ ପୀଡିତା ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ନଂ ୨୦୨/୨୩ ରେ ସୋନପୁର ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ଏଭଳି ସାଇବର ଅପରାଧ ରେ ଲୋକେ ଭୟ ନ କରି ପୋଲିସ ନିକଟରେ ଅଭିଯୋଗ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ଏହି ସମ୍ମିଳନୀରେ ମାମଲାର ତଦନ୍ତକାରୀ ଅଧିକାରୀ ତଥା ସୋନପୁର ଆଇଆଇସି ପଦ୍ମାସିନୀ ମେହେର ଉପସ୍ଥିତ ଥିଲେ।



ଏସ୍‌ପି ଅମରେଶ କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

# ମୁଁ ବି ମିତା ଅଭିଯାନର ଶୁଭାରମ୍ଭ




କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ ଏବଂ ଅନ୍ୟମାନେ।

ଦେବଗଡ଼,୭।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ଗୁରୁବାର 'ମୁଁ ବି ମିତା' ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଜିଲାପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ କଲେଜର ଛାତ୍ରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପ ଜିଲାପାଳ ପରକ୍ଷୀତ ସାହୁ ଓ ନିର୍ବାଚନ ଅଧିକାରୀ ସପନ ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବାସହ ଏକ ସୁସ୍ଥ ଗଣତନ୍ତ୍ର ନିମନ୍ତେ ପ୍ରତ୍ୟେକ ନାଗରିକ ନିଜ ନିଜର ପସନ୍ଦର ପ୍ରାର୍ଥୀଙ୍କୁ ମତଦାନ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ କଲେଜ ଛାତ୍ରୀ ଜଣେ ଜଣେ ଆମ୍ବାସଡର ଭାବେ କାମ କରିବେ ବୋଲି ମତବ୍ୟକ୍ତ କରିବାସହ ଭୋଟର ତାଲିକାରେ କେମିତି ସମସ୍ତ ଯୋଗ୍ୟ ମତଦାତାଙ୍କ ନାମ ରହି ପାରିବ, ସେମାନେ ମତଦାନ କେନ୍ଦ୍ରକୁ ଯାଇ କିଭଳି ମତଦାନ ପୂର୍ବକ ନିଜ ନିଜର ଅଧିକାର ସାବ୍ୟସ୍ତ କରି ପାରିବେ ଏବଂ ନିଜ କଲେଜ ତଥା ଗାଁର ଲୋକଙ୍କୁ ସଚେତନ କରାଇବେ ସେଥିନେଇ ଜିଲାପାଳ ଉପାଧ୍ୟାୟ ଛାତ୍ରୀଙ୍କୁ ବୁଝାଇଥିଲେ। ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଭୋଟରଙ୍କୁ ଯୋଡାଯାଇ ନିର୍ଭୁଲ ତଥ୍ୟ ମିଳିପାରିବ ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଇବେ ବୋଲି ମଧ୍ୟ ଜିଲାପାଳ କହିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ପୌର ପରିଷଦର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ମଞ୍ଚାସୀନ ଥିବା ବେଳେ ବିଭିନ୍ନ କଲେଜର ଅଧ୍ୟାପିକା ଅଧ୍ୟାପକ ମଧ୍ୟ ଉପସ୍ଥିତ ଥିଲେ।

# ଭାରତ ଯୋଡୋ ଯାତ୍ରାର ଏକବର୍ଷ ପୂର୍ତ୍ତିରେ କଂଗ୍ରେସର ପଦଯାତ୍ରା




ଦେବଗଡ଼,୭।୯(ଶଶାଙ୍କ ଶେଖର ଝାଙ୍କର)

ଅଖିଳ ଭାରତୀୟ କଂଗ୍ରେସ କମିଟି ଆନୁକୂଲ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରାର ଏକବର୍ଷ ପୂର୍ତ୍ତି ଅବସରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଦେବଗଡ ପୌରାଞ୍ଚଳରେ ଗୁରୁବାର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଉପ ସଭାପତି ସୁବାସ ଚନ୍ଦ୍ର ଭୋଇ, ଏସ୍‌ସି ସେଲ ସଭାପତି ମଞ୍ଜୁଳ କୁମାର ନାଏକ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ, ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା, ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ପୂର୍ବତନ ଉପ ନଗରପାଳ ବସନ୍ତ କୁମାର ମିଶ୍ର, ରିଆମାଳ ବ୍ଲକର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ରେବତୀ ମୋହନ ପଟ୍ଟନାୟକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ପ୍ରବଳ ବର୍ଷା ସତ୍ତ୍ୱେ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ବିଭିନ୍ନ ସ୍ଲୋଗାନ ସହିତ ଏକ ପଦଯାତ୍ରାରେ ବାହାରି ଗୋପବନ୍ଧୁ ଛକରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ଏକ ସଭାରେ ଉପରୋକ୍ତ ନେତା ଓ କର୍ମୀ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ପରେ ଢୋଲ ଓ ମାଦଳର ତାଳେ ତାଳେ ରଜାମୁଣ୍ଡା ପର୍ଯ୍ୟନ୍ତ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସମ୍ପାଦିକା ତଥା କଂଗ୍ରେସର ଦେବଗଡ ଜିଲା ପର୍ଯ୍ୟବେକ୍ଷିକା ରୂପାଦୀପ୍ତା ମହାପାତ୍ର ଉପସ୍ଥିତ ଥିଲେ।

### କୃଷ୍ଣମୋହନପୁର ବିଦ୍ୟାଳୟରେ ବୃକ୍ଷରୋପଣ

ବୌଦ୍ଧ,୭।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାଧାନଗର ପଞ୍ଚାୟତର କୃଷ୍ଣମୋହନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡିଆ ପରିସରରେ ଗୁରୁବାର ଦିନ ଗ୍ରାମବାସୀ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଭାଗିତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ହରଭଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା, ରାଧାନଗର ସରପଞ୍ଚ ଗଣେଶ ବେହେରା, ଏସିଏଫ ଆଶିଷ କୁମାର କହଁର, ଏବିଇଓ ଜଗତ ମଲିକ, ସ୍ୱରାଜ କହଁର, ଫରେଷ୍ଟର ସ୍ୱାଧୀନ ସାମଲ, ପ୍ରଧାନ ଶିକ୍ଷକ ମହେଶ ସେଠୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଅତିଥିମାନେ ବୃକ୍ଷରୋପଣର ଉପକାରିତା ନେଇ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥି, ଛାତ୍ରୀଛାତ୍ର, ଗ୍ରାମବାସୀ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବନବିଭାଗ କର୍ମଚାରୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ସାମିଲ ଥିଲେ।

### ବୌଦ୍ଧରେ ଆମଗାଁ କଂଗ୍ରେସର ପ୍ରଚାର ପତ୍ର ଉନ୍ମୋଚନ

ବୌଦ୍ଧ,୭।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଭାରତ ଯୋଡ ଯାତ୍ରାର ଏକ ବର୍ଷ ପୂର୍ତ୍ତି ଉତ୍ସବ ଗୁରୁବାର ଦିନ ଜିଲା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଗତ ୩ ତାରିଖରେ ବୌଦ୍ଧ ଠାରେ କଂଗ୍ରେସ ଦଳ ପକ୍ଷରୁ ଅନୁଷ୍ଠିତ ଜନଜାଗରଣ ସଭାରେ ଉଦ୍‌ଘାଟିତ ହୋଇଥିବା ଆମଗାଁ କଂଗ୍ରେସ କମିଟିର ଲୋଗର ଏକ ପ୍ରଚାର ପତ୍ର ଦଳର ବରିଷ୍ଠ ନେତା ନାରାୟଣ ପ୍ରସାଦ ପରିଜା ଓ ସୁଧୀର କର୍ଣ୍ଣଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବୌଦ୍ଧ ଜିଲାରେ ଆମଗାଁ କଂଗ୍ରେସ ଲୋଗ ପ୍ରଥମେ ଉଦ୍‌ଘାଟିତ ହୋଇଥିଲା ଓ ପରେ ରାଜ୍ୟରେ ଅନ୍ୟ ଜିଲାରେ ଉଦ୍‌ଘାଟିତ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାସହ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରାର ଭିଡିଓ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସଭାପତି ନବ କୁମାର ମିଶ୍ର, ଶାନ୍ତନୁ ମହାପାତ୍ର, ରାଏ ସଞ୍ଜୀବ କୁମାର ଦେଓ, ପଙ୍କଜ କର୍ଣ୍ଣ, ସମରେନ୍ଦ୍ର ମହାକୁଳ, ବେଣୁଧର ମେହେର, ଜୟନ୍ତ ପାଣିଗ୍ରାହୀ, ଶିବ ବେହେରା, ପ୍ରମିଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲା ପୋଲିସ ପକ୍ଷରୁ ୧୪ ଜଣଙ୍କୁ ଗୁଡ୍ ସମାରିଟନ୍ ପୁରସ୍କାର ପ୍ରଦାନ



ପୁରସ୍କୃତ ହେଇଥିବା ବ୍ୟକ୍ତି ବିଶେଷ।

ଦେବଗଡ଼,୭।୯(ଶଶାଙ୍କ ଶେଖର ଝାଙ୍କର)

ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତି ବିଶେଷଙ୍କୁ ଠିକ ସମୟରେ ଉଦ୍ଧାର ପୂର୍ବକ ଡାକ୍ତରଖାନାରେ ପହଞ୍ଚାଇ ଜୀବନ ବଞ୍ଚାଇଥିବା ଦେବଗଡ ଜିଲାର ୧୪ ଜଣଙ୍କୁ ଗୁରୁବାର ଗୁଡ୍ ସମାରିଟନ୍ ପୁରସ୍କାରରେ ପୁରସ୍କୃତ କରାଯାଇଛି। ପୂର୍ବାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଯୋଗଦେଇ କ୍ଷମାନିଧି ସାହୁ, ଶ୍ୟାମ ମୁଖି, ଗଜରାଜ ଯାଦବ, ବୈକୁଣ୍ଠ ଭଇଁସା, ନିର୍ମଳ କୁମାର ଦାଶ, କୃଷ୍ଣଚନ୍ଦ୍ର ଦେହୁରୀ, ମେଘନାଦ ବିଶ୍ୱାଳ, ରଞ୍ଜନ ପ୍ରଧାନ, ସତ୍ୟନାରାୟଣ ମହାକୁଳ,ସନ୍ତୋଷ ମହାପାତ୍ର, ରାଜେଶ ପାଣି, ତପନ କୁମାର ମହାନ୍ତ, ଟୁନା କାଲୋ ଓ ପାର୍ଥ ବଣିତୁଳଙ୍କୁ ମାନପତ୍ର ଓ ୨ହଜାର ଟଙ୍କା ଲେଖାଏଁ ପ୍ରଦାନ ପୂର୍ବକ ଗୁଡ ସମାରିଟନ ପୁରସ୍କାରରେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଡିଏସ୍‌ପି ଅଜୟ କୁମାର ତିର୍କୀ, ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ, କୁଣ୍ଢେଇଗୋଳା ଥାନା ଅଧିକାରୀ ପବିତ୍ର କୁମାର ସାହୁ ଓ ଲଇମୁରା ଥାନା ଅଧିକାରୀ ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଭଳି ଆଖି ଆଗରେ ଯଦି କୌଣସି ଦୁର୍ଘଟଣା ଘଟୁଛି ତେବେ ଭୟ ନ କରି ସଙ୍ଗେ ସଙ୍ଗେ ସାହାଯ୍ୟ ସହଯୋଗ କରିବା ସହ ପୋଲିସକୁ ସୂଚନା ପ୍ରଦାନ କରିବାକୁ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲା ପୋଲିସ ପକ୍ଷରୁ କୁହାଯାଇଛି।

# ରାସ୍ତା ପ୍ରଶସ୍ତିକରଣ ପାଇଁ ଜବରଦଖଲ ଉଚ୍ଛେଦ

ବିନ୍ଦିକା ୭।୯( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନ୍ଦିକା ସହରରେ ଗୁରୁବାର ପୂର୍ତ୍ତ ବିଭାଗ ଅଧୀନରେ ଥିବା ମୁଖ୍ୟରାସ୍ତାର ପ୍ରଶସ୍ତିକରଣ ପାଇଁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ପୂର୍ବରୁ ଜବରଦଖଲ ଉଚ୍ଛେଦ କରାଯିବା ପାଇଁ ଡ଼ାକବାଜି ଯନ୍ତ୍ର ଦ୍ୱାରା ଏନଏସି ପ୍ରଶାସନ ତରଫରୁ ଅବଗତ କରାଯାଇଥିଲା । ଫଳରେ ଅଧିକାଂଶ ଘର ମାଲିକ ନିଜ ଖର୍ଚ୍ଚରେ ନିଜର ଘର ଭାଙ୍ଗି ଦେଇଥିଲେ । ଗତ ୧୫ ଦିନ ପୂର୍ବରୁ ରାସ୍ତା ଉପରକୁ ମାଡି ଆସିଥିବା ଦୋକାନ ବଜାର, ଘରର ସୀମା ଚିହ୍ନଟ କରାଯାଇଥିଲା । ପୁଣି ଗତ ୪ତାରିଖରେ ଆଉ ଥରେ ପ୍ରଶାସନ ତରଫରୁ ସୀମା ଚହ୍ନଟ କରାଯାଇଥିଲା। କେତେକ ସ୍ଥାନରେ ସୀମା ଚିହ୍ନଟ ପୂର୍ବ ଚିହ୍ନଟ ଅନୁଯାୟୀ କମ ବେଶୀ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ଉଚ୍ଛେଦ ସମୟରେ ପୂର୍ତ୍ତବିଭାଗ, ବିଦ୍ୟୁତ୍, ପିଏଚଡି ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ । ଉଚ୍ଛେଦ ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୋଟାଏ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ସୂଚନା ଦେଇଛନ୍ତି । ତହସିଲଦାର ତଥା ମାଜିଷ୍ଟ୍ରେଟ ମୁକ୍ତେଶର ପାଣିଗ୍ରାହୀ, ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ବରିହା, ଏକଜ୍‌କ୍ୟୁଟିଭି ଅଫିସର ସତ୍ୟନାରାୟଣ ପଧାନଙ୍କ ସମେତ ଏନଏସି କର୍ମଚାରୀ ଶ୍ରୀଧର ମହାନନ୍ଦ, ଧ୍ରୁବଚରଣ ହାତୀ, ପୃଥୀରାଜ ପଧାନ, ରୋହିତ ବାଘ, ସରୋଜ ବାଘ, ରାଜାବାବୁ ପଧାନ, ପ୍ରକାଶ ବାଘ ପ୍ରମୁଖ ଉଚ୍ଛେଦ କାର୍ଯ୍ୟରେ ସହଯୋଗ କରିଥିଲେ ।




ରାସ୍ତା କଡରୁ ଉଚ୍ଛେଦ କରାଯାଉଛି ।

# ମହାନଦୀରେ ଛଡ଼ାଗଲା ଉନ୍ନତ ମାଛ ଜାଆଁଳ

■ମତ୍ସ୍ୟ ସମ୍ପଦର ସୁରକ୍ଷା, ବଂଶ ବୃଦ୍ଧି ପାଇଁ ପ୍ରୟାସ

■ଉପକୃତ ହେବେ ମତ୍ସ୍ୟଜୀବୀ

ଅମରପାଲି,୭।୯(ପୀତାମ୍ବର ସାହୁ)

ମହାନଦୀରେ ମତ୍ସ୍ୟସମ୍ପଦର ସୁରକ୍ଷା ଓ ବଂଶବୃଦ୍ଧି ପାଇଁ ନିଆଯାଇଛି ପଦକ୍ଷେପ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଖମ୍ବେଶ୍ୱରୀପାଲିସ୍ଥିତ ମହାନଦୀ ଘାଟରେ ଓ ବାଗବର ପଞ୍ଚାୟତର ବୁରୋଘାଟ ଗ୍ରାମର ମହାନଦୀ ଘାଟରେ ଗୁରୁବାର ଦିନ ଉନ୍ନତମାନର ମାଛ ଜାଆଁଳ ଛଡାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଓଡ଼ିଶା ସରକାର ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ମହାନଦୀରେ ମାଛ ଜାଆଁଳ ଛଡ଼ାଯାଇଛି। ଏହାଦ୍ୱାରା ମହାନଦୀ କୂଳରେ ବସବାସ କରୁଥିବା ମତ୍ସ୍ୟଜୀବୀମାନେ ଉପକୃତ ହେବେ। ହାଇଦ୍ରାବାଦସ୍ଥିତ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡର ସହଯୋଗରେ ମାଛ ଜାଆଁଳ ଛଡ଼ାଯାଇଛି। ଖମ୍ବେଶ୍ୱରୀପାଲି ଠାରେ ମାଛ ଛଡାଗଲା ବେଳେ ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ତହସିଲଦାର ବିବିଧ ଗଡ଼ନାୟକ, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ବୀରମହାରାଜପୁର ସହକାରୀ ମତ୍ସ୍ୟ ଅଧିକାରୀ ବିଭୂତି ପଧାନ, ଆତ୍ମା ଅଧ୍ୟକ୍ଷ ବିବସ୍ୱତି ପଣ୍ଡା, ୱାର୍ଡ ସଭ୍ୟା ଧରିତ୍ରୀ ବାଘ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହିତ ମହାନଦୀରେ ବ୍ଲାଷ୍ଟିଂ କରି ମାଛ ନ ଧରିବା ସହ ବିଷାକ୍ତ ପଦାର୍ଥ ପକାଇ ମାଛ ନ ମାରିବାକୁ ପରାମର୍ଶ ଦେଇଥିଲେ। ମହାନଦୀରେ ମାଛ ଛାଡ଼ିଲା ବେଳେ ଅଞ୍ଚଳର ଶତାଧିକ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ।




ମହାନଦୀର ଖମ୍ବେଶ୍ୱରୀପାଲି ଘାଟରେ ମାଛ ଜାଆଁଳ ଛଡ଼ାଯାଉଛି


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-TLHR-335, ତା.01.09.2023ରିଖ

କାର୍ଯ୍ୟର ନାମ: 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ(₹):48,85,826.25, EMD(₹):97,700/- ।

ବିଡ୍ ଆରମ୍ଭ ହେବା ତାରିଖ: ତା.11.09.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.09.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ୍

PR-554/O/23-24

OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM

QUOTATION CALL NOTICE (Addendum)

No.1538/ CM Dated 05.09.2023

Ref.: This Office Quotation Call Notice 1495/CM Dated 26.08.2023 published inthe daily newspaper the 'Dharitri' dated 28.08.2023.

1. The words "Supply and Installation of video surveillance, supply of Library Books, Office Furniture and Students' Furniture" have been added. 2. The list of materials uploaded in the college website www.cmvedu.in may be read a fresh. 3. The date may be read 14.09.2023 instead of 07.09.2023. 4. All other things remain unaltered.

Sd./- Principal, Chikiti Mahavidyalaya, Chikiti, Ganjam

## ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

ଦୁର୍ଗାପାଲି, ସମ୍ବଲପୁର ୭୬୮୦୦୬, ଫୋନ୍: ୭୪୦୧୦୯୮
ଇମେଲ୍- Secretarysdasbp@gmail.com

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, Durgapali Site and Services Schemeରେ ଲିଜ୍ ପ୍ଲଟ୍ ନମ୍ବର MIG-37ଟିକୁ ସ୍ୱର୍ଗତ ପ୍ରକାଶ ଚନ୍ଦ୍ର ସିଂ, ପିତା- ଆଓ୍ୱାଦେଶ ପ୍ରସାଦ ସିଂ, ସା.- ଶକ୍ତିନଗର, ହୀରାକୁଦ, ଜିଲ୍ଲା- ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ପ୍ରକାଶ ଚନ୍ଦ୍ର ସିଂଙ୍କର ମୃତ୍ୟୁ ହୋଇଯାଇଥିବାରୁ ତାଙ୍କର ଝିଅ ଡାକ୍ତର ପ୍ରିୟଙ୍କା ସିଂ ଉକ୍ତ ପ୍ଲଟ୍‌ଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି।

ଉକ୍ତ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ସଚିବ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

**ରାଷ୍ଟ୍ରପତି ଦାୟିତ୍ୱ ନେବାକୁ ପ୍ରସ୍ତୁତ: କମଳା ହାରିସ୍**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଯଦି ତାଙ୍କ କାର୍ଯ୍ୟକାଳ ଶେଷ କରିବାରେ ଅସମର୍ଥ ହୁଅନ୍ତି, ତେବେ ଦାୟିତ୍ୱ ଗ୍ରହଣ ଲାଗି ପ୍ରସ୍ତୁତ ଥିବା ଉପରାଷ୍ଟ୍ରପତି କମଳା ହାରିସ୍ କହିଛନ୍ତି। ଇଣ୍ଡୋନେସିଆ ଗସ୍ତରେ ଥିବା ହାରିସ୍‌ଙ୍କୁ ଆବଶ୍ୟକ ପଡ଼ିଲେ ଆପଣ ରାଷ୍ଟ୍ରପତି ପଦ ଗ୍ରହଣ ପାଇଁ ପ୍ରସ୍ତୁତ ଥିବା ଅନୁଭବ କରୁଛନ୍ତି କି ବୋଲି ଆସୋସିଏଟେଡ୍ ପ୍ରେସ୍ ରିପୋର୍ଟର କ୍ରିସ୍ ମେଗେରିଆନ୍ ହାରିସ୍‌ଙ୍କୁ ପ୍ରଶ୍ନ କରିଥିଲେ।

# ଶିର ନାହିଁ ଶିରୋପୀଡ଼ା

**ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ଡକାଯାଇଥିବା ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ କାର୍ଯ୍ୟସୂଚୀ ସମ୍ପର୍କରେ କେନ୍ଦ୍ର ସରକାର କିଛି ସ୍ପଷ୍ଟ କରି ନ ଥିବାରୁ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଏହାକୁ ନେଇ କେବଳ ବିରୋଧୀ ବ୍ଲକ୍ ଇଣ୍ଡିଆ ଆପତ୍ତି ଉଠାଉଛି ତାହା ନୁହେଁ, ଦେଶବାସୀଙ୍କ ମନରେ ମଧ୍ୟ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ୨୦୨୪ ସାଧାରଣ ନିର୍ବାଚନର କିଛି ମାସ ପୂର୍ବରୁ ଆହୂତ ଏହି ଅଦିନିଆ ଅଧିବେଶନରେ କେନ୍ଦ୍ର କ'ଣ କରିବାକୁ ଚାହୁଁଛି ତାହା ଚର୍ଚ୍ଚାର ବଜାରକୁ ସରଗରମ କରିଛି। ଚା' ଖଟିରୁ ନେଇ ସରକାରୀ ଦପ୍ତର ସବୁଠି ନାନା ମୁନି ନାନା ମତ ଦେବାରେ ଲାଗିଛନ୍ତି। ଏପରି କି ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟ ନୂଆ ନୂଆ ସିଦ୍ଧାନ୍ତ ବାହାରକରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଆଲୋଚ୍ୟ ପ୍ରସଙ୍ଗଗୁଡ଼ିକ ମଧ୍ୟରୁ ସର୍ବାଗ୍ରେ ରହିଛି, ଦେଶର ନାମ କେବଳ ଭାରତ ରଖିବା। ଏହାବାଦ୍ ଏକ ଦେଶ, ଏକ ନିର୍ବାଚନ, ଏକକ ଦେୱାନୀ ସଂହିତା (ୟୁସିସି), ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ)କୁ ଛଡ଼ାଇ ଆଣିବା, ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରସ୍ତ ପୂର୍ବକ ଉପତ୍ୟକାରେ ବିଧାନସଭା ନିର୍ବାଚନ କରାଇବା ଏବଂ ଆହୁରି ଅନେକ କଥା ଉଠୁଛି। ତେବେ ଅଧିବେଶନ ଉପରେ ସରକାରୀ ଭାବେ କୌଣସି ସଙ୍କେତ ମିଳୁ ନ ଥିବାରୁ ଏସବୁ କେବଳ 'ମୁଣ୍ଡ ନ ଥାଇ ମୁଣ୍ଡବ୍ୟଥା' ସଦୃଶ ପରିକଳ୍ପନା ବା ଅନୁମାନ, ଯାହାର ଅନାବଶ୍ୟକ ଚର୍ଚ୍ଚାରେ ବିରାମ ଲଗାଇ ଅନ୍ତତଃ ଆଉ ୧୦ ଦିନ ଅପେକ୍ଷା କରାଯାଇପାରେ।**




ନୂଆଦିଲ୍ଲୀ,୭।୯
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସର୍ବାଧିକ ଲୋକପ୍ରିୟ ନେତା। ଏଥିରେ ଦ୍ୱିମତ ନାହିଁ। କାରଣ କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ଗତ ଦଶନ୍ଧି ମଧ୍ୟରେ ଜିତିଆସିଥିବା ନିର୍ବାଚନଗୁଡ଼ିକରେ ମୋଦିଙ୍କ ଲୋକପ୍ରିୟତା ହିଁ ଗୈରିକ ଦଳର ପୁଞ୍ଜି ଭାବେ କାମ କରିଆସିଛି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଅଂଶୀଦାର ଦଳଗୁଡ଼ିକ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଆୟୁଧ କରି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧି ରହିଥିବାରୁ ବିରୋଧୀ ଶିବିରରେ ଏକପ୍ରକାର ନୈରାଶ୍ୟ ଖେଳୁଥିଲା। ତେଣୁ ୨୦୨୩ ଜୁଲାଇ ୧୭ରେ ୨୬ ବିରୋଧୀ ଦଳ ବେଙ୍ଗାଲୁରୁରେ ଏକାଠି ହୋଇ ଭବିଷ୍ୟତ ରଣନୀତି ଉପରେ ମାନସ ମନ୍ଥନ କରିଥିଲେ। ଏହି ୨ ଦିନିଆ ବୈଠକ ଶେଷରେ ଅର୍ଥାତ୍ ୧୮ ତାରିଖରେ ସେମାନେ ଏକ ନୂଆ ମେଣ୍ଟ ଗଢ଼ିଥିଲେ, ଯାହାର ନାମ ରଖିଥିଲେ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)। ଉକ୍ତ ବୈଠକ ଶେଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ମଜ୍ଜା କଥା କହିଥିଲେ, ଯେତେବେଳେ କେହି 'ଇଣ୍ଡିଆ' ବିରୋଧରେ ଛିଡ଼ାହେବ, ବିଜୟ କାହାର ହେବ ତାହା ସମସ୍ତଙ୍କୁ ଜଣା। ଅଦ୍ୟାବଧି ଇଣ୍ଡିଆ ବିଚାରଧାରା ବିରୋଧରେ ଲଢ଼ି କେହି ବିଜୟ ହାସଲ କରିପାରିନାହାନ୍ତି। ଆଗାମୀ ଲୋକ ସଭା ନିର୍ବାଚନ 'ଇଣ୍ଡିଆ ବନାମ ନରେନ୍ଦ୍ର ମୋଦି' ଲଢ଼େଇ ହେବାକୁ ଯାଉଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ଆମ ଭିତରେ କିଛି ମତଭେଦ ରହିଛି, ଯାହାକୁ ଆମେ ପଛରେ ଛାଡ଼ିଦେଇଛୁ। ଦେଶର ସ୍ୱାର୍ଥ ପାଇଁ ଏକାଠି ହୋଇଛୁ। ୨୦୨୪ ଲୋକ ସଭା ନିର୍ବାଚନ ମିଳିତ ଭାବେ ଲଢ଼ି ସଫଳତା ପାଇବୁ। ତେବେ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତାକୁ ନିଷ୍ପ୍ରଭ କରି ରାଷ୍ଟ୍ରବାଦ ଆଧାରିତ ରାଜନୀତି ଉପରେ ଭାଜପାର ଏକାଧିକାରରୁ ଭାଗ ଛଡ଼ାଇବା ପାଇଁ 'ଇଣ୍ଡିଆ' ନାମକରଣ ଯଥେଷ୍ଟ ବୋଲି ବୁଝିବା କଷ୍ଟକର ନୁହେଁ।

ଜୁଲାଇ ୧୮ରୁ ଅଦ୍ୟାବଧି ଜାତୀୟ ରାଜନୀତିର ସ୍ରୋତରେ ଅନେକ ପାଣି ବହିଗଲାଣି। ପ୍ରବହମାନ ଧାରାରେ କିଛି ମାସ ମଧ୍ୟରେ ଆହୁରି ବହୁ ହଟଚମଟ ସୃଷ୍ଟିକାରୀ ରାଜନୈତିକ ଘଟଣାକ୍ରମ ଦେଖିବାକୁ ମିଳିପାରେ। ଇତିମଧ୍ୟରେ ଭାରତ ଅଧ୍ୟକ୍ଷତା କରୁଥିବା ଜି୨୦ ବିଶ୍ୱନେତା ସମ୍ମିଳନୀ ପାଇଁ ରାଷ୍ଟ୍ରପତି ଓ ଇଣ୍ଡୋନେସିଆରେ ଚାଲିଥିବା ବିଂଶତମ ଏସିଆନ୍-ଇଣ୍ଡିଆନ୍ ସମିଟ୍ ଲାଗି ପ୍ରଧାନମନ୍ତ୍ରୀ ନିଜକୁ ଯଥାକ୍ରମେ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଏବଂ 'ପ୍ରାଇମ୍ ମିନିଷ୍ଟର ଅଫ୍ ଭାରତ' ଭାବେ ନିଜକୁ ପରିଚିତ କରାଇଛନ୍ତି। ସାମାଜିକ ଗଣମାଧ୍ୟମରୁ ନେଇ ଦିଲ୍ଲୀର ରାଜନୈତିକ ମହଲ ପର୍ଯ୍ୟନ୍ତ ଚର୍ଚ୍ଚା ଜୋର୍ ଧରିଛି ଯେ, କେନ୍ଦ୍ର ସରକାର ଦେଶର ନାମ କେବଳ 'ଭାରତ' ରଖିବା ପାଇଁ ସମ୍ବିଧାନରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ସେପ୍ଟେମ୍ବର ୧୯ (ଗଣେଶ ଚତୁର୍ଥୀ)ରୁ ନୂଆ ସଂସଦ ଭବନରେ ଅଧିବେଶନ ଚାଲିବା ନେଇ ସ୍ଥିରୀକୃତ ହୋଇଥିବା କୁହାଯାଉଛି। ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ 'ଅଖଣ୍ଡ ଭାରତ'ର ଚିତ୍ରକୁ ସ୍ଥାନିତ କରାଯାଇଥିବାରୁ ହିନ୍ଦୁ ଜାତୀୟତାବାଦୀ ଭାଜପା ସରକାର ସମ୍ବିଧାନ ସଂଶୋଧନ ପୂର୍ବକ ଉପରୋକ୍ତ ପଦକ୍ଷେପ ନେବାକୁ ଯାଉଛନ୍ତି ବୋଲି ସମାଲୋଚକମାନେ ଆଶଙ୍କା କରୁଛନ୍ତି। କିନ୍ତୁ ଏଭଳି ଅନାବଶ୍ୟକ ଚର୍ଚ୍ଚାକୁ ବିରାମ ଦେବାକୁ ଯାଇ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି, ଏହା କେବଳ ଏକ ଗୁଜବ। ଦେଶର ପୁନଃ ନାମକରଣ ନେଇ ସରକାରଙ୍କ କୌଣସି ଯୋଜନା ନାହିଁ। ତେବେ 'ଭାରତ' ନାମକୁ ନେଇ ବିରୋଧୀ ଯନ୍ତ୍ରଣା ଅନୁଭବ କରିବା ଅନୁଚିତ କହି ଅନୁରାଗ ନିଜକୁ 'ଭାରତ ସରକାରଙ୍କ ଜଣେ ମନ୍ତ୍ରୀ' ରୂପେ ପରିଚୟ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ 'ଇଣ୍ଡିଆ-ଭାରତ' ବିବାଦରେ ଛନ୍ଦି ନ ହେବାକୁ ନିଜ କ୍ୟାବିନେଟ ସହଯୋଗୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଦେଖିବାକୁ ଗଲେ ଭାଜପା ଗତ କିଛି ବର୍ଷ ମଧ୍ୟରେ ମୋଗଲ ଓ ଉପନିବେଶ ସାମ୍ରାଜ୍ୟଯୁଗୀୟ ନାମଗୁଡ଼ିକୁ ବଦଳାଇ ନୂଆ ନାମକରଣ କରିଛି। ରାଷ୍ଟ୍ରପତି ଭବନରେ ଥିବା 'ମୋଗଲ ଗାର୍ଡେନ୍'କୁ 'ଅମୃତ ଉଦ୍ୟାନ'ରେ ପରିଣତ କରିବା ଏହାର ଏକ ଦୃଷ୍ଟାନ୍ତ। ସମାଲୋଚକଙ୍କ ମତରେ ନୂଆ ନାଁଗୁଡ଼ିକ ଏହି ଉପମହାଦେଶକୁ ପ୍ରାୟ ୩୦୦ ବର୍ଷ ଧରି ଶାସନ କରିଥିବା ମୋଗଲ(ମୁସଲମାନ)ମାନଙ୍କୁ ଭାରତୀୟ ଇତିହାସରୁ ନିଶ୍ଚିହ୍ନ କରିଦେବା ପାଇଁ ଭାଜପାର ଉଦ୍ୟମ। ଏହାକୁ ମୋଦି ସରକାରଙ୍କ ଅସହିଷ୍ଣୁ ମନୋଭାବ ବୋଲି ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ରେଖା ଶର୍ମା ଅଭିହିତ କରିଛନ୍ତି। ସେହିପରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି, ଭାଜପା ଯଦି ଇଂଲିଶ ଭାଷାକୁ ହଟାଇଦେବା ପାଇଁ ଚାହୁଁଛି ତେବେ ପ୍ରଥମେ ନିଜ ନାମ ଭାରତୀୟ ଜନତା ପାର୍ଟି ପରିବର୍ତ୍ତେ ଭାରତୀୟ ଜନତା ଦଳ (ବିଜେଡି) ରଖିବା ଉଚିତ। ଏହା ଶାସକ ଦଳର ସଂକୀର୍ଣ୍ଣ ମାନସିକତା ବ୍ୟତୀତ କିଛି ନୁହେଁ ବୋଲି ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ପବନ ଖେରାଙ୍କ ମତରେ ଦେଶରେ ଏଭଳି ତତ୍ତ୍ୱ ରହିଛନ୍ତି, ଯେଉଁମାନେ ୟୁନାଇଟେଡ୍ ଇଣ୍ଡିଆକୁ ପସନ୍ଦ କରନ୍ତି ନାହିଁ। ସେମାନେ 'ଇଣ୍ଡିଆ' ଏବଂ 'ଭାରତ' ମଧ୍ୟରେ ଫାଟ ସୃଷ୍ଟି କରୁଛନ୍ତି। ସେହି ବିଭେଦ ସୃଷ୍ଟିକାରୀ ଶକ୍ତିଗୁଡ଼ିକୁ ସମସ୍ତ ଭାରତୀୟ ଚିହ୍ନିଛନ୍ତି। କଂଗ୍ରେସ ଶାସିତ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି, ୧୯୪୯ ନଭେମ୍ବର ୨୬ରେ ଗୃହୀତ ସମ୍ବିଧାନର ମୁଖବନ୍ଧ କହୁଛି 'ୱି ଦି ସିଟିଜେନ୍ ଅଫ୍ ଇଣ୍ଡିଆ'। ତେଣୁ ଇଣ୍ଡିଆର ନୂଆ ନାମକରଣ ଅନାବଶ୍ୟକ। ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ଆବେଗିକ ପ୍ରସଙ୍ଗଗୁଡ଼ିକ ଆଣି ବିବାଦୀୟ ସ୍ଥିତି ଉପୁଜାଉଛି। କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ମଣିପୁର ହିଂସା, ଦରଦାମ୍ ବୃଦ୍ଧି, ବେକାରି ସମସ୍ୟା, କେନ୍ଦ୍ର-ରାଜ୍ୟ ସମ୍ପର୍କ, ଜାତିଗତ ଜନଗଣନା, ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି, ସୀମାରେ ଚାଇନାର ଅତିକ୍ରମଣ, ଆଦାନୀ ବିରୋଧରେ ଜେପିସି ତଦନ୍ତ, ରାଜ୍ୟ ଉପରେ ବନ୍ୟା ଓ ମରୁଡ଼ିର ପ୍ରଭାବ ଆଦି ୯ ପ୍ରସଙ୍ଗରେ ସ୍ୱତନ୍ତ୍ର ଅଧିବେଶନରେ ଆଲୋଚନା ପାଇଁ ଚିଠି ଲେଖିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୋନିଆଙ୍କ ବିରୋଧରେ ସଂସଦୀୟ କାର୍ଯ୍ୟକୁ ନେଇ ରାଜନୀତି କରୁଥିବା ଅଭିଯୋଗ ଆଣିଛନ୍ତି। ଏହାପରେ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ସଂସଦର ସ୍ୱତନ୍ତ୍ର ଅଧିବେଶନକୁ ବର୍ଜନ କଲେ ଭାଜପା ଏକତରଫା ନିଷ୍ପତ୍ତି ନେବ। ପାର୍ଲାମେଣ୍ଟରେ ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବା ଉଚିତ। ଦେଶରେ 'ଇଣ୍ଡିଆ-ଭାରତ' ବିତର୍କ ଜାରି ରହିଥିବାବେଳେ ଜାତିସଂଘ ପକ୍ଷରୁ ପ୍ରତିକ୍ରିୟା ଆସିଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ଉପମୁଖପାତ୍ର ଫରହାନ୍ ହକ୍ କହିଛନ୍ତି, ଆମ ପାଖକୁ 'ଇଣ୍ଡିଆ'ର ନାମ ପରିବର୍ତ୍ତନ ସଂକ୍ରାନ୍ତ କୌଣସି ପ୍ରସ୍ତାବ ଆସିନାହିଁ। ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ଅନୁରୋଧ କରାଗଲେ ତା' ଉପରେ ବିଚାର କରିବୁ।

## ସଂକ୍ଷେପରେ

### ଆର୍ଥିକ ଅପରାଧୀଙ୍କ ୧.୮ ବିଲିୟନ୍ ଡଲାର ସମ୍ପତ୍ତି ବାଜ୍ୟାପ୍ତ ହୋଇଛି

**ନୂଆଦିଲ୍ଲୀ,୭।୯:** ଗତ ୪ ବର୍ଷ ମଧ୍ୟରେ ଦେଶର ଆର୍ଥିକ ଅପରାଧୀ ଓ ପଳାତକମାନଙ୍କ ୧.୮ ବିଲିୟନ୍ ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଗୁରୁବାର ସିବିଆଇ ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଛନ୍ତି। ଅପରାଧୀ ଓ ପଳାତକମାନଙ୍କୁ ପ୍ରତ୍ୟର୍ପଣ କରି ଭାରତକୁ ଆଣିବା ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୨୨ ଅକ୍ଟୋବରରେ ଭାରତ ୯୦ତମ ଇଣ୍ଟରପୋଲ ଜେନେରାଲ ଆସେମ୍ବ୍ଲି ଆୟୋଜନ କରିବା ପରଠୁ ଆର୍ଥିକ ଅପରାଧୀଙ୍କ ଉପରେ ଲଗାମ କଷାଯାଉଛି। ଚଳିତବର୍ଷ ଅଦ୍ୟାବଧି ୧୯ ଅପରାଧୀ/ପଳାତକଙ୍କୁ ସ୍ୱଦେଶକୁ ଫେରାଇ ଅଣାଯାଇଛି। ୨୦୨୧ରେ ଏହି ସଂଖ୍ୟା ୧୮ ଥିବାବେଳେ ଗତବର୍ଷ ୨୭ ରହିଥିଲା।

### ରାଜନୀତି ଛାଡ଼ିଲେ ସନା ମରିନ୍



**କୋପେନ୍‌ହାଗେନ,୭।୯:** ଫିନ୍‌ଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ସନା ମରିନ୍ ଗୁରୁବାର ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି। ୟୁରୋପର ସର୍ବକନିଷ୍ଠ ନେତ୍ରୀ ମାନ୍ୟତା ପାଇଥିବା ୩୭ ବର୍ଷୀୟା ସନା ଲଣ୍ଡନ୍‌ର ଏକ ଅଣଲାଭଦାୟକ ସଙ୍ଗଠନ ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ଚେଞ୍ଜରେ ଉପଦେଷ୍ଟା ଭାବେ ଯୋଗଦେବା ନେଇ ଘୋଷଣା କରିଛନ୍ତି। ୨୦୧୯ରେ ସନା ୫ଟି ଦଳର ସମର୍ଥନରେ ମେଣ୍ଟ ସରକାର ଗଢ଼ିଥିଲେ। କୋଭିଡ୍-୧୯ ମୁକାବିଲାରେ ବଳିଷ୍ଠ ଭୂମିକା ନେଇ ଏବଂ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌କୁ ସମର୍ଥନ କରି ସେ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲେ। ଫିନ୍‌ଲାଣ୍ଡକୁ ନାଟୋ ସଦସ୍ୟତା ପ୍ରଦାନରେ ମଧ୍ୟ ସନାଙ୍କ ବଡ଼ ଭୂମିକା ରହିଥିଲା। ସେ ଗତ ଜୁନ୍ ୨୦ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

### ଥାଇଲାଣ୍ଡରେ କୋଭିଡ୍ ଚିକିତ୍ସା ପରେ ଶିଶୁଙ୍କ ଆଖି ରଙ୍ଗ ବଦଳୁଛି

**ବ୍ୟାଙ୍କକ,୭।୯:** ଥାଇଲାଣ୍ଡରେ କୋଭିଡ୍-୧୯ ଚିକିତ୍ସା ପରେ ଶିଶୁଙ୍କ ଆଖିର ରଙ୍ଗ ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳିଛି। ଏକ ଅଧ୍ୟୟନ ଅନୁଯାୟୀ ଜଣେ ୬ ମାସର ଶିଶୁର ଆଖିର ରଙ୍ଗ ଗାଢ଼ ବାଦାମୀ ଥିବାବେଳେ କୋଭିଡ୍ ଚିକିତ୍ସା ପରେ ତାହା ଗାଢ଼ ନୀଳରେ ପରିବର୍ତ୍ତନ ହୋଇଯାଇଛି। ଫ୍ରଣ୍ଟିଅର୍ସ ଇନ୍ ପେଡିଆଟ୍ରିକ୍ସ ପତ୍ରିକାରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଶିଶୁଟି କୋଭିଡ୍‌ରେ ସଂକ୍ରମିତ ହୋଇଥିବା ଜଣାପଡ଼ିବା ପରେ ତାଙ୍କର ଆଣ୍ଟିଭାଇରାଲ ଫାଭିପିରାଭିର ଚିକିତ୍ସା କରାଯାଇଥିଲା। ଚିକିତ୍ସାର ୧୮ ଘଣ୍ଟା ପରେ ପିଲାଟିର ଆଖି ରଙ୍ଗ ବଦଳୁଥିବା ତାଙ୍କ ମାଆ ଦେଖିବାକୁ ପାଇଥିଲେ। ୫ ଦିନ ଔଷଧ ସେବନ ପରେ ପୂର୍ବ ରଙ୍ଗ ପୁଣି ଫେରିଆସିଥିଲା। ତେଣୁ ଫାଭିପିରାଭିର ଚିକିତ୍ସାର ପାର୍ଶ୍ୱ ପ୍ରତିକ୍ରିୟା ଉପରେ ଅଧିକ ଅନୁଧ୍ୟାନ କରିବାର ଆବଶ୍ୟକତା ଥିବା ଉକ୍ତ ଅଧ୍ୟୟନରେ କୁହାଯାଇଛି।

# ସହଯୋଗ ବୃଦ୍ଧି ପାଇଁ ମୋଦିଙ୍କ ୧୨-ସୂତ୍ରୀ ପ୍ରସ୍ତାବ

**ଆସିଆନ୍ ସମିଟ୍**

ଜାକର୍ତ୍ତା,୭।୯(ପି.ଟି.)



ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଆସିଆନ୍ ସମିଟ୍ ଅବସରରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ୍ (ଡାହାଣ) ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କରମର୍ଦ୍ଦନ କରୁଛନ୍ତି। ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍ ଏବଂ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ୍ (ବାମ) ଉପସ୍ଥିତ ଅଛନ୍ତି।

ଭାରତ ଏବଂ ୧୦ ରାଷ୍ଟ୍ର ବିଶିଷ୍ଟ ଆସିଆନ୍ (ଆସୋସିଏଶନ ଅଫ୍ ଦି ସାଉଥ୍‌ଇଷ୍ଟ ଏସିଆନ୍ ନେଶନ୍ସ) ମଧ୍ୟରେ ଯୋଗାଯୋଗ, ବ୍ୟବସାୟ, ଡିଜିଟାଲ ଟ୍ରାନ୍ସଫର୍ମେଶନ ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗ ବଢ଼ାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏକ ୧୨-ସୂତ୍ରୀ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ନିୟମାବଳୀ ଆଧାରିତ କୋଭିଡ୍ ପରବର୍ତ୍ତୀ ବିଶ୍ୱ ନିର୍ମାଣ ଲାଗି ସେ ଆହ୍ୱାନ ଦେଇଛନ୍ତି। ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ଆସିଆନ୍-ଇଣ୍ଡିଆ ବାର୍ଷିକ ସମିଟ୍‌ରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଦକ୍ଷିଣପୂର୍ବ ଏସିଆ, ଭାରତ, ପଶ୍ଚିମ ଏସିଆ ଏବଂ ୟୁରୋପକୁ ସଂଯୋଗ କରି ଏକ ମଲ୍ଟି-ମୋଡାଲ କନେକ୍ଟିଭିଟି ଏବଂ ଇକୋନୋମିକ୍ କରିଡର ପ୍ରତିଷ୍ଠା କରିବା ଏବଂ ଆସିଆନ୍ ସହଯୋଗୀଙ୍କ ମଧ୍ୟରେ ନୂଆଦିଲ୍ଲୀର ଡିଜିଟାଲ ପବ୍ଲିକ୍ ଭିତ୍ତିଭୂମିକୁ ଶେୟାର କରିବା ଲାଗି ପ୍ରସ୍ତାବ ଦେଇଛନ୍ତି। ଏହା ବ୍ୟତୀତ ଆତଙ୍କବାଦୀ, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ, ସାଇବର ବିଭ୍ରାନ୍ତିକର ତଥ୍ୟ ବିରୋଧରେ ମିଳିତ ଲଢ଼େଇ କରିବା ସହ ବହୁପକ୍ଷୀୟ ମଞ୍ଚରେ ବିଶ୍ୱର ଦକ୍ଷିଣ ଭାଗ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରସଙ୍ଗ ପ୍ରଧାନମନ୍ତ୍ରୀ ଉଠାଇଥିଲେ। ସମିଟ୍‌ରେ ସାମୁଦ୍ରିକ ସହଯୋଗ ଏବଂ ଖାଦ୍ୟ ସୁରକ୍ଷା ଉପରେ ମିଳିତ ବିବୃତି ଗୃହୀତ ହୋଇଛି। ଏହି ଏକବିଂଶ ଶତାବ୍ଦୀ ଏସିଆର ଶତାବ୍ଦୀ। ସେଥିପାଇଁ କୋଭିଡ୍ ପରବର୍ତ୍ତୀ ନିୟମାବଳୀ ଆଧାରିତ ବିଶ୍ୱ ଗଠନ ଜରୁରୀ ଏବଂ ମାନବ କଲ୍ୟାଣ ଲାଗି ସମସ୍ତଙ୍କର ଉଦ୍ୟମ ରହିବା ଆବଶ୍ୟକ ବୋଲି ସମିଟ୍‌ରେ ସହଅଧ୍ୟକ୍ଷତା କରିଥିବା ପ୍ରଧାନମନ୍ତ୍ରୀ ମୋଦି କହିଥିଲେ।

# ୟୁପିଆଇ ଏଟିଏମ୍ ଲଞ୍ଚ୍ ହେଲା

ନୂଆଦିଲ୍ଲୀ,୭।୯

ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ସହଯୋଗରେ ଜାପାନର ହିଟାଚି ପେମେଣ୍ଟ ସର୍ଭିସେସ୍ ୟୁପିଆଇ-ଏଟିଏମ୍‌ର ଶୁଭାରମ୍ଭ କରିଛି। ଏହା ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ଦ୍ୱାରା ପରିଚାଳିତ ଏକ ହ୍ୱାଇଟ୍ ଲେବଲ ଏଟିଏମ୍ (ଡବ୍ଲ୍ୟୁଏଲ୍ଏ)। ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ ବିନା ଏଥିରୁ ଗ୍ରାହକ ଟଙ୍କା ଉଠାଇପାରିବେ। ମୁମ୍ବାଇରେ ଅନୁଷ୍ଠିତ ଗ୍ଲୋବାଲ ଫିନ୍‌ଟେକ୍ ଫେଷ୍ଟ ୨୦୨୩ରେ ଏହି ହିଟାଚି ମନି ସ୍ପଟ୍ ୟୁପିଆଇ ଏଟିଏମ୍ ଉନ୍ମୋଚିତ ହୋଇଛି। ଏହା ଦେଶର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯିବା ପରେ ଟଙ୍କା ଉଠାଇବା ପାଇଁ ଏଟିଏମ୍‌କୁ ଆଉ ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ ନେଇ ଯିବାକୁ ପଡ଼ିବ ନାହିଁ। ଆପଣ ୟୁନାଇଟେଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ଆପ୍ଲିକେଶନ ବ୍ୟବହାରକରି ଆକାଉଣ୍ଟରୁ ଟଙ୍କା ଉଠାଇବେ। ଏହି ଏଟିଏମ୍ ବ୍ୟବହାର ପାଇଁ ସହଜ, ସୁରକ୍ଷିତ ଏବଂ ବିଶେଷ ଉଦ୍ୟମ କରିବାକୁ ପଡ଼ି ନ ଥାଏ। ଏଥିପାଇଁ ପ୍ରଥମେ ଏଟିଏମ୍‌ରୁ କେତେ ଟଙ୍କା ଉଠାଇବେ ତାହା ସିଲେକ୍ଟ କରିବେ। ଏହା ପରେ ସ୍କ୍ରିନ୍‌ରେ ଏକ କ୍ୟୁଆର୍ କୋଡ୍ ଦେଖାଦେବ। ୟୁପିଆଇ ଆପ୍ ଥିବା ଆପଣଙ୍କ ମୋବାଇଲ୍ ଫୋନ୍‌ରେ ଉକ୍ତ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରିବା ପରେ ମୋବାଇଲରେ ଆପଣଙ୍କ ୟୁପିଆଇ ପିନ୍ ଏଣ୍ଟର କରିବେ। ଏହା ପରେ ଏଟିଏମ୍‌ରୁ ଟଙ୍କା ବାହାରିବ।

**ଟଙ୍କା ଉଠାଇବାକୁ ଆଉ ଡେବିଟ୍ କାର୍ଡ ଦରକାର ହେବନି**




# ପୁଟିନ୍, ଜିନ୍‌ପିଙ୍ଗ୍ କାହିଁକି ଆସିଲେନି: କଂଗ୍ରେସ

ନୂଆଦିଲ୍ଲୀ,୭।୯

ଜି୨୦ ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଚାଇନା ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗ୍‌ଙ୍କ ଅନୁପସ୍ଥିତିକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି। ଦଳ କହିଛି ଏହି ଦୁଇ ବିଶ୍ୱସ୍ତରୀୟ ନେତାଙ୍କ ଅନୁପସ୍ଥିତି ସମ୍ମିଳନୀର ସଫଳତା ଉପରେ ବିଚାର ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏହାର ଜବାବ ରଖନ୍ତୁ ବୋଲି ଦଳ ଦାବି କରିଛି। କଂଗ୍ରେସର ଗଣମାଧ୍ୟମ ଓ ପ୍ରଚାର ବିଭାଗ ମୁଖ୍ୟ ପଓ୍ୱନ ଖେରା କହିଛନ୍ତି, ପ୍ରଧାନମନ୍ତ୍ରୀ ବହୁ ଅର୍ଥ ବ୍ୟୟ କରି ଏଭଳି ଏକ କାର୍ଯ୍ୟକ୍ରମ କରିଛନ୍ତି। ତେବେ ସମସ୍ତ ରାଷ୍ଟ୍ର ମୁଖ୍ୟମାନେ ଯେପରି ଏହି ସମ୍ମିଳନୀରେ ଯୋଗଦେବେ, ସେଥିପ୍ରତି ଦୃଷ୍ଟି ଦେବା ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଦାୟିତ୍ୱ। ଜି୨୦କୁ ନେଇ କଂଗ୍ରେସର କ'ଣ ପ୍ରତିକ୍ରିୟା ରହିଛି ବୋଲି ପଚରାଯିବାରୁ ଖେରା କହିଛନ୍ତି, ଭାରତକୁ ଜି୨୦ରେ ଅଧ୍ୟକ୍ଷତା କରିବା ଲାଗି ସୁଯୋଗ ମିଳିଛି। ତେବେ ଦୁଇ ବଡ଼ ରାଷ୍ଟ୍ର ମୁଖ୍ୟଙ୍କ ଅନୁପସ୍ଥିତି ବିଷୟରେ ଜୟଶଙ୍କର ପ୍ରତିକ୍ରିୟା ରଖିବେ ବୋଲି ସେ ଆଶା କରୁଛନ୍ତି ବୋଲି ଖେରା କହିଛନ୍ତି।



ପଓ୍ୱନ ଖେରା

## ଜି୨୦: ହୋଟେଲଗୁଡ଼ିକରେ କଡ଼ା ସୁରକ୍ଷା

ଜି୨୦ ସମ୍ମିଳନୀ ଦୃଷ୍ଟିରୁ ନୂଆଦିଲ୍ଲୀର ବିଭିନ୍ନ ହୋଟେଲ ଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୨୬/୧୧ ମୁମ୍ବାଇ ଆକ୍ରମଣ ବେଳେ ଯେଭଳି ଭାବେ ଅସ୍ତ୍ରଶସ୍ତ୍ରର ଅଭାବ ଦେଖାଦେଇଥିଲା, ସେଭଳି ପରିସ୍ଥିତି ଯେପରି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଯଦି ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ସୁରକ୍ଷାକର୍ମୀଙ୍କୁ ଯେପରି ଗୁଳି ତଥା ସମସ୍ତ ପ୍ରକାର ଅସ୍ତ୍ରଶସ୍ତ୍ର ଯୋଗାଇହେବ ସେନେଇ ବ୍ୟବସ୍ଥା କରାଯାଇଛି। ହୋଟେଲଗୁଡ଼ିକରେ ଗୋଦାମଘରେ ଗୁଳି, ମେଡିକାଲ ଉପକରଣ, ଧୂଆଁ ଗ୍ରେନେଡ୍, ୱାୟାରଲେସ ଚାର୍ଜର ଭଳି ବିଭିନ୍ନ ଜିନିଷ ମହଜୁଦ ରଖାଯାଇଛି। ଜି୨୦ ସୁରକ୍ଷା ସମ୍ପର୍କିତ ଏକ ବୈଠକ ପୂର୍ବରୁ ଅନୁଷ୍ଠିତ ହୋଇଥିଲା। ଆତଙ୍କବାଦୀ ଆକ୍ରମଣ ଘଟିଲେ କିପରି ତାକୁ ପ୍ରତିହତ କରାଯିବା ସହ ସୁରକ୍ଷାକର୍ମୀଙ୍କୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଯୋଗାଣ କରାଯାଇପାରିବ, ସେନେଇ ଆଲୋଚନା କରାଯାଇଥିଲା। ସମ୍ମିଳନୀ ସମୟରେ ପ୍ରଗତି ମଇଦାନକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି।



## ଆଜି ପହଞ୍ଚିବେ ବାଇଡେନ୍, ସୁନକ

ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଯାଉଥିବା ଜି୨୦ ସମ୍ମିଳନୀରେ ଯୋଗଦେବାକୁ ବିଶ୍ୱର ଧନୀ ରାଷ୍ଟ୍ରର ନେତାମାନେ ପହଞ୍ଚିବେ। ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ, କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ସମେତ ଅନ୍ୟ ନେତାମାନେ ଯୋଗଦେବେ। ଶୁକ୍ରବାର ମଧ୍ୟାହ୍ନ ୧.୪୦ରେ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ନୂଆଦିଲ୍ଲୀରେ ପହଞ୍ଚିବେ। ତାଙ୍କୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ସ୍ୱାଗତ କରିବେ। ସେହିପରି ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଡ଼ା ଅପରାହ୍ନ ୨.୧୫ରେ ପାଲମ ବାୟୁସେନା ଘାଟିରେ ଅବତରଣ କରିବେ। ତାଙ୍କୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ସ୍ୱାଗତ କରିବେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଶୁକ୍ରବାର ସନ୍ଧ୍ୟା ୬.୫୫ରେ ପହଞ୍ଚିବେ। ତାଙ୍କୁ କେନ୍ଦ୍ରମନ୍ତ୍ରୀ ବିଜୟ କୁମାର ସିଂ ସ୍ୱାଗତ କରିବେ। ଫାଷ୍ଟ ଲେଡି ଜିଲ୍ ବାଇଡେନ କୋଭିଡ ପଜିଟିଭ୍ ଜଣାପଡ଼ିବା ପରେ ରାଷ୍ଟ୍ରପତି ବାଇଡେନ ଜି୨୦ରେ ଯୋଗଦେବା ନେଇ ସନ୍ଦେହ ଉପୁଜିଥିଲା। ତେବେ ରାଷ୍ଟ୍ରପତି ବାଇଡେନଙ୍କ କୋଭିଡ ରିପୋର୍ଟ ନେଗେଟିଭ ବୋଲି ଜଣାପଡ଼ିବା ପରେ ସେ ଭାରତରେ ପହଞ୍ଚିବେ ବୋଲି ଜଣାପଡ଼ିଥିଲା।



ଜୋ ବାଇଡେନ୍



ଋଷି ସୁନକ

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** କ୍ରମାଗତ ୫ମ ଦିନ ଲାଗି ଘରୋଇ ଶେୟାର ବଜାରରେ କାରବାର ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୮୫ (୩୮୫.୦୪) ପଏଣ୍ଟ ବଢ଼ି ୬୬,୨୬୬ (୬୬,୨୬୫.୬୫) ଅଙ୍କରେ କାରବାର ବନ୍ଦ କରିଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୧୧୬ (୧୧୬.୦୦) ପଏଣ୍ଟ ବୃଦ୍ଧି ଘଟି ୧୯,୭୨୭(୧୯,୭୨୭.୦୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଋଣ ମଞ୍ଜୁରୀ ବୃଦ୍ଧିକୁ ଗୁରୁତ୍ୱ

### ୧୭୨ତମ ଏସ୍‌ଏଲ୍‌ବିସି ବୈଠକ




ଭୁବନେଶ୍ୱର,୭।୯ (ଅଭୟ ଦାଶ)

ରାଜ୍ୟର କୋଣ ଅନୁକୋଣର ଜନସାଧାରଣଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରକ୍ରିୟାରେ ସାମିଲକରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏପରିକି ସବୁ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ପାଇଁ ମଧ ଉଦ୍ୟମ ଅବ୍ୟାହତ ରହିଛି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କଗୁଡ଼ିକ ସବୁ କ୍ଷେତ୍ରକୁ ଋଣ ମଞ୍ଜୁରୀ ବୃଦ୍ଧି କରିବାକୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁରୁତ୍ୱ ପ୍ରଦାନ କହିଛନ୍ତି। ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ୧୭୨ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି)ବୈଠକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଆରୁଖ କହିଥିଲେ , କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବାର୍ଷିକ ଋଣ ଯୋଜନାରେ ଉତ୍ସାହପ୍ରଦ ସଫଳତା ହାସଲ ହୋଇଥିବାବେଳେ ଶିକ୍ଷା ଓ ହାଉସିଂ ପରି ୨ ପ୍ରମୁଖ ସାମାଜିକ କ୍ଷେତ୍ରକୁ ଅଧିକ ଋଣ ପ୍ରଦାନ ପାଇଁ ବ୍ୟାଙ୍କଗୁଡିକ ପଦକ୍ଷେପ ନିଅନ୍ତୁ। ୨୦୨୨-୨୩ ଆର୍ଥିକ ବର୍ଷରେ 'ବାର୍ଷିକ ଋଣ ଯୋଜନା'ରେ ୧.୩୪ ଲକ୍ଷ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୧୯.୦୨% ବୃଦ୍ଧି ପାଇ ୧.୬୦ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ ବର୍ଷ ପରି ବାର୍ଷିକ ଋଣ ଯୋଜନା ଅଧୀନରେ ବ୍ୟାଙ୍କଗୁଡିକ ଶତପ୍ରତିଶତ ଲକ୍ଷ୍ୟ ହାସଲ କରିବାକୁ ଉଦ୍ୟମ ଜାରି ରଖିବା ଆବଶ୍ୟକ ହୋଇଥିବାବେଳେ ୬୫% ଗ୍ରାମପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ନ ଥିବାରୁ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବ୍ୟାଙ୍କ ଋଣ ଯୋଗାଇଦେବା ପାଇଁ ୬ଟି ପବ୍ଲିକ୍ ସେକ୍ଟର ବ୍ୟାଙ୍କ ସହଯୋଗରେ ସ୍ଥାୟୀ ବ୍ୟାଙ୍କ ନ ଥିବା ଗ୍ରାମପଞ୍ଚାୟତରେ ସିଏସ୍‌ପି (ପ୍ଲସ୍) ବ୍ୟାଙ୍କ ଆଉଟ୍‌ଲେଟ୍ ମାଧ୍ୟମରେ ବ୍ୟାଙ୍କ ସେବା ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଉକ୍ତ ବୈଠକରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ୨୦୨୩ ଜୁନ୍ ୩୦ସୁଦ୍ଧା ବ୍ୟାଙ୍କଗୁଡ଼ିକର ନଗଦ ଜମା ଅନୁପାତ (ସିଡି ରେସିଓ) ୮୧.୪୨%କୁ ବୃଦ୍ଧି ପାଇଥିବାରୁ ସନ୍ତୋଷ ବ୍ୟକ୍ତ କରିବା ସହ ଅଗ୍ରାଧିକାର କ୍ଷେତ୍ରକୁ ଋଣ ପ୍ରଦାନ ପାଇଁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଥିଲେ। ସ୍ଥାୟୀ ବ୍ୟାଙ୍କ ନ ଥିବା ଅଞ୍ଚଳରେ ବ୍ୟାଙ୍କ ପ୍ରତିଷ୍ଠା, ମିଶନ ଶକ୍ତି ସ୍କୁଟର ଯୋଜନା,ମୋ ଘର ଯୋଜନା, ଶିକ୍ଷା ଋଣ ଇତ୍ୟାଦି ସରକାରଙ୍କ ୫ଟି ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ପାଇ ବ୍ୟାଙ୍କଗୁଡ଼ିକୁ ଋଣ ଯୋଗାଣ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ଅର୍ଥ ସଚିବ ବିଶାଲ କୁମାର ଦେବ ବ୍ୟାଙ୍କଗୁଡ଼ିକର ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଚଳିତ ଆର୍ଥିକ ବର୍ଷର ଜନକଲ୍ୟାଣକାରୀ ଯୋଜନାରେ ବ୍ୟାଙ୍କଗୁଡ଼ିକ ସକ୍ରିୟ ଭାବେ ଅଂଶଗ୍ରହଣ କରି ଋଣ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନକୁ ଅଧିକ ସହଜ ଓ ବ୍ୟାପକ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ବୈଠକର ଆବାହକ ଗୌତମ ପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉକ୍ତ ବୈଠକରେ ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ,ଶାଶ୍ୱତ ମିଶ୍ର, ଏସ୍.କେ.ବଶିଷ୍ଠ,ଏସ୍.କେ. ଲୋହାନୀ,ସୁଜାତା ଆର୍. କାର୍ତ୍ତିକେୟନ୍‌ଙ୍କ ସମେତ ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସନ୍ନ ମହାନ୍ତି, ନାବାର୍ଡର ସିଜିଏମ୍ ଡ. ସୁଧାଂଶୁ କେ. ମିଶ୍ର ଏବଂ ଏସ୍‌ବିଆଇର ସିଜିଏମ୍ ଚନ୍ଦର ଶେଖର ଶର୍ମା ଉପସ୍ଥିତ ଥିଲେ। ପରିଶେଷରେ ଏସ୍‌ଏଲ୍‌ବିସିର ଆବାହକ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ ।

## ଆଭାଡା ସହ ଟିଏସ୍‌ଏସ୍‌ଇଜେଡ୍‌ଏଲ୍‌ର ବୁଝାମଣା



ଭୁବନେଶ୍ୱର, ୭।୯

ଆଭାଡା ଗ୍ରୁପ୍‌ର ଗ୍ରୀନ୍ ହାଇଡ୍ରୋଜେନ୍ ଶାଖା ଆଭାଡା ଗ୍ରୀନ୍‌ଏଚ୍‌୨ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଟାଟା ଷ୍ଟିଲ୍ ସ୍ପେସିଆଲ ଇକୋନମିକ୍ ଜୋନ୍ ଲିମିଟେଡ୍ (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଗଞ୍ଜାମ ଜିଲାର ଗୋପାଳପୁର ଶିଳ୍ପ ପାର୍କରେ ଏକ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ସ୍ଥାପନ କରିବା ଲାଗି ଉକ୍ତ ବୁଝାମଣା ହୋଇଛି। ଅପରପକ୍ଷରେ ଇଡ୍‌କୋ ଓ ଇପିକଲ୍‌ର ଅଧ୍ୟକ୍ଷ ତଥା ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆଙ୍କ ଉପସ୍ଥିତିରେ ଟିଏସ୍‌ଏସ୍‌ଇଜେଡ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାଏକ ଓ ଆଭାଡା ଗ୍ରୁପ୍‌ର ସଭାପତି ପ୍ରଶାନ୍ତ ଚୌବେ ବୁଝାମଣା ପତ୍ର(ଏମ୍‌ଓୟୁ)ରେ ସ୍ୱାକ୍ଷର କରିଛନ୍ତି। ଏ ନେଇ ଶର୍ମା କହିଛନ୍ତି, ସବୁଜ ଇନ୍ଧନ କ୍ଷେତ୍ର ପାଇଁ ଓଡ଼ିଶାର ରୋଡ୍‌ମ୍ୟାପ୍ ଉଭୟ ବ୍ୟାପକ ଓ ମହତ୍ତ୍ୱାକାଂକ୍ଷୀ ହୋଇଥିବାବେଳେ ଓଡ଼ିଶାକୁ ଆମେ ଆଭାଡାକୁ ସ୍ୱାଗତ କରୁଛୁ ଏବଂ ମିଳିତ ଭାବେ ନୂଆ ମାଇଲଖୁଣ୍ଟ ହାସଲ କରିବାକୁ ଚାହିଁ ବସିଛୁ। ସେହିଭଳି ଟାଟା ଷ୍ଟିଲ୍ ସ୍ପେଶିଆଲ ଇକୋନମିକ୍ ଜୋନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାଏକ କହିଛନ୍ତି, ଉକ୍ତ ପ୍ରକଳ୍ପ ପାଇଁ ଆଭାଡା ଗ୍ରୁପ୍ ସହ ବୁଝାମଣାପତ୍ର ସ୍ୱାକ୍ଷର କରି ଆମେ ବେଶ୍ ଉତ୍ସାହିତ ଅଛୁ।

## କ୍ରମ୍ପଟନର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର, ୭।୯

କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ (ସିଜିସିଇଏଲ୍) ର ନୂତନ ଉତ୍ପାଦ 'ସୋଲାରିୟନ ବଗିଚା ଲାଇଟ'କୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷ କରି ସୌନ୍ଦର୍ଯ୍ୟକରଣ ଏବଂ ବିଭିନ୍ନ ପ୍ରକାର ବାହ୍ୟ ଆଲୋକ ଉତ୍ପାଦକୁ ମଧ ବଜାର ପ୍ରବେଶ କରାଇଛି। ଏ ସମ୍ପର୍କରେ ସିଜିସିଇଏଲ୍‌ର ଉପାଧକ୍ଷ ଏବଂ ବ୍ୟବସାୟ ମୁଖ୍ୟ (ଆଲୋକୀକରଣ) ଶାଳିନୀ ନାୟକ କହିଥିଲେ, କମ୍ପାନୀ ଗ୍ରାହକମାନଙ୍କୁ ପ୍ରଦାନ କରୁଥିବା ଗୁଣାତ୍ମକ ଏବଂ ଉତ୍ତମ ଅଭିଜ୍ଞତାକୁ ଦୃଷ୍ଟିରେ ରଖି କ୍ରମ୍ପଟନ ଉତ୍ପାଦ ପରିକଳ୍ପନା କରିଥାଏ। ବିଶେଷକରି ଉଦ୍ୟାନ ସହିତ ଲୋକଙ୍କର ଗଭୀର ସଂଯୋଗ ରହିଛି। ଏକ ଆକର୍ଷଣୀୟ ବାତାବରଣ ସୃଷ୍ଟି କରିବାରେ ସେମାନେ କରୁଥିବା ଗର୍ବ ବିଷୟରେ ଆମେ ବୁଝିଛୁ। ଏପରିକି ଗୁଣବତ୍ତା ଏବଂ ନବସୃଜନର ଏକ ସମ୍ପୂର୍ଣ୍ଣ ମିଶ୍ରଣ ସହ ଘର ବାହାର ସ୍ଥାନକୁ ଆଲୋକିତ କରିବା ପାଇଁ ପରିକଳ୍ପିତ ହୋଇଥିବା ବଗିଚା ଆଲୋକର ନୂତନ ପରିସରକୁ ଉପସ୍ଥାପନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଆମର ନୂତନ ପରିସର ସହିତ ଆମେ ଏକ ବଢୁଥିବା ବଜାରର ଲାଭ ଉଠାଇବା ସୁଯୋଗକୁ ବୁଝିଛୁ ଏବଂ ଘର ବାହାର ସ୍ଥାନକୁ ଭଲ ପାଉଥିବା ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଆଲୋକୀକରଣ ସମାଧାନ ପ୍ରଦାନ କରିଥାଉ। ଏପରିକି ସଂପୂର୍ଣ୍ଣ ପରିସର ପ୍ରମାଣିତ ଜଳ-ପ୍ରତିରୋଧି ଏବଂ ବଲ୍‌ବ ଧାରକକୁ ଏକ ଦୀର୍ଘସ୍ଥାୟୀ କଳଙ୍କ-ପ୍ରତିରୋଧକ ଆବରଣର ବୈଶିଷ୍ଟ୍ୟ ପ୍ରଦାନ କରିଥାଏ ଯାହା ସେମାନଙ୍କର ନିବେଶ ରତ୍ନ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ମାନସିକ ଶାନ୍ତି ଗ୍ରାହକଙ୍କୁ ପ୍ରଦାନ କରିଥାଏ ଏହିପରି ଏକ ବିବିଧ ପରିସର ପ୍ରଦାନ କରି କ୍ରମ୍ପଟନ ଏହାର ବିଚାରବନ୍ତ ଗ୍ରାହକଙ୍କ ଅନନ୍ୟ ରୁଚି ଏବଂ ପ୍ରାଥମିକତା ପୂରଣ କରିବାକୁ ଲକ୍ଷ୍ୟ ରଖିଛି ।

## ବେଦାନ୍ତର ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ




ଭୁବନେଶ୍ୱର,୭।୯

ବେଦାନ୍ତ ଆଲୁମିନିୟମ ପକ୍ଷରୁ ରାଷ୍ଟ୍ରୀୟ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ଲାଞ୍ଜିଗଡ଼ ଏବଂ ଝାରସୁଗୁଡା ସମେତ ଛତିଶଗଡ଼ର ବାଲ୍‌କୋ ୟୁନିଟ୍‌ରେ ମଧ ରାଷ୍ଟ୍ରୀୟ ଶିକ୍ଷକ ଦିବସ ପାଳନ କରାଯାଇଥିଲା। ଅପରପକ୍ଷରେ ଝାରସୁଗୁଡାର ସରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ସହଯୋଗରେ ଏକ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଝାରସୁଗୁଡ଼ା ଜିଲାର ବିଭିନ୍ନ ବିଦ୍ୟାଳୟର ୨୨ଜଣ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ ସହ ସମ୍ମାନିତ କରାଯାଇଥିଲା। ସେହିଭଳି ବାଲ୍‌କୋରେ ଏକ ଜ୍ଞାନ ଆଦାନ ପ୍ରଦାନକକାରୀ ଅଧିବଶେନ ଅନୁଷ୍ଠିତ ହୋଇଥିଲା। ଏପରିକି ବାଲ୍‌କୋର କର୍ମଚାରୀଙ୍କୁ କୃତଜ୍ଞତା କାର୍ଡ ମଧ ବଣ୍ଟନ କରାଯାଇଥିଲା, ଯେଉଁମାନଙ୍କୁ ବୃତ୍ତିଗତ କ୍ଷେତ୍ରରେ ଶିକ୍ଷକର ଭୂମିକା ନିର୍ବାହ ଦୃଷ୍ଟିରୁ ସମ୍ମାନିତ କରାଯାଇଥିଲା। ସେହିପରି ସୁନ୍ଦରଗଡ଼ର ମୁଣ୍ଡେଲଖେଟ ଓ ଘୋଗରପଲିର ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ (ଆଲୁମିନିୟମ ବ୍ୟବସାୟ) ସୁନୀଲ ଗୁପ୍ତା କହିଛନ୍ତି। ଆମ ଭବିଷ୍ୟତକୁ ଉଜ୍ଜ୍ୱଳ କରୁଥିବା ଶିକ୍ଷାବିତ୍‌ମାନଙ୍କୁ ସମ୍ମାନ ଜଣାଇବା ଲାଗି ଆମେ ଏହି ଉତ୍ସବ ଆୟୋଜନ କରିଛୁ । ସେହିଭଳି ବାଲ୍‌କୋର ସିଇଓ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ରାଜେଶ କୁମାର କହିଛନ୍ତି, ଆମେ ଜୀବନ ଓ ଗୋଷ୍ଠୀ ଗଠନରେ ଶିକ୍ଷାର ପରିବର୍ତ୍ତନଶୀଳ ଶକ୍ତିକୁ ବୁଝିଛୁ।

## ୧୦ ଷ୍ଟାର୍ଟଅପ୍‌କୁ ୧.୨୮ କୋଟିର ଅନୁଦାନ

ଭୁବନେଶ୍ୱର, ୭।୯

ରାଜ୍ୟର ପ୍ରମୁଖ ୧୦ ଉଚ୍ଚ-ସମ୍ଭାବ୍ୟ ଷ୍ଟାର୍ଟଅପ୍ ସଂସ୍ଥା ପାଇଁ ଓଡ଼ିଶା ସରକାର ନିକଟରେ ୧.୨୮(୧,୨୮,୨୬,୦୦୦) କୋଟି ଟଙ୍କାର ଅନୁଦାନ ରାଶି ଅନୁମୋଦନ କରିଛନ୍ତି। ଏହି ଅନୁଦାନ ରାଜ୍ୟର ନବସୃଜନ ଏବଂ ଉଦ୍ୟୋଗକୁ ବଢାଇବା ସହିତ ଏଗ୍ରି-ଟେକ୍, ଖାଦ୍ୟ ଏବଂ ପାନୀୟ, ଏଚ୍‌ଆର୍-ଟେକ୍, ଏଣ୍ଟରପ୍ରାଇଜ୍ ଟେକ୍ନୋଲୋଜି, ଖୁଚୁରା, ଶିକ୍ଷା ଏବଂ ଲଜିଷ୍ଟିକ୍ସ ଭଳି କ୍ଷେତ୍ରରେ ଷ୍ଟାର୍ଟଅପ୍ ବୃଦ୍ଧିରେ ସହାୟତା କରିବାକୁ ଲକ୍ଷ୍ୟ ରଖାଯାଇଛି। ଅପରପକ୍ଷରେ ଷ୍ଟାର୍ଟଅପ୍ ଓଡ଼ିଶାର ୨ୟ ବୋର୍ଡ ବୈଠକରେ ଏହି ଅନୁଦାନକୁ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ସମର୍ଥିତ ପଦକ୍ଷେପ ଅନୁମୋଦନ କରାଯାଇଥିଲା। ସେହିଭଳି ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍ ଡ. ଓମ୍‌କାର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ, ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏପରିକି ମନୋନୀତ ୧୦ ଷ୍ଟାର୍ଟଅପ୍ ସେମାନଙ୍କର ଅଗ୍ରଗତି ଏବଂ ହାସଲ ହୋଇଥିବା ମାଇଲଖୁଣ୍ଟ ଉପରେ ଉକ୍ତ ଅନୁଦାନ ଗ୍ରହଣ କରିବେ। ଏହି ଅନୁଦାନ ଷ୍ଟାର୍ଟଅପ୍ ଗବେଷଣା ଏବଂ ବିକାଶ କାର୍ଯ୍ୟକଳାପ, ଉତ୍ପାଦ ବିକାଶ ଏବଂ ମାର୍କେଟିଂ କାର୍ଯ୍ୟକଳାପ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ଷମ ଖର୍ଚ୍ଚକୁ ସମର୍ଥନ କରିବା ପାଇଁ ବ୍ୟବହୃତ ହେବ। ଏ ସମ୍ପର୍କରେ ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍ ରାୟ କହିଛନ୍ତି, ଆମେ ଏହି ମହତ୍ତ୍ୱପୂର୍ଣ୍ଣ ଅନୁଦାନ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ରାଜ୍ୟର ଷ୍ଟାର୍ଟଅପ୍ କ୍ଷେତ୍ରରେ ଏହି ବିନିଯୋଗଗୁଡିକ ଏକ ସମୃଦ୍ଧ ଇକୋସିଷ୍ଟମ୍ ସୃଷ୍ଟି କରିବା ସହ ନୂତନତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ୟୋଗୀ ମନୋଭାବ ପୋଷଣ କରିବାରେ ସହାୟକ ହେବ ବୋଲି ସେ ମତପ୍ରକାଶ କରିଛନ୍ତି।

### ଫୁର୍‌ସତ୍

# ବିକାଶ ପାଇଁ ଶିକ୍ଷା ଅପରିହାର୍ଯ୍ୟ

### ଅନ୍ତର୍ଜାତୀୟ ସାକ୍ଷରତା ଦିବସ



**ଶି**କ୍ଷା ଦ୍ୱାରା ସାମୂହିକ ବିକାଶ ସମ୍ଭବ ହୋଇପାରିଥାଏ। ଶିକ୍ଷାଦ୍ୱାରା ଜଣେ ସାକ୍ଷର ହୋଇଥାଏ। ଜଣେ ସାକ୍ଷର ବିଭିନ୍ନ ସରକାରୀ ଯୋଜନାର ଲାଭ ସହଜରେ ଗ୍ରହଣ କରି ପାରିଥାଏ। ବିକାଶ ପାଇଁ ଶିକ୍ଷା ଅପରିହାର୍ଯ୍ୟ। ତେଣୁ ସାକ୍ଷରତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଇଥାଏ। ଏହା ହେଉଛି ଏକ ଅନ୍ତର୍ଜାତୀୟ ଦିବସ। ପ୍ରତିବର୍ଷ ୮ ସେପ୍ଟେମ୍ବରରେ ପାଳନ କରାଯାଏ। ୨୬ ଅକ୍ଟୋବର ୧୯୬୬ରେ ୟୁନେସ୍କୋର ସାଧାରଣ ସମ୍ମିଳନୀର ୧୪ ତମ ଅଧିବେଶନରେ ଏହି ଦିବସ ପାଳନ ପାଇଁ ଘୋଷିତ ହୋଇଥିଲା। ୧୯୬୭ ମସିହାରେ ଏହା ପ୍ରଥମ ଥର ପାଇଁ ପାଳନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତି, ସମ୍ପ୍ରଦାୟ ଏବଂ ସମାଜ ପାଇଁ ସାକ୍ଷରତାର ମହତ୍ତ୍ୱକୁ ଉପଲବ୍ଧି କରିବା। ପୃଥିବୀରେ ପ୍ରାୟ ୭୭୫ ନିୟୁତ ଲୋକଙ୍କଠାରେ ସର୍ବନିମ୍ନ ସାକ୍ଷରତା ଦକ୍ଷତା ଅଭାବ ରହିଛି। ୫ଜଣ ବୟସ୍କଙ୍କ ମଧ୍ୟରୁ ଜଣେ ଏପର୍ଯ୍ୟନ୍ତ ସାକ୍ଷର ହୋଇ ନାହାନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ମହିଳା ଅଛନ୍ତି।

ୟୁନେସ୍କୋର ଶିକ୍ଷା ପାଇଁ ବିଶ୍ୱସ୍ତରୀୟ ମନିଟରିଂ ରିପୋର୍ଟ ଅନୁଯାୟୀ, ଦକ୍ଷିଣ ଏସିଆରେ ସର୍ବନିମ୍ନ ଆଞ୍ଚଳିକ ବୟସ୍କ ସାକ୍ଷରତା ହାର ୫୮.୬ % ରହିଛି। ଏହା ପଛକୁ ସବ ସାହାରା ଆଫ୍ରିକାର ସାହାରାରେ ଏହା ୫୯.୭ %ରହିଛି। ବିଶ୍ୱରେ ସର୍ବନିମ୍ନ ସାକ୍ଷରତା ହାର ଥିବା ଦେଶଗୁଡ଼ିକ ହେଉଛି ବୁର୍କିନା ଫାସୋ (୧୨.୮ %), ନାଇଜର (୧୪.୪ %) ଏବଂ ମାଲି (୧୯ %)। ଏହି ରିପୋର୍ଟରେ ନିରକ୍ଷରତା ଏବଂ ଭୟଙ୍କର ଦାରିଦ୍ର୍ୟ ମଧ୍ୟରେ ଥିବା ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହି ଦିବସ ପାଳନ ଅବସରରେ ସାକ୍ଷରତା ଦ୍ୱାରା ସମାଜରେ କିଭଳି ପରିବର୍ତ୍ତନ ଅଣାଯାଇ ପାରିଥାଏ ସେ ସମ୍ପର୍କରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ।

ବିଶ୍ୱରେ ସାକ୍ଷରତା ହାରରେ ତାରତମ୍ୟ ଦେଖାଯିବା ଓ ପ୍ରଭାବିତ ହେବାର ନେଇ କିଛି ତଥ୍ୟର ଅନୁସନ୍ଧାନ ସାମ୍ନାକୁ ଆସିଛି। ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କାରଣ ପାଇଁ ସମ୍ପୃକ୍ତ ଅଞ୍ଚଳରେ ସାକ୍ଷରତା ହାର ପ୍ରଭାବିତ ହେବାର ଦେଖାଯାଉଛି। ସେହି କାରଣଗୁଡିକ ମଧ୍ୟରେ ଦାରିଦ୍ର୍ୟ, ବିଦ୍ୟାଳୟ ଓ ଶୈକ୍ଷିକ ଭିତ୍ତିଭୂମିର ଅଭାବ, ଛାତ୍ର- ଶିକ୍ଷକ ଅନୁପାତରେ ପାର୍ଥକ୍ୟ, ଜାତିଭିତ୍ତିକ ଭେଦଭାବ,ଲିଙ୍ଗଗତ ଭେଦଭାବ, ଶିକ୍ଷା କ୍ଷେତ୍ରରେ ଦୁର୍ନୀତି, ନାରୀ ଶିକ୍ଷାକୁ ଗୁରୁତ୍ୱ ନ ମିଳିବା ଆଦି କାରଣ ଯୋଗୁ ବିଶ୍ୱରେ ସାକ୍ଷରତା ହାରକୁ ପ୍ରଭାବିତ କରିଥାଏ।

## କଙ୍ଗନାଙ୍କୁ ଚାପୁଡ଼ା ମାରିବାକୁ ଚାହାନ୍ତି ପାକ୍ ଅଭିନେତ୍ରୀ



**ମୁମ୍ବାଇ:** ବଲିଉଡ୍ କୁଇନ୍ କଙ୍ଗନା ରାଣାଓ୍ୱତ୍ ସବୁବେଳେ ତାଙ୍କ ମନ୍ତବ୍ୟକୁ ନେଇ ବିବାଦରେ ରହିଥାନ୍ତି। ନିକଟରେ କଙ୍ଗନାଙ୍କ ଏକ କଥା ପାଇଁ ତାଙ୍କୁ ପାକ୍‌ର ଜଣେ ଲୋକପ୍ରିୟ ଅଭିନେତ୍ରୀ ଚାପୁଡ଼ା ମାରିବାକୁ କହିଛନ୍ତି। ଅନେକ ସମୟରେ କଙ୍ଗନା କିଛି ଜଣଙ୍କ ଉପରେ ରାଗିଥିବା ନଜରକୁ ଆସିଛନ୍ତି। ହେଲେ ନିକଟରେ ପାକ୍ ଅଭିନେତ୍ରୀ ନୌଶିନ ଶାହା ଏକ ଶୋ'ରେ ଯୋଗଦେଇ କଙ୍ଗନାଙ୍କୁ ଚାପୁଡ଼ା ମାରିବା କଥା କହିଛନ୍ତି। କଙ୍ଗନା ଯେପରି ତାଙ୍କ ଦେଶ ପାକିସ୍ତାନ ବାବଦରେ ଖରାପ କଥା କହୁଛନ୍ତି, ସେପରି ପାକିସ୍ତାନ ସେନାଙ୍କ ବିଷୟରେ ମଧ ଖରାପ କରି କହିଛନ୍ତି। କଙ୍ଗନାଙ୍କ କିଛି ଜ୍ଞାନ ନାହିଁ, ସେଥିରେ ସେ ପାକିସ୍ତାନ ବାବଦରେ ଖରାପ କହୁଛନ୍ତି। ନିଜ ଦେଶ ପ୍ରତି ଧ୍ୟାନ ଦିଅନ୍ତୁ ଓ ନିଜ ଅଭିନୟକୁ ପ୍ରାଧାନ୍ୟ ଦିଅନ୍ତୁ ନୌଶିନ କହିଛନ୍ତି। ଆଗକୁ ସେ କଙ୍ଗନାଙ୍କୁ ଚାପୁଡ଼ା ମାରିବାକୁ ଚାହାନ୍ତି ବୋଲି ମଧ କହିଛନ୍ତି। ତେବେ କଙ୍ଗନା ଫିଲ୍ମ 'ଚନ୍ଦ୍ରମୁଖୀ ୨' ଜରିଆରେ ସାଉଥ୍ ଇଣ୍ଡଷ୍ଟ୍ରିରେ ପାଦ ରଖିବାକୁ ଯାଉଛନ୍ତି। ନିକଟରେ ସିନେମାର ଟ୍ରେଲର ରିଲିଜ୍ ହୋଇଯାଇଛି। ଏଥିସହ କଙ୍ଗନା ସିନେମା 'ଏମରଜେନ୍ସି'ରେ ଦିବଂଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ନଜରକୁ ଆସିବେ। ଏହା ବ୍ୟତୀତ ଫିଲ୍ମ 'ତେଜସ୍' ପାଇଁ ମଧ ସେ ବ୍ୟସ୍ତ ଅଛନ୍ତି। 'ଚନ୍ଦ୍ରମୁଖୀ ୨' ଆସନ୍ତା ୧୫ରେ ରିଲିଜ୍ ହେବାକୁ ଥିବାବେଳେ ନଭେମ୍ବର ୨୪ରେ 'ଏମରଜେନ୍ସି' ଏବଂ 'ତେଜସ୍' ୨୦ ଅକ୍ଟୋବରରେ ପ୍ରେକ୍ଷାଳୟରେ ରିଲିଜ୍ ହେବ।

## ଜେଲ ଯିବାକୁ ୬୦ ବର୍ଷୀୟଙ୍କ ଧାରଣା




ମାଡ୍ରିଡ୍

ଅପରାଧ କଲେ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡ଼ିଥାଏ। ଲୋକେ ବଡ଼ ଅପରାଧ କରିବା ପରେ ବି ଜେଲ ଯିବାକୁ ଚାହାନ୍ତିନି। ହେଲେ ଜଣେ ୬୦ ବର୍ଷୀୟ ବ୍ୟକ୍ତି ନିଜକୁ ଜେଲରେ ଭର୍ତ୍ତି କରିବାକୁ ଅନୁରୋଧ କରୁଥିବା ନେଇ ଏବେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ସ୍ପେନ ଗ୍ରେନାଡ଼ାର ୬୦ ବର୍ଷୀୟ ଜଷ୍ଟୋ ମାର୍କ୍ୱେଜ୍ ମାଲାଗାରେ ଆଲ୍‌ହାଉରିନ୍ ଦେ ଲା ଟୋରେ ଜେଲ ସମ୍ମୁଖରେ କିଛି ଦିନ ହେବ ଠିଆ ହୋଇଛନ୍ତି। ତାଙ୍କୁ ଦିନେ ଜେଲ ଭିତରକୁ ଯିବାକୁ ଅନୁମତି ମିଳିବ ବୋଲି ସେ ଆଶା ରଖିଛନ୍ତି। ସେ ଜେଲ ସମ୍ମୁଖରେ ଏକ ପୋଷ୍ଟରକୁ ବେକରେ ଓହଳାଇ ଠିଆ ହୋଇଛନ୍ତି। ଯେଉଁଥିରେ ଲେଖା ହୋଇଛି 'ମୁଁ ଜେଲକୁ ଯିବାକୁ ଚାହୁଁଛି'। ସେ ଜଣେ ଖବରଦାତାଙ୍କୁ କହିଛନ୍ତି କି, ସେ ଆଗରୁ ଜେଲର ୱାର୍ଡେନଙ୍କୁ ଭେଟି ସାରିଛନ୍ତି। ସେ ଏପର୍ଯ୍ୟନ୍ତ ମାର୍କ୍ୱେଜ୍‌ଙ୍କୁ ଭିତରକୁ ଯିବାକୁ ଅନୁମତି ଦେଇ ନାହାନ୍ତି। ମାର୍କ୍ୱେଜ୍‌ଙ୍କୁ କ୍ୟାନ୍ସର ହୋଇଥିବାବେଳେ ଚିନ୍ତା, ଅବସାଦ ଏବଂ ହୃଦ୍‌ରୋଗ ଆଦି ସମସ୍ୟାରେ ସେ ପୀଡ଼ିତ ଅଛନ୍ତି। ସେ କହିଛନ୍ତି କି, ଦିନର ୨୪ ଘଣ୍ଟା ଏକା ରହି ରହି ସେ ବିରକ୍ତ ହୋଇଗଲେଣି। ଏବେ ତାଙ୍କୁ ଲାଗୁଛି କି ଜେଲ ତାଙ୍କ ପାଇଁ ସବୁଠୁ ଭଲ ସ୍ଥାନ। ମାର୍କ୍ୱେଜ୍ ଏକ ଖବରକାଗଜକୁ କହିଛନ୍ତି,ତାଙ୍କୁ କେଉଁଠୁ ବି ସାହାଯ୍ୟ ମିଳୁନି। ତାଙ୍କର ଜେଲ ଯିବା ସବୁଠୁ ଭଲ ବିଚାର। ହେଲେ ସେ ଏଥିପାଇଁ କୌଣସି ଅପରାଧ ବି କରିବାକୁ ଚାହୁଁ ନାହାନ୍ତି। ତାଙ୍କର ୫ ଜଣ ସନ୍ତାନ ଥିବାବେଳେ ସେ ସେମାନଙ୍କୁ କିଛି ମାସ ହେବ ଦେଖିନାହାନ୍ତି କି କଥା ହୋଇନାହାନ୍ତି। ମାର୍କ୍ୱେଜ୍ ଏକେଲାପଣ ଦୂର କରିବାକୁ ଏବଂ ରୋଗରେ ସାହାଯ୍ୟ ପାଇଁ ଜେଲ୍ ହେଉଛି ଏକମାତ୍ର ବିକଳ୍ପ ବୋଲି ସେ କହିଛନ୍ତି। ଏଥିପାଇଁ ସେ ଜେଲ ଭିତରକୁ ଯିବାକୁ ଗୁହାରି କରୁଛନ୍ତି। ମାର୍କ୍ୱେଜ୍‌ଙ୍କୁ ପୂର୍ବରୁ ମାନସିକ ସ୍ୱାସ୍ଥ୍ୟସେବା ପାଇଁ ପଠାଯାଇଥିଲା। ହେଲେ ତାଙ୍କୁ କିଛି ସାହାଯ୍ୟ ମିଳି ନ ଥିଲା। ଏଥିପାଇଁ ସେ ଜେଲ ଯିବାକୁ ଚାହୁଁଛନ୍ତି। ଜେଲର ୱାର୍ଡେନ ମନା କରିବା ପରେ ମଧ ସେ ସେହି ପୋଷ୍ଟର ଧରି ଧାରଣା ଦେଉଛନ୍ତି। ପ୍ରଶାସନକୁ ଅନୁରୋଧ କରିଛନ୍ତି, ତାଙ୍କ ପାଇଁ କିଛି ଉପାୟ ବାହାର କରିବାକୁ। ତେବେ ଏହା ସେଠାରେ ନୂଆ କଥା ନୁହେଁ। ପୂର୍ବରୁ ମଧ ଏପରି ଘଟଣା ଘଟି ସାରିଛି।

## ନିଜର ଏଣ୍ଡୋସ୍କୋପି କଲେ ମହିଳା ପ୍ରଫେସର



**ନୂଆଦିଲ୍ଲୀ:** ମେଡିକାଲ ସାଇନ୍ସରେ ଏଣ୍ଡୋସ୍କୋପିର ବହୁତ ଫାଇଦା ମିଳିଛି। ମଣିଷ ଶରୀରର ବହୁତ ସମସ୍ୟା ଏହି ଏଣ୍ଡୋସ୍କୋପି ଦ୍ୱାରା ଚିହ୍ନଟ କରିବା ସହ ତା'ର ସମାଧାନ ମଧ ହୋଇପାରିଛି। ଏଣ୍ଡୋସ୍କୋପିରେ ଗଳା ବାଟେ ଏକ କ୍ୟାମେରା ଶରୀର ଭିତରକୁ ଯାଇ ଭିତରେ ଘଟିଥିବା ସମସ୍ୟାର ପତ୍ତା ଲଗାଇଥାଏ। ଏହାଛଡ଼ା ଏଣ୍ଡୋସ୍କୋପି କରିବା ଏତେ ସହଜ ନୁହେଁ। କିଛି ଥର ତ ଏହା କରିବା ସମୟରେ କଷ୍ଟ ହୋଇଥାଏ। ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଜଣେ ମହିଳା ଡାକ୍ତର ନିଜର ଏଣ୍ଡୋସ୍କୋପି କରୁଥିବା ଦେଖିବାକୁ ମିଳିଛି। ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଏହି ଭିଡିଓ ଶେୟାର କରାଯାଇଛି। କ୍ୟାପ୍ସନରେ ଲେଖାହୋଇଛି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ଜଣେ ପ୍ରଫେସର ନିଜର ଏଣ୍ଡୋସ୍କୋପି କରୁଛନ୍ତି। ଭିଡିଓରେ ମହିଳା ଜଣକ ହାତରେ ଏଣ୍ଡୋସ୍କୋପି ମେଶିନ ଧରିଛନ୍ତି। କ୍ୟାମେରାକୁ ପାଟି ବାଟେ ଭର୍ତ୍ତି କରିଛନ୍ତି। ଏହାପରେ ଏଣ୍ଡୋସ୍କୋପି କରୁଛନ୍ତି। ଯେପରି ଲାଗୁଛି କି, ତାଙ୍କୁ ଆଦୌ କଷ୍ଟ ହେଉ ନାହିଁ। ସେ ବହୁତ ଆରାମରେ କ୍ୟାମେରାକୁ ଶରୀର ଭିତରକୁ ନେଇଥିଲେ। ଶରୀରର ଭିତର ଅଂଶକୁ ଦେଖିବାକୁ ଚେଷ୍ଟା କରିଥିଲେ। ଲୋକେ ଏହି ଭିଡିଓକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏଥିରେ ତାଙ୍କୁ ଅନେକ ଭିନ୍ନ ଭିନ୍ନ ମତ ମିଳିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସୌମ୍ୟଙ୍କୁ ପ୍ରଶ୍ନ

# ମାଟିର କଥା କେତେ ବୁଝିଛନ୍ତି ଖଣ୍ଡପଡ଼ାବାସୀଙ୍କୁ ଉତ୍ତର ମାଗନ୍ତୁ:ଅରୁଣ

**ନୟାଗଡ,୭।୯(ଲୋକନାଥ ମିଶ୍ର)**

ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ନିଜ ଖବରକାଗଜରେ ସରକାରଙ୍କୁ ସମାଲୋଚନା କରିବା ପରେ ନୟାଗଡ଼ ବିଧାୟକ ଅରୁଣ ସାହୁ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ନୟାଗଡ଼ ଡାକବଙ୍ଗଳାଠାରେ ଗୁରୁବାର ସେ ଏକ ଖବରଦାତା ସମ୍ମିଳନୀ କରି ସୌମ୍ୟଙ୍କୁ ପ୍ରଶ୍ନ କରିଛନ୍ତି । ଅରୁଣ କହିଛନ୍ତି, ସୌମ୍ୟରଞ୍ଜନ ହାରି ହାରି ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ଖଣ୍ଡପଡ଼ାରୁ ଜିତିଥିଲେ। ତେବେ ମନ୍ତ୍ରୀପଦ ନ ମିଳିବାରୁ ଆଜି ସେ ବିଜୁ ଜନତା ଦଳ ଏବଂ ସରକାରଙ୍କ ବିରୋଧରେ କହୁଛନ୍ତି। ସୌମ୍ୟରଞ୍ଜନ ଏବେ କିଛିଦିନ ହେଲା ବଡ଼ ବିଚଳିତ ଅଛନ୍ତି । ଉଦ୍‌ଭଟ କଥା କହୁଛନ୍ତି । ମୁଁ ତାଙ୍କୁ ଗୋଟିଏ ଛୋଟିଆ ପ୍ରଶ୍ନ ପଚାରିବାକୁ ଚାହେଁ । ଏବେ ତାଙ୍କର ଚୈତନ୍ୟ ଉଦୟ ହେଲା ଭଳି କଥା କହୁଛନ୍ତି । ପାର୍ଟି ଆଗ ନା ମାଟି ଆଗ। ସେ ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସାରା ଓଡ଼ିଶା ମାଟିର ସେବା କରିପାରିଥାନ୍ତେ । ବହୁଦିନ ହେଲା ହାରି ହାରି ଖଣ୍ଡପଡ଼ାରେ ସେ ବିଧାୟକ ହେଲେ । ୪ ବର୍ଷ ୪ମାସ ଗଲା । ଖଣ୍ଡପଡ଼ା ମାଟିର ସମସ୍ତଙ୍କୁ ପ୍ରଶ୍ନ ପଚାରିବା, ମାଟିର ସେବା ଓ ସମାଜସେବା କେତେ କଲେ। ସମାଜ ସେବାର ନାଁଗନ୍ଧ ନାହିଁ। ମାଟିର ସେବା ବହୁତ ଦୂରେ ଥାଉ । ଏବେ ସେ ଅନେକ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅଫିସକୁ ଟାର୍ଗେଟ କରିବା ଏବଂ ନିଜକୁ ଏକ ବିରାଟ ଶକ୍ତିଶାଳୀ ସମାଜସେବୀ ଭାବେ ଉପସ୍ଥାପିତ କରିବାରେ ଲାଗିଛନ୍ତି। ଏସବୁ ହେଉଛି ତାଙ୍କ ଅସ୍ଥିରତାର ଲକ୍ଷଣ । ଖଣ୍ଡପଡ଼ାରେ ବିଧାୟକ ହେବା ପରେ ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା କେମିତି ମନ୍ତ୍ରୀଟିଏ ହେବି । ତେଣୁ ମନ୍ତ୍ରୀ ହେବା ଯେତେବେଳେ ତାଙ୍କ ସୌଭାଗ୍ୟରେ ଜୁଟିଲା ନାହିଁ ସେ ହତାଶାରେ ଅନେକ କଥା କହୁଛନ୍ତି। ଗତ ୪ ବର୍ଷ ୪ମାସ ଭିତରେ ସୌମ୍ୟରଞ୍ଜନ ମାଟିର କଥା କେତେ ବୁଝିଛନ୍ତି। ସେ ଖଣ୍ଡପଡ଼ାବାସୀଙ୍କଠାରୁ ଉତ୍ତର ମାଗନ୍ତୁ। ସେ କୁଆଡ଼େ ଢଳୁଛନ୍ତି କୁଆଡେ ଢଳୁଥିଲେ କୁଆଡେ ଢଳିବେ ସେଇଟା ତାଙ୍କ ଛଡ଼ା କାହାକୁ ଜଣାନାହିଁ । କୌଣସି ଉଦ୍ଦେଶ୍ୟ ନ ଥାଇ ସେ କିଛି କରନ୍ତି ନାହିଁ। ସବୁଠାରୁ ବଡ଼ କଥା ହେଉଛି ୪ବର୍ଷ ଭିତରେ ସେ ନା ମାଟିର କଥା ବୁଝିଲେ ନା ପାର୍ଟିର କଥା ବୁଝିଲେ। କେବଳ ନିଜ କଥା ବୁଝନ୍ତି । ନିଜ ଇଚ୍ଛା ଚରିତାର୍ଥ କରିବାକୁ ଚେଷ୍ଟା କରନ୍ତି। ଯେତେବେଳେ ସେଥିରେ ସେ ସଫଳ ହୁଅନ୍ତି ନାହିଁ ସେତେବେଳେ ଏହିଭଳି ବ୍ଲାକ୍‌ମେଲ କରିବା ଭଳି ପନ୍ଥା ଆପଣେଇ ନିଅନ୍ତି । ବ୍ଲାକ୍‌ମେଲିଂ କରିବାର କଥାରେ ସଫଳ ନ ହେବାରୁ ସେ ଉଗ୍ର ହୋଇ ପଡିଛନ୍ତି ବୋଲି ଅରୁଣ କହିଛନ୍ତି ।

# ନୂଆଁଖାଇ ପରଦିନ ବାଚସ୍ପତି ନିର୍ବାଚନକୁ ନରସିଂହଙ୍କ ନିନ୍ଦା

**ବଲାଙ୍ଗୀର, ୭।୯ (ବୀରେନ୍ଦ୍ର କୁମାର ଝାଙ୍କର)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଏକ ମହାନ୍ ପର୍ବ। ପ୍ରାୟତଃ ନୂଆଁଖାଇ ପାଇଁ ଦୁଇଦିନ ଛୁଟି ଦିଆଯାଇଥାଏ । କିନ୍ତୁ ବିଡ଼ମ୍ବନାର ବିଷୟ, ପଶ୍ଚିମ ଓଡ଼ିଶା ଲୋକଙ୍କ ସଂସ୍କୃତି, ପରମ୍ପରା, ଭାଇଚାରା ଏହି ମହାନ୍ ପର୍ବକୁ ଅସମ୍ମାନ ଜଣାଇ ରାଜ୍ୟ ସରକାର ନୂଆଁଖାଇ ପରଦିନ ଅର୍ଥାତ ସେପ୍ଟେମ୍ବର ୨୧ତାରିଖରେ ବିଧାନସଭାରେ ବାଚସ୍ପତି ନିର୍ବାଚନ ହେବ ବୋଲି ଘୋଷଣା କରିଛନ୍ତି । ଏହା ପଶ୍ଚିମ ଓଡ଼ିଶା ଲୋକଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ। ସରକାରଙ୍କ ଏହି ନିଷ୍ପତ୍ତିକୁ ନିନ୍ଦା କରୁଛି ବୋଲି ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଗୁରୁବାର ଏକ ପ୍ରେସ୍ ବିବୃତିରେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ୧୯୯୦ ଦଶକରେ ନିଜେ ଆଇନମନ୍ତ୍ରୀ ଥିବା ବେଳେ ତାଙ୍କ ଅନୁରୋଧ ରକ୍ଷା କରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନୂଆଁଖାଇକୁ ସାରା ରାଜ୍ୟରେ ଛୁଟି ଘୋଷଣା କରିଥିଲେ । କିନ୍ତୁ ବର୍ତ୍ତମାନର ସରକାର ନୂଆଁଖାଇର ଠିକ୍ ପରଦିନ ଅର୍ଥାତ୍ ଯେତେବେଳେ କି ପଶ୍ଚିମ ଓଡ଼ିଶାରେ ସମ୍ପୂର୍ଣ୍ଣ ଉତ୍ସବର ମାହୋଲ ଥିବ ସେହିଦିନ ବାଚସ୍ପତି ନିର୍ବାଚନ ଘୋଷଣା କରିଛନ୍ତି। ନିୟମ କହୁଛି ବିଧାନସଭା ଚାଲିବାର ଦୁଇଦିନ ପୂର୍ବରୁ ଓ ସମାପ୍ତ ହେବାର ଦୁଇ ଦିନ ପାଇଁ ବିଧାୟକମାନଙ୍କୁ ତାଙ୍କ ଦୈନିକ ଭତ୍ତା ଦିଆଯାଇଥାଏ । ଏହା ଏଇଥିପାଇଁ ଦିଆଯାଇଥାଏ ଯେ, ବିଧାୟକମାନେ ବୈଠକର ନିର୍ଦ୍ଧାରିତ ସମୟ ପୂର୍ବରୁ ଭୁବନେଶ୍ୱରରେ ପହଞ୍ଚି ବୈଠକ ପାଇଁ ଆନୁଷଙ୍ଗିକ ଏବଂ ଦଳୀୟ ରଣକୌଶଳ ଇତ୍ୟାଦି ପାଇଁ ପ୍ରସ୍ତୁତି କରିବେ। ଏଥର ବାଚସ୍ପତି ନିର୍ବାଚନ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ବିଧାୟକମାନେ ନିଜ ଦଳୀୟ ବିଧାୟକଙ୍କ ସହ ଆଲୋଚନା ମାଧ୍ୟମରେ ବାଚସ୍ପତି ପାଇଁ ପ୍ରାର୍ଥୀ ଛିଡ଼ା କରେଇବେ ନା ନାହିଁ। ସେଥିପାଇଁ କଣ ସବୁ ରଣକୌଶଳ ହେବ ସେ ଉପରେ ନିଷ୍ପତ୍ତି ନେବା ନିହାତି ଦରକାର । ଏପରିସ୍ଥଳେ ପଶ୍ଚିମ ଓଡ଼ିଶାର ବିଧାୟକମାନେ ନୂଆଁଖାଇ ଛୁଟିଦିନ କିପରି ଭୁବନେଶ୍ୱରରେ ପହଞ୍ଚିବେ । ଏହା କ'ଣ ପଶ୍ଚିମ ଓଡ଼ିଶାର ଜନସାଧାରଣ ଓ ବିଧାୟକମାନଙ୍କ ପ୍ରତି ବୈମାତୃକ ମନୋଭାବ ନୁହେଁ କି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ତେବେ ସରକାର ତାଙ୍କର ନିଷ୍ପତ୍ତି ଶୀଘ୍ର ବଦଳାନ୍ତୁ ବୋଲି ସେ ଦାବି କରିଛନ୍ତି ।

# ଅନୁସୂଚିତ ଜାତି ଓ ମହିଳା ମୋର୍ଚ୍ଚା କମିଟି ଘୋଷଣା କଲା ଭାଜପା

**ଭୁବନେଶ୍ୱର, ୭।୯(ସୁନିତ୍ ମିଶ୍ର):** ଭାଜପା ଅନୁସୂଚିତ ଜାତି (ଏସ୍‌ସି) ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇ ଗୁରୁବାର ସମ୍ପୃକ୍ତ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ଉପସଭାପତି ଭାବେ ମନିଞ୍ଜର ଆର୍ଯ୍ୟ, ରାକେଶ ମଲିକ, ରାମବିଶି ଦିଗଲ, ଦୁର୍ଗା ତନ୍ତୀ, ସ୍ମିତା ପ୍ରଧାନ, ରଞ୍ଜନ ସେଠ୍‌ଙ୍କୁ ଦାୟିତ୍ୱ ମିଳିଛି । ରାଜ୍ୟ ସାଧାରଣ ସମ୍ପାଦକ ଭାବେ ରବୀନ୍ଦ୍ର ନାରାୟଣ ବେହେରା ଓ ଚନ୍ଦନ ସ୍ୱରାଜ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ପ୍ରଦୀପ୍ତ କୁମାର ନାଏକ, ନାଉରୀ ନାଏକ, ମୁକେଶ ମହାଲିଙ୍ଗ, ସନାତନ ବିଜୁଳି, ସୂର୍ଯ୍ୟବଂଶୀ ସୂରଜ, ଅଞ୍ଜଳୀ ବେହେରା, ଦିଲୀପ ମଲିକ, ସୁଶାନ୍ତ କୁମାର ମଲିକ, କଳ୍ପନା ମଲିକ, ଅଭିମନ୍ୟୁ ସେଠୀ ପ୍ରମୁଖଙ୍କୁ ମନୋନୀତ କରାଯାଇଛି ।

ସେହିପରି ଦଳର ମହିଳା ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ, କାର୍ଯ୍ୟକାରିଣୀ ସଭ୍ୟ ଏବଂ ରାଜ୍ୟ ସଂଯୋଜକଙ୍କ ତାଲିକା ପ୍ରକାଶ କରାଯାଇଛି। ଏଥିରେ ୬ଜଣ ଉପସଭାପତି, ୨ ଜଣ ସାଧାରଣ ସମ୍ପାଦକ, ୬ ଜଣ ସମ୍ପାଦକ, ଜଣେ କାର୍ଯ୍ୟାଳୟ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୩୫ଜଣ ରାଜ୍ୟ କାର୍ଯ୍ୟକାରିଣୀ, ୩୦ ଜଣ ସ୍ଥାୟୀ ନିମନ୍ତ୍ରିତ ୧୩ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ୩୨ ଜଣ ରାଜ୍ୟ ସଂଯୋଜକଙ୍କ ନାମ ତାଲିକା ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ଐଶ୍ୱର୍ଯ୍ୟା ବିଶ୍ୱାଳ ଘୋଷଣା କରିଛନ୍ତି।

**ଭାରତ ଯୋଡ଼ୋ ଯାତ୍ରାକୁ ବର୍ଷେ**

# ଘୃଣା ଦୂର ନ ହେବା ଯାଏ ଯାତ୍ରା ଜାରି ରହିବ: ରାହୁଲ

**ନୂଆଦିଲ୍ଲୀ,୭।୯(ପି.ଟି.) :** ଦେଶରୁ ଘୃଣାର ମୂଳୋତ୍ପାଟନ ଏବଂ ଭାରତ ଏକ ନ ହେବା ପର୍ଯ୍ୟନ୍ତ ଯାତ୍ରା ଜାରି ରହିବ ବୋଲି ଭାରତ ଯୋଡ଼ୋ ଯାତ୍ରାର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ରାହୁଲ ତାଙ୍କର କନ୍ୟାକୁମାରୀରୁ କଶ୍ମୀର ୪,୦୦୦ କିଲୋମିଟରରୁ ଉର୍ଦ୍ଧ୍ୱ ଯାତ୍ରାର ଏକ ଭିଡିଓ 'ଏକ୍ସ'ରେ ଶେୟାର କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୭ରେ ଭାରତ ଯୋଡ଼ୋ ଯାତ୍ରା ଶୁଭାରମ୍ଭ ହୋଇଥିଲା। ଏକତା ଏବଂ ଭଲପାଇବା ଦିଗରେ ଏହି ଯାତ୍ରାର କୋଟି କୋଟି ପଦପାତ ଦେଶର ଉନ୍ନତ ଭବିଷ୍ୟତ ପାଇଁ ମୂଳଦୁଆ ହୋଇଥିଲା। ତେବେ ଦେଶରୁ ଘୃଣା ଦୂର ହୋଇ ଏହା ଏକତା ସୂତ୍ରରେ ବାନ୍ଧି ନ ହେବା ପର୍ଯ୍ୟନ୍ତ ଯାତ୍ରା ଜାରି ରହିବ, ଏହା ତାଙ୍କର ପ୍ରତିଜ୍ଞା ବୋଲି ରାହୁଲ କହିଛନ୍ତି।

ଭାରତ ଯୋଡ଼ୋ ଯାତ୍ରା ଅବସରରେ ରାହୁଲ ୧୨ଟି ସାଧାରଣ ସଭା, ଶତାଧିକ ପଥପ୍ରାନ୍ତ ସଭା ଏବଂ ୧୩ଟି ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇଥିଲେ। ସେ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଏହି ଯାତ୍ରାରୁ କଂଗ୍ରେସକୁ ଫାଇଦା ମିଳିବା ସହ ରାହୁଲଙ୍କ ଭାବମୂର୍ତ୍ତି ଗଢ଼ିବାରେ ଏକ ବଡ଼ ଭୂମିକା ନେଇଥିଲା। ସେ ଜଣେ ପରିପକ୍ୱ ନେତାର ପରିଚୟ ହାସଲ କରିଥିଲେ। ଏହି ଯାତ୍ରାରେ ଚଳଚ୍ଚିତ୍ର ଏବଂ ଟିଭି ସେଲିବ୍ରିଟି, ଲେଖକ, ପୂର୍ବତନ ସାମରିକ ଅଧିକାରୀ, ଆର୍‌ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନ, ପୂର୍ବତନ ଅର୍ଥ ସଚିବ ଅରବିନ୍ଦ ମାୟାରାମଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ। ବିରୋଧୀ ନେତାଙ୍କ ମଧ୍ୟରେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା, ଓମାର ଅବଦୁଲ୍ଲା, ପିଡିପି ନେତ୍ରୀ ମେହବୁବା ମୁଫ୍‌ତି, ଶିବସେନାରୁ ଆଦିତ୍ୟ ଠାକ୍‌ରେ, ପ୍ରିୟଙ୍କା ଚତୁର୍ବେଦୀ, ସଞ୍ଜୟ ରାଉତ ଏବଂ ଏନ୍‌ସିପିରୁ ସୁପ୍ରିୟା ସୁଲେ ପ୍ରମୁଖ ରାହୁଲଙ୍କ ସହ ପଦଯାତ୍ରାରେ ସାମିଲ ହୋଇଥିଲେ।

ଭାରତ ଯୋଡ଼ୋ ପଦଯାତ୍ରା କେବଳ ଏକ ଶାରୀରିକ ଉଦ୍ୟମ ନ ଥିଲା, ଭଗ୍ନ ସାମୂହିକ ଅନ୍ତରର ସ୍ୱରକୁ ଏକାଠି କରିବାର ଏକାଗ୍ର ପ୍ରୟାସ ଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଆଲୋଚନା ଜରିଆରେ ସମାଜରୁ ଘୃଣା ଓ ଶତ୍ରୁତା ବିରୋଧରେ ଲଢ଼େଇ ଜାରି ରହିବ ବୋଲି ଭାରତ ଯୋଡ଼ୋ ଯାତ୍ରାର ପ୍ରଥମ ବାର୍ଷିକୀ ଅବସରରେ ଖାର୍ଗେ କହିଛନ୍ତି। ଜନତାଙ୍କ ଚିନ୍ତାକୁ ଶୁଣିବା ପାଇଁ ଏହି ଯାତ୍ରା ଏକ ସୁଯୋଗ ଥିଲା। ବିଭିନ୍ନ ରୂପରେ ଏହା ଜାରି ରହିବ ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।




# ରାଜ୍ୟରେ ଚାଲିଥିଲା ଭାରତ ଯୋଡ଼ୋ ଓଡ଼ିଶା ପରିବର୍ତ୍ତନ ଯାତ୍ରା



ଭାରତ ଯୋଡ଼ୋ ଯାତ୍ରାର ବର୍ଷପୂର୍ତ୍ତି ଅବସରରେ ରାଜ୍ୟ କଂଗ୍ରେସ ଭବନଠାରୁ ଆଇ.ଜି. ପାର୍କ ପର୍ଯ୍ୟନ୍ତ ବାହାରିଥିବା ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀ।

**ଭୁବନେଶ୍ୱର, ୭।୯(ସୁନିତ୍ ମିଶ୍ର)**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ଦେଶର ବିଭିନ୍ନ ରାଜ୍ୟରେ କରାଯାଇଥିବା ଭାରତ ଯୋଡ଼ୋ ଯାତ୍ରାର ବର୍ଷେ ପୂର୍ତ୍ତି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଗୁରୁବାର ପାଳନ କରାଯାଇଛି। ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ରାହୁଲ ଗାନ୍ଧୀଙ୍କ ପଦଯାତ୍ରା ସମ୍ବଳିତ ଫଟୋଚିତ୍ର ପ୍ରଦର୍ଶନୀକୁ ପିସିସି ସଭାପତି ଶରତ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହାପରେ ଶରତଙ୍କ ନେତୃତ୍ୱରେ ଏକ ପଦଯାତ୍ରା କଂଗ୍ରେସ ଭବନରୁ ବାହାରି ଇନ୍ଦିରା ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ କଂଗ୍ରେସ ନେତୃବୃନ୍ଦ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସେଠାରେ ଆୟୋଜିତ ଏକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶରତ କହିଛନ୍ତି, ୭ ସେପ୍ଟେମ୍ବର ୨୦୨୨ରେ ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଯାତ୍ରାରେ ସେ କନ୍ୟାକୁମାରୀରୁ ଆରମ୍ଭ କରି କଶ୍ମୀର ପର୍ଯ୍ୟନ୍ତ ପ୍ରାୟ ୪୦୦୦ କି.ମି. ପଦଯାତ୍ରା କରି ଇତିହାସ ରଚିଛନ୍ତି। ଭାରତରେ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଅବସ୍ଥାର ସୁଧାର ପାଇଁ ଏହି ଭାରତ ଯୋଡ଼ୋ ଯାତ୍ରା କରାଯାଇଥିଲା। ଏହି ଯାତ୍ରା ଭାରତବାସୀଙ୍କ ମନରେ ବିପ୍ଲବର ବହ୍ନି ସଂଯୋଗ କରିଛି। ସେହିପରି ଓଡ଼ିଶାରେ ଭାରତ ଯୋଡ଼ୋ ଓଡ଼ିଶା ପରିବର୍ତ୍ତନ ଯାତ୍ରା ୨୭ଟି ଜିଲା ୧୯ଟି ସଂସଦୀୟ କ୍ଷେତ୍ର ଦେଇ ୨୨୫୦ କି.ମି. ଅତିକ୍ରମ କରିଛି। ପାଖାପାଖି ୧୦୦ରୁ ଅଧିକ ଦିନ ଧରି ଏହି ଯାତ୍ରା ଚାଲିଥିଲା ବୋଲି ସେ କହିଛନ୍ତି। ସେହିପରି ରାଜ୍ୟର ସବୁ ଜିଲା ସଦର ମହକୁମାଠାରେ ଭାରତ ଯୋଡ଼ୋ ଯାତ୍ରାର ବର୍ଷେ ପୂର୍ତ୍ତି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପିସିସି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଜିଲା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବା ଦଳ ପକ୍ଷରୁ କୁହାଯାଇଛି।

DIRECT ADMISSION NO DONATION
For ARTS & SCIENCE
IMPERIAL PRESIDENCY (+2 COLLEGE)
HIGHER SECONDARY SCHOOL
Admission- 8th Sept. to 18 Sept.
For Arts- 15,000/- Per Year
For Science- 20,000/- Per Year
100% RESULT
Hostel Facility available for (Boys & Girls)
Contact- 8249908311, 9556711974

GANDHI INSTITUTE
B.Ed
BALANGIR
Rajendra University Chowk, Near Look At Me
Call No. 9777988852, 9777988870
www.gandhiinstitute.in


# Classified Everyday 0674-2580101, 2549949



REAL ESTATE

SALE

3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086. D-1184

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-75033

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208




Home service full body massage only for female Whatsapp 9777267601, 7853083303. D-1219

Relax, Refresh your body, Mind at Saikrupa Spa with best therapies. 8984068077. D-1190

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75035

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233

All types of professional body massage by professional therapy. Contact: 7077933109/ 9556924059/ 8658803018. D-1239

Spa Kerala body Massage only best Therapist @699/- Bhubaneswar. 9337672475. D-1199

Newly open spa positively health benefits with expert therapist. 9938843929. D-75145

## AFFIDAVIT

I, Jumana Jabrot, D/o- Husaini Tarvadi, Res- Ketaki Enclave Apartment, P.O.- Laxmisagar, Dist- Khordha, Tahasil- Bhubaneswar, PIN- 751006 declare by this affidavit No-60AA012331 dt- 7.9.23 that now onwards shall be known as JUMANA TARVADI for all future purposes. D-1229

Before Notary Public, Bhubaneswar, In my Aadhaar Card No- 7691 my name Ruchismita Das, father's name Ajay Kumar Das and my Dob.- 10.02.2001, but all my Educational Certificates contain my correct name is Barsharani Das, my Dob- 16.07.2001 and my father's correct name is Ajaya Kumar Das, there fore I have to change my Aadhaar as per my HSC Certificate. Barsharani Das and Ruchismita Das is one same person. D-1240

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**୰ବିବେକାନନ୍ଦ ମିଶ୍ର**

ଉପର ନୂଆସାହି, ପୁରୀ

ତୁମର ଅନୁପସ୍ଥିତ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ତ୍ୟାଗ ସ୍ନେହ ଶ୍ରଦ୍ଧା, ଉପଦେଶ ଆମ୍ଭଙ୍କୁ ସର୍ବଦା ମାର୍ଗ ଦର୍ଶନ କରିଥାଉ । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ ବନ୍ଧୁ, ପରିବାରବର୍ଗ

ଧ-୧୨୪୧

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଯମୁନାବାଳା ବାଗସିଂହ**

ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ତିରୋଧାନ: ୧୧।୦୯।୨୦୨୦

ବୋଉଲୋ, ଚାହୁଁ ଚାହୁଁ ତିନିବର୍ଷ ବିତିଗଲା। କେଉଁ ଅଫେରା ରାଇଜକୁ ଗଲୁ ଯେ ଆଉ ଫେରିଲୁନି। ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଜାଣିବି ତୋ କଥା ଭୁଲି ହୁଏନିଲୋ ବୋଉ। ବହୁତ ମନେପଡୁ। କାଳିଆ ସାଆନ୍ତଙ୍କ ନିକଟରେ ଏତିକି ପ୍ରାର୍ଥନା ତୁ ଯେଉଁଠି ଥାଆ ଭଲରେ ଥାଆ। ତୋ ଆଶୀର୍ବାଦ ସବୁବେଳେ ଆମ ଉପରେ ରହୁ ।

ତୋର ପରିବାରବର୍ଗ: ମନୋଜ, ଜୟନ୍ତୀ, ସରୋଜ, ସବିତା, ଶରତ, ଚନ୍ଦ୍ରା, ଶମ୍ଭୁ, କସ୍ତୁରୀ, ରାଜା, ରାକ୍ଷୀ, ପୂଜା, ପୁଚି, ପ୍ରାଚୀ, ରାହୁଲ ଓ ତୋର ଅଣନାତୁଣୀ (ମିଠି) ।

ଧ-୭୫୨୧୧

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦେଶର ଗର୍ବ ନୀରଜ



ନିର୍ମଳ କୁମାର ମିଶ୍ର

**ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଇତିହାସ ରଚିଛନ୍ତି ଭାରତର ଷ୍ଟାର ଆଥଲେଟ ନୀରଜ ଚୋପ୍ରା। ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଜିତିଛନ୍ତି ସ୍ୱର୍ଣ୍ଣ ପଦକ। ପ୍ରଥମ ଭାରତୀୟ ଭାବେ ସେ ଏହି ସଫଳତା ହାସଲ କରିଛନ୍ତି।**





ଗତ ମାସରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ଇତିହାସ ରଚିଛନ୍ତି ଭାରତର ଷ୍ଟାର୍ ଆଥଲେଟ ନୀରଜ ଚୋପ୍ରା। ଟୋକିଓ ଅଲିମ୍ପିକ୍ସ ପରେ ପୁନର୍ବାର ନୀରଜ ଜାଭେଲିନ୍ ଥ୍ରୋରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। ଏଥି ସହିତ ଦେଶ ପାଇଁ ରଚିଛନ୍ତି ନୂଆ ଇତିହାସ। ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଜିତିଛନ୍ତି ସ୍ୱର୍ଣ୍ଣ ପଦକ। ପ୍ରଥମ ଭାରତୀୟ ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ନୀରଜ ୮୮.୧୭ ମିଟର ଥ୍ରୋ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପାକିସ୍ତାନର ଅର୍ଶଦ ନଦୀମ ସିଜନର ଶ୍ରେଷ୍ଠ ପ୍ରଦର୍ଶନ ୮୭.୮୨ ମିଟର ଥ୍ରୋ କରି ରୌପ୍ୟ ପଦକ ଲାଭ କରିଛନ୍ତି। ଚେକ୍ ଗଣରାଜ୍ୟର ଜାକବ ଭାଡଲେଚ୍ ବ୍ରୋଞ୍ଜପଦକ ଜିତିଛନ୍ତି। ଓଡ଼ିଆ ପୁଅ କିଶୋର ଜେନା ତାଙ୍କ କ୍ୟାରିୟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୪.୭୭ ମିଟର ଥ୍ରୋ ମାଧ୍ୟମରେ ୫ମ ସ୍ଥାନରେ ରହିଥିଲେ ମଧ୍ୟ କୋଟି କୋଟି କ୍ରୀଡାପ୍ରେମୀଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଛନ୍ତି। ପ୍ରଥମ ଓଡ଼ିଆ ଆଥ୍‌ଲେଟ ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶ ଗ୍ରହଣ କରି ୫ମ ସ୍ଥାନରେ ରହିଥିଲେ ମଧ୍ୟ ସମସ୍ତଙ୍କୁ ପ୍ରଭାବିତ କରିବାକୁ ସକ୍ଷମ ହୋଇଛନ୍ତି କିଶୋର।

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ ଅଲିମ୍ପିକ୍ସ ପରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଆଥଲେଟିକ୍ସ ପ୍ରତିଯୋଗିତା। ଏଥିରେ ସଫଳ ହେଉଥିବା ପ୍ରତିଯୋଗୀମାନେ ଅଲିମ୍ପିକ୍ସ ପଦକ ପାଇବା ପାଇଁ ଦେଶ ପକ୍ଷରୁ ଦୃଢ଼ ଦାବିଦାର ରହିଥାନ୍ତି। ପ୍ରଥମ ଥ୍ରୋରେ କିଶୋର ଖରାପ ପ୍ରଦର୍ଶନ କରିଥିବା ବେଳେ ପଞ୍ଚମ ପ୍ରୟାସରେ ୮୪ମିଟର ମାର୍କ ଅତିକ୍ରମ କରି ୪ର୍ଥ ସ୍ଥାନକୁ ଆସିବା ସହିତ ପଦକ ଆଶା ଉଜ୍ଜୀବିତ କରିଥିଲେ। ମାତ୍ର ୫ମ ଥ୍ରୋରେ ସେ ୮୪.୨୪ ମିଟର ଜାଭେଲିନ୍ ପକାଇଥିଲେ ଏବଂ ଅନ୍ତିମ ପର୍ଯ୍ୟାୟରେ ସେ ଏକ ଫାଉଲ ଥ୍ରୋ କରିବାରୁ ଜର୍ମାନୀର ଅନ୍ୟତମ ଷ୍ଟାର ଆଇଲେଟ ଜୁଲିଆନ ୱେବର ୪ର୍ଥ ସ୍ଥାନରେ ରହିଥିଲେ। କୋଟି କୋଟି ଭାରତୀୟଙ୍କ ହୃଦୟ ଜିତିଥିବା କିଶୋର ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ। ଗତ ଜୁଲାଇରେ କଲମ୍ବୋଠାରେ ଅନୁଷ୍ଠିତ ଶ୍ରୀଲଙ୍କା ନ୍ୟାଶନାଲ ଆଥଲେଟିକ୍ସ ଚାମ୍ପିୟନଶିପରେ ୮୪.୩୮ ମିଟର ଜାଭେଲିନ୍ ଥ୍ରୋ କରି ସେ ରେକର୍ଡ କରିଥିଲେ। ୨୦୧୭ରୁ ରାଜ୍ୟସ୍ତରରେ ଜାଭେଲିନ୍ ଥ୍ରୋରେ ଚମକ ଦେଖାଇଥିବା କିଶୋର ୨୦୨୧ରୁ ଜାତୀୟ ସ୍ତରରେ ପ୍ରଦର୍ଶନର ଛାପ ଛାଡିବା ସହିତ ଚଳିତ ବର୍ଷ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ଛାପ ଛାଡି ଅନ୍ତର୍ଜାତୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି।

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ ପ୍ରତିଯୋଗିତାର ଫାଇନାଲ୍ ପାଇଁ ୩ଜଣ ଭାରତୀୟ ଯୋଗ୍ୟ ବିବେଚିତ ହେବା ଏକ ରେକର୍ଡ। ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ନୀରଜ, କିଶୋର ଏବଂ ଡି.ପି. ମନୁ ରହିବା ଏକ ନୂଆ ରେକର୍ଡ। ଜାଭେଲିନ୍ ଇଭେଣ୍ଟ ଆରମ୍ଭ ହେବା ମାତ୍ରେ ଅଲିମ୍ପିକ୍ସ ଚାମ୍ପିୟନ ନୀରଜଙ୍କ ଗୋଲଡେନ ଥ୍ରୋ ଉପରେ ସାରା ବିଶ୍ୱର ନଜର ରହିଥିଲା। ନୀରଜ ପ୍ରଥମ ପ୍ରୟାସରେ ବିଫଳ ହୋଇଥିଲେ। ମାତ୍ର ଦ୍ୱିତୀୟ ପ୍ରୟାସରେ ୮୮.୧୭ ମିଟର ଥ୍ରୋ କରିଥିଲେ। ଯାହାକି ତାଙ୍କୁ ସ୍ୱର୍ଣ୍ଣପଦକ ଆଣି ଦେଇଥିଲା। ମଧ୍ୟଭାଗରେ ନୀରଜ ଏବଂ ପାକିସ୍ତାନର ନଦୀମଙ୍କ ମଧ୍ୟରେ ବଡ଼ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ନଦୀମ ଆରମ୍ଭରୁ ଦୁଇଟି ପ୍ରୟାସରେ ଭଲ ପ୍ରଦର୍ଶନ କରି ପାରି ନ ଥିଲେ। ମାତ୍ର ତୃତୀୟ ପ୍ରୟାସରେ ୮୭.୮୨ ମିଟର ଥ୍ରୋ କରି ନୀରଜଙ୍କ ନିକଟତର ହୋଇପାରିଥିଲେ। ନୀରଜଙ୍କ ପରବର୍ତ୍ତୀ ୨ଟି ଥ୍ରୋ ଖରାପ ଥିଲା। ନଦୀମ ମଧ୍ୟ ପରବର୍ତ୍ତୀ ୨ଟି ଥ୍ରୋରେ ଖରାପ ପ୍ରଦର୍ଶନ କରିବାରୁ ନୀରଜଙ୍କର ସ୍ୱର୍ଣ୍ଣ ପଦକ ଜିତିବା ନିଶ୍ଚିତ ହୋଇଯାଇଥିଲା।

ବିଶ୍ୱ ଚାମ୍ପିୟନଶିପରେ ଏହା ନୀରଜଙ୍କର ଦ୍ୱିତୀୟ ପଦକ। ୨୦୨୨ରେ ସେ ରୌପ୍ୟ ପଦକ ପାଇଥିଲେ। ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଉପହାର ଦେଇଥିବା୨୫ବର୍ଷୀୟ ଭାରତର ଏହି ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୯.୯୪ ମିଟର ରହିଛି। ନୀରଜ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସିଆନ ଗେମ୍ସରେ ଭାରତ ପକ୍ଷରୁ ତ୍ରିରଙ୍ଗାଧାରୀ ହୋଇଥିବା ବେଳେ ଉଭୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୨୧ ପର୍ଯ୍ୟନ୍ତ ନୀରଜ ଏବଂ ଅଭିନବ ବିନ୍ଦ୍ରା ଭାରତ ପକ୍ଷରୁ ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାରେ ଗୌରବ ଅର୍ଜନ କରିଛନ୍ତି। ଅଲିମ୍ପିକ୍ସରେ ସେ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାରେ ଭାରତର ସବୁଠାରୁ କନିଷ୍ଠ ଏବଂ ତାଙ୍କର ପ୍ରଥମ ପଦାର୍ପଣରେ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ପ୍ରଥମ ଭାରତୀୟ ଅଟନ୍ତି। ୨୦୨୩ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପରେ ପ୍ରଥମ ଗୋଲ୍ଡ ମେଡାଲ ଜିତି ସେ ଭାରତୀୟ ଜାଭେଲିନ ଇତିହାସରେ ରେକର୍ଡ ସୃଷ୍ଟି କରିଛନ୍ତି।

୨୦୧୩ରେ ନୀରଜ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ପଦାର୍ପଣ ୱାର୍ଲ୍ଡ ୟୁଥ ଚାମ୍ପିୟନଶିପରେ ଆରମ୍ଭ କରିଥିଲେ। ଯାହାକି ୟୁକ୍ରେନଠାରେ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ୟୁଥ ଅଲିମ୍ପିକ୍ସ କ୍ୱାଲିଫିକେଶନରେ ୨୦୧୪ରେ ପ୍ରଥମ ସିଲଭର ମେଡାଲ ଜିତିବା ସହିତ ସେହିବର୍ଷ ସିନିୟର ନ୍ୟାଶନାଲ ଚାମ୍ପିୟନଶିପରେ ୭୦ ମିଟର ଲାଇନ କ୍ରସ୍ କରାଇ ନିଜର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ। ୨୦୧୫ରେ ଜୁନିୟର କାଟାଗୋରିରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିବାକୁ ସକ୍ଷମ ହୋଇଥିଲେ। ଅଲ୍ ଇଣ୍ଡିଆ ୟୁନିଭରସିଟି ଆଥଲେଟିକ୍ସ ମିଟ୍‌ରେ ୮୧.୦୪ ମିଟର ଥ୍ରୋ କରି ରେକର୍ଡ କରିଥିଲେ ନୀରଜ। ୨୦୧୬ରୁ ୨୦୧୮ ତାଙ୍କ କ୍ୟାରିୟରର ମୋଡ ବଦଳାଇ ଦେବା ସହିତ ପୋଲାଣ୍ଡରେ ଅନୁଷ୍ଠିତ ଆଇଏଏଏଫ୍ ବିଶ୍ୱ୨୦ ବର୍ଷରୁ କମ୍ ଚାମ୍ପିୟନଶିପରେ ୮୬.୪୮ ମିଟର ଥ୍ରୋ କରି ପ୍ରଥମ ଭାରତୀୟ ରୂପେ ବିଶ୍ୱ ରେକର୍ଡ କରିଥିଲେ। ରିଓ ଅଲିମ୍ପିକ୍ସରେ ଆଘାତଜନିତ ସମସ୍ୟା ଯୋଗୁ ଭାଗ ନେଇ ନ ପାରିବା ସବୁଠାରୁ ଖରାପ ସମୟ ଥିଲା। ୨୦୨୦ ଟୋକିଓ ଅଲିମ୍ପିକ୍ସ କରୋନା ମହାମାରୀ ଯୋଗୁ ୨୦୨୧ ଅନୁଷ୍ଠିତ ହୋଇଥିଲା। ଏହା ତାଙ୍କପାଇଁ ବେଶ୍ ଶୁଭ ସାବ୍ୟସ୍ତ ହୋଇଥିଲା। ଆଘାତ ସମସ୍ୟା ଯୋଗୁ ମଧ୍ୟ ସେ ୨୦୧୯ ଦୋହା ବିଶ୍ୱ ଚାମ୍ପିୟନଶିପରେ ଭାଗ ନେଇ ପାରି ନ ଥିଲେ।

ଏଏଫ୍‌ଆଇ (ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ) ୨୦୧୮ରେ ତାଙ୍କ ନାମ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରିଥିଲା। ମାତ୍ର ସେ ଏହିବର୍ଷ ଅର୍ଜ୍ଜୁନ ପୁରସ୍କାର ପାଇଥିଲେ। ୨୦୨୧ରେ ତାଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୨୨ରେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ପରି ଜଣେ ସଫଳ କ୍ରୀଡାବିତ୍ ପାଇଁ ଦେଶ ଗର୍ବିତ। ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ କରି ସେ ଦେଶକୁ ନିଶ୍ଚିତ ଗୌରବାନ୍ୱିତ କରିବେ ବୋଲି ଆଶା ରହିଛି।

## ଡାଇମଣ୍ଡ ଲିଗ୍‌ରେ ରୌପ୍ୟ

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ୫ ଦିନ ପରେ ଜୁରିଚ୍‌ଠାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ନୀରଜ। ଏଥିରେ ସେ ୮୫.୭୧ ମିଟର ଜାଭେଲିନ ଥ୍ରୋ କରିଥିଲେ। ଚେକ୍ ରିପବ୍ଲିକର ଜାକବ ଭାଡଲେଚ୍ ୮୫.୮୬ ମିଟର ସହ ସ୍ୱର୍ଣ୍ଣ ଏବଂ ଜର୍ମାନୀର ଜୁଲିଆନ ୱେବର ୮୫.୦୪ ମିଟର ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣିମ ସଫଳତା ପାଇ ନ ଥିଲେ ମଧ୍ୟ ଏହାକୁ ନେଇ ଚିନ୍ତିତ ନୁହନ୍ତି ନୀରଜ। ଯୁକ୍ତରାଷ୍ଟ୍ର ଆମେରିକାର ୟୁଜିନିଠାରେ ହେବାକୁଥିବା ଡାଇମଣ୍ଡ ଲିଗ୍ ଫାଇନାଲ ଏବଂ ଆଗାମୀ ଅଲିମ୍ପିକ୍ସ ପାଇଁ ସେ ସୁଇଜରଲାଣ୍ଡରେ ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି।

# ସେମିଫାଇନାଲରେ ଅଲକାରାଜ

**ୟୁଏସ୍ ଓପନ ଟେନିସ୍**

ନ୍ୟୁୟର୍କ,୭।୯(ପି.ଟି.)

ୟୁଏସ୍ ଓପନ ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି କାର୍ଲୋସ ଅଲକାରାଜ ଓ କାରୋଲିନା ମୁଚୋଭା। ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଅଲକାରାଜ ଜର୍ମାନୀର ଆଲେକଜାଣ୍ଡର ଜେରେଭଙ୍କୁ ୬-୩, ୬-୨ ଓ ୬-୪ ସେଟ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ରୋଜର ଫେଡେରରଙ୍କ ପରେ ଅଲକାରାଜ ଦ୍ୱିତୀୟ ଖେଳାଳି ଭାବରେ କ୍ରମାଗତ ୟୁଏସ୍ ଓପନ ଜିତିବା ଲକ୍ଷ୍ୟରେ ରହିଛନ୍ତି। ଫେଡେରର ୨୦୦୪-୨୦୦୮ ଯାଏ କ୍ରମାଗତ ୫ ଥର ୟୁଏସ୍ ଓପନ ବିଜୟୀ ହୋଇଥିଲେ। ବୁଧବାର ଆର୍ଥର ଆଶେ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଅଲକାରାଜ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ ଏକାଧିକ ଥର ଜେରେଭ୍‌ଙ୍କ ସର୍ଭିସ୍ ବ୍ରେକ୍ କରିଥିଲେ। ଅନ୍ୟପକ୍ଷରେ ୫ ସେଟ୍ ବିଶିଷ୍ଟ ମ୍ୟାଚ୍ ଖେଳି ଆସିଥିବା ଜେରେଭ୍‌ଙ୍କ ନିକଟରେ ପ୍ରତ୍ୟାବର୍ତ୍ତନର ଏକାଧିକ ସୁଯୋଗ ରହିଥିଲେ ମଧ୍ୟ ସେ ହାତଛଡା କରିଥିଲେ। ୨୦୨୦ ୟୁଏସ୍ ଓପନ ରନର୍ ଅପ୍ ରହିଥିବା ୨୬ ବର୍ଷୀୟ ଜେରେଭ୍ ଦୀର୍ଘ ୧ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ନିଜ ପ୍ରଦର୍ଶନକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ଦ୍ୱିତୀୟ ସେଟ୍ ସମୟରେ ଜେରେଭଙ୍କ ହାର୍ମଷ୍ଟ୍ରିଙ୍ଗ ସାମାନ୍ୟ ଟାଣି ହୋଇ ଯାଇଥିଲା। ତେବେ ମେଡିକାଲ ଟାଇମ୍ ଆଉଟ୍ ପରେ ଜେରେଭ୍ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ମ୍ୟାଚ୍‌ର ଫଳାଫଳ ପରିବର୍ତ୍ତନ କରିବାରେ ସଫଳ ହୋଇ ନ ଥିଲେ। ଏହାସହିତ ରବିବାର ଆଉ ଏକ ଅଲକାରାଜ-ଜୋକୋଭିଚ୍ ଫାଇନାଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଜୋକୋଭିଚ୍‌ଙ୍କ ସହ ଫାଇନାଲ ମ୍ୟାଚ୍‌କୁ ନେଇ ଉତ୍ସାହିତ ରହିଛି। ଜୋକୋଭିଚ୍ ସେମିରେ ବେନ୍ ଶେଲ୍‌ଟନଙ୍କ ମୁକାବିଲା କରିବେ। ଅନ୍ୟପକ୍ଷରେ ଅଲକାରାଜ ନିଜ ସେମିଫାଇନାଲ ମ୍ୟାଚ୍ ଡାନିଲ ମେଡଭେଡେଭଙ୍କ ସହିତ ଖେଳିବେ।

ମହିଳା ସିଙ୍ଗଲ୍ସରେ କାରୋଲିନା ମୁଚୋଭା ଓ ଆରିନା ସାବାଲେଙ୍କା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ସାବାଲେଙ୍କା ୬-୪, ୬-୧ ସେଟ୍‌ରେ କ୍ୱିନ୍‌ୱେନ ଝେଙ୍ଗଙ୍କୁ ପରାସ୍ତ କରିଛନ୍ତି। ସେହିପରି ବିଶ୍ୱ ମାନ୍ୟତାର ଦଶମ ସ୍ଥାନରେ ଥିବା ମୁଚୋଭା ୬-୦, ୬-୩ ସେଟ୍‌ରେ ୩୦ ତମ ସ୍ଥାନରେ ଥିବା ସୋରାନା କ୍ରିଷ୍ଟିଙ୍କୁ ପରାସ୍ତ କରିଛନ୍ତି।



କାର୍ଲୋସ ଅଲକାରାଜ



କାରୋଲିନା ମୁଚୋଭା

# ଜିଏଚ୍‌ପିସିରୁ ଭାଗନେବେ ରାକେଶ, ସୈଫ, ପ୍ରଣତି





ରାକେଶ କୁମାର ପାତ୍ର, ପ୍ରଣତି ନାୟକ ଓ ସୈଫ ସାଦିକ ତାମ୍ବୋଲି।

ଭୁବନେଶ୍ୱର, ୭।୯ (ତପନ ସ୍ୱାଇଁ)

ହଙ୍ଗେରିର ଜୋମ୍ବାଥିଲିଠାରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଏଫ୍‌ଆଇଜି (ଫେଡେରେଶନ ଇଣ୍ଟରନ୍ୟାଶନାଲ ଡି ଜିମ୍ନାଷ୍ଟିକ୍) ୱାର୍ଲ୍ଡ ଚ୍ୟାଲେଞ୍ଜ୍ କପ୍। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ହାଇପରଫର୍ମାନ୍ସ ସେଣ୍ଟର (ଜିଏଚ୍‌ପିସି) ଭୁବନେଶ୍ୱରର ୩ ଜିମ୍ନାଷ୍ଟ ଅଂଶଗ୍ରହଣ କରିବେ। ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବର୍ଗରେ ରାକେଶ କୁମାର ପାତ୍ର ଓ ସୈଫ ସାଦିକ ତାମ୍ବୋଲି ଏବଂ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବର୍ଗରେ ପ୍ରଣତି ନାୟକ ଭାଗନେବେ। ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଚୟନ ଟ୍ରାଏଲ ଅନୁଷ୍ଠିତ ହୋଇଥିଲା। ଆଥ୍‌ଲେଟଙ୍କ ସହ ହାଇପରଫର୍ମାନ୍ସ ସେଣ୍ଟରର ମୁଖ୍ୟ କୋଚ୍ ଅଶୋକ ମିଶ୍ର ଓ ଫିଜିଓ ଅମ୍ରିତା ତ୍ରିପାଠୀ ହଙ୍ଗେରୀ ଯାତ୍ରା କରିଛନ୍ତି। "ଏଫ୍‌ଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ୨୦୨୩ରେ ଅଂଶଗ୍ରହଣ କରିବା ପାଇଁ ମୁଁ ଉତ୍ସାହିତ ଅଛି। ଟୁର୍ନାମେଣ୍ଟ ପାଇଁ ମୁଁ ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଇଛି। ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶ ପାଇଁ ପଦକ ଜିତିବା ଇଚ୍ଛା" ବୋଲି ହଙ୍ଗେରୀ ଯାତ୍ରା ପୂର୍ବରୁ ପ୍ରଣତି ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏମ୍/ଏନ୍‌ଏସ୍ ଇଣ୍ଡିଆ) ଓଡ଼ିଶା ସରକାରଙ୍କ ସହଭାଗିତାରେ ଭାରତରେ ଜିମ୍ନାଷ୍ଟିକ୍‌ର ବିକାଶ ଓ ପ୍ରମୋଶନ ପାଇଁ କାର୍ଯ୍ୟ କରୁଛି। ଓଡ଼ିଶାକୁ ପ୍ରିମିୟର ଜିମ୍ନାଷ୍ଟିକ୍ସର ଏକ୍ସିଲେନ୍ସ ହବ୍‌ରେ ପରିଣତ କରିବା ମୁଖ୍ୟ ଲକ୍ଷ୍ୟ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁଲାଇ ୧୮ ତାରିଖରେ ଉଦ୍‌ଘାଟନ କରିଥିଲେ।

# ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ମିଜୋରାମ ଓ ଛତିଶଗଡ଼ ବିଜୟୀ

ଭୁବନେଶ୍ୱର, ୭।୯(ବିଜୟ ରଣା)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଚାଲିଥିବା ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ମିଜୋରାମ ଓ ଛତିଶଗଡ଼ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଓଏଫ୍‌ଏ, ୭ମ ବାଟାଲିୟନଠାରେ ଅନୁଷ୍ଠିତ ମ୍ୟାଚରେ ଉତ୍ତର ପ୍ରଦେଶ ୪-୧ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ନିରଞ୍ଜନ ଜଙ୍ଗ ଶାହି (୨୭ତମ ଓ ୭୫ତମ ମିନିଟ)ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ଅବିନାଶ ଥାପା (୪୫+୧ମିନିଟ) ଏବଂ ମହମ୍ମଦ ନଦିମ (୫୯ତମ) ଗୋଟିଏ ଗୋଲ୍ ଦେଇଥିଲେ। ଓଡ଼ିଶା ତରଫରୁ ଏକମାତ୍ର ଗୋଲ୍ ଶଙ୍ଖ ଶେଖର ହେମ୍ବ୍ରମ ୨୩ତମ ମିନିଟ୍‌ରେ ସ୍କୋର କରିଥିଲେ। ସିଏଫ୍‌ଏ ୟୁନିଟ୍-୩ରେ ଖେଳାଯାଇଥିବା ମ୍ୟାଚରେ ଝାଡ଼ଖଣ୍ଡ ୩-୧ରେ କର୍ଣ୍ଣାଟକକୁ ହରାଇ ଦେଇଛି। ବିଜୟୀ ଦଳର ଦକ୍ଷ କୁମାର ମହଲି ୧୨ତମ ଓ ୫୦ତମ ମିନିଟରେ ଦୁଇଟି ଏବଂ ଲଙ୍ଗସାମ୍‌ଜୁଆଲା ୭୧ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ। ବିପକ୍ଷ ଦଳର ଜୀବନ୍ତ ଭି. (୯୦+୪) ଏକମାତ୍ର ଗୋଲ ଦେଇଥିଲେ। ଓଏଫ୍‌ଏ ୭ମ ବାଟାଲିଅନ୍‌ଠାରେ ମହାରାଷ୍ଟ୍ର ବିପକ୍ଷରେ ମିଜୋରାମ ୬-୧ରେ ବିଜୟ ଲାଭ କରିଛି। ଦଳ ପକ୍ଷରୁ ଲାଲରିନ୍‌ଫେଲା ହାଲ୍‌ଟେ (୨୩, ୮୧ ଓ ୮୫ତମ ମିନିଟ) ୩ଟି ଗୋଲ୍ ଦେଇଥିବା ବେଳେ ସଲୋମୋନା (୭ମ), ଝୋଥାନସାଙ୍ଗା (୧୮ତମ) ଓ ଜାକାରିଆ ଛାଲାଇଲୋ (୧୪ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦଳର ସି. ମାଲସାମତ୍ଲୁଆଙ୍ଗା ୫୮ତମ ମିନିଟ୍‌ରେ ଏକ ଆତ୍ମଘାତୀ ଗୋଲ୍ ସ୍କୋର କରିଥିଲେ। ସିଏଫ୍‌ଏ ୟୁନିଟ-୩ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଛତିଶଗଡ଼ ୩-୧ ହରିୟାଣାକୁ ପରାସ୍ତ କରିଛି। ଦଳ ପକ୍ଷରୁ କେୱାଟ କୋଲା (୭୬ତମ), ସତୀଶ କୁମାର ୱାଡେ (୨୨ତମ) ଏବଂ ୮୨ତମ ମିନିଟ୍‌ରେ ବଦଳ ଖେଳାଳି ବୀରେନ୍ଦ୍ର କୁମାର ଏକ ଗୋଲ ସ୍କୋର କରିଥିଲେ।

# ପେନାଲ୍ଟି ଶୁଟ୍‌ଆଉଟରେ ହାରିଲା ଭାରତ

ବ୍ୟାଙ୍କକ୍,୭।୯(ପି.ଟି.)

ଥାଇଲାଣ୍ଡରେ ଅନୁଷ୍ଠିତ ୪୯ ତମ କିଙ୍ଗ୍ସ କପ୍ ଫୁଟବଲ୍ ଟୁର୍ନାମେଣ୍ଟରେ ଭାରତର ଦମ୍‌ଦାର ପ୍ରଦର୍ଶନ। ଉଚ୍ଚ ର୍‌ୟାଙ୍କିଙ୍ଗ ପ୍ରାପ୍ତ ଇରାକ ସହ ମ୍ୟାଚ୍‌କୁ ୨-୨ରେ ଅମୀମାଂସିତ ରଖିବା ପରେ ୫-୪ ପେନାଲ୍ଟିଶୁଟ ଆଉଟରେ ପରାଜିତ ହୋଇଛି ଭାରତୀୟ ଦଳ। ଇରାକ ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତ ବର୍ତ୍ତମାନ ତୃତୀୟ ସ୍ଥାନ ପାଇଁ ଖେଳିବ। ସୁନୀଲ ଛେତ୍ରୀ ଓ ଲାଲିଆଞ୍ଜୁଲା ଛାଙ୍ଗଟେଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଦଳ କଡା ଟକ୍କର ଦେଇଥିଲା।

ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୭୦ତମ ସ୍ଥାନରେ ଥିବା ଇରାକ୍ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିଲା ଭାରତ। ମ୍ୟାଚ୍‌ରେ ଅଧିକାଂଶ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିବା ସହିତ ୮୦ତମ ମିନିଟ୍ ପର୍ଯ୍ୟନ୍ତ ଅଗ୍ରଣୀ ହାସଲ କରିଥିଲା। ଭାରତ ପକ୍ଷରୁ ଫରୱାର୍ଡ ଖେଳାଳି ସହଲ ଅବଦୁଲ୍ ସମଦ ଓ ନାଓରେମ୍ ମହେଶ ଚମତ୍କାର ପ୍ରଦର୍ଶନ କରିଥିଲେ। ୧୬ ତମ ମିନିଟରେ ମହେଶ ଭାରତ ପାଇଁ ପ୍ରଥମ ଗୋଲ୍ ଦେଇଥିଲେ। ସହଲ ଅବଦୁଲ୍ ସମଦଙ୍କ ପାଶ୍‌କୁ ଚମତ୍କାର ଢଙ୍ଗରେ ବାମ ପାର୍ଶ୍ୱରୁ ଗୋଲ୍‌ରେ ପରିଣତ କରିଥିଲେ ମହେଶ। ୩୪ ତମ ମିନିଟ୍‌ରେ ଇରାକକୁ ମିଳିଥିବା ଫ୍ରି କିକ୍‌କୁ ଗୋଲରେ ପରିଣତ କରିଥିଲେ ବଶାର। ପ୍ରଥମାର୍ଦ୍ଧରେ ମ୍ୟାଚ୍ ୧-୧ରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଭାରତ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ୫୨ ତମ ମିନିଟରେ ମାନବୀରଙ୍କ ଶଟ୍‌କୁ ରୋକିବାରେ ଇରାକ୍ ଗୋଲ କିପର ବିଫଳ ହେବା ପରେ ଭାରତ ୨-୧ରେ ଆଗୁଆ ରହିଥିଲା। ଭାରତର ଅଗ୍ରଣୀ ମ୍ୟାଚର ୮୦ ତମ ମିନିଟ ପର୍ଯ୍ୟନ୍ତ ରହିଥିବା ବେଳେ ରେଫରୀଙ୍କ ଏକ ଭୁଲ ନିଷ୍ପତ୍ତି କାରଣରୁ ଇରାକକୁ ପେନାଲ୍ଟି ମିଳିଥିଲା। ପେନାଲ୍ଟିକୁ ଗୋଲରେ ପରିଣତ କରି ଆୟେମନ ଶଦାବ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ୯୦ ତମ ମିନିଟରେ ବ୍ରାଣ୍ଡନ ଫର୍ନାଣ୍ଡେସଙ୍କୁ କହୁଣୀ ମାରି ଜିଦାନେ ଇକ୍‌ବାଲ ରେଡ କାର୍ଡ ପାଇଥିଲେ। ୪ ମିନିଟର ଷ୍ଟପେଜ ଟାଇମ୍‌ରେ ଇରାକ ୧୦ ଜଣିଆ ଦଳରେ ଖେଳିଥିଲେ ମଧ୍ୟ ଭାରତ ଏହାର ଫାଇଦା ଉଠାଇ ପାରି ନଥିଲା। ମ୍ୟାଚ୍ ପେନାଲ୍ଟି ଶୁଟ୍ ଆଉଟକୁ ଯାଇଥିବା ବେଳେ ଭାରତ ପକ୍ଷରୁ ବ୍ରେଣ୍ଡନ ଫର୍ନାଣ୍ଡେସ୍ ପ୍ରଥମ ଶଟ୍ ମିସ୍ କରିଥିଲେ। ଇରାକର ସମସ୍ତ ୫ ଶଟ୍ ଗୋଲ ହୋଇଥିବା ବେଳେ ଭାରତ ପକ୍ଷରୁ ସନ୍ଦେଶ ଝିଙ୍ଗନ, ସୁରେଶ, ଅନୱର ଅଲୀ ଓ ରହିମ୍ ଅଲୀ ସ୍କୋର କରିଥିଲେ।



ରେଫରିଙ୍କ ନିକଟରେ ଅପିଲ କରୁଛନ୍ତି ଭାରତୀୟ ଖେଳାଳି।

## ସିସିଟିଭି ଜବତ କଲା ପୋଲିସ

ନୀଳଗିରି, ୭।୯(ପ୍ରଶାନ୍ତ ବିଶ୍ୱାଳ)–ନୀଳଗିରି ଏନ୍ଏସି ପରିସରରେ ଏକମାତ୍ର କ୍ୟାଣ୍ଟର (ନଂ. ଓଆର୍୦୧–୯୪୯୩) ୨୦୦୦ ମସିହାଠାରୁ ଭଗ୍ନ ଅବସ୍ଥାରେ ପଡ଼ି ରହିଥିବା ବେଳେ କିଛିଦିନ ପୂର୍ବରୁ ଚୋରି ହୋଇଯାଇଛି। ଏନେଇ ବୁଧବାର ନୀଳଗିରି ଥାନାରେ ନିର୍ବାହୀ ଅଧିକାରୀ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ଏଠି ଲିମ୍ବପତ୍ର ଲାଗେ ମିଠା



ମନ୍ଦିର ନିକଟରେ ରହିଥିବା ଲିମ୍ବ ଗଛ ମୂଳରୁ ଭକ୍ତମାନେ ପତ୍ର ସଂଗ୍ରହ କରୁଛନ୍ତି।

**ଖଇରା,(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତର ପ୍ରସିଦ୍ଧ ଜଳଙ୍ଗ ଚଣ୍ଡୀଙ୍କ ମହିମା କିଏ ନ ଜାଣେ। କେହି ବିପଦରେ ପଡି ଡାକିବା ମାତ୍ରେ ମା' ଛାତ ଭଳି ସନ୍ତାନକୁ ପଣତକାନିରେ ଘୋଡେଇ ରଖନ୍ତି । ମନ୍ଦିର ସ୍ଥାପନା ଓ ଏହାସହ ଜଡିତ କିଛି ଅଲୌକିକ ଘଟଣା ଲୋକମୁଖରୁ ଶୁଣିବାକୁ ମିଳୁଥିବା ବେଳେ ଆଉ କିଛି ଏବେ ଭକ୍ତଙ୍କ ପ୍ରତ୍ୟକ୍ଷ ଅନୁଭୂତିରୁ ଜାଣିବାକୁ ମିଳେ। ମନ୍ଦିର ସ୍ଥାପନା ସମୟରୁ ଏ ପର୍ଯ୍ୟନ୍ତ ରହି ଆସିଥିବା ଲିମ୍ବଗଛର ପତ୍ରର ସ୍ୱାଦ ମିଠା ଯାହା କି ଆଜିର ବିଜ୍ଞାନ ଯୁଗରେ ଏକ ଅଲୌକିକ ଘଟଣା। ସାଧାରଣରେ ଲିମ୍ବପତ୍ର ପିତା ହୋଇଥିବା ବେଳେ ମା'ଙ୍କ ମହିମା ପାଇଁ ପତ୍ର ମିଠା ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି ।

ମା'ଙ୍କ ଆଗମନ ଓ ସ୍ଥାପନାକୁ ନେଇ କୁହାଯାଏ ଆଜକୁ ପ୍ରାୟ ୨ଶହ ବର୍ଷ ତଳେ କେନ୍ଦୁଝର ଜିଲା ଢେଙ୍କା ନିକଟସ୍ଥ ବାଲିଗୁରେଇ ଅଞ୍ଚଳରେ ଲୋକେ ୫ ଭଉଣୀଙ୍କୁ ୫ଦେବୀ ଭାବେ ପୂଜାର୍ଚ୍ଚନା କରୁଥିଲେ। ସେତେବେଳର ପରମ୍ପରା ଅନୁଯାୟୀ ମା'ଙ୍କ ନିକଟରେ ନରବଳି ଦିଆଯାଉଥିଲା । ପ୍ରଥମେ କେନ୍ଦୁଝର ରାଜା ଓ ପରେ ଢେଙ୍କା ଜମିଦାରଙ୍କ ତତ୍ତ୍ୱାବଧାନରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏହି ୫ ଭଉଣୀଙ୍କ ମଧ୍ୟରୁ ବଡ ଭଉଣୀ ଭାବେ ଚଣ୍ଡୀ ଦେବୀଙ୍କ ସ୍ୱପ୍ନାଦେଶକ୍ରମେ ଜଳଙ୍ଗ ଗ୍ରାମର ମହାପାତ୍ର ବଂଶଧର ମା'ଙ୍କ ପ୍ରତିମାକୁ କାନ୍ଧରେ ବୋହି ଆଣି ଜଳଙ୍ଗ ଗ୍ରାମ ମୁଣ୍ଡରେ ଥିବା କୋଚିଲା ଗଛ ମୂଳେ ରଖିଥିଲେ। ପରେ ଗ୍ରାମବାସୀଙ୍କ ଶତଚେଷ୍ଟା ସତ୍ତ୍ୱେ ମା'ଙ୍କ ମୂର୍ତ୍ତିକୁ ଆଉ ସ୍ଥାନାନ୍ତର କରାଯାଇ ପାରି ନ ଥିଲା। କିଛି ବର୍ଷ ପରେ ମହାପାତ୍ର ବଂଶର ଉତ୍ତରାଧିକାରୀ ପଦ୍ମଲୋଚନ ମହାପାତ୍ର, ବିନୋଦ ମହାପାତ୍ର, ଗ୍ରାମର ପୁରୁଖା ଲୋକ ଗୋବିନ୍ଦ ପଣ୍ଡା ଓ ପାଣ୍ଡୁ ତ୍ରିପାଠୀଙ୍କ ପ୍ରଚେଷ୍ଟାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଥିଲା। ଲୋକମୁଖରୁ ଶୁଣିବାକୁ ମିଳୁଥିବା ସେତେବେଳର ଅନ୍ୟ ଏକ ଅଲୌକିକ ଘଟଣା ଅନୁଯାୟୀ ଏହି ମନ୍ଦିରଠାରୁ କିଛି ଦୂରରେ ବାସଙ୍ଗ ପୋଖରୀ ନାମରେ ଏକ ପୋଖରୀ ରହିଛି। କୌଣସି କର୍ମକର୍ମାଣି ପାଇଁ ଗ୍ରାମର କୌଣସି ଲୋକଙ୍କ ବାସନକୁସନ ଦରକାର ପଡିଲେ ଆଗଦିନରୁ ମା'ଙ୍କୁ ଗୁହାରି କରିଯାନ୍ତି। ପରଦିନ ସକାଳେ ସେତିକି ପରିମାଣର ବାସନ ଭାସୁଥିଲା ଯାହାକୁ ନେଇ ଗ୍ରାମବାସୀ କାର୍ଯ୍ୟରେ ଲଗାଇ ସାରି ପୁଣି ଆଣି ପୋଖରୀରେ ଭସାଇ ଦେଉଥିଲେ। ଏବେ ଏହି ସ୍ଥାନର ଗୁରୁତ୍ୱକୁ ଉପଲବ୍ଧି କରିବା ପରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଉଦ୍ୟମରେ ରୂପାନ୍ତରୀକରଣ ଯୋଜନାରେ ସାମିଲ କରାଯାଇଛି ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଓ ପୂଜକ ବେଣୁଧର ତିଆଡିଙ୍କ କହିବା ଅନୁଯାୟୀ ସକାଳ ହେଲେ ବହୁ ଭକ୍ତ ମା'ଙ୍କୁ ଦର୍ଶନ ପରେ ଲିମ୍ବପତ୍ର ସେବନ କରି ଘରକୁ ଫେରନ୍ତି। ମାନସିକଧାରୀମାନେ ଲିମ୍ବ ଗଛରେ କପଡା ବାନ୍ଧିବା ପରେ ମନସ୍କାମନା ପୂର୍ଣ୍ଣ ହୁଏ ବିଶ୍ୱାସ ରହିଛି ବୋଲି ପ୍ରକାଶ କରିଛନ୍ତି । ୪ ପୁରୁଷ ଧରି ଏହି କଥା ଶୁଣିଆସୁଥିବା କଥା ଉଲ୍ଲେଖ କରିଛନ୍ତି।


ଶୁଭେଚ୍ଛା ବାର୍ତ୍ତା

ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବାଲେଶ୍ୱର–ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବନ୍ତ ଶାଖା ଅଧୀନ ପଧାନପଡା ସେବା ସମବାୟ ସମିତିର ସମସ୍ତ କର୍ମଚାରୀ, ବୋର୍ଡ ସଭ୍ୟସଭ୍ୟା, ଚାଷୀ, ଋଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମ୍ଭର କାମନା ।

ସେକ୍ କଦମ୍ — ସଭାପତି, ପଧାନପଡା ସେବା ସମବାୟ ସମିତି, ନିଲୋକ, ବନ୍ତ, ଭଦ୍ରକ

ନାରାୟଣ ଚନ୍ଦ୍ର ସାହୁ — ସମ୍ପାଦକ, ପଧାନପଡା ସେବା ସମବାୟ ସମିତି, ନିଲୋକ, ବନ୍ତ, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା

ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ,ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ମୋର କାମନା ।

ଦେବେନ୍ଦ୍ର ଜେନା

ଶିକ୍ଷାବିତ୍, ସାମାଜିକ କର୍ମୀ, ସବୁଜ ବିପ୍ଳବୀ
ଶିଆଳିଆ, ଶେଣ୍ଡତୀରା, ବନ୍ତ,ଭଦ୍ରକ

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଚାନ୍ଦବାଲି ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ଶକ୍ତିପ୍ରତାପ ବିଶ୍ୱାଳ

ବିଧାନସଭା ଯୁବ କଂଗ୍ରେସ ସଭାପତି, ଚାନ୍ଦବାଲି, ଭଦ୍ରକ

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଭଦ୍ରକ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ଜ୍ୟୋତିପ୍ରକାଶ ମହାନ୍ତି

ଯୁବନେତା, ଭଦ୍ରକ

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଭଗବାନପୁର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

କାଞ୍ଚନ ସ୍ୱାଇଁ

ସରପଞ୍ଚ, ଭଗବାନପୁର, ଧାମନଗର, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା

ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ବଡବର୍ଚ୍ଛିକୟାଁ ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ମୋର କାମନା ।

ପୁଷ୍ପାଞ୍ଜଳି ସ୍ୱାଇଁ

ସରପଞ୍ଚ, ବଡବର୍ଚ୍ଛିକୟାଁ ଗ୍ରାମପଞ୍ଚାୟତ
ବନ୍ତ, ଭଦ୍ରକ

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଧାମନଗର ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ଜଗବନ୍ଧୁ ପ୍ରଧାନ

ବ୍ଲକ ଉପାଧ୍ୟକ୍ଷ, ଧାମନଗର, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା

ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ,ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ, ଏହାହିଁ ମୋର କାମନା ।

ଡକ୍ଟର ସୁଧାଂଶୁ ଶେଖର ନାୟକ

ବିଶିଷ୍ଟ ନାଟ୍ୟକାର, ସାମାଜିକ କର୍ମୀ,
ଅବସରପ୍ରାପ୍ତ ପ୍ରାଧ୍ୟାପକ, ବନ୍ତ, ଭଦ୍ରକ

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଚାନ୍ଦବାଲି ଏନ୍ଏସିର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ସଙ୍ଗୀତା ବେହେରା

ବିଜେପି ନେତ୍ରୀ, ଚାନ୍ଦବାଲି ଏନ୍ଏସି,ଭଦ୍ରକ

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ବିଜୟନଗର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ଦିଲୀପ କୁମାର ରାଉତ

ସରପଞ୍ଚ, ବିଜୟନଗର,ଚାନ୍ଦବାଲି,ଭଦ୍ରକ

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ଈଶ୍ୱରଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ବିନୟ କୁମାର ନାୟକ

ସହକାରୀ ପ୍ରଫେସର, ଅକ୍ସଫୋର୍ଡ କଲେଜ, ଭୁବନେଶ୍ୱର

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ପ୍ରଶାନ୍ତ କୁମାର ପତି (ସୁନା ନନା)

ସମାଜସେବୀ, ଧାମନଗର, ଭଦ୍ରକ

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଭଦ୍ରକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ପ୍ରବୀର ଜେନା — ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ

ଅଞ୍ଜୁବାଳା ଜେନା — ଉପାଧ୍ୟକ୍ଷା, ଭଦ୍ରକ ପୌରପାଳିକା

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ସିଏମ୍ଏ ପ୍ରକାଶ କୁମାର ବେହେରା

ଇନ୍ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟ ଅଫ୍ ଇଣ୍ଡିଆ ସଦସ୍ୟ

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଭଦ୍ରକ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ସଞ୍ଜୀବ ମଲ୍ଲିକ

ବିଧାୟକ, ଭଦ୍ରକ

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକାଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ଉପେନ୍ଦ୍ର ରାଉଳ

ବିଜେପି କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଦସ୍ୟ

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଭଦ୍ରକ ପୌରପାଳିକାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପୌରପାଳିକାର ଉନ୍ନତି ଓ ପ୍ରଗତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି ।

ଗୁଲମକ୍କୀ ଦଲାୱାଜି ହବିବ୍

ଅଧ୍ୟକ୍ଷା, ଭଦ୍ରକ ପୌରପାଳିକା

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଭଦ୍ରକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ଇଂ.ଆଶୁତୋଷ ଭୋଇ

ଜିଲ୍ଲା ସାଧାରଣ ସମ୍ପାଦକ, ବିଜେଡି

ସ୍ୱନକ୍ଷତ୍ର ଶୁଭେଚ୍ଛା

ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା ଓ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ ।

ଶୁଭେନ୍ଦୁ ରାୟ ମହାପାତ୍ର

ପୂର୍ବତନ ସାଧାରଣ ସମ୍ପାଦକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ

# ବିଭିନ୍ନ ଭାଷାରେ ଗୀତ ଗାଇବାକୁ ଲକ୍ଷ୍ୟ

## କଣ୍ଠଶିଳ୍ପୀ ଶୁଭ୍ରସ୍ମିତା



ପିଲାଦିନୁ ସଙ୍ଗୀତ ପ୍ରତି ଥିଲା ପ୍ରବଳ ଆଗ୍ରହ। ବୟସ ବଢ଼ିବା ସଙ୍ଗେ ସଙ୍ଗେ ଜଣେ କଣ୍ଠଶିଳ୍ପୀ ହେବାର ଇଚ୍ଛା ମଧ୍ୟ ପୂରଣ ହେଲା। ସୁମଧୁର କଣ୍ଠସ୍ୱର ତାଙ୍କୁ ଜଣେ ଭଲ କଣ୍ଠଶିଳ୍ପୀ ଭାବେ ଜିଲା ଓ ଜିଲା ବାହାରେ ପରିଚିତ କରାଇଛି। ଗୀତ ଗାଇବା ସହ ଅଭିନୟ ଓ ସୁନ୍ଦର ନୃତ୍ୟ ପରିବେଷଣରେ ସେ ପାରଙ୍ଗମ ହୋଇପାରିଲେ। ଏହି ନିଆରା ପ୍ରତିଭା ହେଉଛନ୍ତି ଭଦ୍ରକ ପୌରାଞ୍ଚଳ ଗବସାହିର କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ(୨୦)।

ଗବସାହିର ଜୟନ୍ତ ରାଉତ ଓ ପ୍ରଭାତୀ ରାଉତଙ୍କ ଝିଅ ହେଉଛନ୍ତି ଶୁଭ୍ରସ୍ମିତା। ବାପା ଶିକ୍ଷା ବିଭାଗର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ମା’ ଗୃହିଣୀ। ସେ ଏବେ ସଙ୍ଗୀତରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରେ ଗ୍ରାଜୁଏଶନ ଶେଷବର୍ଷରେ ଅଧ୍ୟୟନରତ ଅଛନ୍ତି। ୨୦୧୨ରେ ଜଣେ ଗୁରୁଙ୍କ ନିକଟରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ୨୦୧୪ରେ ଦିଲ୍ଲୀରେ ଏକ ଅଡିସନରେ ଭାଗନେଇ ୯ ହଜାର ପ୍ରତିଯୋଗୀଙ୍କ ମଧ୍ୟରେ କୃତକାର୍ଯ୍ୟ ହୋଇଥିଲେ। ଏହା ଥିଲା ତାଙ୍କ ଜୀବନର ସଫଳତାର ପ୍ରଥମ ପାହାଚ। ପରେ ଜିଲା ଓ ଜିଲା ବାହାରେ ବିଭିନ୍ନ ମଞ୍ଚରେ ନିଜର କଳା ପ୍ରଦର୍ଶନ କରି ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି। ଭଦ୍ରକ ମହୋତ୍ସବ, ଆଗରପଡ଼ା ମହୋତ୍ସବ, ଭଦ୍ରାୟଣୀ ପରି ବଡ଼ ମଞ୍ଚରେ ତାଙ୍କର କଣ୍ଠର ଯାଦୁ ଦର୍ଶକଙ୍କୁ ବିମୋହିତ କରିଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଅଡିସନ ଫାଇନାଲ ରାଉଣ୍ଡରେ ପ୍ରଥମ ହୋଇଥିଲେ। ଏହି ସଫଳତା ତାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇଥିଲା। ମୁମ୍ବାଇର ଏକ ମ୍ୟୁଜିକ ଅନୁଷ୍ଠାନ ପକ୍ଷରୁ ଫୋନ୍‌କଲ୍ କରି ଭଏସ୍ ଟେଷ୍ଟ ନେଇଥିଲେ। ୪ର୍ଥ ପର୍ଯ୍ୟାୟ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। ‘ଜବ୍ କୋଇ ବାତ୍ ବିଗଡ଼୍ ଜାଏ’ ଗୀତ ତାଙ୍କୁ ଭଦ୍ରକରୁ ମୁମ୍ବାଇ ପହଞ୍ଚାଇଥିଲା। ଜି ଟିଭିର ସାରେଗାମାପା, ଇଣ୍ଡିଆନ ଆଇଡଲ, କଲର୍ସର ରାଇଜିଂ ଷ୍ଟାର ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଇଥିଲେ। ବିଭିନ୍ନ ଭାଷାରେ ଗୀତ ଗାଇ ପ୍ରତିଭା ପ୍ରଦର୍ଶନ କରିବାକୁ ତାଙ୍କର ଲକ୍ଷ୍ୟ ରହିଛି ବୋଲି ଶୁଭ୍ରସ୍ମିତା କହିଛନ୍ତି। ଏଥିପାଇଁ ଦିନକୁ ୨ ଘଣ୍ଟା ଅଭ୍ୟାସ ଜାରି ରଖିଛନ୍ତି। ନିଷ୍ଠା ଓ ଅଧ୍ୟବସାୟ ବଳରେ ସଫଳତା ହାସଲ କରିପାରିବେ ବୋଲି ଆଶାବାଦୀ ଅଛନ୍ତି। ଏହି ଯାତ୍ରାରେ ତାଙ୍କ ମା’ ତାଙ୍କର ଆଦର୍ଶ ବୋଲି ସେ କହିଛନ୍ତି।

**–ସନାତନ ରାଉତ, ଭଦ୍ରକ**

# ବାତ୍ୟା, ବଜ୍ରପାତର ହେବ ଠିକ୍ ନିରୂପଣ

## ବାଲେଶ୍ୱରରେ ‘ଡପ୍‌ଲର ରାଡାର ଷ୍ଟେଶନ’

## ୩ ରାଜ୍ୟର ଲୋକେ ହେବେ ଉପକୃତ

ବାଲେଶ୍ୱର ଜିଲା ଚାନ୍ଦିପୁର ନିକଟସ୍ଥ ହିଡ଼ିଗାଁ ଅଞ୍ଚଳରେ ନିର୍ମାଣ ଚାଲିଛି ‘ଡପ୍‌ଲର ରାଡାର ଷ୍ଟେଶନ’। ଏହା ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେଲେ ବଜ୍ରପାତ ପୂର୍ବରୁ ଠିକ୍ ଭାବେ ସ୍ଥାନ ନିରୂପଣ ସହିତ ବାତ୍ୟାକୁ ଟ୍ରାକ୍ କରିବାରେ ସହାୟକ ହେବ। ଫଳରେ ଓଡ଼ିଶା ସମେତ, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ଲୋକେ ଉପକୃତ ହେବେ।

ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର ହେଉଛି ପ୍ରାକୃତିକ ବିପର୍ଯ୍ୟୟର କେନ୍ଦ୍ରସ୍ଥଳୀ। ତେବେ ପ୍ରକୃତିର ଭୟାବହ ତାଣ୍ଡବକୁ ବାଲେଶ୍ୱର ଅଞ୍ଚଳ ସବୁବେଳେ ସାମ୍ନା କରୁଥିବାରୁ ଏଠାରେ ଡପ୍‌ଲର ରାଡାର ଷ୍ଟେଶନ ପ୍ରତିଷ୍ଠା ଏକ ଅପରିହାର୍ଯ୍ୟ ଆବଶ୍ୟକତା ରହିଥିଲା। ସେହିପରି ସଂଲଗ୍ନ ଭଦ୍ରକ, ମୟୂରଭଞ୍ଜ ସମେତ ଅନ୍ୟ ଜିଲା ଏବଂ ପଡ଼ୋଶୀ ପଶ୍ଚିମବଙ୍ଗର ଉପକୂଳ ଅଞ୍ଚଳରେ ବି ପ୍ରତିବର୍ଷ ଝଡ଼ବାତ୍ୟା ସାଙ୍ଗକୁ ପ୍ରବଳ ବର୍ଷା ଓ ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟରେ କୋଟି କୋଟି ଟଙ୍କାର ଧନଜୀବନ ନଷ୍ଟ ହେଉଛି। ତେବେ ବହୁ ଆଗରୁ ଠିକ୍ ସୂଚନା ଉପଲବ୍ଧ ହୋଇପାରିଲେ ପ୍ରକୃତି କୋପରୁ ସୁରକ୍ଷା ମିଳିପାରିବ। ଏହି ଉଦ୍ଦେଶ୍ୟରେ ବାଲେଶ୍ୱରରେ ଡପ୍‌ଲର ରାଡାର ଷ୍ଟେଶନ ପ୍ରତିଷ୍ଠା ନେଇ ୨୦୦୬ରେ କେନ୍ଦ୍ର ବିଜ୍ଞାନ ଓ ବୈଷୟିକ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଦ୍ୱାରା ମଞ୍ଜୁର ପ୍ରାୟ ୬.୫ କୋଟି ଟଙ୍କାରେ ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୫ରେ ବାଲେଶ୍ୱର ରାଡାର ଷ୍ଟେଶନର କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର କାମ କିଛି ବାଟ ଗଲା ପରେ ଆଉ ଅର୍ଥ ମଞ୍ଜୁର ହେଉ ନ ଥିବାରୁ ଏହି ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ବାଲେଶ୍ୱରରେ ଏହି ରାଡାର ଷ୍ଟେଶନ ପ୍ରତିଷ୍ଠା ହେବାର ଜରୁରୀ ଆବଶ୍ୟକତା ରହିଛି। ବାଲେଶ୍ୱର ଡପ୍‌ଲର ରାଡାର ଷ୍ଟେଶନ କାର୍ଯ୍ୟକ୍ଷମ ହେଲେ ଏହି କେନ୍ଦ୍ରରୁ ସବୁ ଦିଗରେ ୨ ଶହ କି.ମି. (ଆକାଶ ମାର୍ଗରେ ଦୂରତ୍ୱ) ବ୍ୟାସାର୍ଦ୍ଧ ଅଞ୍ଚଳରୁ ପାଣିପାଗ ସମ୍ପର୍କିତ ସୂଚନା ସଂଗ୍ରହ କରାଯିବା ସହ ଏହାକୁ ସେହି ୨ ଶହ କି.ମି. ଅଞ୍ଚଳରେ ଆଗୁଆ ଉପଲବ୍ଧ କରାଯାଇପାରିବ। ଫଳରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ବିସ୍ତୃତ ଅଞ୍ଚଳର ଅଧିବାସୀ ଉପକୃତ ହୋଇପାରିବେ।



ଡପ୍‌ଲର ରାଡାର ଷ୍ଟେଶନ ବସିବା ପାଇଁ ନିର୍ମାଣାଧୀନ କୋଠା।

ପାରାଦୀପରେ ଡପଲର ରାଡାର ଷ୍ଟେଶନ ପ୍ରତିଷ୍ଠା ନେଇ ୨୦୦୬ରେ କେନ୍ଦ୍ର ବିଜ୍ଞାନ ଓ ବୈଷୟିକ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ବେଳେ ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ପାରାଦ୍ୱୀପ ବ୍ୟତୀତ ବାଲେଶ୍ୱର, ଗୋପାଳପୁର ଓ ସମ୍ବଲପୁରରେ ଡପଲର ରାଡାର ଷ୍ଟେଶନ ପ୍ରତିଷ୍ଠା ନେଇ ସୂଚନା ଦେଇଥିଲେ। ବାଲେଶ୍ୱର ପ୍ରକଳ୍ପ ମଞ୍ଜୁର ହେବା ପରେ ଚାନ୍ଦିପୁର ନିକଟ ହିଡ଼ିଗାଁ ଅଞ୍ଚଳରେ ଏଥିପାଇଁ କୋଠା କାମ ଆରମ୍ଭ ହୋଇଥିଲା। ପ୍ରଥମେ ବ୍ୟୟ ଅଟକଳ ଥିବା ୨୫କୋଟି ଟଙ୍କାର ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୩ଏକର ଜମି ଯୋଗାଇଦେଇଛନ୍ତି। ରାଜ୍ୟ ସରକାର ଭିତ୍ତିଭୂମି ବିକାଶ କାର୍ଯ୍ୟ କରିବା ପରେ କେନ୍ଦ୍ର ପାଣିପାଗ ବିଭାଗ ଆବଶ୍ୟକ ଯନ୍ତ୍ରପାତି ସ୍ଥାପନ କରି ଏହି ଷ୍ଟେଶନକୁ କାର୍ଯ୍ୟକ୍ଷମ କରିଥାନ୍ତା। ତେବେ କେଉଁ କମ୍ପାନୀର ରାଡାର ବ୍ୟବହାର ହେବ, ସେ ନେଇ ପ୍ରାଥମିକ ପର୍ଯ୍ୟାୟରେ ସ୍ଥିର ହୋଇପାରି ନ ଥିଲା। ବିଭିନ୍ନ କମ୍ପାନୀର ମେଶିନ ଡିଜାଇନ ଭିନ୍ନ ଭିନ୍ନ ହୋଇଥିବାରୁ ନିର୍ମାଣ କାମରେ ବାଧା ଆସିଥିଲା। ପରେ ଉଭୟ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ଓ କେନ୍ଦ୍ର ପାଣିପାଗ ବିଭାଗର ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହେବା ପରେ ସେହି ସମସ୍ୟା ଦୂର ହେଲା ଓ ଭିତ୍ତିଭୂମି ପାଇଁ ପ୍ରକଳ୍ପ ରିପୋର୍ଟ ବା ଡିପିଆର ଚୂଡ଼ାନ୍ତ ହେବା ସହ ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ବାଲେଶ୍ୱର ଡପଲର ରାଡାର ଷ୍ଟେଶନ କାର୍ଯ୍ୟକ୍ଷମ ହେବା ପରେ ସୁନହଟରେ ଥିବା ପାଣିପାଗ କାର୍ଯ୍ୟାଳୟ ସେଠାକୁ ସ୍ଥାନାନ୍ତରିତ ହେବ।

ଏନେଇ ପୂର୍ତ୍ତ ବିଭାଗ-୧ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ସେଠୀ କହନ୍ତି, ଗତ ୨୦୧୫ରୁ ଡପଲର ରାଡ଼ାର ଷ୍ଟେଶନ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଲ୍ଡିଂ କାମ ଶେଷ ହୋଇଛି। ଉପର ମହଲାରେ ଲାଗିବାକୁ ଥିବା ଡୁମ୍‌ର ସ୍ଥାନ ଫାଙ୍କା ରହିଛି। ଅନ୍ୟପକ୍ଷରେ ଏହି ରାଡାର ଷ୍ଟେଶନ ପାଇଁ ଉପଲବ୍ଧ ଜମିର ଚାରିପାଖ ପାଚେରି କାର୍ଯ୍ୟ ସରିଛି। ବିଲ୍ଡିଂ ଶେଷ ହୋଇଥିଲେ ମଧ୍ୟ ପାଣିପାଗ ଅଫିସ୍ ପାଇଁ ଆନକ୍ଲାରି ୱାର୍କ କରାଯାଇନାହିଁ। ପାୱାର ସପ୍ଲାଏ ପାଇଁ ୨୫ଲକ୍ଷ ଟଙ୍କାର ଏଷ୍ଟିମେଟ୍ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କୁ ପଠାଯାଇଛି। ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ହୋଇଯିବ। ବିଭାଗୀୟ ଅଧିକାରୀମାନେ ଫିଲ୍ଡ ଲାବ୍‌ର ଲେ ଆଉଟ୍ ପ୍ଲାନ ଦେଇ ନ ଥିବା କିଛି କାର୍ଯ୍ୟ ବାକି ରହିଛି, ତାହା ମଧ୍ୟ ଅଳ୍ପ ସମୟରେ ଶେଷ ହୋଇଯିବ ପ୍ରକାଶ କରିଛନ୍ତି। ଆଞ୍ଚଳିକ ପାଣିପାଗ ବିଭାଗ ଅଧିକାରୀ ମଦନମୋହନ ଦାସ କହନ୍ତି, ବିଲ୍ଡିଂର କାର୍ଯ୍ୟ ଶେଷ ହୋଇଛି। ରାଡାର ବସିବା ପ୍ରୋଜେକ୍ଟ ପାଇଁ ଅଟକଳ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇନାହିଁ। ପରେ ଫିଲ୍ଡ ଲ୍ୟାବର ପ୍ଲାନ ମିଳିଯିବ। ଅନ୍ୟପକ୍ଷରେ ଅଫିସ ସିଫ୍ଟିଂ ପାଇଁ ଆବଶ୍ୟକ ଥିବା କାର୍ଯ୍ୟରେ ଆନକ୍ଲାରି ୱାର୍କର ଏକ ପ୍ରକଳ୍ପ ଚିଫ୍ ସେକ୍ରେଟାରୀଙ୍କ ଅଫିସରେ ପହଞ୍ଚିଛି। ସେଠାରୁ ଆସିବା ପରେ ପୂର୍ତ୍ତ ବିଭାଗକୁ ହସ୍ତଗତ କରାଯିବ। ଦୂରରେ ଥିବା ଏକ ବସ୍ତୁର ଭେଲୋସିଟି ଡାଟା ଉତ୍ପନ୍ନ କରିବାକୁ ବ୍ୟବହାର କରାଯାଉଥିବା ଡପ୍‌ଲର ପ୍ରଭାବ ସମ୍ପନ୍ନ ଏହି ସ୍ୱତନ୍ତ୍ର ରାଡାର ବାତ୍ୟା, ଝଡ଼ ଆଦି ବାବଦ ପାରମ୍ପରିକ ରାଡାର ତୁଳନାରେ ଅଧିକ ଠିକ୍ ପୂର୍ବାନୁମାନ କରିପାରିବ। ଏହାମଧ୍ୟ ବାତ୍ୟାର ଟ୍ରାକ୍ (ଗତି, ଦିଗ, ଭୂମି)କୁ ଛୁଇଁବାର ସ୍ଥାନ (ଲ୍ୟାଣ୍ଡ ଫଲ) ଆଦି ବିଷୟରେ କହିପାରିବ। ଫଳରେ ଲୋକଙ୍କୁ ସତର୍କ କରାଯିବା ସହ ଧନଜୀବନର ସୁରକ୍ଷା କରାଯାଇପାରିବ ବୋଲି ପ୍ରକାଶ କରିଛନ୍ତି।

**– ମାନସ ବିଶ୍ୱାଳ, ବାଲେଶ୍ୱର**







## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ନୀଳଗିରି, ୭।୯(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକ ଅଧୀନ ସରକାରୀ (ଏସଏସଡି) ବଣଭୁଇଁ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବ୍ଲକସ୍ତରରେ ଦୌଡ଼କୁଦ ଓ କ୍ରୀଡ଼ା ପ୍ରତିଯୋଗିତା ୨୦୨୩-୨୪ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରିଣୀ ସ୍ନିଗ୍ଧା ପଣ୍ଡାଙ୍କ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ମିଳିତ ପରେଡ୍‌ରେ ମୁଖ୍ୟଅତିଥି ସମେତ ଅନ୍ୟାନ୍ୟ ଅତିଥିମାନେ ଅଭିବାଦନ ଗ୍ରହଣ କରିବା ପରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଛାତ୍ରୀଛାତ୍ରମାନେ କେବଳ ପାଠ ପଢ଼ାରେ ଫୋକସ ନ କରି ମାନସିକ ଓ ଶାରୀରିକ ବିକାଶ ପାଇଁ କ୍ରୀଡା ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଆଜିକାଲି ଦେଶ ଓ ଆନ୍ତର୍ଜାତିକ ସ୍ତରରେ ପିଲାମାନେ ବିଭିନ୍ନ କ୍ରୀଡା କ୍ଷେତ୍ରରେ ନାମ ଅର୍ଜନ କରିବା ସହିତ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେଉଛନ୍ତି ବୋଲି ମୁଖ୍ୟବକ୍ତା ଉପଜିଲାପାଳ ମନ୍ଦରଧର ମହାଲିକ ବକ୍ତବ୍ୟ ରଖିଥିଲେ। ଏହି କ୍ରୀଡ଼ା ସମାରୋହରେ ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ବଣଭୁଇଁ ଉଚ୍ଚବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପଞ୍ଚାନନ ମାଝି ପ୍ରମୁଖ ବକ୍ତବ୍ୟ ରଖି ଛାତ୍ରୀଛାତ୍ରମାନେ କ୍ରୀଡ଼ା ପ୍ରତି ଆଗ୍ରହ ରଖିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷା ଅଧିକାରୀ ଲମ୍ବୋଧର ସିଂ, ପୂର୍ବତନ ସହକାରୀ ଶିକ୍ଷା ଅଧିକାରୀ ଯୋଗେନ୍ଦ୍ର ସେଠୀ ଓ ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ। ଶେଷରେ ବଣଭୂଇଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତା ୭ ତାରିଖ ଓ ୮ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ।



# ଚେନ୍ନାଇନ୍ ବିପକ୍ଷରୁ ଓଡ଼ିଶା ଏଫ୍‌ସିର ଅଭିଯାନ

**ଭୁବନେଶ୍ୱର, ୭।୯ (ତପନ ସ୍ୱାଇଁ)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୧୦ମ ସଂସ୍କରଣ ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ମ୍ୟାଚ କେରଳ ବ୍ଲାଷ୍ଟର୍ସ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ। ଏଥର ୧୨ଶ ଦଳଭାବେ ପଞ୍ଜାବ ଏଫ୍‌ସି ଆଇଏସ୍‌ଏଲ୍ ଖେଳିବ। ଗତ ସିଜନରେ ପ୍ରଥମଥର ପାଇଁ ପ୍ଲେ-ଅଫ୍‌ରେ ପ୍ରବେଶ କରି ୬ଷ୍ଠ ସ୍ଥାନ ଅଧିକାର କରିଥିବା ଓଡ଼ିଶା ଏଫ୍‌ସି ଏଥର ସେପ୍ଟେମ୍ବର ୨୩ରେ କଳିଙ୍ଗ ଷ୍ଟାଡିୟମରେ ଚେନ୍ନାଇନ୍ ଏଫ୍‌ସି ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ପ୍ରଥମାର୍ଦ୍ଧରେ ଓଡ଼ିଶା ଏଫ୍‌ସି ଖେଳିବାକୁ ଥିବା ୧୨ଟି ମ୍ୟାଚର କାର୍ଯ୍ୟସୂଚୀ ଘୋଷିତ ହୋଇଛି।

## କାର୍ଯ୍ୟସୂଚୀ

ସେପ୍ଟେମ୍ବର ୨୩: ବନାମ ଚେନ୍ନାଇନ୍ ଏଫ୍‌ସି, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ଣ ୫ଟା ୩୦

ସେପ୍ଟେମ୍ବର ୨୮: ବନାମ ମୁମ୍ବାଇ ସିଟି ଏଫ୍‌ସି, ସ୍ଥାନ କଳିଙ୍ଗ ଷ୍ଟାଡିୟମ, ସମୟ: ରାତି ୮ଟା

ଅକ୍ଟୋବର ୭: ବନାମ ଏଫ୍‌ସି ଗୋଆ, ସ୍ଥାନ: ଜବାହରଲାଲ ନେହେରୁ ଷ୍ଟାଡିୟମ (ଗୋଆ), ସମୟ: ରାତି ୮ଟା

ଅକ୍ଟୋବର ୨୭: ବନାମ କେରଳ ବ୍ଲାଷ୍ଟର୍ସ, ସ୍ଥାନ: ଜବାହରଲାଲ ନେହେରୁ ଷ୍ଟାଡିୟମ (କୋଚି), ସମୟ: ରାତି ୮ଟା

ଅକ୍ଟୋବର ୩୧: ବନାମ ବେଙ୍ଗାଲୁରୁ ଏଫ୍‌ସି, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ରାତି ୮ଟା

ନଭେମ୍ବର ୩: ବନାମ ନର୍ଥଇଷ୍ଟ ୟୁନାଇଟେଡ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ ରାତି ୮ଟା

ଡିସେମ୍ବର ୧: ବନାମ ଜାମସେଦପୁର ଏଫ୍‌ସି, ସ୍ଥାନ: ଜେଆରଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ଜାମସେଦପୁର), ସମୟ: ରାତି ୮ଟା

ଡିସେମ୍ବର ୬: ବନାମ ମୋହନ ବାଗାନ ସୁପର ଜାଏଣ୍ଟ, ସ୍ଥାନ: ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନ (କୋଲକାତା), ସମୟ: ରାତି ୮ଟା

ଡିସେମ୍ବର ୧୭: ବନାମ ହାଇଦ୍ରାବାଦ ଏଫ୍‌ସି, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ରାତି ୮ଟା

ଡିସେମ୍ବର ୨୨: ବନାମ ଇଷ୍ଟବେଙ୍ଗଲ ଏଫ୍‌ସି, ସ୍ଥାନ: ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନ (କୋଲକାତା), ସମୟ: ରାତି ୮ଟା

ଡିସେମ୍ବର ୨୬: ପଞ୍ଜାବ ଏଫ୍‌ସି, ସ୍ଥାନ: ଜବାହରଲାଲ ନେହେରୁ ଷ୍ଟାଡିୟମ (ଦିଲ୍ଲୀ), ସମୟ ରାତି ୮ଟା

ଡିସେମ୍ବର ୨୯: ବନାମ ଜାମସେଦପୁର ଏଫ୍‌ସି, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ଣ ୫ଟା ୩୦।

# ଆଇଏସ୍‌ଏଲ୍ ଖେଳାଳି ରିଲିଜ୍‌କୁ ନେଇ ଦ୍ୱନ୍ଦ୍ୱ

**ନୂଆଦିଲ୍ଲୀ,୭।୯(ପି.ଟି.)**

ଗୁରୁବାର ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)ର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ଟୁର୍ନାମେଣ୍ଟର ପ୍ରଥମ ଚରଣ ସେପ୍ଟେମ୍ବର ୨୧ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୨୯ ପର୍ଯ୍ୟନ୍ତ ଚାଲିବ। ଏସିଆନ୍ ଗେମ୍ସ ମଧ୍ୟ ସମାନ ସମୟରେ ଆୟୋଜିତ ହେବାକୁ ଥିବାରୁ ଖେଳାଳିଙ୍କୁ ରିଲିଜ୍ କରିବାକୁ ନେଇ କ୍ଲବ୍‌ଗୁଡିକ ଦ୍ୱନ୍ଦ୍ୱରେ ରହିଛନ୍ତି। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଏସିଆନ୍ ଗେମ୍ସ ଖେଳାଯିବ। ୧୦ଟି ଆଇଏସ୍‌ଏଲ୍ ଟିମ୍‌ରେ ଭାରତୀୟ ଦଳର ୨୨ ଜଣ ଖେଳାଳି ରହିଛନ୍ତି।

ବେଙ୍ଗାଲୁରୁ ଏଫ୍‌ସି ଦଳରେ ୬ ଜଣ ଖେଳାଳି ରହିଥିବା ବେଳେ ମୁମ୍ବାଇ ସିଟି ଏଫ୍‌ସିରେ ୩ ଖେଳାଳି ରହିଛନ୍ତି। ସେହିପରି ଏଫ୍‌ସି ଗୋଆ, ମୋହନବାଗାନ, ଇଷ୍ଟ ବେଙ୍ଗଲ, ଓଡ଼ିଶା ଏଫ୍‌ସି, କେରଳ ବ୍ଲାଷ୍ଟର୍ସରେ ଦୁଇ ଜଣ ଲେଖାଏ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ପଞ୍ଜାବ ଏଫ୍‌ସି, ଚେନ୍ନାୟିନ୍ ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସିରେ ଜଣେ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। କ୍ଲବ୍‌ଗୁଡିକ ଖେଳାଳିଙ୍କୁ ରିଲିଜ କରିବା ନେଇ ସ୍ପଷ୍ଟ କରି ନ ଥିବା ବେଳେ ସର୍ବଭାରତୀୟ ଫୁଟବଲ ମହାସଂଘର ମହାନିର୍ଦ୍ଦେଶକ ଶାଜି ପ୍ରଭାକରନ ୧୦ଟି ଯାକ ଆଇଏସ୍‌ଏଲ ଟିମ୍‌କୁ ପତ୍ର ଲେଖିଛନ୍ତି। ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ କ୍ଲବ୍‌ଗୁଡିକ ସମସ୍ତ ଖେଳାଳିମାନଙ୍କୁ ରିଲିଜ୍ କରିବା ପାଇଁ ସେ ଅନୁରୋଧ କରିଛନ୍ତି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ